

ଆସିବ 'ଥ୍ରୀ ଇଡିଅଟ୍‌ସ'ର ସିକ୍ୱେଲ୍

▸ପୃଷ୍ଠା ୧୧ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-166 ◆FRIDAY ◆12 DECEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୬୬ ◆ଶୁକ୍ରବାର ◆୧୨ ଡିସେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ୩ ଡିଗ୍ରୀକୁ ଖସିଲା ପାରଦ
# ସଞ୍ଜୀ ନଇଁଲେ ଶୀତ ରାଜୁତି
## ୧୦ ଡିଗ୍ରୀ ତଳେ ରାଜ୍ୟର ୧୬ ସହରର ତାପମାତ୍ରା

■ ଭୁବନେଶ୍ୱର, ୧୧।୧୨ (ସମିସ): ମାଘ ମାସ ନୁହେଁ, ଏଥର ଶେଷ ମାର୍ଗଶିରରେ ଶୀତ ଆସିଛି ବାଘ ପରି। ଉପକୂଳରୁ ଉପାନ୍ତ ପର୍ଯ୍ୟନ୍ତ ସବୁଠୁ ଖସିଛି ପାରଦ। ସାରା ରାଜ୍ୟକୁ କଲବଲ କରୁଛି ଅସହ୍ୟ ଥଣ୍ଡା। ଅଧିକାଂଶ ସ୍ଥାନରେ ତାପମାତ୍ରା ସ୍ୱାଭାବିକ ତୁଳନାରେ ୫ରୁ ୭ ଡିଗ୍ରୀ ପର୍ଯ୍ୟନ୍ତ କମ୍ ରହୁଛି। ଫଳରେ ଗତ ୨୪ ଘଣ୍ଟାରେ ରାଜ୍ୟରେ ତାପମାତ୍ରା ୩ ଡିଗ୍ରୀକୁ ଖସିଥିବା ବେଳେ ଆସନ୍ତା ୨ ସପ୍ତାହ ପର୍ଯ୍ୟନ୍ତ ପ୍ରବଳ ଶୀତ ଜାରି ରହିବାର ସମ୍ଭାବନା ସୃଷ୍ଟି ହୋଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଗତ ୨୪ ଘଣ୍ଟାରେ ସେମିଳିଗୁଡ଼ାରେ ରାଜ୍ୟର ସବୁଠୁ କମ୍ ତାପମାତ୍ରା ରେକର୍ଡ ହୋଇଥିବା ବେଳେ ଏଠାରେ ପାରଦ ୩.୫ ଡିଗ୍ରୀକୁ ଖସିଛି। ସେହିପରି ଜି. ଉଦୟଗିରିର ତାପମାତ୍ରା ୪ ଡିଗ୍ରୀ ରେକର୍ଡ ହୋଇଛି। ଏହାସହ ଫୁଲବାଣୀରେ ୫.୨ ଡିଗ୍ରୀ, ରାଉରକେଲାରେ ୬.୬ ଡିଗ୍ରୀ, ଝାରସୁଗୁଡାରେ ୬.୮ ଡିଗ୍ରୀ, ଦାରିଙ୍ଗବାଡିରେ ୭ ଡିଗ୍ରୀ,

▶▶ ଆହୁରି ପନ୍ଦର ଦିନ ପର୍ଯ୍ୟନ୍ତ ଜାରି ରହିବ ସମାନ ସ୍ଥିତି

▶▶ ଏବେ ସୁଦ୍ଧା ୯ ଦିନରେ ପହଞ୍ଚିଲାଣି ଶୀତ ଲହରୀ

▶▶ ୧୧ରେ ପହଞ୍ଚିଲା ଦ୍ୱୈତନଗରୀର ସର୍ବନିମ୍ନ ତାପମାତ୍ରା

ଭବାନୀପାଟଣାରେ ୮ ଡିଗ୍ରୀ, ଅନୁଗୁଳରେ ୮ ଡିଗ୍ରୀ, ନବରଙ୍ଗପୁରରେ ୮.୬ ଡିଗ୍ରୀ, ବଲାଙ୍ଗିରରେ ତାପମାତ୍ରା ୯.୩ ଡିଗ୍ରୀ, ସୁନ୍ଦରଗଡ଼ରେ ୯.୬ ଡିଗ୍ରୀ ରେକର୍ଡ ହୋଇଛି। ଏହି ତାପମାତ୍ରା ସହ ଚଳିତ ବର୍ଷ ପ୍ରଥମ ଥର ପାଇଁ ପାରଦ ୩ ଡିଗ୍ରୀକୁ ଖସିବା ସହ ଆଜି ମୋଟ୍ ୧୬ ଟି ସହରରେ ତାପମାତ୍ରା ୧୦ ଡିଗ୍ରୀ କିମ୍ବା ଏହାଠାରୁ ତଳେ ରହିଛି। ଟ୍ୱିନ ସିଟିରେ ମଧ୍ୟ ତାପମାତ୍ରା ୧୧ ଡିଗ୍ରୀକୁ ଖସିଛି। କଟକରେ ତାପମାତ୍ରା ୧୧.୬ ଡିଗ୍ରୀ ଓ ଭୁବନେଶ୍ୱରରେ ୧୧.୮ ଡିଗ୍ରୀରେ ପହଞ୍ଚିଛି। ରାଜ୍ୟର ଏକାଧିକ ସ୍ଥାନରେ ତାପମାତ୍ରା ସ୍ୱାଭାବିକ ତୁଳନାରେ କମ୍ ରହୁଥିବା ବେଳେ ଅନେକ ଜିଲ୍ଲାରେ ଶୀତଲହରୀ ସମ ପରିସ୍ଥିତି ସୃଷ୍ଟି ହୋଇଛି। ଦିନରେ ତାପମାତ୍ରା ସ୍ୱାଭାବିକ ରହୁଥିବା ବେଳେ ସଞ୍ଜ ନଇଁଲେ ▸ପୃଷ୍ଠା-୭

## ଦାରିଙ୍ଗବାଡ଼ିରେ ତୁଷାରପାତ



ଜାଡ଼ରେ ଥରୁଛି କନ୍ଧମାଳ

### ଶିମିଳିପାଳରେ ପୁଣି ୩ ଡିଗ୍ରୀ

■ ଦାରିଙ୍ଗବାଡ଼ି/ଜି.ଉଦୟଗିରି/ବାରିପଦା/ରାଇରଙ୍ଗପୁର, ୧୧।୧୨ (ସମିସ): ରାଜ୍ୟରେ ଶୀତର ପ୍ରକୋପ ଜାରି ରହିଥିବା ବେଳେ ଓଡ଼ିଶାର କଶ୍ମୀର କୁହାଯାଉଥିବା ଦାରିଙ୍ଗବାଡ଼ିରେ ଗୁରୁବାର ଚଳିତ ବର୍ଷର ପ୍ରଥମ ତୁଷାରପାତ ଦେଖିବାକୁ ମିଳିଛି। ଗୁରୁବାର ସକାଳୁ ଦାରିଙ୍ଗବାଡିସ୍ଥିତ ଡ. ଆମ୍ବେଦକର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମ୍ମୁଖ ପାଣିଟାଙ୍କି ନିକଟ ଏବଂ ଆଭ୍ୟନ୍ତରୀଣ ଇଲାକାରେ ତୁଷାରପାତ ହୋଇଥିବା ଦେଖାଯାଇଛି। ଚଳିତବର୍ଷର ପ୍ରଥମ ତୁଷାରପାତକୁ ଦେଖି ଅଞ୍ଚଳବାସୀ ଖୁସି ବ୍ୟକ୍ତ କରିଛନ୍ତି। ଗୁରୁବାର ▸ପୃଷ୍ଠା-୭

## ୫ ରାଜ୍ୟରେ ଏସ୍‌ଆଇଆର ଅବଧି ବୃଦ୍ଧି

■ ନୂଆଦିଲ୍ଲୀ, ୧୧।୧୨ (ଏଜେନ୍ସି): ଦେଶର ୧୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍) ପ୍ରକ୍ରିୟା ଚାଲୁ ରହିଛି। କେରଳକୁ ବାଦ୍ ଦେଲେ ବାକି ୧୧ଟି ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶରେ ଏସ୍‌ଆଇଆର୍‌ର ଫର୍ମ ଜମା କରିବାର ଶେଷ ତାରିଖ ଆଜି ଅର୍ଥାତ ଗୁରୁବାର ରହିଥିଲା। ତେବେ ନିର୍ବାଚନ କମିସନ ଆଜି ଫର୍ମ ଡିଜିଟାଇଜେସନ ଓ ଜମା କରିବାର ପ୍ରକ୍ରିୟା ନେଇ ସମୀକ୍ଷା କରିବା ସହିତ ୫ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳରେ ଏସ୍‌ଆଇଆର୍‌ର ସମୟସୀମା ବଢ଼ାଇବାକୁ ନିଷ୍ପତ୍ତି ନେଇଛନ୍ତି। ମଧ୍ୟପ୍ରଦେଶ, ଛତିଶଗଡ଼ ଓ ଆଣ୍ଡାମାନ- ନିକୋବରରେ ଡିସେମ୍ବର ୧୮ ପର୍ଯ୍ୟନ୍ତ ଏସ୍‌ଆଇଆର ଫର୍ମ ପୂରଣ କରାଯାଇପାରିବ। ସେହିପରି ଉତ୍ତରପ୍ରଦେଶରେ ଡିସେମ୍ବର ୨୬, ଗୁଜରାଟ ଓ ତାମିଲନାଡୁରେ ଡିସେମ୍ବର ୧୪ ପର୍ଯ୍ୟନ୍ତ ଫର୍ମ ପୂରଣ କରାଯାଇପାରିବ। ନିର୍ବାଚନ କମିସନ ସୂଚନା ଦେଇଛନ୍ତି ଯେ ଗୋଆ, ପୁଡୁଚେରୀ, ଲକ୍ଷଦୀପ, ରାଜସ୍ଥାନ ଓ ପଶ୍ଚିମବଙ୍ଗରେ ସମୟସୀମା ଗୁରୁବାର ହିଁ ଶେଷ ହୋଇଛି ଓ ଏହାର ଚୂଡାନ୍ତ ଭୋଟର ତାଲିକା ଡିସେମ୍ବର ୧୬ରେ ପ୍ରକାଶ କରାଯିବ। ଏହିସବୁ ରାଜ୍ୟରେ ସମୟସୀମାରେ ବୃଦ୍ଧି କରାଯାଇନାହିଁ।

### ପଶ୍ଚିମ ବଙ୍ଗ ଅବଧିରେ ପରିବର୍ତ୍ତନ ନାହିଁ

ଏହା ପୂର୍ବରୁ କମିସନ କେରଳରେ ଶେଷ ତାରିଖକୁ ୧୧ରୁ ଡିସେମ୍ବର ୧୮ ତାରିଖକୁ ବୃଦ୍ଧି କରିଛନ୍ତି। ପୂର୍ବରୁ ନଭେମ୍ବର ୩୦ରେ ଏସ୍‌ଆଇଆର୍‌ର ସମୟସୀମାକୁ ▸ପୃଷ୍ଠା-୭

## ହଜାର ଫୁଟ୍ ଖାଇକୁ ଖସିଲା ଟ୍ରକ୍, ୨୨ ମୃତ



■ ନୂଆଦିଲ୍ଲୀ, ୧୧।୧୨ (ଏଜେନ୍ସି): ଅରୁଣାଚଳ ପ୍ରଦେଶର ଅଞ୍ଜା ଜିଲ୍ଲାର ହାୟୁଲିଆଙ୍ଗ ଅଞ୍ଚଳରେ ଏକ ବଡ଼ ଧରଣର ଦୁର୍ଘଟଣା ଘଟିଛି। ନିର୍ମାଣ କାମ ପାଇଁ ଶ୍ରମିକମାନଙ୍କୁ ନେଇ ଯାଉଥିବା ଗୋଟିଏ ଟ୍ରକ୍ ୧୦୦୦ ଫୁଟ ଗଭୀର ଖାଇକୁ ଖସିଯିବାରୁ ୨୨ ଜଣ ଶ୍ରମିକ ପ୍ରାଣ ହରାଇଛନ୍ତି। ଉଦ୍ଧାରକାରୀ ଦଳ ଏପର୍ଯ୍ୟନ୍ତ ୧୮ ଜଣଙ୍କ ମୃତଦେହ ଉଦ୍ଧାର କରିଛନ୍ତି। ଦୁର୍ଘଟଣାରୁ ବର୍ତ୍ତିଯାଇଥିବା ଜଣେ ବ୍ୟକ୍ତି ଦୁଇଦିନ ପରେ ସେନା ଶିବିରରେ ପହଞ୍ଚି ଖବର ଦେବାପରେ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଛି।

ଆସାମରୁ ଶ୍ରମିକମାନଙ୍କୁ ନେଇ ଏହି ଟ୍ରକ ଗତ ୭ ତାରିଖରେ ଅରୁଣାଚଳ ପ୍ରଦେଶ ଯାଉଥିଲା। ଟ୍ରକ୍ ସେଠାରେ ୮ ତାରିଖରେ ପହଞ୍ଚିବାର ଥିଲା। କିନ୍ତୁ ନ ପହଞ୍ଚିବାରୁ ୧୦ ତାରିଖରେ ଠିକାଦାର ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ଛାନଭିନ୍ କରୁଥିବା ବେଳେ ଦୁର୍ଘଟଣାରେ ଆହତ ଜଣେ ବ୍ୟକ୍ତି ସିଆରପିଏଫ୍ କ୍ୟାମ୍ପରେ ପହଞ୍ଚି ସବୁକଥା ଜଣାଇଥିଲେ। ଆହତ ଶ୍ରମିକ ଜଣକ କୌଣସି ପ୍ରକାର ଚାଲିଚାଲି ଆସି ୧୦ ତାରିଖ ରାତିରେ ଚିପରା ସିଆରପିଏଫ୍ କ୍ୟାମ୍ପରେ ପହଞ୍ଚିଥିଲେ। ଖବର ପାଇ ସେନାର ଉଦ୍ଧାରକାରୀ ଦଳ ଦୁର୍ଘଟଣାସ୍ଥଳକୁ ଯାଇ ବର୍ତ୍ତମାନ ସୁଦ୍ଧା ୧୮ ଜଣଙ୍କର ମୃତଦେହ ଉଦ୍ଧାର କରିଛି।

## ନାଗରିକତା ସଂଶୋଧନ
# ଓଡ଼ିଶାର ୩୫ ଜଣଙ୍କୁ ମିଳିଲା ନାଗରିକତ୍ୱ

■ ଭୁବନେଶ୍ୱର, ୧୧।୧୨ (ସମିସ): ନାଗରିକତା (ସଂଶୋଧନ) ଆଇନ ୨୦୧୯ ଅନୁଯାୟୀ ଓଡ଼ିଶାରେ ୩୫ ଜଣଙ୍କୁ ନାଗରିକତା ପ୍ରମାଣପତ୍ର ପ୍ରଦାନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଗୁରୁବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମ ପଡ଼ୋଶୀ ରାଷ୍ଟ୍ରମାନଙ୍କରେ ଧାର୍ମିକ ନିର୍ଯାତନାର ଶିକାର ହେଉଥିବା ସଂଖ୍ୟାଲଘୁ ମାନଙ୍କ ପାଇଁ ନାଗରିକତା (ସଂଶୋଧନ) ଆଇନ ୨୦୧୯ ହେଉଛି ପାପନାଶିନୀ ଓ ଦୁଃଖନାଶିନୀ ପବିତ୍ର ଗଙ୍ଗା ପରି। ଏହି ପବିତ୍ର ଆଇନ ବର୍ଷ ବର୍ଷ ଧରି ନିର୍ଯାତିତ ସଂଖ୍ୟାଲଘୁମାନଙ୍କ ପାଇଁ ଆଶା ଓ ଆଶ୍ୱାସନାର ମାର୍ଗ ପ୍ରଦାନ କରିଛି ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି।

ଭାରତ ସରକାରଙ୍କ ଗୃହ ମନ୍ତ୍ରାଳୟ ମାଧ୍ୟମରେ ନାଗରିକତା ସଂଶୋଧନ ଆଇନ ୨୦୧୯ ଅଧୀନରେ ଯୋଗ୍ୟ ଆବେଦନକାରୀଙ୍କୁ ଭାରତୀୟ ନାଗରିକତା ପ୍ରଦାନ ପ୍ରକ୍ରିୟା ଆରମ୍ଭ ହୋଇଛି। ୨୦୨୪ ମାର୍ଚ୍ଚ ୧୧ ରେ ବିଜ୍ଞାପିତ ହୋଇଥିବା ନିୟମାବଳୀ ଅନୁଯାୟୀ ବାଙ୍ଗଲାଦେଶ, ପାକିସ୍ତାନ ଓ ଆଫଗାନିସ୍ତାନରୁ ୨୦୧୪ ଡିସେମ୍ବର ୩୧ ମଧ୍ୟରେ ଭାରତକୁ ପ୍ରବେଶ କରିଥିବା ସଂଖ୍ୟାଲଘୁ ସମ୍ପ୍ରଦାୟର ବ୍ୟକ୍ତିମାନେ ଭାରତୀୟ ନାଗରିକତା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଭୁବନେଶ୍ୱର କୃଷି ଭବନ ପ୍ରେକ୍ଷାଳୟରେ ଓଡ଼ିଶାର ଜନଗଣନା ନିର୍ଦ୍ଦେଶାଳୟ ଏବଂ ଭାରତ ସରକାରଙ୍କ ଗୃହ ମନ୍ତ୍ରାଳୟର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ▸ପୃଷ୍ଠା-୭

### ଶାନ୍ତ ପଡ଼ିନି ମାଲକାନଗିରି; ମାଲ୍ୟବନ୍ତ ମହୋତ୍ସବ ସ୍ଥଗିତ
## ଇଣ୍ଟରନେଟ୍ କଟକଣା ଆଉ ୨୪ଘଣ୍ଟା

■ ମାଲକାନଗିରି, ୧୧।୧୨(ସମିସ): ମାଲକାନଗିରି ଜିଲ୍ଲା ରାଖେଲଗୁଡ଼ା ଓ ଏମ୍‌ଭି-୨୬ ଗ୍ରାମ ମଧ୍ୟରେ ଗୋଷ୍ଠୀ ସଂଘର୍ଷକୁ ନେଇ ପ୍ରଶାସନ ପକ୍ଷରୁ ଇଣ୍ଟରନେଟ୍ ସେବା କଟକଣାକୁ ଆହୁରି ୨୪ ଘଣ୍ଟା ବଢ଼ାଇ ଦିଆଯାଇଛି। ଏହାସହ ଚଳିତ ମାସରେ ହେବାକୁ ଥିବା ମାଲ୍ୟବନ୍ତ ମହୋତ୍ସବକୁ ମଧ୍ୟ ସ୍ଥଗିତ ରଖାଯାଇଛି। ଆସନ୍ତା ଜାନୁଆରୀରେ ଏହି କାର୍ଯ୍ୟକ୍ରମ ଆୟୋଜନ ହେବାର ସମ୍ଭାବନା ରହିଥିବା କୁହାଯାଉଛି। ସେହିପରି, ରାଜ୍ୟ ସରକାରଙ୍କ ଦୁଇ ମନ୍ତ୍ରୀ ଆଜି ମାଲକାନଗିରିରେ ପହଞ୍ଚି ପରିସ୍ଥିତିର ସମୀକ୍ଷା କରିଛନ୍ତି। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ

### ସ୍ଥିତି ସମୀକ୍ଷା କଲେ କନକ ବର୍ଦ୍ଧନ, ଗୋକୁଳାନନ୍ଦ

ମଲ୍ଲିକ ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଯୋଗଦେଇ ଶାନ୍ତି ବଜାୟ ରଖିବାକୁ ଲୋକଙ୍କୁ ଆହ୍ୱାନ ▸ପୃଷ୍ଠା-୭

## ତଥ୍ୟ ଅନୁଧ୍ୟାନ କରିବ ବିଜେଡିର ୭ ଜଣିଆ କମିଟି

■ ଭୁବନେଶ୍ୱର, ୧୧।୧୨ (ସମିସ): ମାଲକାନଗିରି ହିଂସାକାଣ୍ଡ ଓ ଦୁଇଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷ ଘଟଣାରେ ବିଜେଡି ଏକ ତଥ୍ୟ ଅନୁସନ୍ଧାନକାରୀ ଦଳ ଗଠନ କରିଛି। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଗଠନ କରାଯାଇଥିବା ଏହି ତଥ୍ୟ ଅନୁସନ୍ଧାନ କମିଟି ମାଲକାନଗିରି ଯାଇ ସେଠାରେ ତଥ୍ୟ ଅନୁଧ୍ୟାନ କରିବେ। ସେଠାରେ ଘଟିଥିବା ହିଂସାକାଣ୍ଡ ଏବଂ ମୁଣ୍ଡ ବିହୀନ ଶବ ବାବଦରେ ବିଶଦ୍ ଭାବେ ତଥ୍ୟ ସଂଗ୍ରହ କରିବେ।

ଏହି ଟିମରେ ବିଧାୟକ ମାନସ ମାଡକାମୀ ଓ ମନୋହର ରାନ୍ଧାରୀ, ପୂର୍ବତନ ମନ୍ତ୍ରୀ ରମେଶ ମାଝୀ, ରବି ନନ୍ଦ, ପୂର୍ବତନ ସାଂସଦ ପ୍ରଦୀପ ମାଝୀ, ଦଳର ବରିଷ୍ଠ ନେତା ଈଶ୍ୱର ପାଣିଗ୍ରାହୀ, ଲକ୍ଷ୍ମୀପ୍ରିୟା ନାୟକ ପ୍ରମୁଖ ସଦସ୍ୟ ରହିଛନ୍ତି। ଏହି ଟିମ ପ୍ରଭାବିତ ▸ପୃଷ୍ଠା-୭

## ରାଜଧାନୀରେ ବେଧଡ଼କ ବନ୍ଧୁକ କାରବାର
### ୬ ବନ୍ଧୁକ, ୭ ଗୁଳି ଜବତ

■ ଭୁବନେଶ୍ୱର, ୧୧।୧୨ (ସମିସ): ଯାହା କଲେ ବି ରାଜଧାନୀରେ ଥମୁନି ବନ୍ଧୁକ କାରବାର। ସେହି ବିହାରର ମୁଙ୍ଗେରରୁ ଆସି ଏଠାରେ କାରବାର ଚଳାଇଛନ୍ତି। ପୁଲିସ ଆଜି ଏଭଳି ଦୁଇ ଜଣ ବେପାରୀଙ୍କୁ ଧରିଛି ଏବଂ ସେମାନଙ୍କ ଠାରୁ ୬ଟି ଚୋରା ବନ୍ଧୁକ ଓ ଗୁଳି ଜବତ କରିଛି। ତେବେ ସବୁଠାରୁ ଉଦବେଗଜନକ କଥା ହେଲା ଯେ ଏହି କାରବାରରେ ଏବେ ନାବାଳକଙ୍କୁ ବି ସାମିଲ କରାଗଲାଣି। ଆଜି ଯେଉଁ ଦୁଇ ଜଣ ଧରାପଡ଼ିଛନ୍ତି, ସେମାନଙ୍କ ମଧ୍ୟରେ ଜଣେ ନାବାଳକ ରହିଛି। ବେଆଇନ୍ ବନ୍ଧୁକ କାରବାର ଅଭିଯୋଗରେ କ୍ରାଇମ୍‌ବ୍ରାଞ୍ଚର ଏସ୍‌ଟିଏଫ୍ ଦ୍ୱାରା ଦୁଇ ବିହାରୀ ଅଭିଯୁକ୍ତ ଗିରଫ ହୋଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ମୁଙ୍ଗେର ଜିଲ୍ଲା ଜମାଲପୁର ଥାନା ଅଞ୍ଚଳର ପିଣ୍ଟୁ କୁମାର ଏବଂ ତାର ଜଣେ ସହଯୋଗୀ। ପିଣ୍ଟୁର ସହଯୋଗୀ ଜଣେ ନାବାଳକ ବୋଲି ଏସ୍‌ଟିଏଫ୍ ଜାଣିବାକୁ ପାଇଛି। ଏମାନଙ୍କ ଠାରୁ ଗୋଟିଏ ମାଗାଜିନ୍ ଏବଂ ୫ ସିଙ୍ଗିଲ ସଟ୍ ଦେଶୀ ବନ୍ଧୁକ ଜବତ ହୋଇଛି।

### ବିହାରୀ ନାବାଳକ ଅଟକ

ଏସ୍‌ଟିଏଫ୍ ସୂଚନା ମୁତାବକ ବଡ଼ଗଡ ଥାନା ଅନ୍ତର୍ଗତ ବାଙ୍କୁଆଳ ସ୍ଥିତ ବାଲିଯାତ୍ରା ପଡ଼ିଆରେ ଏମାନେ ବନ୍ଧୁକ ବିକ୍ରି ପାଇଁ ଅପେକ୍ଷା କରୁଥିବା ସୂଚନା ମିଳିଥିଲା। ଗୁଇନ୍ଦା ସୂଚନା ଆଧାରରେ ଏସ୍‌ଟିଏଫ୍ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲା। ବନ୍ଧୁକ ବ୍ୟବସାୟୀ ଗ୍ରାହକ ଅପେକ୍ଷାରେ ଥିଲା ବେଳେ ଏସ୍‌ଟିଏଫ୍ ସେମାନଙ୍କୁ ମାଡି ବସିଥିଲା। ଉଭୟଙ୍କୁ ତଲାସି ବେଳେ ଗୋଟିଏ ମାଗାଜିନ୍ ପିସ୍ତଲ, ୫ଦେଶୀ ▸ପୃଷ୍ଠା-୭

# ମୋକିମ୍ ଝଡ଼: କଂଗ୍ରେସ ଅଣନିଃଶ୍ୱାସୀ
## ଏକାଠି ହେଉଛନ୍ତି ବିଦ୍ରୋହୀ, ଦିଲ୍ଲୀ ଗଲେ ଭକ୍ତ

■ ଭୁବନେଶ୍ୱର, ୧୧।୧୨ (ସମିସ): ମୋକିମ୍‌ଙ୍କ ଚିଠି ଝଡ଼ରେ ଅଣନିଶ୍ୱାସୀ କଂଗ୍ରେସ। ଦଳର ଘର କଳି ତୀବ୍ର ହୋଇଥିବା ବେଳେ କିଏ କେଉଁ ପଟରେ ରହିଛନ୍ତି ତାହା ସ୍ପଷ୍ଟ ହୋଇ ନ ଥିଲେ ହେଁ ମୋକିମ୍‌ଙ୍କ ଚିଠି ଦଳରେ ଅସନ୍ତୁଷ୍ଟ ଗୋଷ୍ଠୀଙ୍କୁ ବଳ ଦେଇଛି। ଭକ୍ତଙ୍କ ବିରୋଧୀ ଏକାଠି ହୋଇଥିବାବେଳେ ଏହି ସୁଯୋଗରେ ଅସନ୍ତୁଷ୍ଟଙ୍କୁ ଦମନ କରିବାକୁ ପିସିସି ସଭାପତି ଭକ୍ତଚରଣ ଦିଲ୍ଲୀ ଗସ୍ତ କରିଛନ୍ତି। ମୋକିମ ତାଙ୍କ ଚିଠିରେ ଦଳର ଶୀର୍ଷ ନେତୃତ୍ୱ ରାହୁଲ ଗାନ୍ଧୀ ଓ ମଲ୍ଲିକାର୍ଜୁନ୍ ଖଡ଼୍‌ଗେଙ୍କୁ ନିଶାଣ କରିଥିବାରୁ ରାଜ୍ୟ କଂଗ୍ରେସର ଅଧିକାଂଶ ନେତା ମୋକିମଙ୍କୁ ଖୋଲାଖୋଲି ସମର୍ଥନ କରିବାକୁ ପଛଘୁଞ୍ଚା ଦେଇଛନ୍ତି। ଏପରିକି ଦଳର ବହୁ ବରିଷ୍ଠ ନେତା ରାହୁଲ ଓ ଖଡ଼ଗେଙ୍କୁ ନିଶାଣକୁ ନାପସନ୍ଦ ମଧ୍ୟ କରିଛନ୍ତି।

କଂଗ୍ରେସ କଳି ଦାଣ୍ଡରେ ପଡ଼ି ହାଟରେ ଗଡୁଥିବା ଯୋଗୁଁ ଦଳର ଭବିଷ୍ୟତକୁ ନେଇ ମଧ୍ୟ ସନ୍ଦେହ ସୃଷ୍ଟି ହୋଇଛି। କଂଗ୍ରେସର ବରିଷ୍ଠ ନେତା ଶରତ ରାଉତ କହିଛନ୍ତି ଯେ ଏହି ଗଣ୍ଡଗୋଳ ଯୋଗୁଁ

### କେନ୍ଦ୍ରୀୟ ନେତାଙ୍କୁ ନିଶାଣକୁ ବରିଷ୍ଠଙ୍କ ନାପସନ୍ଦ

### ବିବାଦ ବଢ଼ାଇଲା ବିଧାୟକଙ୍କ ବିରୋଧରେ ଏତଲା

ଦଳର କ୍ଷତି ହେଉଛି। ପିସିସି ସଭାପତି ତୁରନ୍ତ ପିଏସି ଓ ବରିଷ୍ଠ ନେତାମାନଙ୍କ ସହ ଆଲୋଚନା କରିବା ଦରକାର। ଘରର କଳି ଘର ଭିତରେ ସମାଧାନ କରିବାକୁ ସେ ପ୍ରସ୍ତାବ ଦେଇଛନ୍ତି। ଅନ୍ୟପଟେ ବରିଷ୍ଠ କଂଗ୍ରେସ ନେତା ଅନନ୍ତ ସେଠୀ ମଧ୍ୟ ଏହି ବିବାଦକୁ ନେଇ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ମୋକିମ୍ ତାଙ୍କ ସମସ୍ୟା ହାଇକମାଣ୍ଡଙ୍କୁ ଜଣାଇବା ଠିକ୍, ମାତ୍ର ମିଡ଼ିଆକୁ ଜଣାଇବା ଠିକ୍ ନୁହେଁ। ଏଥିପାଇଁ ମୁଁ ମୋକିମ୍‌ଙ୍କ କାର୍ଯ୍ୟକୁ ନାପସନ୍ଦ କରୁଛି।

ସେପଟେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା କହିଛନ୍ତି ଭକ୍ତଚରଣ ଦାସ ଓ ମୋକିମଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ବିବାଦକୁ ଘର ଭିତରେ ସମାଧାନ କରିବା ଆବଶ୍ୟକ। ମୋକିମ ସିଧାସଳଖ ସୋନିଆ ଗାନ୍ଧୀଙ୍କୁ ଚିଠି ଲେଖିବା ଓ ଗଣମାଧ୍ୟମରେ ପ୍ରତିକ୍ରିୟା ଦେବା ଠିକ୍ ହୋଇ ନାହିଁ। ମୋକିମ ଅସନ୍ତୋଷ ପ୍ରକାଶ କରିବାର ଢ଼ାଞ୍ଚା ଭୁଲ ଓ ଏହା ସହିତ ସେ ଏକମତ ନୁହନ୍ତି ବୋଲି ଜୟଦେବ କହିଛନ୍ତି। ▸ପୃଷ୍ଠା-୭


## ଆପଣଙ୍କ ପୁରୁଣା ବ୍ୟାଙ୍କ ଖାତାରେ ଟଙ୍କା ରଖି ଭୁଲିଯାଇଛନ୍ତି କି?



ଯାହା ଆପଣଙ୍କର ତାହାକୁ ପ୍ରାପ୍ତ କରିବାରେ ଆର୍‌ବିଆଇ ଆପଣଙ୍କୁ ସାହାଯ୍ୟ କରିବ।

ଆପଣଙ୍କ ବ୍ୟାଙ୍କରେ ଅଚଳ ଖାତା (2 ବର୍ଷରୁ ଅଧିକ ଓ 10 ବର୍ଷ ପର୍ଯ୍ୟନ୍ତ ସମୟ ଧରି ନିଷ୍କ୍ରିୟ ଥିବା)ରେ ପଡ଼ିରହିଥିବା ଟଙ୍କା / ଦାବିହୀନ ଜମା (10 ବର୍ଷରୁ ଅଧିକ ସମୟ ଧରି)ଗୁଡ଼ିକୁ ଆର୍‌ବିଆଇର ଡିଇଏ ପାଣ୍ଠିକୁ ସ୍ଥାନାନ୍ତର କରିଦିଆଯାଇଥାଏ। ଆପଣ କିମ୍ବା ଆପଣଙ୍କର ଆଇନଗତ ଉତ୍ତରାଧିକାରୀ ତାହାକୁ ଯେକୌଣସି ସମୟରେ ଦାବି କରିପାରିବେ।

### ନିଜ ଟଙ୍କାକୁ ଦାବି କରିବାର 3ଟି ସହଜ ସୋପାନ

1. ଆପଣଙ୍କ ବ୍ୟାଙ୍କର ଯେକୌଣସି ଶାଖା ପରିଦର୍ଶନ କରନ୍ତୁ, ତାହା ଆପଣଙ୍କ ନିୟମିତ ଶାଖା ନ ହୋଇଥିଲେ ମଧ୍ୟ କିଛି ଅସୁବିଧା ନାହିଁ
2. କେୱାଇସି ଦସ୍ତାବିଜ (ଆଧାର, ପାସ୍‌ପୋର୍ଟ, ମତଦାତା ପରିଚୟପତ୍ର କିମ୍ବା ଡ୍ରାଇଭିଂ ଲାଇସେନ୍ସ) ସହ ଏକ ଫର୍ମ ଦାଖଲ କରନ୍ତୁ
3. ଯାଞ୍ଚ ପରେ, ଯଦି ଆପଣଙ୍କର କୌଣସି ଅର୍ଥରାଶି ପ୍ରାପ୍ୟ ହୋଇଥାଏ ତେବେ ତାହାକୁ ସୁଧ ସହ ପ୍ରାପ୍ତ କରନ୍ତୁ

### ଆପଣଙ୍କର ଦାବିହୀନ ଜମାକୁ ଠାବ କରିବା ପାଇଁ

ଆପଣଙ୍କ ବ୍ୟାଙ୍କର ୱେବ୍‌ସାଇଟ୍‌ରେ ସନ୍ଧାନ କରନ୍ତୁ କିମ୍ବା ସମ୍ପ୍ରତି 30ଟି ବ୍ୟାଙ୍କକୁ ଅନ୍ତର୍ଭୁକ୍ତ କରୁଥିବା ଆର୍‌ବିଆଇର ଉଦ୍‌ଗମ ପୋର୍ଟାଲ (https://udgam.rbi.org.in) ଯାଞ୍ଚ କରନ୍ତୁ।

ଅକ୍ଟୋବରରୁ ଡିସେମ୍ବର 2025 ମଧ୍ୟରେ ସାରାଦେଶରେ ସମସ୍ତ ଜିଲ୍ଲାରେ ଆୟୋଜିତ ହେଉଥିବା ସ୍ୱତନ୍ତ୍ର ଦାବିହୀନ ପରିସମ୍ପତ୍ତି ଶିବିର ପରିଦର୍ଶନ କରନ୍ତୁ




ଅଧିକ ବିବରଣୀ ପାଇଁ, ପରିଦର୍ଶନ କରନ୍ତୁ: https://rbikehtahai.rbi.org.in
ମତାମତ ପାଇଁ, rbikehtahai@rbi.org.in କୁ ଲେଖନ୍ତୁ

କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ

ଆନୁଷ୍ଠାନିକ ହ୍ୱାଟ୍ସଆପ୍ ନମ୍ବର 99990 41935

ଜନହିତରେ ଜାରି କରିଛନ୍ତି
भारतीय रिज़र्व बैंक
RESERVE BANK OF INDIA
www.rbi.org.in

# ବନ୍ଧାହେଲେ ଗୋଆ ନାଇଟ୍‌କ୍ଲବ୍ ମାଲିକ




■ ଥାଇଲାଣ୍ଡରେ ଗିରଫ: ହାତରେ ଲାଗିଲା ହାତକଡ଼ି
■ ଆଣିବାକୁ ଫୁକେଟ୍ ଗଲା ଗୋଆ ପୁଲିସ
■ ଅଗ୍ନିକାଣ୍ଡ ପରେ ଦୁଇ ଭାଇ ପଳାୟନ କରିଥିଲେ

**ନୂଆଦିଲ୍ଲୀ,୧୧।୧୨(ଏଜେନ୍ସି):** ଗୋଆରେ ନାଇଟ୍ କ୍ଲବର ଅଗ୍ନିକାଣ୍ଡକୁ ୫ ଦିନ ବିତିବା ପରେ ଗୁରୁବାର କ୍ଲବର ମାଲିକ ସୌରଭ ଲୁଥରା ଓ ଗୌରବ ଲୁଥରାଙ୍କୁ ଥାଇଲାଣ୍ଡରେ ଗିରଫ କରାଯାଇଛି। ଥାଇଲାଣ୍ଡ ପୁଲିସ ଏହି ଦୁଇ ଭାଇଙ୍କ ଫଟୋ ଜାରି କରିଛି। ଏଥିରେ ଦୁଇଭାଇଙ୍କ ହାତରେ ହାତକଡ଼ି ପଡିଛି ଓ ସେମାନେ ସେମାନଙ୍କର ପାସ୍‌ପୋର୍ଟ ହାତରେ ଧରିଥିବାର ଦେଖାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ଭାରତୀୟ ଅଧିକାରୀମାନଙ୍କ ଏକ ଟିମ୍ ଥାଇଲାଣ୍ଡ ଯାତ୍ରା କରିଛନ୍ତି ଓ ୨୪ ଘଣ୍ଟା ମଧ୍ୟରେ ଦୁଇଭାଇଙ୍କୁ ଧରି ଭାରତ ଫେରିବେ। ଦୁଇଭାଇଙ୍କୁ ଭାରତ ଆଣିବା ପରେ ସେମାନଙ୍କୁ ଗୋଆ ପୁଲିସ ଗିରଫ କରିବ ବୋଲି କୁହାଯାଇଛି। ଉଲ୍ଲେଖଥାଉ କି, ବିର୍ଚ ନାଇଟ୍ କ୍ଲବରେ ଡିସେମ୍ବର ୬ରେ ନିଆଁ ଲାଗିବାର କାରଣରୁ ୨୫ ଜଣ ଲୋକ ମୃତ୍ୟୁବରଣ କରିଥିଲେ। ଘଟଣା ପରେ ଏହି ଦୁଇ ଭାଇ ଭାରତ ଛାଡି ଥାଇଲାଣ୍ଡ ପଳାଇ ଯାଇଥିଲେ। ଦୁଇଜଣଙ୍କ ବିରୋଧରେ ବିନା ଉଦ୍ଦେଶ୍ୟରେ ହତ୍ୟା ଓ ଅବହେଳାର ମାମଲା ରୁଜୁ କରାଯାଇଛି। ଯାଞ୍ଚ ଏଜେନ୍ସି ଦେଇଥିବା ସୂଚନା ଅନୁସାରେ ନାଇଟ୍ କ୍ଲବରେ ନିଆଁ ଲାଗିବା ପରେ ଦମକଳ ବାହିନୀ ନିଆଁ ଲିଭାଇବାକୁ ଓ ମୃତ ଲୋକଙ୍କୁ ଉଦ୍ଧାର କରିବାକୁ ପ୍ରୟାସ କରୁଥିବା ବେଳେ ଦୁଇ ଭାଇ ଥାଇଲାଣ୍ଡ ଯିବାକୁ ଟିକଟ୍ ବୁକ୍ କରୁଥିଲେ। ଡିସେମ୍ବର ୭ ତାରିଖ ରାତି ୧.୧୭ରେ ଦୁହେଁ ଅନ୍‌ଲାଇନ୍ ଟ୍ରାଭେଲ କମ୍ପାନୀର ୱେବସାଇଟ୍‌ରେ ଲଗ୍‌ଇନ୍ କରିଥିଲେ। ଦୁଇଜଣ ସକାଳ ୫.୩୦ରେ ଇଣ୍ଡିଗୋ ବିମାନ ୬ଇ ୧୦୭୩ରେ ଦିଲ୍ଲୀରୁ ଥାଇଲାଣ୍ଡର ଫୁକେଟକୁ ଯାତ୍ରା କରିଥିଲେ। ଏହାପରେ ଗୋଆ ପୁଲିସ ବୈଦେଶିକ ମନ୍ତ୍ରଣାଳୟ ଓ ସିବିଆଇ ଜରିଆରେ ଇଣ୍ଟରପୋଲ୍‌କୁ ଦୁଇଭାଇଙ୍କୁ ଗିରଫ କରିବାକୁ ଅପିଲ କରିଥିଲା। ଏହାପରେ ଇଣ୍ଟରପୋଲ ଦୁଇ ଭାଇଙ୍କ ବିରୋଧରେ ବ୍ଲ୍ୟୁ କର୍ଣ୍ଣର ନୋଟିସ ଜାରି କରିଥିଲା। ଦୁଇଭାଇ, ସେମାନଙ୍କ ବ୍ୟବସାୟିକ ସହଯୋଗୀ, ପରିଚାଳକ ଓ ଅନ୍ୟକେତେକ କର୍ମଚାରୀ ଦିଲ୍ଲୀର ବାସିନ୍ଦା। ଖାସ୍ ଏଥିପାଇଁ ଗୋଆ ପୁଲିସ ସହିତ ଦିଲ୍ଲୀ ପୁଲିସ ମଧ୍ୟ ଏହି ଅଗ୍ନିକାଣ୍ଡ ମାମଲାର ମିଳିତ ଭାବେ ଯାଞ୍ଚ କରୁଛି। ଦିଲ୍ଲୀରେ ମଧ୍ୟ ଏକ ମାମଲା ରୁଜୁ କରାଯାଇଛି। ଇତିମଧ୍ୟରେ ଦୁଇଭାଇ ଦିଲ୍ଲୀର ରୋହିଣୀ କୋର୍ଟରେ ଆଗୁଆ ଜାମିନ ପାଇଁ ଆବେଦନ କରିଛନ୍ତି ଓ ଗତକାଲି ଏହାର ଶୁଣାଣି ହୋଇଥିଲା। ଏଥିରେ ଅଭିଯୁକ୍ତଙ୍କ ଓକିଲ କହିଥିଲେ ଯେ, ସେମାନେ ଭାରତ ଫେରିବାକୁ ଚାହୁଁଛନ୍ତି। ଏହି ମାମଲାରେ ଏପର୍ଯ୍ୟନ୍ତ ଦୁଇଭାଇଙ୍କ ବ୍ୟବସାୟିକ ସହଯୋଗୀଙ୍କ ସମେତ ୬ ଜଣ ଗିରଫ ହୋଇଛନ୍ତି।

## ଫେବୃଆରୀରେ ହେବ ବାଂଲାଦେଶରେ ନିର୍ବାଚନ

**ଢାକା,୧୧।୧୨(ଏଜେନ୍ସି):** ବାଂଲାଦେଶ ଆସନ୍ତାବର୍ଷ ଫେବୃଆରୀ ୧୨ରେ ସାଧାରଣ ନିର୍ବାଚନ ଆୟୋଜନ ହେବ। ଦେଶର ମୁଖ୍ୟ ନିର୍ବାଚନ କମିଶନ ଏଏମ୍‌ଏମ୍ ନାସିରୁଦ୍ଦିନ ଗୁରୁବାର ଏ ନେଇ ଘୋଷଣା କରିଛନ୍ତି। ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କୁ ଗାଦିଚ୍ୟୁତ କରାଯିବାର ଦେଢ଼ ବର୍ଷ ପରେ ମତଦାନ ହେବା ସ୍ପଷ୍ଟ ହୋଇଛି। ହସିନା ୨୦୨୪ ଅଗଷ୍ଟ ୫ରେ ବାଂଲାଦେଶ ଛାଡି ଭାରତରେ ଶରଣ ନେଇଛନ୍ତି। ସେବେଠାରୁ ମୁଖ୍ୟ ଉପଦେଷ୍ଟା ମହମ୍ମଦ ୟୁନୁସଙ୍କ ନେତୃତ୍ୱରେ ବାଂଲାଦେଶରେ ମଧ୍ୟବର୍ତ୍ତୀକାଳୀନ ସରକାର ଚାଲୁଛି। ବାଂଲାଦେଶର ସର୍ବବୃହତ ରାଜନୈତିକ ଦଳ ହସିନାଙ୍କ ଆୱାମୀ ଲିଗ୍ ଏହି ନିର୍ବାଚନରେ ଅଂଶଗ୍ରହଣ କରିପାରିବ ନାହିଁ। ୨୦୨୫ ମେରେ ନିର୍ବାଚନ କମିଶନ ଏହି ପାର୍ଟିର ପଞ୍ଜୀକରଣକୁ ବାତିଲ କରିଛି ଓ ଦଳର କେତେଜଣ ବରିଷ୍ଠ ନେତାଙ୍କୁ ଗିରଫ ମଧ୍ୟ କରାଯାଇଛି। ଆୱାମୀ ଲିଗ୍ ନିର୍ବାଚନ ଲଢ଼ିବା ଓ ରାଜନୈତିକ ଗତିବିଧି ଉପରେ ରୋକ ଲଗାଯାଇଛି। ମୁଖ୍ୟ ନିର୍ବାଚନ କମିଶନ କହିଛନ୍ତି ଯେ, ଜୁଲାଇ ଚାର୍ଟରକୁ ନେଇ ଜନମତ ସଂଗ୍ରହ କରାଯିବ। ଜୁଲାଇ ଚାର୍ଟର ହେଉଛି ସମ୍ବିଧାନିକ ଓ ରାଜନୈତିକ ସୁଧାର ପ୍ରକ୍ରିୟାରେ ଏକ ଦଲିଲ୍। ଏଥିରେ ରାଜନୈତିକ ଓ ଶାସନ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ପାଇଁ ୨୬ଟି ପଏଣ୍ଟ ଉଲ୍ଲେଖ ରହିଛି। ଉଲ୍ଲେଖଥାଉ କି, ବାଂଲାଦେଶରେ ଭାରତ ଭଳି ନିର୍ବାଚନ ପ୍ରକ୍ରିୟା ଅବଲମ୍ବନ କରାଯାଇଥାଏ। ବାଂଲାଦେଶ ସଂସଦରେ ମୋଟ୍ ୩୫୦ଟି ଆସନ ରହିଛି। ଏଥିରେ ୫୦ଟି ଆସନ ମହିଳାଙ୍କ ପାଇ ସଂରକ୍ଷିତ ରହିଛି। ସଂରକ୍ଷିତ ଆସନରେ ନିର୍ବାଚନ ହୋଇ ନଥାଏ। କିନ୍ତୁ ବାକି ୩୦୦ ଆସନରେ ନିର୍ବାଚନ ହୋଇଥାଏ। ବାଂଲାଦେଶ ସଂସଦରେ କେବଳ ଗୋଟିଏ ଗୃହ ରହିଛି। କିନ୍ତୁ ଭାରତରେ ଲୋକସଭା ଓ ରାଜ୍ୟସଭା ରହିଛି।



## ଭଉଣୀଙ୍କ ବିବାହ ପାଇଁ ଖାଲିଦଙ୍କୁ ୧୪ ଦିନ ପାଇଁ ଜାମିନ୍

**ନୂଆଦିଲ୍ଲୀ,୧୧।୧୨(ଏଜେନ୍ସି):** ୨୦୨୦ ଦିଲ୍ଲୀ ଦଙ୍ଗାର ଅନ୍ୟତମ ଅଭିଯୁକ୍ତ ତଥା ଜେଏନ୍ୟୁ ପୂର୍ବତନ ଛାତ୍ର ନେତା ଉମର ଖାଲିଦଙ୍କୁ ଦିଲ୍ଲୀର ଏକ କୋର୍ଟ ମଧ୍ୟବର୍ତ୍ତୀକାଳୀନ ଜାମିନ ପ୍ରଦାନ କରିଛନ୍ତି। ଭଉଣୀ ବାହାଘରରେ ଯୋଗ ଦେବା ପାଇଁ ତାଙ୍କୁ କୋର୍ଟ ଜାମିନ ଦେଇଛନ୍ତି। ଅତିରିକ୍ତ ସେସନ ଜଜ୍ ସମୀର ବାଜପେୟୀ ଡିସେମ୍ବର ୧୬ରୁ ୧୪ ଦିନ ପାଇଁ ଜେଲ ବାହାରେ ରହିବାକୁ ଅନୁମତି ପ୍ରଦାନ କରିଛନ୍ତି। ଅର୍ଥାତ ସେ ୨୯ ତାରିଖ ପର୍ଯ୍ୟନ୍ତ ବାହାରେ ରହିପାରିବେ। ଏହି ସମୟରେ ଖାଲିଦ କୌଣସି ସାମାଜିକ ଗଣମାଧ୍ୟମ ସହିତ ଜଡ଼ିତ ନ ହେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସେ କେବଳ ତାଙ୍କ ପରିବାର ସଦସ୍ୟ ଓ ପରିଜନ ଓ ବନ୍ଧୁମାନଙ୍କୁ ଭେଟିପାରିବେ ବୋଲି କୁହାଯାଇଛି। ପୁଣି ସେ କେବଳ ବିବାହ ସ୍ଥାନରେ ରହିବେ ଓ ଅନ୍ୟ କୌଣସି ସ୍ଥାନକୁ ଯାଇପାରିବେ ନାହିଁ ବୋଲି କୁହାଯାଇଛି। ଖାଲିଦ ନିଜ ଭଉଣୀଙ୍କ ବାହଘରରେ ଯୋଗ ଦେବାକୁ ଡିସେମ୍ବର ୧୪ରୁ ୨୯ ତାରିଖ ମଧ୍ୟରେ ଜାମିନ ପାଇଁ ଆବେଦନ କରିଥିଲେ। ତାଙ୍କ ଭଉଣୀଙ୍କ ବାହାଘର ଡିସେମ୍ବର ୨୭ରେ ଆୟୋଜନ ହେବ। ଦିଲ୍ଲୀ ଦଙ୍ଗାର ଷଡଯନ୍ତ୍ର ଅଭିଯୋଗରେ ଖାଲିଦ୍‌ଙ୍କୁ ୨୦୨୦ ସେପ୍ଟେମ୍ବରରେ ଗିରଫ କରାଯାଇଥିଲା। ଏହା ପୂର୍ବରୁ ୨୦୨୪ ଡିସେମ୍ବରରେ ତାଙ୍କ ବନ୍ଧୁଙ୍କ ବାହାଘରରେ ଯୋଗ ଦେବାକୁ କୋର୍ଟ ତାଙ୍କୁ ୭ ଦିନ ପାଇଁ ଜାମିନ ପ୍ରଦାନ କରିଥିଲେ।



## ସଲମାନଙ୍କ ବ୍ୟକ୍ତିତ୍ୱ ଅଧିକାର ସଂପର୍କରେ ହାଇକୋର୍ଟଙ୍କ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୧୧।୧୨(ଏଜେନ୍ସି):** ବଲିଉଡ୍ ଅଭିନେତା ସଲମାନ ଖାନଙ୍କୁ ବ୍ୟକ୍ତିତ୍ୱ ଅଧିକାର ନେଇ ଦିଲ୍ଲୀ ହାଇକୋର୍ଟଙ୍କ ସମର୍ଥନ ମିଳିଛି। କୋର୍ଟ ଗୁରୁବାର ସବୁ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମ ଓ ଅନ୍‌ଲାଇନ୍ କମ୍ପାନୀଗୁଡିକୁ ସଲମାନଙ୍କ ବ୍ୟକ୍ତିତ୍ୱ ଅଧିକାର ଯେପରି କ୍ଷତିଗ୍ରସ୍ତ ନ ହୁଏ, ସେଥିପାଇଁ ୩ ଦିନ ମଧ୍ୟରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ବ୍ୟକ୍ତିତ୍ୱ ଅଧିକାର ନେଇ ସଲମାନ ଦିଲ୍ଲୀ ହାଇକୋର୍ଟରେ ଆବେଦନ କରିଥିଲେ। କିଛି ଲୋକ ତାଙ୍କ ଛବି, ନାମ, ଫଟୋ ଓ ପରିଚୟକୁ ବ୍ୟବହାର କରି ଭୁଲ ଉପାୟରେ ପ୍ରଚାର ପ୍ରସାର କରି ବ୍ୟକ୍ତିଗତ ଫାଇଦା ହାସଲ କରୁଛନ୍ତି ବୋଲି ସଲମାନ ଅଭିଯୋଗ କରିଥିଲେ। ବିଚାରପତି ମନମିତ ପ୍ରୀତମ ସିଂ ଆରୋରା କହିଛନ୍ତି ଯେ, କୋର୍ଟ ଏ ନେଇ ବିସ୍ତୃତ ଭାବେ ଆଦେଶ ଜାରି କରିବେ। ଯେଉଁ ଲୋକମାନେ ସଲମାନଙ୍କ ନାମ ଓ ପରିଚୟକୁ ଭୁଲ ଭାବେ ବ୍ୟବହାର କରିଛନ୍ତି, ସେମାନଙ୍କ ବିରୋଧରେ ଆଦେଶ ଜାରି କରାଯିବ। ସାମାଜିକ ଗଣମାଧ୍ୟମରେ ସଲମାନଙ୍କ ବ୍ୟକ୍ତିତ୍ୱ ଅଧିକାରକୁ ଲଗାତର ଭାବେ ଉଲ୍ଲଂଘନ କରାଯାଉଛି ବୋଲି ତାଙ୍କ ଓକିଲ ସନ୍ଦୀପ ସେଠୀ କହିଛନ୍ତି। ଉଲ୍ଲେଖଥାଉ କି, ଏହି ମାମଲାରେ ସଲମାନଙ୍କ ପୂର୍ବରୁ ଅମିତାଭ ବଚ୍ଚନ, ଅନିଲ କପୁର, ଐଶ୍ୱର୍ଯ୍ୟା ରାୟ, ଅଭିଷେକ ବଚ୍ଚନ, ଜୟା ବଚ୍ଚନ, ଋତିକ ରୋଶନ, ଅଜୟ ଦେବଗନ, ନାଗାର୍ଜୁନ, ଜୁନିଅର ଏନ୍‌ଟିଆର, କରଣ ଜୋହର, କୁମାର ସାନୁଙ୍କ ଭଳି ବଲିଉଡ୍ ସେଲିବ୍ରିଟି ବ୍ୟକ୍ତିତ୍ୱ ଅଧିକାର ନେଇ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।



## ଟ୍ରମ୍ପଙ୍କ ସହ କଥା ହେଲେ ମୋଦୀ

**ନୂଆଦିଲ୍ଲୀ, ୧୧।୧୨(ଏଜେନ୍ସି):** ବାଣିଜ୍ୟକୁ ନେଇ ଭାରତ ଓ ଆମେରିକା ମଧ୍ୟରେ ସଂପର୍କ ତିକ୍ତତା ଚରମ ସୀମାରେ ରହିଥିବା ବେଳେ ଆଜି ଫୋନରେ କଥା ହୋଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ବାଣିଜ୍ୟ ସହିତ ସାମରିକ ଓ କୂଟନୈତିକ ସଂପର୍କ ନେଇ ସେମାନଙ୍କ ମଧ୍ୟରେ ଆଲୋଚନା ହୋଇଛି। ବାଣିଜ୍ୟ କ୍ଷେତ୍ର ରହିଥିବା ପ୍ରତିବନ୍ଧକକୁ ଦୂର କରିବା ସହିତ ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ କିପରି ଆହୁରି ମଜବୁତ କରାଯାଇପାରିବ ସେ ସମ୍ପର୍କରେ ଦୁଇ ନେତା ଗୁରୁତ୍ୱ ଦେଇଛନ୍ତି। ବାଣିଜ୍ୟ ଚୁକ୍ତି ସଂପର୍କରେ ଆଲୋଚନା ପାଇଁ ଆମେରିକାରୁ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଭାରତ ଆସିଛନ୍ତି। ନୂଆଦିଲ୍ଲୀରେ ଭାରତୀୟ ପ୍ରତିନିଧି ଦଳ ସହିତ ସେମାନେ ବୈଠକ କରିବାକୁ ଯାଉଥିବା ବେଳେ ଆଜି ସନ୍ଧ୍ୟାରେ ମୋଦୀ ଓ ଟ୍ରମ୍ପଙ୍କ ମଧ୍ୟରେ ଟେଲିଫୋନରେ ବାର୍ତ୍ତାଳାପକୁ ବିଶେଷ ଗୁରୁତ୍ୱ ଦିଆଯାଉଛି।

ୱାସିଂଟନରେ ଆମେରିକାର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ବାଣିଜ୍ୟ ସଂପର୍କରେ ଅଚଳାବସ୍ଥା ଦୂର କରିବା ଲାଗି ଭାରତ ପକ୍ଷରୁ ପ୍ରସ୍ତାବ ଆସିଛି। ତେବେ ଭାରତୀୟ ବଜାରରେ ଆମେରିକାର କୃଷିଜାତ ଦ୍ରବ୍ୟ ବିଶେଷ କରି ମାଂସ ଓ ଦୁଗ୍ଧ ସାମଗ୍ରୀର ପ୍ରବେଶ ନେଇ ଏବେ ବି ପ୍ରତିବନ୍ଧକ ରହିଛି। ଏହି ପ୍ରତିବନ୍ଧକକୁ ଦୂର କରିବା ଲାଗି ଦିଲ୍ଲୀରେ ଆଲୋଚନା ହେବ। ଏହାର ଫଳାଫଳ ଉପରେ ବାଣିଜ୍ୟ ସଂପର୍କ ନିର୍ଭର କରୁଛି ବୋଲି ସେ କହିଛନ୍ତି।

ଇତିମଧ୍ୟରେ ଟ୍ରମ୍ପଙ୍କ ସହ ଆଲୋଚନା ସଂପର୍କରେ ମୋଦୀ କହିଛନ୍ତି ଯେ ଆଜିର କଥାବାର୍ତ୍ତା ଫଳପ୍ରଦ ରହିଛି। ଆମେ ଆନ୍ତର୍ଜାତିକ ଓ ଆଞ୍ଚଳିକ ସୁରକ୍ଷା ଉପରେ ଆଲୋଚନା କରିଛୁ। ଦ୍ୱିପାକ୍ଷିକ ବାଣିଜ୍ୟ ସଂପର୍କର ସମୀକ୍ଷା କରାଯାଇଛି। ବିଶ୍ୱ ଶାନ୍ତି, ସ୍ଥିରତା ଓ ସମୃଦ୍ଧି ଲାଗି ଦୁଇ ଦେଶ ମିଳିତ ହୋଇ କାର୍ଯ୍ୟ କରିବୁ ବୋଲି ଆମେ ସଂକଳ୍ପ ନେଇଛୁ। ପ୍ରଧାନମନ୍ତ୍ରୀ ମୋଦୀ 'ଏକ୍ସ'ରେ ଏହି ସୂଚନା ଦେଇଛନ୍ତି।



## ପୂର୍ବତନ ଆଇଏସ୍‌ଆଇ ମୁଖ୍ୟ ହମିଦଙ୍କୁ ୧୪ ବର୍ଷ ଜେଲ୍

**ଇସଲାମାବାଦ, ୧୧।୧୨ (ଏଜେନ୍ସି):** ପାକିସ୍ତାନର ଏକ ମିଲିଟାରୀ କୋର୍ଟ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇର ପୂର୍ବତନ ମୁଖ୍ୟ ଫୈଜ ହମିଦଙ୍କୁ ୧୪ ବର୍ଷର ଜେଲ୍ ଦଣ୍ଡରେ ଦଣ୍ଡିତ କରିଛି। ହମିଦଙ୍କ ବିରୋଧରେ ପାଖାପାଖି ୧୫ ମାସ ପର୍ଯ୍ୟନ୍ତ କୋର୍ଟ ମାର୍ଶାଲର କାର୍ଯ୍ୟକ୍ରମ ଚାଲୁ ରହିଥିଲା। ତାଙ୍କ ବିରୋଧରେ ୪ଟି ଗୁରୁତର ଅଭିଯୋଗ ନେଇ କେସ୍ ଚାଲୁଥିଲା। ସେ ରାଜନୈତିକ ଗତିବିଧିରେ ସାମିଲ ହେବା, ଅଫିସିଆଲ ସିକ୍ରେଟ ଆକ୍ଟର ଉଲ୍ଲଂଘନ କରି ଦେଶର କ୍ଷତି ପହଞ୍ଚାଇବା, ସରକାରୀ ଅଧିକାର ଓ ସଂଶାଧନର ଦୁରୁପୋଯୋଗ କରିବା ଏବଂ ବ୍ୟକ୍ତିଗତ ଭାବେ ଲୋକଙ୍କୁ କ୍ଷତି ପହଞ୍ଚାଇବାର ଅଭିଯୋଗ ହୋଇଥିଲା। ଏହି ସବୁ ଅଭିଯୋଗରେ କୋର୍ଟ ହମିଦଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି ବୋଲି ସେନା ତରଫରୁ କୁହାଯାଇଛି। ତେବେ ଏହି ରାୟ ବିରୋଧରେ ତାଙ୍କୁ ଅପିଲ୍ କରିବାର ଅଧିକାର ଅଛି ବୋଲି କୋର୍ଟଙ୍କ ତରଫରୁ କୁହାଯାଇଛି। ହମିଦଙ୍କୁ ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କ ନିକଟତର ବୋଲି ବିବେଚନା କରାଯାଏ। ଗତବର୍ଷ ଅଗଷ୍ଟ ୧୨ରେ ହମିଦଙ୍କୁ ହାଉସିଂ ଦୁର୍ନୀତି ମାମଲାରେ ଗିରଫ କରାଯାଇଥିଲା।



## ଏସ୍‌ଆଇଆର୍ ବିରୋଧରେ ଲଢ଼େଇ ପାଇଁ ଆହ୍ୱାନ

**କୋଲକାତା,୧୧।୧୨(ଏଜେନ୍ସି):** ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ସମାଲୋଚନା କରିଛନ୍ତି। ସେ ମହାଭାରତର ଦୁର୍ଯୋଧନ ଓ ଦୁଃଶାସନଙ୍କ ଭଳି ଭୟଙ୍କର ବୋଲି ମମତା କହିଛନ୍ତି। ତାଙ୍କର ଗୋଟିଏ ଆଖିରେ ଦୁର୍ଯୋଧନ ଓ ଅନ୍ୟ ଆଖିରେ ଦୁଃଶାସନ ଦେଖାଯାଉଛନ୍ତି ବୋଲି ସେ ଗୁରୁବାର କ୍ରିଷ୍ଣାନଗରରେ ଏକ ରାଲିରେ ଭାଷଣ ଦେବା ଅବସରରେ କହିଛନ୍ତି। ମମତା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍) ନେଇ ରାଜ୍ୟର ମହିଳାଙ୍କୁ ସତର୍କ କରାଇବାକୁ ପ୍ରୟାସ କରିଥିଲେ। କେନ୍ଦ୍ର ସରକାର ଏସ୍‌ଆଇଆର୍‌କୁ ବାହାନା କରି ମା ଓ ଭଉଣୀଙ୍କ ଅଧିକାର ଛଡାଇନେବାକୁ ପ୍ରୟାସ କରୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଭୋଟର ତାଲିକାରୁ ନିଜ ନାମ କଟିବାକୁ ନ ଦେବାକୁ ସେ ମହିଳାଙ୍କୁ ଅପିଲ କରିଛନ୍ତି। ଏସ୍‌ଆଇଆର୍ ବିରୋଧରେ ଲଢ଼େଇ କରିବାକୁ ସେ ମହିଳାଙ୍କୁ କହିଛନ୍ତି। ମହିଳା ଆଗକୁ ଆସି ଲଢିବେ ଓ ପୁରୁଷ ତାଙ୍କ ପଛରେ ରହିବେ। ଆସନ୍ତବର୍ଷ ଅର୍ଥାତ ୨୦୨୬ରେ ବିଧାନସଭା ନିର୍ବାଚନ ଆୟୋଜନ ହେବାକୁ ଯାଉଥିବା ବେଳେ ଏସ୍‌ଆଇଆର୍‌କୁ ଏକ ଅସ୍ତ୍ର ଭାବେ ବ୍ୟବହାର କରିବାକୁ ବିଜେପି ଯୋଜନ କରିଛି।



## ଭେନେଜୁଏଲା ବିରୋଧରେ କାର୍ଯ୍ୟାନୁଷ୍ଠାନ

**ୱାସିଂଟନ, ୧୧।୧୨ (ଏଜେନ୍ସି):** ଲାଟିନ ଆମେରିକୀୟ ଦେଶ ଭେନେଜୁଏଲା ବିରୋଧରେ ଆମେରିକା ବଡ଼ ଧରଣର ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଭେନେଜୁଏଲା ଉପକୂଳରେ ଆମେରିକା ସମୁଦ୍ର ମଝିରେ ଏକ ବହୁତ ବଡ଼ ଅଶୋଧିତ ତୈଳ ଟ୍ୟାଙ୍କରକୁ ଜବତ କରିଛି। ବୁଧବାର ଆମେରିକାର ଅଟର୍ଣ୍ଣି ଜେନେରାଲ ପାମ ବଣ୍ଡି ସାମାଜିକ ଗଣମାଧ୍ୟମରେ ଏହି ଅପରେସନର ୪୫ ସେକେଣ୍ଡର ଭିଡିଓ ଜାରି କରିଛନ୍ତି। ଦୁଇଟି ସାମରିକ ହେଲିକପ୍ଟର ଦ୍ରୁତଗତିରେ ଉଡିବା ସହ ଟ୍ୟାଙ୍କରକୁ ଘେରାଉ କରିଥିବା ଭିଡିଓରେ ଦେଖାଯାଇଛି। ଏଥିରୁ ଏକାଧିକ କମାଣ୍ଡୋ ରଶି ସାହାଯ୍ୟରେ ଟ୍ୟାଙ୍କର ଉପରେ ଓହ୍ଲାଇବା ସହ କିଛି ସମୟ ମଧ୍ୟରେ ଟ୍ୟାଙ୍କରକୁ ନିଜ କବ୍‌ଜାକୁ ନେଉଛନ୍ତି। ହ୍ୱାଇଟ ହାଉସ୍‌ରେ ସାମ୍ବାଦିକଙ୍କ ସହ କଥା ହେଉଥିବା ବେଳେ ରାଷ୍ଟ୍ରପତି ଟ୍ରମ୍ପ ଏ ନେଇ ସୂଚନା ଦେଇଛନ୍ତି। ଅନ୍ୟପଟେ ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ ମାଦୁରୋ ଆମେରିକାର ଏହି କାର୍ଯ୍ୟାନୁଷ୍ଠାନକୁ ସମାଲୋଚନା କରିଛନ୍ତି। ଏହା ଏକ ସାମୁଦ୍ରିକ ଡାକାୟତି ଓ ଖୋଲାଖୋଲି ଚୋରି ବୋଲି ସେ କହିଛନ୍ତି। ଏବେ ଟ୍ୟାଙ୍କରର ତୈଳକୁ ଆମେ ରଖିନେବୁ ବୋଲି ଟ୍ରମ୍ପ କହିଛନ୍ତି। ବେଆଇନ୍ ଭାବେ ଭେନେଜୁଏଲା ଏହି ଟ୍ୟାଙ୍କର ମାଧ୍ୟମରେ ତୈଳ ନେଉଥିବାର ଆମେରିକା ଅଭିଯୋଗ କରିଛି।

**ସମୁଦ୍ର ମଝିରେ ତୈଳ ଟ୍ୟାଙ୍କରକୁ ଜବତ କଲା ଆମେରିକା**

## ହନୁମାନଙ୍କୁ ମିଛ ଦେବତା କହିଥିବା ଆମେରିକୀୟ ସାଂସଦ ଫେଲ୍

**ଟେକ୍ସାସ,୧୧।୧୨(ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ରିପବ୍ଲିକାନ ପାର୍ଟି ନେତା ତଥା ଟେକ୍ସାସର ସାଂସଦ ପ୍ରାର୍ଥୀ ଆଲେକଜାଣ୍ଡାର ଡନକାନଙ୍କ ନିର୍ବାଚନ ଯାତ୍ରା ଆରମ୍ଭ ହେବା ପୂର୍ବରୁ ହିଁ ଶେଷ ହୋଇଛି। ତାଙ୍କୁ ପ୍ରାଥମିକ ନିର୍ବାଚନରେ ସ୍ଥାନ ହାସଲ କରିବାକୁ ଆବଶ୍ୟକ ସମର୍ଥନ ମିଳିପାରି ନଥିଲା। ଡନକାନ୍ ଟେକ୍ସାସର ଶୁଗାର ଲ୍ୟାଣ୍ଡସ୍ଥିତ ଶ୍ରୀ ଅଷ୍ଟଲକ୍ଷ୍ମୀ ମନ୍ଦିରରେ ସ୍ଥାପିତ ହୋଇଥିବା ୯୦ ଫୁଟ ଉଚ୍ଚର ଭଗବାନ ହନୁମାନ ପ୍ରତିମାକୁ ମିଛ ଭଗବାନ ଓ ମିଛି ପ୍ରତିମା ବୋଲି କହି ଚର୍ଚ୍ଚାକୁ ଆସିଥିଲେ। ସେତେବେଳେ ସେ ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଥିଲେ ଯେ, ଟେକ୍ସାସରେ ଏକ ମିଥ୍ୟା ହିନ୍ଦୁ ଦେବତାଙ୍କ ମିଥ୍ୟା ପ୍ରତିମା ସ୍ଥାପିତ କରିବାକୁ ଅନୁମତି କାହିଁକି ଦିଆଯାଉଛି? ଆମ ଦେଶ ଏକ ଖ୍ରୀଷ୍ଟିଆନ ଦେଶ ହୋଇଥିବାରୁ ଏହାକୁ ରୋକା ଯାଉ ବୋଲି ସେ ଅପିଲ କରିଥିଲେ। ଫଳରେ ହିନ୍ଦୁ ସମ୍ପ୍ରଦାୟରେ ଅସନ୍ତୋଷ ଦେଖା ଦେଇଥିଲା। ତାଙ୍କୁ ପାର୍ଟିରୁ ବହିଷ୍କାର କରିବାକୁ ଦାବି ହୋଇଥିଲା। ଏବେ ଟେକ୍ସାସରେ ରିପବ୍ଲିକାନ ପାର୍ଟି ତରଫରୁ ପ୍ରାଥମିକ ପ୍ରାର୍ଥୀ ହେବା ପାଇଁ ୩ ଜଣ ଦୌଡ଼ରେ ଅଛନ୍ତି। ୨୦୨୬ ମାର୍ଚ୍ଚ ୩ରେ ସଂସଦ ପାଇଁ ପ୍ରାଥମିକ ନିର୍ବାଚନ ହେବ। ଉଲ୍ଲେଖଥାଉ କି, ଟେକ୍ସାସରେ ଭଗବାନ ହନୁମାନଙ୍କର ୯୦ ଟନ୍ ଓଜନର ୯୦ ଫୁଟ ଉଚ୍ଚର ମୂର୍ତ୍ତି ସ୍ଥାପିତ ହୋଇଛି। ଏହାକୁ 'ଷ୍ଟାଚ୍ୟୁ ଅଫ୍ ୟୁନିୟନ' କୁହାଯାଉଛି। ବିଦେଶରେ ଏହା ହନୁମାନଙ୍କର ଉଚ୍ଚତମ ମୂର୍ତ୍ତିର ମାନ୍ୟତା ପାଇଛି।

## ଆମେରିକା ସଂସଦରେ ମୋଦୀ-ପୁଟିନଙ୍କ ଚିତ୍ର

**ୱାସିଂଟନ,୧୧।୧୨(ଏଜେନ୍ସି):** ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ଭାରତ ଗସ୍ତକୁ ନେଇ ଆମେରିକାରେ ଏବେ ମଧ୍ୟ ଚର୍ଚ୍ଚା ଚାଲୁଛି। ଆମେରିକା ସଂସଦରେ ମଧ୍ୟ ଏ ନେଇ ଗରମାଗରମ ଆଲୋଚନା ହେଉଛି। ଜଣେ ଡେମୋକ୍ରାଟ୍ ସାଂସଦ ଭାରତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ପୁଟିନଙ୍କ ସେଲ୍‌ଫିର ଫଟୋ ଦେଖାଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବିଦେଶ ନୀତିକୁ ନେଇ ସମାଲୋଚନା କରିଛନ୍ତି। ଆମେରିକା ସଂସଦର ପ୍ରତିନିଧି ସିଡନୀ କାମାଲଗେର- ଡୋଭ ମୋଦୀ ଓ ପୁଟିନଙ୍କ ଏହି ଚିତ୍ରକୁ ଇସାର କରି କହିଛନ୍ତି ଯେ, ଏହି ଫଟୋ ହଜାର ଶବ୍ଦ ସହ ସମାନ। ଏଥିସହ ସେ ଟ୍ରମ୍ପଙ୍କ ଭାରତ ନୀତିକୁ ନେଇ କଡ଼ା ସମାଲୋଚନା କରିଛନ୍ତି। ଟ୍ରମ୍ପଙ୍କ ଭାରତ ନୀତି ହିଁ ଆମେରିକାକୁ କ୍ଷତି ପହଞ୍ଚାଉଛି। ଚାପ ପକାଇ ସହଭାଗୀତା କରିବା ମହଙ୍ଗା ସାବ୍ୟସ୍ତ ହେଲା। ଏହି ଫଟୋ ଏହାର ସବୁଠୁ ବଡ଼ ପ୍ରମାଣ। ଆମେରିକାର ଚାପ ପକାଇବା ନୀତି ହିଁ ଭାରତ ଓ ରୁଷିଆର ସମ୍ପର୍କକୁ ଆହୁରି ଦୃଢ଼ କରିଛି ବୋଲି ସେ କହିଛନ୍ତି। ପୁଣି ଟ୍ରମ୍ପ ନୋବେଲ ଶାନ୍ତି ପୁରସ୍କାର ପାଇବାର ହକ୍‌ଦାର ବୋଲି ବାରମ୍ବାର କହିଛନ୍ତି ଓ ଏହାକୁ ମଧ୍ୟ ଡୋଭ ପରିହାସ ଛଳରେ ସମାଲୋଚନା କରିଛନ୍ତି। ଭାରତ- ପାକିସ୍ତାନ ସମେତ ବିଶ୍ୱରେ ୮ ଟି ଯୁଦ୍ଧ ରୋକିଛନ୍ତି ବୋଲି ଟ୍ରମ୍ପ ଦାବି କରୁଛନ୍ତି। କିନ୍ତୁ ଟ୍ରମ୍ପଙ୍କ ଭୁଲ ବିଦେଶ ନୀତି କାରଣରୁ ଭାରତ ଭଳି ବଡ଼ ସହଯୋଗୀ ଏବେ ଦୂର ହୋଇଛି। ତେଣୁ ତାଙ୍କୁ ନୋବେଲ ପୁରସ୍କାରର ହକ୍‌ଦାର ବୋଲି କିପରି କୁହାଯିବ ବୋଲି ସେ କହିଛନ୍ତି।

## ପ୍ରେମିକା ଘରେ ଇଞ୍ଜିନିୟରିଂ ଛାତ୍ରଙ୍କୁ ହତ୍ୟା

**ବ୍ୟାଟ୍‌ରେ ବାଡେଇ ନେଲେ ଜୀବନ**



**ହାଇଦରାବାଦ, ୧୧।୧୨ (ଏଜେନ୍ସି):** ତେଲଙ୍ଗାନାର ସଙ୍ଗାରେଡ୍ଡୀ ଜିଲ୍ଲାରେ ଜଣେ ଇଞ୍ଜିନିୟରିଂ ଛାତ୍ରଙ୍କୁ ତାଙ୍କ ପ୍ରେମିକାଙ୍କ ପରିବାର ଲୋକେ କ୍ରିକେଟ ବ୍ୟାଟ୍‌ରେ ପିଟିପିଟି ହତ୍ୟା କରିଛନ୍ତି। ମୃତକ ଛାତ୍ର ହେଉଛନ୍ତି ୧୯ ବର୍ଷୀୟ ଜ୍ୟୋତି ଶ୍ରୀବନ ସାଇ। ମଙ୍ଗଳବାର ତାଙ୍କ ସହ ମାଡ଼ପିଟ୍ ହୋଇଥିଲା ଓ ବୁଧବାର ସେ ମୃତ୍ୟୁବରଣ କରିଥିଲେ। ପୁଲିସ ଦେଇଥିବା ସୂଚନା ଅନୁସାରେ ଅମିନପୁରରେ ରହୁଥିବା ୧୯ ବର୍ଷୀୟା ଶ୍ରୀଜା ଓ ଶ୍ରୀବନ ଗତକେତେ ବର୍ଷ ହେବ ପରସ୍ପର ସହ ସମ୍ପର୍କ ରକ୍ଷା କରିଆସୁଥିଲେ। ୧୦ମ ଶ୍ରେଣୀରୁ ଦୁହେଁ ଦୁହିଁଙ୍କୁ ଜାଣିଥିଲେ। ଦୁଇଜଣଙ୍କ ପରିବାର ଲୋକଙ୍କୁ ସେମାନଙ୍କ ସମ୍ପର୍କ ବିଷୟ ଜଣାଥିଲା। ଶ୍ରୀଜାଙ୍କ ଘର ଲୋକେ ଏ ନେଇ ଦୁହିଁଙ୍କୁ ଏକାଧିକବାର ଚେତାବନୀ ମଧ୍ୟ ଦେଇଥିଲେ। କିନ୍ତୁ କିଛିଦିନ ତଳେ ଶ୍ରୀଜା ୩ ମାସର ଗର୍ଭବତୀ ଥିବା ତା'ର ପରିବାର ଲୋକ ଜାଣିବାକୁ ପାଇଥିଲେ। ମଙ୍ଗଳବାର ଶ୍ରୀଜାଙ୍କ ପିତାମାତା ବିବାହର ବାହାନା କରି ଶ୍ରୀବନଙ୍କୁ ଘରକୁ ଡାକିଥିଲେ। କିନ୍ତୁ ଶ୍ରୀବନ ଘରେ ପହଞ୍ଚିବା ପରେ ହିଁ ଶ୍ରୀଜାଙ୍କ ପରିବାର ଲୋକେ ତାଙ୍କୁ ବ୍ୟାଟ୍‌ରେ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଗୋଡ ଓ ହାତର ହାଡ଼ ମଧ୍ୟ ଭାଙ୍ଗିଯାଇଥିଲା। ତାଙ୍କୁ କୁକଟପଲ୍ଲୀର ଏକ ଘରୋଇ ହସ୍ପିଟାଲକୁ ଅଣାଯାଇଥିଲା ଓ ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ପୁଲିସ କହିବା ଅନୁସାରେ ସକାଳ ୧୦.୩୦ରେ ଶ୍ରୀବନ ଶ୍ରୀଜାଙ୍କ ଘରେ ପହଞ୍ଚିଥିଲେ। ଏହାପରେ ଗର୍ଭଧାରଣ ନେଇ ଶ୍ରୀଜାଙ୍କ ମା ସହ ତାଙ୍କ ଝଗଡ଼ା ଓ ଯୁକ୍ତି ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ମା ଶ୍ରୀଜା ଓ ଶ୍ରୀବନଙ୍କ ଉପରେ ବ୍ୟାଟ୍‌ରେ ଆକ୍ରମଣ କରିଥିଲେ। ଶ୍ରୀଜାଙ୍କୁ ବଞ୍ଚାଇବାକୁ ଯାଇ ଶ୍ରୀବନଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ଶ୍ରୀଜାଙ୍କ ଡାହାଣ ହାତ ମଧ୍ୟ ଭାଙ୍ଗିଯାଇଛି। ମାଡପିଟ୍ ପରେ ଶ୍ରୀବନ ନିଜ ଘରକୁ ଚାଲିଯାଇଥିଲେ। କିନ୍ତୁ ଅପରାହ୍ଣ ୩.୩୦ରେ ସେ ନିଃଶ୍ୱାସ ନେବାରେ କଷ୍ଟ ଅନୁଭବ କରିଥିଲେ। ଫଳରେ ତାଙ୍କୁ ତୁରନ୍ତ ହସ୍ପିଟାଲ ନିଆଯାଇଥିଲା। ଏହାପରେ ତାଙ୍କୁ ଆଉ ଏକ ଘରୋଇ ହସ୍ପିଟାଲକୁ ରେଫର କରାଯାଇଥିଲେ ମଧ୍ୟ ସେ ଜୀବନ ହରାଇଥିଲେ। ପୁଲିସ୍ ଏହି ଘଟଣାର ଯାଞ୍ଚ କରୁଛି।

## ସଂସଦରେ ତୃଣମୂଳ ସାଂସଦ ଇ- ସିଗାରେଟ ଟାଣୁଛନ୍ତି: ଠାକୁର

**ନୂଆଦିଲ୍ଲୀ, ୧୧।୧୨ (ଏଜେନ୍ସି):** ସଂସଦର ଚଳିତ ଶୀତକାଳୀନ ଅଧିବେଶନର ୯ମ ଦିନରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସାଂଦସ ଇ- ସିଗାରେଟକ ପାନ କରିଛନ୍ତି ବୋଲି ବିଜେପି ସାଂସଦ ଅନୁରାଗ ଠାକୁର ବାଚସ୍ପତି ଓମ ବିର୍ଲାଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବାଚସ୍ପତି ପ୍ରତିଶ୍ରୁତି ଦେଇଛନ୍ତି। ଏହାପରେ ସଂସଦ ପରିସରରେ ସମ୍ବାଦିକମାନଙ୍କ ଉତ୍ତର ଦେବା ଅବସରରେ ଟିଏମ୍‌ସି ସାଂସଦ ସ୍ୱାଗତ ରାଏ କହିଛନ୍ତି ଯେ, ଆମେ ସଂସଦ ପରିସରରେ ଇ- ସାଗାରେଟ ପାନ କରିପାରିବୁ। କିନ୍ତୁ ସଂସର ସୌଧ ଭିତର ପାନ କରିପାରବୁ ନାହିଁ। କିନ୍ତୁ ବାହାରେ ପାନ କରିପାରିବୁ। ଉଲ୍ଲେଖଥାଉ କି, କିଛିବର୍ଷ ତଳେ ଇ- ସିଗାରେଟ ପାନକୁ ବାରଣ କରାଯାଇଥିଲା। ଶୀତକାଳୀନ ଅଧିବେଶନ ଡିସେମ୍ବର ୧ରୁ ଆରମ୍ଭ ହୋଇ ୧୯ ରେ ଶେଷ ହେବାର କାର୍ଯ୍ୟକ୍ରମ ରହିଛି।

■ ଓଡ଼ିଶା ସାହିତ୍ୟ ଏକାଡେମୀରେ ଅଚଳାବସ୍ଥା ପ୍ରସଙ୍ଗ

## ସତ୍ୟପାଠ ଦାଖଲ ପାଇଁ ସମୟ ନେଲେ ସରକାର

କଟକ,୧୧ ।୧୨(ସମିସ): ଓଡ଼ିଶା ସାହିତ୍ୟ ଏକାଡେମୀରେ ବର୍ଷାଧିକ ସମୟ ଧରି ଅଚଳାବସ୍ଥା ଦେଖାଦେଇଛି। ଏହାର ସଭାପତି ଓ ଉପ-ସଭାପତି ଭଳି ପଦବୀ ଖାଲି ସହ ନୂଆ କାର୍ଯ୍ୟନିର୍ବାହୀ ପରିଷଦ ଗଠନ କରାନଯିବା ପ୍ରସଙ୍ଗରେ ରୁଜୁ ମାମଲାରେ ସତ୍ୟପାଠ ଦାଖଲ କରିପାରିନାହାନ୍ତି ସରକାର। ଏହି ପ୍ରସଙ୍ଗରେ ଜବାବ ଦାଖଲ ପାଇଁ ରାଜ୍ୟ ସରକାର ପୁଣି ଅଧିକ ସମୟ ଲୋଡ଼ିଥିବା ବେଳେ ଆସନ୍ତା ଡିସେମ୍ବର ୧୬ରେ ମାମଲାର ପରବର୍ତ୍ତୀ ଶୁଣାଣି ଧାର୍ଯ୍ୟ କରିଛନ୍ତି ହାଇକୋର୍ଟ। ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ୍.ଏସ. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଇନଜୀବୀ ପ୍ରବୀର ଦାସଙ୍କ ତରଫରୁ ରୁଜୁ ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ପ୍ରକାଶଥାଉକି ଗତ ଅକ୍ଟୋବର ୨୭ରେ ୩ସପ୍ତାହ ମଧ୍ୟରେ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ ହାଇକୋର୍ଟ। ଆବେଦନକାରୀ ଦର୍ଶାଇଛନ୍ତି ଯେ ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଓ ଉପ-ସଭାପତିଙ୍କ କାର୍ଯ୍ୟକାଳ ଗତ ୨୦୨୪ ମେ' ୨୦ରେ ସମାପ୍ତ ହୋଇଥିଲେ ମଧ୍ୟ ରାଜ୍ୟ ସରକାର ଏହି ଦୁଇ ଗୁରୁତ୍ୱପୂର୍ଣ୍ଣ ପଦରେ କାହାରିକୁ ନିଯୁକ୍ତ କରିନାହାନ୍ତି। ସେହିଭଳି ଏକାଡେମୀର ସାଧାରଣ ପରିଷଦ ଏବଂ କାର୍ଯ୍ୟନିର୍ବାହୀ ବୋର୍ଡ ୨୦୨୩ ଜୁଲାଇ୧୯ ପରଠାରୁ ଅଚଳ ହୋଇପଡ଼ିଛି।

■ ଶିମିଳିପାଳରେ ବେଆଇନ ଗୃହ ନିର୍ମାଣ ଓ ଗଛକଟା ପ୍ରସଙ୍ଗ

## କାର୍ଯ୍ୟାନୁଷ୍ଠାନ ପାଇଁ ଚିଠି ଲେଖିଲା କେନ୍ଦ୍ର ଜଙ୍ଗଲ ମନ୍ତ୍ରାଳୟ

ବାରିପଦା, ୧୧।୧୨(ସମିସ): ଜାତୀୟ ଉଦ୍ୟାନ ଶିମିଳିପାଳ ପାଦଦେଶର ସମ୍ବେଦନଶୀଳ ଅଞ୍ଚଳରେ ବେଆଇନ ଗୃହ ନିର୍ମାଣ ଓ ଗଛକଟାକୁ ନେଇ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟ ଅତିରିକ୍ତ ଶାସନ ସଚିବଙ୍କୁ ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ୟୁଥ୍ ୟୁନାଇଟେଡ୍ ଫର୍ ସଷ୍ଟେନେବଲ୍ ଏନ୍‌ଭିରନ୍‌ମେଣ୍ଟ ଟ୍ରଷ୍ଟର ସଦସ୍ୟ ଶାନ୍ତନୁ କୁମାର ଭୁକ୍ତାଙ୍କ ଅଭିଯୋଗକୁ ଭିତ୍ତି କରି ମନ୍ତ୍ରଣାଳୟ ପକ୍ଷରୁ ଫାଇଲ୍ ନଂ ୭(୨୮)-୨୦୨୫-ଏଫ୍‌ସିଇ(ଶିମିଳିପାଳ) ୨୦୨୫ ଡିସେମ୍ବର ୧ରେ ଚିଠି ଯୋଗେ ଅବଗତ କରାଯାଇଛି। ଏହାସହ କାର୍ଯ୍ୟାନୁଷ୍ଠାନ ପାଇଁ ବିଭାଗ ପକ୍ଷରୁ ନିଆଯାଇଥିବା ତଥ୍ୟର ରିପୋର୍ଟ ପ୍ରଦାନ କରିବାକୁ ଅବଗତ କରାଯାଇଛି।

ସୂଚନାଯୋଗ୍ୟ, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ (ଏସ୍‌ଟିଆର୍) ପ୍ରକଳ୍ପର ଇକୋ-ସେନ୍‌ସିଟିଭ୍ ଜୋନ୍‌ରେ ବ୍ୟବସାୟ ପାଇଁ ବେଆଇନ ନିର୍ମାଣ ଜାରି ରହିଛି। ପିଠାବଟାଠାରୁ ଲୁଲୁଙ୍ଗ ପର୍ଯ୍ୟନ୍ତ ଯିବା ବାଟରେ ଅନେକ ରିସୋର୍ଟ ନିର୍ମାଣ ଜାରି ରହିଛି। ଏପରିକି, ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳରେ ଥିବା ବିଭିନ୍ନ ରାସ୍ତାକୁ ମଧ୍ୟ କଂକ୍ରିଟ୍ କରାଯାଉଛି। ପର୍ଯ୍ୟଟକମାନେ ବୁଲିବାକୁ ଆସି ବହୁ ପରିମାଣର ପ୍ଲାଷ୍ଟିକ୍ ଆବର୍ଜନା ଏଣେତେଣେ ଫିଙ୍ଗିଥିବା ବେଳେ ଏହାର ତଦାରଖ କରାଯାଉନାହିଁ। ସେହିପରି ବେଆଇନ ନିର୍ମାଣକୁ ନେଇ ଅନିୟନ୍ତ୍ରଣ ଗଛକଟା, କଂକ୍ରିଟ ଗୃହ ନିର୍ମାଣ ଓ ବୋରିଂ ଖୋଳା ହୋଇଛି। ଏହା ଇକୋ-ସେନ୍‌ସିଟିଭ୍ ଜୋନ୍‌ର ମାର୍ଗଦର୍ଶିକାକୁ ଅଣଦେଖା କରୁଛି ବୋଲି ଅଭିଯୋଗରେ ଦର୍ଶାଯାଇଛି।

# 'ଗାଡ଼ିଧୁଆ' ବଚସାରୁ ଯୁବକଙ୍କୁ ଗୁଳି

ଅନୁଗୋଳ, ୧୧।୧୨ (ସମିସ): ରାସ୍ତା ଉପରେ ଗାଡ଼ିଧୁଆ ବଚସାରୁ ଯୁବକଙ୍କୁ ଗୁଳିମାଡ଼। ବୁଧବାର ରାତି ପ୍ରାୟ ୧୧ଟାରେ ଅନୁଗୋଳ ଇକୋ-ପାର୍କ ସମ୍ମୁଖରେ ଏପରି ଏକ ଆପରାଧିକ ଘଟଣା ଘଟିଛି। ଗୁଳିମାଡ଼ର ଶିକାର ଯୁବକଜଣଙ୍କ ହେଲେ, ଶିକ୍ଷକପଡ଼ାର ଭବାନୀ ଶଙ୍କର ପ୍ରଧାନ। ଭବାନୀଙ୍କ ପେଟରେ ଗୋଟିଏ ଗୁଳି ବାଜିଛି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଅନୁଗୋଳ ମେଡିକାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଅବସ୍ଥା ସଂକଟାପନ୍ନ ହେବାରୁ କଟକ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାରେ ଭବାନୀଙ୍କ ବନ୍ଧୁ ବିଶ୍ୱଜିତ ମିତ୍ର ମଧ୍ୟ ଦୁର୍ବୃତ୍ତଙ୍କ ଆକ୍ରମଣର ଶିକାର ହୋଇ ଗୁରୁତର ହୋଇଛନ୍ତି। ତାଙ୍କୁ ଅନୁଗୋଳ ମେଡିକାଲରେ ଭର୍ତ୍ତି କରାଯାଇଛି। ଅନୁଗୋଳ ଟାଉନ ଥାନା ପୁଲିସ ଏହାର ତଦନ୍ତ

### ସାଙ୍ଗକୁ ପିଟି ଦରମରା କଲେ

ଆରମ୍ଭ କରିଛି। ଅପରପକ୍ଷେ, ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳି ଯାଇଛି।

ସୂଚନା ମୁତାବକ, ଶିକ୍ଷକପଡ଼ାର ବିଶ୍ୱଜିତ ଜଣେ ଟ୍ରାଭେଲର୍ ମାଲିକ। ଗତରାତିରେ ଇକୋ-ପାର୍କ ସମ୍ମୁଖ ରାସ୍ତାରେ ସେ ଗାଡ଼ି ଧୋଉଥିଲେ। ସେହି ସମୟରେ ବାଇକ୍‌ରେ ଯାଉଥିବା ଦୁଇ ଯୁବକଙ୍କ ସହ ତାଙ୍କର ଗାଡ଼ିଧୁଆକୁ ନେଇ ବଚସା ହୋଇଥିଲା। ପାଟିତୁଣ୍ଡ ଶୁଣି ବିଶ୍ୱଜିତଙ୍କ ବନ୍ଧୁ ଭବାନୀ ସେଠାରେ ପହଞ୍ଚି ଯାଇଥିଲେ। ବଚସା ବଢ଼ିବାରୁ ବିଶ୍ୱଜିତ ଯୁବକଦ୍ୱୟଙ୍କୁ ଚାପୁଡ଼ା ମାରିଥିଲେ। ପରେ ଉକ୍ତ ଯୁବକଦ୍ୱୟ ରାଜକିଶୋରପଡ଼ା ଆଡ଼କୁ ପଳାଇଥିଲେ। କିଛି ସମୟ ପରେ ସେମାନେ ପୁଣି ସେଠାକୁ ଫେରି ବିଶ୍ୱଜିତ୍‌ଙ୍କୁ ଗୁଳି କରିଥିଲେ। କିନ୍ତୁ, ଗୁଳିଟି ଲକ୍ଷ୍ୟଚ୍ୟୁତ ହୋଇ ପାଖରେ ଠିଆ ହୋଇଥିବା ଭବାନୀଙ୍କ ପେଟରେ ବାଜିଥିଲା। ପରେ ଯୁବକ ଦ୍ୱୟ ଲୁହାରଡ଼୍‌ରେ ବିଶ୍ୱଜିତଙ୍କୁ ଆକ୍ରମଣ କରିଥିଲେ। ଏଥିରେ ବିଶ୍ୱଜିତଙ୍କ ଗୋଡ଼ ଭାଙ୍ଗିଯାଇଛି। ଏହି କାଣ୍ଡ ଭିଆଇବା ପରେ ଦୁର୍ବୃତ୍ତଦ୍ୱୟ ଫେରାର୍ ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ବିଶ୍ୱଜିତ ଓ ଭବାନୀଙ୍କୁ ଉଦ୍ଧାର କରି ପ୍ରଥମେ ଅନୁଗୋଳ ମେଡିକାଲରେ ଭର୍ତ୍ତି କରାଇଥିଲେ। ଭବାନୀଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

### ଦିଲ୍ଲୀ ବାୟୁର ମାନ ସୃଷ୍ଟି କରୁଛି ସାଂଘାତିକ ସ୍ୱାସ୍ଥ୍ୟ ସମସ୍ୟା

## ଅନ୍ୟତ୍ର ସ୍ଥାନାନ୍ତରର ହେଉ ସଂସଦର ଦୁଇଟି ଅଧିବେଶନ

■ ସ୍ୱଚ୍ଛ ସହରରେ କରାଯାଉ ଶୀତ ଓ ବଜେଟ ଅଧିବେଶନ

■ ରାଜ୍ୟସଭାରେ ପ୍ରସ୍ତାବ ଦେଲେ ବିଜେଡି ସାଂସଦ ମାନସ

ଭୁବନେଶ୍ୱର,୧୧।୧୨(ସମିସ): ଦିଲ୍ଲୀରେ ବାୟୁର ମାନ ଅତି ବିପଦଜନକ ସ୍ଥିତିରେ ଥିବାବେଳେ ଏହାକୁ ନେଇ ରାଜ୍ୟସଭାରେ ଗଭୀର ଉଦବେଗ ପ୍ରକାଶ କରିଛନ୍ତି ବିଜେଡି ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ। ଦିଲ୍ଲୀର ପ୍ରଦୂଷଣ ସାଂଘାତିକ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରୁଥିବାରୁ ବାୟୁର ମାନ ସ୍ୱାଭାବିକ ସ୍ଥିତିକୁ ଆସିବା ପର୍ଯ୍ୟନ୍ତ ସଂସଦର ଶୀତ ଓ ବଜେଟ ଅଧିବେଶନକୁ ଅନ୍ୟତ୍ର ସ୍ଥାନାନ୍ତରିତ କରିବା ପାଇଁ କେନ୍ଦ୍ର ସରକାରଙ୍କ ପ୍ରସ୍ତାବ ରଖିଛନ୍ତି ମାନସ।

ଗୁରବାର ଶୂନ୍ୟକାଳରେ ଉପରୋକ୍ତ ପ୍ରସଙ୍ଗ ଉଠାଇ ସେ କହିଛନ୍ତି ଯେ ପ୍ରତ୍ୟେକ ଶୀତ ଋତୁରେ ଦିଲ୍ଲୀ କେବଳ ପ୍ରଦୂଷଣର ସମ୍ମୁଖୀନ ହୁଏ ନାହିଁ, ବରଂ ଏହା ଏକ ଜନସ୍ୱାସ୍ଥ୍ୟଗତ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥାଏ। ଶୀତ ଦିନରେ ଦିଲ୍ଲୀରେ ବାୟୁର ମାନ ଲଗାତାର ଭାବେ ୪୦୦ରୁ ୫୦୦ ଏକ୍ୟୁଆଇ ଉପରେ ରହୁଛି। ତେଣୁ ଏହାକୁ କେବଳ ଖରାପ ବାୟୁ କୁହାଯାଇ ପାରିବ ନାହିଁ, ଏହା ଅତ୍ୟନ୍ତ ବିଷାକ୍ତ ବାୟୁରେ ପରିଣତ ହୋଇଛି। ଏହା ପିଲାମାନଙ୍କ ସହ ବରିଷ୍ଠ ନାଗରିକ ଓ ରାସ୍ତାରେ ଚଳପ୍ରଚଳ କରୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ କ୍ଷତି ପହଞ୍ଚାଉଛି। ଓଡ଼ିଶା ଭଳି ଏକ ବନ୍ୟା, ବାତ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କରୁଥିବା ରାଜ୍ୟରୁ ଆସିଥିବାରୁ ଦିଲ୍ଲୀ ପ୍ରଦୂଷଣର ଅବସ୍ଥାକୁ ମୁଁ ବୁଝିପାରୁଛି। ତେବେ ପ୍ରତିବର୍ଷ ଏପରି



ମନୁଷ୍ୟକୃତ ବିପର୍ଯ୍ୟୟ ସ୍ଥିତି ସୃଷ୍ଟି ହେଉଥିବା ବେଳେ ଏହି ସମୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସଂସଦୀୟ ଅଧିବେଶନ ଆୟୋଜନ କରିଚାଲିଛୁ। ଗୃହର ସଦସ୍ୟ, ଅଧିକାରୀ, ଡ୍ରାଇଭର, ସଫେଇ କର୍ମଚାରୀ ଏବଂ ସୁରକ୍ଷା କର୍ମୀମାନେ ଏହି ଗୃହକୁ କାର୍ଯ୍ୟକ୍ଷମ ରଖିବା ପାଇଁ ପ୍ରତିଦିନ ଏହି ବିଷାକ୍ତ ବାୟୁକୁ ନିଃଶ୍ୱାସ ପ୍ରଶ୍ୱାସ ନେଉଛନ୍ତି। ଆମେ ସେମାନଙ୍କ କଷ୍ଟକୁ ଅଣଦେଖା କରିପାରିବା ନାହିଁ। ତେଣୁ ସ୍ଥିତି ସ୍ୱାଭାବିକ ହେବା ଓ ଦିଲ୍ଲୀ ନିରାପଦ ସାବ୍ୟସ୍ତ ନହେବା ପର୍ଯ୍ୟନ୍ତ ସଂସଦର ଶୀତ ଅଧିବେଶନ ଓ ବଜେଟ ଅଧିବେଶନକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ସେ ସରକାରଙ୍କୁ ଅନୁରୋଧ କରିଛନ୍ତି। ଭୁବନେଶ୍ୱର, ହାଇଦ୍ରାବାଦ, ଗାନ୍ଧୀନଗର, ବେଙ୍ଗାଲୁରୁ, ଗୋଆ, ଡେରାଡୁନ ଆଦି ଅନେକ ସହରର ବାୟୁ ସ୍ୱଚ୍ଛ ଓ ଭିତ୍ତିଭୂମି ମଧ୍ୟ ସୁଦୃଢ଼ ରହିଛି। ପ୍ରାକୃତିକ ବିପର୍ଯ୍ୟୟବେଳେ ଓଡ଼ିଶା ଲକ୍ଷ ଲକ୍ଷ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର ସହ ସେମାନଙ୍କ ଜୀବନ ରକ୍ଷା କରିପାରୁଛି, ତେବେ ସଂସଦର ଏହି ଦୁଇଟି ଅଧିବେଶନକୁ ଆମେ ଅନ୍ୟତ୍ର ସ୍ଥାନାନ୍ତର କରିପାରିବା ବୋଲି ସେ ଯୁକ୍ତି ବାଢିଛନ୍ତି। ଏହାଦ୍ୱାରା ଆମେ ଆମ ସାଂସଦଙ୍କ ସହ ଅନ୍ୟ ଅଧିକାରୀ ଓ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ସୁରକ୍ଷିତ ରଖିପାରିବା। ଏଥିରେ କୌଣସି ରାଜନୈତିକ ଉଦ୍ଦେଶ୍ୟ ନାହିଁ। ଏହା ଜୀବନ ଏବଂ ସଦସ୍ୟଙ୍କ ଅଧିକାରର କଥା। ସଂସଦ ଏନେଇ ଆଗକୁ ଆସିବା ଆବଶ୍ୟକ। ତେଣୁ ବିଳମ୍ବ ନକରି ଏହାକୁ ତୁରନ୍ତ ଏନେଇ ପଦକ୍ଷେପ ନେବାକୁ ସେ ଅନୁରୋଧ କରିଛନ୍ତି।

■ ୪୦୦୦ କେଜି ବିସ୍ଫୋରକ ଡକାୟତି ମାମଲା

## ୧୧ ମାଓବାଦୀଙ୍କ ବିରୋଧରେ ଏନ୍‌ଆଇଏର ଚାର୍ଜସିଟ୍

ଭୁବନେଶ୍ୱର, ୯।୧୨(ସମିସ): ପଥର ଖଣିରୁ ୪ହଜାର କେଜି ବିସ୍ଫୋରକ ଲୁଟ୍ ମାମଲାରେ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ଏନ୍‌ଆଇଏ ୧୧ମାଓବାଦୀଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଛି। ଜର୍ଜ ମୁଣ୍ଡା, ଅନ୍‌ମୋଲ୍ ଓରଫ୍ ଲାଲଚାନ୍ଦ ହେମ୍ବ୍ରମ୍, ରମେଶ ଓରଫ ପ୍ରୀତମ ମାଝୀ, ପିଣ୍ଟୁ ଲୋହରା, ଲାଲଜିତ ଓରଫ ଲଲୁ, ଶିବା ବୋଦରା, ଅମିତ ମୁଣ୍ଡା ଓରଫ ଶୁକ୍ଲାଲାଲ୍, ରବି ଓରଫ ବିରେନ୍ ସିଂହ, ରାଜେସ ମନସିଦ୍, ସୋହନ ରାଙ୍ଗା ପୁନେମ୍, ଅପତାନ୍ ଚନ୍ଦ୍ରମୋହନ ହାଂସଦାଙ୍କ ନାମରେ ଚାର୍ଜସିଟ୍ ଦାଖଲ ହୋଇଛି।

ଗତ ମେ ୨୭ତାରିଖରେ ଝାଡଖଣ୍ଡ ରାଜ୍ୟରେ ବାଙ୍କୋ ଅଞ୍ଚଳରେ ଥିବା ପଥର ଖଣିକୁ ବିସ୍ଫୋରକ ସାମଗ୍ରୀ ନେଇ ଯାଉଥିବା ଏକ ଟ୍ରକ୍‌କୁ ସରଣ୍ଡା ଜଙ୍ଗଲରେ ମାଓବାଦୀମାନେ ରୋକିଥିଲେ। ଏଥିରେ ଚାଲାଣ ହେଉଥିବା ୨୦ କେଜି ଲେଖାଏଁ ଓଜନ ବିଶିଷ୍ଟ ୨୦୦ ପ୍ୟାକେଟ୍ ବିସ୍ଫୋରକକୁ ସେମାନେ ଲୁଟି ନେଇଥିଲେ। ଜର୍ଜ ମାଓବାଦୀ ମାନଙ୍କୁ ଟ୍ରକ୍‌ର ଗତିବିଧି ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଆଧାରରେ ମାଓନେତା ଅନମୋଲ ଓ ତାଙ୍କ ସହଯୋଗୀ ଟ୍ରକ୍‌ରୁ ବିସ୍ଫୋରକ ସାମଗ୍ରୀ ଲୁଟ୍ କରିଥିଲେ।

ଓଡ଼ିଶା ଓ ଝାଡ଼ଖଣ୍ଡ ପୁଲିସ ଏହାର ତଦନ୍ତ କରି ରାଉରକେଲାରୁ ଜର୍ଜ ମୁଣ୍ଡାଙ୍କୁ ଗିରଫ କରିଥିଲା। ଏତେ ପରିମାଣର ବିସ୍ଫୋରକ୍ ମାଓବାଦୀଙ୍କ ହାତରେ ଲାଗିଯିବାରୁ ଏହା ଦେଶର ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହୋଇଥିଲା। ଏଣୁ ଏହି ମାମଲା ଏନ୍‌ଆଇଏକୁ ହସ୍ତାନ୍ତର କରାଯାଇଥିଲା। ଏନ୍‌ଆଇଏ ଏହି ମାମଲାର ତଦନ୍ତ କରିବା ସହ ଗୁରୁବାର ଚାର୍ଜସିଟ୍ ଦାଖଲ କରିଛି।

### ସମ୍ପର୍କୀୟ ଭାଇର ବିଶ୍ୱାସଘାତକତା

## ଜୀବନ ହାରିଲେ ଦିବ୍ୟାଙ୍ଗ ଯୁବକ

ପରଜଙ୍ଗ, ୧୧ ।୧୨(ସମିସ): ବ୍ୟବସାୟରେ ଦାଦା ପୁଅ ଭାଇ ବିଶ୍ୱାସଘାତକତା କରିବାରୁ ଜଣେ ଦିବ୍ୟାଙ୍ଗ ଯୁବକ ଜୀବନ ହାରିଛନ୍ତି। ମରିବା ପୂର୍ବରୁ ସେ କରିଥିବା ଏକ ଭିଡିଓ କରିଛନ୍ତି। ମୃତକ ହେଲେ, ପରଜଙ୍ଗ ଥାନା କନ୍ତୋର ଗ୍ରାମର ବିଭୂତି ସାହୁ (୪୦)। ଏ ସଂପର୍କରେ



**ନ୍ୟାୟ ପାଇଁ ପୁଲିସ ଦ୍ୱାରସ୍ଥ ହେଲେ ଭଉଣୀ**

ବିଭୂତିଙ୍କ ଭଉଣୀ ଗୁରବାର ଥାନାରେ ଅଭିଯୋଗ କରିବା ସହ ଢେଙ୍କାନାଳ ଏସ୍‌ପିଙ୍କୁ ଭେଟି ନ୍ୟାୟ ଭିକ୍ଷା କରିଛନ୍ତି।

ଅଭିଯୋଗ ମୁତାବକ, ବିଭୂତି ଏକ ଟ୍ରକ୍ କିଣି ତାଳଚେର କୋଇଲା ଖଣିରେ ଲଗାଇଥିଲେ। ଗାଡ଼ି ବୁଝାସୁଝା କରିବା ପାଇଁ ଦାଦା ପୁଅ ଶୁଭ୍ରମନ୍ୟୁ ସାହୁଙ୍କୁ ଦାୟିତ୍ୱ ଦେଇଥିଲେ। ୨୦୧୪ରେ ବିଭୂତି ଅସୁସ୍ଥ ହେବାରୁ କଟକର ଏକ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଏହାର ସୁଯୋଗ ନେଇ ଶୁଭ୍ରମନ୍ୟୁ ଗାଡ଼ିର ରି-ଫାଇନାନ୍ସ ଆଳରେ ଟ୍ରକ୍‌କୁ ନିଜ ନାମରେ କରାଇ ନେଇଥିଲେ। ପରେ ବିଭୂତି ସମସ୍ତ କଥା ଜାଣିପାରି ୨୦୨୪ ନଭେମ୍ବର ୩ରେ ପରଜଙ୍ଗ ଥାନାରେ ଅଭିଯୋଗ କରିଥିଲେ। ତତ୍କାଳୀନ ଥାନା ଅଧିକାରୀ ପ୍ରିୟବ୍ରତ ଦାଶ ଉଭୟଙ୍କୁ ଡକାଇ ଉଭୟପକ୍ଷର ଓକିଲଙ୍କ ଉପସ୍ଥିତିରେ ଶୁଭ୍ରମନ୍ୟୁ ଗାଡ଼ି ବାବଦ ଟଙ୍କା ଦେବାକୁ ରାଜି ହୋଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଆଉ ଦେଇନଥିଲେ। ଫଳରେ ବିଭୂତି ଅଧିକାଂଶ ସମୟରେ ମାନସିକ ଚାପରେ ରହୁଥିଲେ।

ରବିବାର 'ତୁମ ଦୁଇ ଭାଇଙ୍କୁ ନେହୁରା ହେଉଛି, ମୋ ନାନୀକୁ ୯ ଲକ୍ଷ ଟଙ୍କା ଦେଇଦେବ, ନ ହେଲେ ଧର୍ମ ହସିବନି, ମୋ ଲୁହ ନିଃଶ୍ୱାସ ପଡ଼ିବ ବୋଲି କହି ଏକ ଭିଡିଓ କରି ବିଷ ପିଇ ଦେଇଥିଲେ। ଗୁରୁତର ଅବସ୍ଥାରେ ପରିବାରଲୋକେ ତାଙ୍କୁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକର ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ମଙ୍ଗଳବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଛି। ଶୁଭ୍ରମନ୍ୟୁ ପାଇଁ ଭାଇ ଆତ୍ମହତ୍ୟା କରିଛି ବୋଲି ଗୁରୁବାର ବିଭୂତିଙ୍କ ଭଉଣୀ ପୁଷ୍ପଲତା ସାହୁ ଢେଙ୍କାନାଳ ଏସ୍‌ପି ଓ ପରଜଙ୍ଗ ଥାନା ଅଧିକାରୀଙ୍କୁ ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତ କରାଯିବ ବୋଲି ଥାନା ଅଧିକାରୀ କହିଛନ୍ତି।

## ଗିରଫ ଜାହାଜକୁ ମୁକ୍ତ କର: ହାଇକୋର୍ଟ

କଟକ, ୧୧।୧୨ (ସମିସ): ପାରାଦୀପ ବନ୍ଦରରେ ଗିରଫ ହୋଇଥିବା ଏମ୍‌ଭି ୱାର୍ଲଡ୍ ଭର୍ଚ୍ୟୁ (ଆଇଏମ୍‌ଓ ୯୮୬୦୩୭୪) ଜାହାଜକୁ ଗିରଫ କରିବାକୁ ଡିସେମ୍ବର ୧୦ରେ ପ୍ରଦାନ କରିଥିବା ନିର୍ଦ୍ଦେଶକୁ ହାଇକୋର୍ଟ ଆଜି ଉଠାଇବା ସହ ଉକ୍ତ ଜାହାଜକୁ ମୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନରେ ଉଲ୍ଲେଖ ମୂଳ ଦାବି ଅନୁସାରେ ସିକ୍ୟୁରିଟି ବାବଦରେ ୧୦ ଲକ୍ଷ ୬୧ ହଜାର ୯୫୦ଟଙ୍କାର ଡିମାଣ୍ଡ ଡ୍ରାଫ୍ଟ ଶୁଣାଣି ବେଳେ ଦାଖଲ କରାଯାଇଥିଲା। ଏହା ପରେ ହାଇକୋର୍ଟ ଅନ୍ତରୀଣ ଆବେଦନର ଶୁଣାଣି କରି ଜାହାଜକୁ ମୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଉପରୋକ୍ତ ଅର୍ଥକୁ ଏକ ଜାତୀୟକରଣ ବ୍ୟାଙ୍କରେ ସୁଧ ମିଳୁଥିବା ଖାତାରେ ଜମା କରିବାକୁ ରେଜିଷ୍ଟ୍ରିକୁ ହାଇକୋର୍ଟ କହିଛନ୍ତି। ବାଓ ଭିଏଟ୍ ଇନସ୍ୟୁରାନ୍ସ କର୍ପୋରେସନ ପକ୍ଷରୁ ଦାୟର ମୂଳ ମାମଲାର ୨୦୨୬, ଜାନୁଆରି ୧୫ରେ ପରବର୍ତ୍ତୀ ଶୁଣାଣି ହେବ। ଜଷ୍ଟିସ ଭି.ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସଂପର୍କିତ ସାମୁଦ୍ରିକ ବିବାଦର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାରୁ ପ୍ରକାଶ ଯେ ଏମ୍‌ଭି ୱାର୍ଲଡ୍ ଭର୍ଚ୍ୟୁ ନିକଟରୁ ୧୧୮୦୬ ଆମେରିକୀୟ ଡଲାର ଦାବି କରି ଆବେଦନକାରୀ ସଂସ୍ଥା ଏହି ମାମଲା ଦାୟର କରିଛି।

## ପାଞ୍ଚବର୍ଷରେ ପୂରଣ ହେବ ଦେଢ଼ଲକ୍ଷ ପଦ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୧।୧୨(ସମିସ): ଗତ ବର୍ଷ ଜୁନ୍ ମାସରୁ ଆଜି ଭିତରେ ଅର୍ଥାତ ୧୮ ମାସ ମଧ୍ୟରେ ୩୭ ହଜାର ୯୧୬ ଜଣଙ୍କୁ ନିଯୁକ୍ତି ଦିଆଯାଇଛି। ଆଗାମୀ ୬ ମାସ ମଧ୍ୟରେ ଆଉ ୩୦ ହଜାର ପଦବୀ ପୂରଣ କରିବା ପାଇଁ କାର୍ଯ୍ୟ ଜାରି ରହିଛୁ। ୫ ବର୍ଷରେ ଖାଲିଥିବା ସମସ୍ତ ୧.୫ ଲକ୍ଷ ପଦ ସହ ଦୁଇ ବର୍ଷ ଭିତରେ ୬୫ ହଜାର ସରକାରୀ ପଦବୀ ପୂରଣ କରିବା ପାଇଁ ଆମ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଓୟୁଏଟି ସ୍ଥିତ କୃଷି ଶିକ୍ଷା ସଦନଠାରେ ଆୟୋଜିତ ନିଯୁକ୍ତି ମେଳା ୨୦୨୫ରେ ମୁଖ୍ୟମନ୍ତ୍ରୀ ତିନୋଟି ବିଭାଗରେ ୫୯୧ ଜଣଙ୍କୁ ନିଯୁକ୍ତି ପ୍ରଦାନ କରିଛନ୍ତି। ଏହି ଅବସରରେ




■ ୩ ବିଭାଗର ୫୯୧ ଜଣଙ୍କୁ ନିଯୁକ୍ତି ପତ୍ର ପ୍ରଦାନ

■ ମୁଖ୍ୟମନ୍ତ୍ରୀ ଆଡ଼ିବନ୍ଧ ତିଆରି ଯୋଜନା ଲୋକାର୍ପିତ

■ ୫ ବର୍ଷରେ ନିର୍ମାଣ ହେବ ୩ ହଜାର ଚେକ୍ ଡ୍ୟାମ୍

■ ୨୦୬୩ କୋଟି ଟଙ୍କାର ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପିତ

ମୁଖ୍ୟମନ୍ତ୍ରୀ ୨୪୮୮ କୋଟି ଟଙ୍କାର ଜଳ ସେଚନ ପ୍ରକଳ୍ପର ଶୁଭାରମ୍ଭ ସହ ୪୨୫ କୋଟି ଟଙ୍କାର ପ୍ରକଳ୍ପ ଉଦ୍‌ଘାଟିତ କରିଛନ୍ତି। ସେହିପରି ୨୦୬୩ କୋଟି ଟଙ୍କାର ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ମଧ୍ୟ କରାଯାଇଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ 'ମୁଖ୍ୟମନ୍ତ୍ରୀ ଆଡ଼ିବନ୍ଧ ତିଆରି ଯୋଜନା-୩.୦' ମଧ୍ୟ ଲୋକାର୍ପିତ କରିଛନ୍ତି। ଏହି ଯୋଜନା ପାଇଁ ୨୭୩୮ କୋଟି ଟଙ୍କା ମଞ୍ଜୁର କରାଯାଇଛି ଏବଂ ଏହାଦ୍ୱାରା ଆଗାମୀ ୫ ବର୍ଷରେ ୩ ହଜାର ନୂଆ ଚେକ୍ ଡ୍ୟାମ୍ ନିର୍ମାଣ ହେବା ସହିତ ୨ ହଜାର ପୁରୁଣା ଚେକ୍ ଡ୍ୟାମ୍‌ର ପୁନଃରୁଦ୍ଧାର କରାଯିବ । ମୁଖ୍ୟମନ୍ତ୍ରୀ ଆଡିବନ୍ଧ ଯୋଜନାରେ ଆଜି ରାଜ୍ୟର ୨୨ ଟି ଜିଲ୍ଲାରେ ୧୦୧ ଟି ଚେକ୍‌ଡ୍ୟାମ୍ ଲୋକାର୍ପିତ କରାଯାଇଛ ଓ ଯୋଜନା ୩.୦ ରେ ଆଜି ପ୍ରଥମ ପର୍ଯ୍ୟାୟରେ ୧୫ଟି ଜିଲ୍ଲାରେ ୨୦୧ ଟି ଚେକ୍‌ଡ୍ୟାମ୍ ପାଇଁ ଭିତ୍ତିପ୍ରସ୍ତର ମଧ୍ୟ ରଖାଯାଇଛି ।

ଆଜିର କାର୍ଯ୍ୟକ୍ରମରେ୧୨୫ କୋଟି ଟଙ୍କା ବିନିଯୋଗରେ ମୟୂରଭଞ୍ଜ ଓ ଗଜପତି ଜିଲ୍ଲାରେ ଦୁଇଟି ବୃହତ୍ ଉଠା ଜଳସେଚନ ପ୍ରକଳ୍ପର ଉଦ୍‌ଘାଟନ କରାଯାଇଛି । ଉଦ୍‌ଘାଟିତ ହୋଇଥିବା ଜଳସେଚିତ ପ୍ରକଳ୍ପ ଗୁଡ଼ିକ ଦ୍ୱାରା ୧୬,୨୫୨ ହେକ୍ଟର ଚାଷଜମିରେ ଜଳସେଚନର ସୁବିଧା ସହିତ ୬୪ ହଜାର ଚାଷୀ ଉପକୃତ ହେବେ। ସେହିପରି ଭିତ୍ତିପ୍ରସ୍ତର ରଖାଯାଇଥିବା ପ୍ରକଳ୍ପ ଦ୍ୱାରା ୧, ୫୫,୩୬୦ ହେକ୍ଟର ଜମିରେ ଜଳସେଚନ ସୁବିଧାର ବିକାଶ ହେବ ଏବଂ ପ୍ରାୟ ୬୩ ହଜାର କୃଷକ ଉପକୃତ ହେବେ। ସମୁଦାୟ ପ୍ରାୟ ୧ ଲକ୍ଷ ୨୭ ହଜାର କୃଷକ ଉପକୃତ ହେବେ। କାର୍ଯ୍ୟକ୍ରମରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର, ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଉନ୍ନୟନ କମିଶନର ଅନୁ ଗର୍ଗ ପ୍ରମୁଖ ଅଭିଭାଷଣ ରଖିଥିଲେ।

### ଏମ୍‌ସରେ ଜୀବନ ପରିବର୍ତ୍ତନକାରୀ ଅସ୍ତ୍ରୋପଚାର

## ଜଙ୍ଘରେ ମୁହଁ ବାଜୁଥିଲା; ଏବେ ଚାଲୁଛନ୍ତି

ଭୁବନେଶ୍ୱର, ୧୧।୧୨(ସମିସ): ଏମ୍‌ସର ଭୁବନେଶ୍ୱର ଅର୍ଥୋପେଡିକ୍ ବିଭାଗର ସଫଳ ଚିକିତ୍ସା, ଜଣେ ଯୁବକଙ୍କ ଜୀବନରେ ଦୁଇ ଦଶନ୍ଧି ପରେ ଖୁସି ଆଣିଦେଇଛି। କେନ୍ଦ୍ରାପଡ଼ା ଜିଲ୍ଲାର ୩୭ ବର୍ଷୀୟ ବିଶ୍ୱଭୂଷଣ ରାଉତ ପ୍ରାୟ ୨୦ ବର୍ଷ ଧରି ଆଙ୍କାଇଲୋଜିଂ ସ୍ପଣ୍ଡିଲାଇଟିସ୍ ରୋଗରେ ପୀଡ଼ିତ ଥିଲେ। ଏମ୍‌ସର ଭୁବନେଶ୍ୱର ଅର୍ଥୋପେଡିକ୍ ବିଭାଗର ୩ଟି ଜଟିଳ ଅସ୍ତ୍ରୋପଚାର ତାଙ୍କୁ ଏକପ୍ରକାର ନୂଆ ଜୀବନ ଦେଇଛି।

ସୂଚନାନୁସାରେ, ବିଶ୍ୱଭୂଷଣଙ୍କ ମେରୁଦଣ୍ଡ ଓ ଉଭୟ ନିତମ୍ବ ସମ୍ପୂର୍ଣ୍ଣ ମିଶିବା ଭଳି ଅବସ୍ଥାରେ ଥିଲା। ଫଳରେ ତାଙ୍କ ଶୁଣ୍ଡି ବଙ୍କା ହୋଇ ବେକରୁ ନିତମ୍ବ ପର୍ଯ୍ୟନ୍ତ ଅଚଳ ହୋଇଯାଇଥିଲା। ମେରୁଦଣ୍ଡ ଓ ଜଙ୍ଘ ପ୍ରାୟ ୧୫୦ ଡିଗ୍ରୀ ବଙ୍କି ଯାଇଥିବା ବେଳେ ମୁହଁ ପ୍ରାୟ ତାଙ୍କ ଜଙ୍ଘକୁ ଛୁଇଁସାରିଥିଲା। ଏପରି ଅବସ୍ଥା ତାଙ୍କ ଜୀବନକୁ ଗୁରୁତର ଭାବେ ପ୍ରଭାବିତ କରିବା ସହ ଚାଲିବା, ବସିବା ଓ ଶୋଇବା କଷ୍ଟସାଧ ହେଉଥିଲା। ଅତ୍ୟନ୍ତ ଜଟିଳ ଅବସ୍ଥା ଓ ଅପ୍ରତ୍ୟାଶିତ ଅସ୍ତ୍ରୋପଚାର ସମୟରେ ପକ୍ଷାଘାତର ଯଥେଷ୍ଟ ସମ୍ଭାବନା ଥିବାରୁ ଓଡ଼ିଶାର ଅନେକ ହସ୍ପିଟାଲ ଓ ଭାରତର ଅନ୍ୟାନ୍ୟ ପ୍ରମୁଖ ପ୍ରତିଷ୍ଠାନ ତାଙ୍କୁ ଫେରାଇ ଦେଇଥିଲେ। ଏଥିସହ ଆର୍ଥିକ ସଙ୍କଟ ଉଚ୍ଚମାନର ଘରୋଇ ସ୍ୱାସ୍ଥ୍ୟସେବା ପାଇବାରେ ବାଧା ସୃଷ୍ଟି କରିଥିଲା।

ବିଶ୍ୱଭୂଷଣ କିଛି ମାସ ତଳେ ଏମ୍‌ସ ଭୁବନେଶ୍ୱର ଅର୍ଥୋପେଡିକ୍ସ ବିଭାଗ ଓପିଡିକୁ ଆଶା ନେଇ



ଆସିଥିଲେ। ସେଠାରେ ବିଭାଗୀୟ ସହକାରୀ ପ୍ରଫେସର୍ ଡ. ଦୀପକ ନେରାଡି ବିଶ୍ୱଙ୍କୁ ପରୀକ୍ଷାନିରୀକ୍ଷା କରିବା ପରେ ବିଭାଗୀୟ ମୁଖ୍ୟ ଡ. ବିଷ୍ଣୁପ୍ରସାଦ ପାତ୍ରଙ୍କ ମାର୍ଗଦର୍ଶନରେ ଏହାକୁ ଏକ ଆହ୍ୱାନ ଭାବେ ଗ୍ରହଣ କରାଯାଇଥିଲା। ଡ. ନେରାଡି ଓ ଡ. ଗୁରୁଦୀପ ଦାସ ନ୍ୟୁରୋମନିଟରିଂ, ବୋନ୍ ସ୍କେଲପେଲ୍, ହାଇ-ସ୍ପିଡ୍ ବର୍ ଏବଂ ସର୍ଜିକାଲ୍ ମାଇକ୍ରୋସ୍କୋପ୍ ଭଳି ଉନ୍ନତ ଉପକରଣ ବ୍ୟବହାର କରି ଏହି ଜଟିଳ ଅସ୍ତ୍ରୋପଚାରକୁ ସଫଳତାର ସହ ସମ୍ପନ୍ନ କରିଥିଲେ। ଯୁବକଙ୍କର ଦୁଇଟି ଯାକ ହିପ୍ ରିପ୍ଲେସମେଣ୍ଟ କରାଯିବା ସହିତ ସଫଳତାର ସହ ମେରୁଦଣ୍ଡ ବିକୃତି ସଂଶୋଧନ କରିଥିଲେ। ଆନାସ୍ଥେସିଆ ବିଭାଗୀୟ ମୁଖ୍ୟ ଡ. ସତ୍ୟଜିତ ମିଶ୍ରଙ୍କ ନେତୃତ୍ୱରେ ଆନାସ୍ଥେସିଆ ଦଳର ଉତ୍ସର୍ଗୀକୃତ ସମର୍ଥନ ଅସ୍ତ୍ରୋପଚାରକୁ ତ୍ରୁଟିଶୂନ୍ୟ କରିଥିଲା। ୩ଟି ଅସ୍ତ୍ରୋପଚାର ପରେ ଯୁବକଜଣଙ୍କ ସ୍ୱାଭାବିକ ଭାବେ ବସି ପାରୁଛନ୍ତି, ଛିଡ଼ା ହୋଇପାରୁଛନ୍ତି, ଚାଲିପାରୁଛନ୍ତି ଓ ସିଧା ଆଗକୁ ଚାହିଁ ମଧ୍ୟ ପାରୁଛନ୍ତି। ବେସରକାରୀ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାରେ ଏପରି ଅସ୍ତ୍ରୋପଚାର ସାଧାରଣତଃ ୨୫ରୁ ୫୦ ଲକ୍ଷ ପର୍ଯ୍ୟନ୍ତ ଖର୍ଚ୍ଚ ହେଉଥିବା ବେଳେ ବିଶ୍ୱଭୂଷଣ ଆୟୁଷ୍ମାନ ଭାରତ ଯୋଜନା ଅଧୀନରେ ମାଗଣା ଚିକିତ୍ସା ପାଇଥିଲେ। କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡକ୍ଟର ଆଶୁତୋଷ ବିଶ୍ୱାସ ରୋଗୀଙ୍କୁ ଭେଟି ବିଭାଗ ଓ ପ୍ରକ୍ରିୟାରେ ସାମିଲ ସମସ୍ତ ଅଂଶୀଦାରଙ୍କୁ ଅଭିନନ୍ଦନ ଜଣାଇଥିଲେ।

## ବିଧାନସଭା ସମ୍ମୁଖରେ ଗର୍ଜିଲେ ଆଶା କର୍ମୀ

### ଭତ୍ତାବୃଦ୍ଧି, ବୟସସୀମା ବୃଦ୍ଧି ଓ ଅନ୍ୟାନ୍ୟ ଦାବିରେ ବିଶାଳ ବିକ୍ଷୋଭ

ଭୁବନେଶ୍ୱର, ୧୧।୧୨(ସମିସ): ଭତ୍ତା ବୃଦ୍ଧି ଓ ନିୟମିତ ଭତ୍ତା ପ୍ରଦାନ ଦାବିରେ ଏଆଇଟିୟୁସି ସହବନ୍ଧିତ ନିଖିଳ ଓଡ଼ିଶା ଆଶା କର୍ମୀ ସଂଘ, ପଶ୍ଚିମ ଓଡ଼ିଶା ଆଶାକର୍ମୀ ସଂଘକୁ ନେଇ ଗଠିତ ଆଶାକର୍ମୀ ୟୁନିୟନ୍ ସଂଯୁକ୍ତ ମୋର୍ଚ୍ଚା ପକ୍ଷରୁ ବିଧାନସଭା ସମ୍ମୁଖରେ ଅନୁଷ୍ଠିତ ହୋଇଛି ବିଶାଳ ବିକ୍ଷୋଭ । ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ହଜାର ହଜାର ଆଶାକର୍ମୀ ବ୍ୟାନର ଓ ପତାକା ଧରି ମାଷ୍ଟରକ୍ୟାଣ୍ଟିନ୍ ଛକଠାରୁ ଶୋଭାଯାତ୍ରାରେ ବାହାରି ପିଏମଜି ଛକରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିକ୍ଷୋଭ ସ୍ଥଳରେ ବିଜୟ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଏଆଇଟିୟୁସି ସହବନ୍ଧିତ ଆଶାକର୍ମୀ ସଂଘର ସାଧାରଣ ସମ୍ପାଦିକା ନମିତା ସାହୁ, ଏନ୍‌ଏଫ୍‌ଆଇଟିୟୁ ନେତା ବାଳକୃଷ୍ଣ ଭୋଇ ପ୍ରମୁଖ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଆଶା କର୍ମୀଙ୍କ ଭତ୍ତା ବୃଦ୍ଧି ଓ ନିୟମିତ ଭାବେ ସମସ୍ତ ଭତ୍ତା ପ୍ରଦାନ, ମାସିକ ସୁନିଶ୍ଚିତ ଭତ୍ତା ପରିବର୍ତ୍ତେ ଭତ୍ତା ଧାର୍ଯ୍ୟ କରିବା, ବିଭିନ୍ନ ଇନ୍‌ସେନ୍‌ଟିଭକୁ ମାସିକ ସୁନିଶ୍ଚିତ



ଭତ୍ତା ସହ ଯୋଗ କରି ଭତ୍ତା ପ୍ରଦାନ, ଅବସର ବୟସ ସୀମା ୬୫ ବର୍ଷକୁ ବୃଦ୍ଧି ସହ ସହାୟତା ରାଶି ୫ଲକ୍ଷ ଟଙ୍କା ପ୍ରଦାନ, ପେନ୍‌ସନ୍ ମାସିକ ୩ହଜାର, ମୃତ୍ୟୁକାଳୀନ ସହାୟତା ରାଶି ୩ଲକ୍ଷ ଟଙ୍କାରୁ ୫ଲକ୍ଷ ଟଙ୍କାକୁ ବୃଦ୍ଧି, ସହରାଞ୍ଚଳ କର୍ମୀଙ୍କୁ ଜନନୀ ସୁରକ୍ଷା ଦେୟ ପ୍ରଦାନ, କେନ୍ଦ୍ର ସରକାରଙ୍କ ସୁପାରିଶ ଅନୁଯାୟୀ ଏଏନ୍‌ଏମ୍ ପ୍ରମୋଶନ, ନର୍ସିଂ ତାଲିମ୍ ପାଇଁ କୋଟା ଧାର୍ଯ୍ୟ ସହ ନୂତନ ୫ଜି ମୋବାଇଲ ଓ ଅନ୍‌ଲିମିଟେଡ୍ ଡାଟା ପ୍ୟାକ୍ ପ୍ରଦାନ ସହ ବଜାର ଦର ଅନୁସାରେ ରିଚାର୍ଜ ଦେୟ ପ୍ରଦାନ ଆଦି ଦାବି କରାଯାଇଥିଲା। ରମଣୀରଞ୍ଜନ ରାଉତରାୟ, ମାତିଲ୍ଦା କୁଲୁ, ତୀର୍ଥ ପ୍ରଧାନ, ଲକ୍ଷ୍ମୀ ମହାରଣା, ରଶ୍ମୀତା ପଣ୍ଡା ପ୍ରମୁଖ ନେତୃତ୍ୱ ନେଇଥିଲେ। ଏହି ବିକ୍ଷୋଭରେ ସିପିଆଇ ରାଜ୍ୟ ସମ୍ପାଦକ ଡ. ପ୍ରଶାନ୍ତ କୁମାର ମିଶ୍ର, ଏଆଇଟିୟୁସି ନେତା ସୁର ଜେନା ପ୍ରମୁଖ ବକ୍ତବ୍ୟ ଦେଇଥିଲେ।

### ଡାକ୍ତର ନିଯୁକ୍ତି ଓ ମୁଖ୍ୟମନ୍ତ୍ରୀ ବସ୍ ସେବା ଦାବି

# ସିଡିଏମ୍‌ଓ ଓ ବ୍ଲକ ଅଫିସ୍ ସମ୍ମୁଖରେ ବିକ୍ଷୋଭ

ଅନୁଗୋଳ,୧୧ ।୧୨(ସମିସ)




ପୁରୁଣାଗଡ଼ ଡାକ୍ତରଖାନାରେ ସ୍ଥାୟୀ ଡାକ୍ତର, କର୍ମଚାରୀ, ଡ୍ରେସର୍ ନିଯୁକ୍ତି ସହ ଶଯ୍ୟା ସଂଖ୍ୟା ବୃଦ୍ଧି, ମାଣିକଯୋଡ଼ି, ଶରଧାପୁର, ମାଟିଆସାହି ଓ ବଡ଼କେରା ପଞ୍ଚାୟତକୁ ତୁରନ୍ତ ମୁଖ୍ୟମନ୍ତ୍ରୀ ବସ ସେବା ଯୋଗାଇଦେବା, ଶରଧାପୁର ପଞ୍ଚାୟତ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି, ବନ୍ଦ ପଡ଼ିଥିବା ନୂଆବଡ଼ଦା ସାହି ଏବଂ ସିଟିକୋଇଲି ସ୍କୁଲକୁ ତୁରନ୍ତ ଖୋଲିବା ଆଦି ଦାବିରେ ଗୁରୁବାର ପୂର୍ବାହ୍ନରେ ଶହ ଶହ ମହିଳା ସମେତ ଗ୍ରାମବାସୀ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ନେତୃତ୍ୱରେ ସିଡିଏମ୍‌ଓ ଏବଂ ବ୍ଲକ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ବିକ୍ଷୋଭକାରୀମାନେ ସ୍ଥାନୀୟ ଗୋପବନ୍ଧୁ ପାର୍କଠାରୁ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରି ସିଡିଏମ୍‌ଓ ଅଫିସ୍ ସମ୍ମୁଖରେ ପହଞ୍ଚିଥିଲେ । ନାରୀ ନେତ୍ରୀ ମନ୍ଦୋଦରୀ ରାଉଳଙ୍କ ପରିଚାଳନାରେ ବିକ୍ଷୋଭ ସଭା ଅନୁଷ୍ଠିତ ହୋଇଥିଲା । ସିଡିଏମ୍‌ଓ ଡା. ମଦନମୋହନ ପ୍ରଧାନ ବିକ୍ଷୋଭସ୍ଥଳରେ ପହଞ୍ଚି ଅନୁଧ୍ୟାନ ପାଇଁ ଏକ ପ୍ରତିନିଧି ଦଳ ପଠାଇବା ସହ ତୁରନ୍ତ ଡାକ୍ତର କର୍ମଚାରୀ ନିଯୁକ୍ତି ପାଇଁ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ । ସେହିପରି ମୁଖ୍ୟମନ୍ତ୍ରୀ ବସ ସେବା, ଶିକ୍ଷକ ନିଯୁକ୍ତି ଏବଂ ପାନୀୟ ଜଳ ସମସ୍ୟା ନେଇ ଦୀର୍ଘ ସମୟ ବ୍ଲକ ଘେରଉ କରାଯାଇଥିଲା । ସେଠାରେ ଶରଧାପୁର ଗ୍ରାମ ସଭାପତି ବିଭୂତି ଭୂଷଣ ପ୍ରଧାନ, ଶୋଭାବତୀ ପ୍ରଧାନ, ମୀନାକ୍ଷୀ ଚୌଧୁରୀ, ସ୍ୱାଗତିକା ସାହୁ, ଜ୍ୟୋତ୍ସ୍ନା ସାମଲ, ସଞ୍ଜୟ ସାହୁ, ସଂଗ୍ରାମୀ ନେତା ନବକିଶୋର ପ୍ରଧାନ, ମାନସ ପାଳ, ସରୋଜିନୀ ବେହେରା, ନିରୁପମା ନାୟକ ପ୍ରମୁଖ ବକ୍ତବ୍ୟ ରଖି ଅନୁଗୋଳ ବ୍ଲକର ଏହି ଉପାନ୍ତ ଅଞ୍ଚଳ ପ୍ରତି ପ୍ରଶାସନିକ ଅବହେଳାକୁ ଦୃଢ଼ ନିନ୍ଦା କରିବାସହ ତୁରନ୍ତ ସମସ୍ୟା ସମାଧାନ କରିବାକୁ ଦାବି କରିଥିଲେ । ଏବିଡିଓ ବିକ୍ଷୋଭସ୍ଥଳକୁ ଆସି ବସ୍ ଚଳାଚଳ ଏବଂ ଶିକ୍ଷକ ନିଯୁକ୍ତି ପାଇଁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ହୋଇଛି, ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ଘୋଷଣା କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା । ବିକ୍ଷୋଭରେ ପୂର୍ବତନ ସରପଞ୍ଚ ସହଦେବ ବେହେରା, କୁମାରୀ ବେହେରା, ଲକ୍ଷ୍ମୀପ୍ରିୟା ରଥ, ଅମିତା ଭଞ୍ଜ, କୁଶଧ୍ୱଜ ଅମାନ୍ତ, ଅଞ୍ଜଳି ବେହେରା, ଇନ୍ଦ୍ରାଣୀ ସାହୁ, ମୀନାକ୍ଷୀ ବେହେରା, ନମିତା ସାହୁ, ପ୍ରତିଭା ରଥ, ରମାମଞ୍ଜରୀ ସାହୁ, ପ୍ରଶାନ୍ତ ପ୍ରଧାନ, ବିନୋଦ ପ୍ରଧାନ, ସୁବାସିନୀ ଦାସ, ସ୍ୱର୍ଣ୍ଣଲତା ଦେବତା, ଅଞ୍ଜଳି ସାହୁ, ରୀନା ନାଏକ, ପ୍ରତିମା ପଲେଇ ପ୍ରମୁଖ ସାମିଲ ହୋଇଥିଲେ ।

## ବିଶ୍ୱ ମାନବାଧିକାର ଦିବସ ପାଳିତ

## ତାଳଚେର ପାଇଁ କୁମ୍ଭୀର କାନ୍ଦଣା ଆଉ କେତେଦିନ



ତାଳଚେର ସହର, ୧୧ ।୧୨ (ସମିସ): ତାଳଚେରରେ ଷ୍ଟେଟ ହ୍ୟୁମାନ ରାଇଟ୍ସ କାଉନସିଲ ପକ୍ଷରୁ ବିଶ୍ୱ ମାନବାଧିକାର ଦିବସ ପାଳିତ ହୋଇଛି । ଜିଲ୍ଲା ସଭାପତି ବାପି ମହାନ୍ତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଅନେକ ସମାଜସେବୀ, ମାନବାଧିକାର କର୍ମୀ, ସାମ୍ବାଦିକ, ବୁଦ୍ଧିଜୀବୀ ଯୋଗଦେଇଥିଲେ । ତାଳଚେର ବିକାଶରେ ଖଣି ଏବଂ କମ୍ପାନୀମାନେ ସହଯୋଗ କରିବା ପରିବର୍ତ୍ତେ ବାଧକ ସୃଷ୍ଟି କରୁଥିବାରୁ ଆଗାମୀ ଦିନରେ ଏ ସବୁର ପ୍ରତିବାଦ କରିବା ନେଇ ରାଜ୍ୟ ମାନବାଧିକାର କାଉନସିଲ ସଭାପତି ସସ୍ମିତା ଦାସ ସୂଚନା ଦେଇଥିଲେ । ଅନ୍ୟପଟେ ରାଜ୍ୟ ମାନବାଧିକାର କାଉନସିଲର ଅନୁଗୋଳ ଶାଖା ଖୋଲିବା ପରଠାରୁ ଆଜିଯାଏଁ ତାଳଚେର ସ୍ୱାର୍ଥ ପାଇଁ କେତେଥର ସ୍ୱର ଉତ୍ତୋଳନ କରିଛି ବୋଲି ସାମ୍ବାଦିକ ଦୁର୍ଗାପ୍ରସାଦ ସ୍ୱାଇଁ ପ୍ରଶ୍ନ କରିବାରୁ ରାଜ୍ୟ ସଭାପତି ଦାସ ଏଯାବତ କୌଣସି ପଦକ୍ଷେପ ନେଇ ନ ଥିବା ସ୍ପଷ୍ଟ କରିଥିଲେ । ତେବେ ରାଜ୍ୟ ଏବଂ ଜିଲ୍ଲା ମାନବାଧିକାର କାଉନସିଲ କେବଳ ତାଳଚେର ବିକାଶକୁ ନେଇ କୁମ୍ଭୀର କାନ୍ଦଣା କାନ୍ଦୁଥିବା ତାଳଚେରବାସୀ ଚର୍ଚ୍ଚା କରୁଛନ୍ତି ।

## ଉତ୍କର୍ଷ' କୋଚିଂରୁ ସଫଳ ଓପିଏସସି ପ୍ରାର୍ଥୀ ସମ୍ମାନିତ




ଅନୁଗୋଳ,୧୧ ।୧୨(ସମିସ): ଜିନ୍ଦଲ ଷ୍ଟିଲର ସାମାଜିକ ଦାୟିତ୍ୱ ଶାଖା ଜିନ୍ଦଲ ଫାଉଣ୍ଡେସନର ଅଗ୍ରଣୀ ପଦକ୍ଷେପ "ଉତ୍କର୍ଷ' କୋଚିଂ କାର୍ଯ୍ୟକ୍ରମ ଜରିଆରେ ଓଡ଼ିଶା ଲୋକସେବା ଆୟୋଗ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ୧୩ ପ୍ରାର୍ଥୀଙ୍କୁ ସମ୍ମାନିତ କରାଯାଇଛି । "ଉତ୍କର୍ଷ' କାର୍ଯ୍ୟକ୍ରମ ଜରିଆରେ ଏହି ପ୍ରାର୍ଥୀମାନେ ମାଗଣା ଓ ଉଚ୍ଚମାନର ତାଲିମ ଗ୍ରହଣ କରିଥିଲେ । ଜିନ୍ଦଲ ଷ୍ଟିଲର ଅନୁଗୋଳ ମୁଖ୍ୟ ତଥା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପଙ୍କଜ ମଲହାନ ଏହି ସଫଳ ପ୍ରାର୍ଥୀମାନଙ୍କୁ ସମ୍ମାନିତ କରିଥିଲେ । ଓପିଏସସି ପରୀକ୍ଷାରେ ସଫଳ ହୋଇଥିବା ମିତା ସାହୁ, ବଳରାମ ସାହୁ, ବିଶ୍ୱଜିତ ବେହେରା, ଅନିଲ କୁମାର ସାହୁ, ସୋମିତ କୁମାର ସେଠ୍, ଅଟଳ ଦାଶ, ରାଜେନ୍ଦ୍ର କୁମାର ଓଝା, ଦେବ ଚନ୍ଦନ ରାଉତ, ଶାଶ୍ୱତ ସୌମ୍ୟକାନ୍ତ, ଜଗନ୍ନାଥ ସା, ମିତାରାଣୀ ବାରିକ, ବିଶାଳ ରଞ୍ଜନ ଭୋଇ ଏବଂ ଜ୍ଞାନେନ୍ଦ୍ର କୁମାର ସାହୁଙ୍କୁ ସମ୍ମାନିତ କରାଯାଇଥିଲା । "ଉତ୍କର୍ଷ' କାର୍ଯ୍ୟକ୍ରମ ମାଧ୍ୟମରେ ମିଳିଥିବା ସମର୍ଥନ ପାଇଁ କୃତୀମାନେ ଜିନ୍ଦଲ ଫାଉଣ୍ଡେସନକୁ କୃତଜ୍ଞତା ଜଣାଇଥିଲେ । ସମ୍ବର୍ଦ୍ଧନା ଉତ୍ସବରେ ଜିନ୍ଦଲ ଫାଉଣ୍ଡେସନର ଅନୁଗୋଳ ସିଏସଆର ବିଭାଗ ମୁଖ୍ୟ ଜୟନ୍ତ କୁମାର ମହାନ୍ତି ଏବଂ ଅନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ୨୦୨୧-୨୨ରେ ଆରମ୍ଭ ହୋଇଥିବା "ଉତ୍କର୍ଷ' ପଦକ୍ଷେପ ଜରିଆରେ ପ୍ରତିବର୍ଷ ୫୦୦ ଛାତ୍ରଛାତ୍ରୀଙ୍କୁ ମାଗଣା କୋଚିଂ ପ୍ରଦାନ କରାଯାଉଛି । ଆଜିପର୍ଯ୍ୟନ୍ତ ୨୦୦୦ରୁ ଅଧିକ ଛାତ୍ରଛାତ୍ରୀ ଉପକୃତ ହୋଇଛନ୍ତି ।

## ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

ଖମାର,୧୧ ।୧୨(ସମିସ): ଖମାର ଥାନା ପରାଛାଟ ପଞ୍ଚାୟତ ଉଚ୍ଚ ବିଦ୍ୟାପୀଠର ୩୧ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ପ୍ରଧାନଶିକ୍ଷକ ସଦାନନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ବବିତା ଘଟୁଆରି, ମୁଖ୍ୟବକ୍ତା ରୂପେ ବ୍ୟାଙ୍କ୍ ଅଫ ବରୋଦାର ମୁଖ୍ୟ ପରିଚାଳକ ଅନିଲ କୁମାର ପାତ୍ର, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦେବରାଜ ଘଟୁଆରି, ଅବସରପ୍ରାପ୍ତ ଖେଳ ଶିକ୍ଷକ ପରମାନନ୍ଦ ବେହେରା, ପ୍ରଧାନଶିକ୍ଷକ ବିଜୟ କୁମାର ସାହୁ ମଞ୍ଚାସୀନ ଥିଲେ । ଶିକ୍ଷକ ପ୍ରଶାନ୍ତ କୁମାର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ରାମନାଥ ରାଉଳ ଧନ୍ୟବାଦ ଦେଇଥିଲେ । ଖେଳ ଶିକ୍ଷକ ନୀଳକଣ୍ଠ ବେହେରା ଓ ପରମାନନ୍ଦ ବେହେରାଙ୍କ ନେତୃତ୍ୱରେ ବାଳକ ଓ ବାଳିକାଙ୍କ ମଧ୍ୟରେ ବିଭିନ୍ନ ବର୍ଗରେ ଖେଳ ଅନୁଷ୍ଠିତ ହୋଇଥିଲା । ଶିକ୍ଷକ ଅଜୟ କୁମାର ସାହୁ, ଦେବେନ୍ଦ୍ର ଗଡ଼ନାୟକ, ପୂର୍ଣ୍ଣଚନ୍ଦ୍ର ବେହେରା, ସୁନୀଲ କୁମାର ଗଡ଼ନାୟକ, ରୀନା ମହାନ୍ତି, ସୌଦାମିନୀ ସାମଲ, ଧୋବେଇ ବେହେରା, ଅଯୋଧ୍ୟା ବେହେରା, କର୍ମଚାରୀ କଳାକାର ସାହୁ ଓ ରମେଶ ବେହେରା ସହଯୋଗ ଥିଲେ । ଶୁକ୍ରବାର ଏହି କ୍ରୀଡ଼ା ଉତ୍ସବ ଉଦଯାପିତ ହେବ ।




## ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଭୂମିପୂଜନ

ନାଲକୋ ନଗର,୧୧ ।୧୨(ସମିସ): ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନାଲକୋ କର୍ପୋରେଟ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟ ହିସାବରେ କୁରୁଡୋଲ ପଞ୍ଚାୟତ ନୂଆହତା ଗ୍ରାମରେ ମଙ୍ଗଳବାର ପୂର୍ବାହ୍ନରେ ବିଭିନ୍ନ ପ୍ରକଳ୍ପର ଉଦଘାଟନ ଓ ଭୂମିପୂଜନ ଅନୁଷ୍ଠିତ ହୋଇଛି । କୁରୁଡୋଲ ଗ୍ରାମରେ ୧୭ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟରେ ନିର୍ମିତ ଶ୍ମଶାନଘାଟ, ବିଶ୍ରାମ ଗୃହ ସହ ପାଚେରିର ଉଦଘାଟନ କରାଯାଇଛି । ନାଲକୋର ନିର୍ବାହୀ ନିର୍ଦ୍ଦେଶକ ସଚ୍ଚିଦାନନ୍ଦ ଜେନା ଓ ପ୍ରଶାସନିକ ଅଧିକାରୀ ରାଜାରାମ ମିଶ୍ର ଏହାକୁ ଉଦଘାଟନ କରିଥିଲେ । ଏତଦବ୍ୟତୀତ କୁରୁଡୋଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାଳକ ବାଳିକାଙ୍କ ପାଇଁ ଶୌଚାଳୟ, ଦଣ୍ଡା ଛକରୁ କରବେରେଣୀ ରେଲୱେ ଲାଇନ୍ ଏବଂ ଏକାଦଶିଆ ଜାଗାଠାରୁ କରବେରେଣୀ ଶ୍ମଶାନଘାଟ ପର୍ଯ୍ୟନ୍ତ ୪୨ ଲକ୍ଷ ଟଙ୍କା ବ୍ୟୟରେ ବିଭିନ୍ନ ନିର୍ମାଣ କାର୍ଯ୍ୟର ଭୂମିପୂଜନ କରିଥିଲେ । ନୂଆହତା ଗ୍ରାମ ଚୌପାଢ଼ି ଛକରୁ ନୂଆହତା ଛକ ପର୍ଯ୍ୟନ୍ତ ୧୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଡ୍ରେନର ଭୂମିପୂଜନ ମଧ୍ୟ କରିଥିଲେ । ଗ୍ରାମାଞ୍ଚଳର ବିକାଶରେ ନାଲକୋର ସହଯୋଗକୁ ଗ୍ରାମବାସୀ ପ୍ରଶଂସା କରିଛନ୍ତି ।



## ବଳରାମ କୋଇଲା ଖଣିରୁ କୋଇଲା ଚୋରି

ତାଳଚେର,୧୧ ।୧୨(ସମିସ): ତାଳଚେର ବଳରାମ କୋଇଲା ଖଣିରେ କୋଇଲା ଚୋରା ଚାଲାଣ ବେଳେ ଖଣିର ଲୋଡିଂ ଅଧିକାରୀ ଏକ ଟ୍ରକକୁ ଧରିଛନ୍ତି । ବିନା ଡିଓ ସ୍ଲିପରେ ଖଣି ଭିତରକୁ ଏକ ଟ୍ରକ ପ୍ରବେଶ କରିଥିବା କୌଣସି ସୂତ୍ରରୁ ଖବର ପାଇ ଲୋଡିଂ ଅଧିକାରୀ ସମସ୍ତ ଟ୍ରକ୍ ଯାଞ୍ଚ କରିଥିଲେ । ଓଡି୧୪-ଡବ୍ଲ୍ୟୁ୬୦୧୮ ନଂ ଟ୍ରକର ଲୋଡିଂ ସ୍ଲିପ୍ ନ ଥିବା ଜଣାପଡ଼ିଥିଲା । ଲୋଡିଂ ଅଧିକାରୀ ଚାଳକଙ୍କୁ ସ୍ଲିପ୍ ମାଗିବାରୁ ସେ ଟ୍ରକ୍ ଛାଡ଼ି ଦୌଡ଼ି ପଳାଇଥିଲେ । ଏ ନେଇ ଅଧିକାରୀଙ୍କ ସନ୍ଦେହ ବଢ଼ିଥିଲା । ପରେ ଉକ୍ତ ଟ୍ରକ୍ ବାବଦରେ ଖଣିର ଏଣ୍ଟ୍ରି ପଏଣ୍ଟ ଯାଞ୍ଚ କରାଯାଇଥିଲା । ସେଠାରେ ଉକ୍ତ ଟ୍ରକ୍ କୌଣସି ଡିଓ, ସ୍ଲିପ ନ ନେଇ ଖଣି ଭିତରେ ପ୍ରବେଶ କରିଥିଲା । ଏ ସମ୍ପର୍କରେ ଖଣିର ଉଚ୍ଚ ଅଧିକାରୀଙ୍କୁ ଅବଗତ କରାଯାଇଥିଲା । ପରେ ବଳରାମ କୋଇଲା ଖଣିରେ ସରଫେସ ଅପରେଟର ଭାବେ କାର୍ଯ୍ୟ କରୁଥିବା ଉକ୍ତ ଟ୍ରକ୍ ମାଲିକଙ୍କ ସ୍ୱାମୀଙ୍କର ଏଥିରେ ସମ୍ପୃକ୍ତି ଥିବା ଜଣାପଡ଼ିଥିଲା । ଏହି ଘଟଣାରେ ଆଉକିଏ କିଏ ସମ୍ପୃକ୍ତ ଅଛନ୍ତି ତାହାର ତଦନ୍ତ କରାଯିବ ବୋଲି ଖଣିର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ।

## ଅନୁଗୋଳ ଡାକ୍ତରଖାନାରେ ଅତ୍ୟାଧୁନିକ ପରୀକ୍ଷାଗାର ଉଦ୍‌ଘାଟିତ

ଅନୁଗୋଳ,୧୧ ।୧୨(ସମିସ): ବୁଧବାର ପୂର୍ବାହ୍ନରେ ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜ୍ ଓ ହସ୍ପିଟାଲ ପରିସରରେ ଏକ ଅତ୍ୟାଧୁନିକ ପରୀକ୍ଷାଗାର ଉଦଘାଟିତ ହୋଇଛି । ଜିଲ୍ଲାପାଳ ଅବ୍ଦାଲ ଏମ ଅଖତର ଏହାକୁ ଉଦଘାଟନ କରିଛନ୍ତି । କଲେଜ ପ୍ରିନ୍ସିପାଲ, ସୁପରିନଟେଣ୍ଡେଣ୍ଟଙ୍କ ସମେତ ସିଡିଏମ୍‌ଓ ଡ଼ା. ମଦନ ମୋହନ ପ୍ରଧାନ ଉପସ୍ଥିତ ଥିଲେ । ଜିଲ୍ଲାପାଳ ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କୁ ଉତ୍ତମ ଜ୍ଞାନ ଆହରଣ କରି ଭବିଷ୍ୟତରେ ରୋଗୀସେବା କରିବା ପାଇଁ ଦିଗ୍‌ଦର୍ଶନ ଦେଇଥିଲେ । ଏହି ପରୀକ୍ଷାଗାରରେ ସମସ୍ତ ପ୍ରକାର ବାୟୋ କେମିକାଲ ଟେଷ୍ଟ ଏବଂ ଅନ୍ୟାନ୍ୟ ପରୀକ୍ଷା କରାଯିବ ।



## ବଇଣ୍ଡାରେ ବିଭିନ୍ନ ଟ୍ରେନ ରହଣି ପାଇଁ ଦାବିପତ୍ର



କିଶୋରନଗର, ୧୧ ।୧୨(ସମିସ): କରୋନା ପୂର୍ବରୁ ରହୁଥିବା ବଇଣ୍ଡାରେ ସମସ୍ତ ଟ୍ରେନର ପୁନର୍ବାର ରହଣି ପାଇଁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଉଦ୍ଦେଶ୍ୟରେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ପାର୍ଲାମେଣ୍ଟ ଚାଲିଥିବା ଅନୁଗୋଳ ଜିଲ୍ଲା ବିଜେପି କୃଷକ ମୋର୍ଚ୍ଚା ସାଧାରଣ ସମ୍ପାଦକ ଇଂ ପ୍ରବୀଣ ସାହୁ ସାଂସଦ ପାଣିଙ୍କୁ ଏହି ଦାବିପତ୍ର ପ୍ରଦାନ କରିଛନ୍ତି । ଏଥିସହ ମୋବାଇଲ ସେବାରୁ ବଞ୍ଚିତ ଅନୁଗୋଳ ଜିଲ୍ଲାର ଅଖରକଟା, ଫୁଲୁରୀବଣିଆ, ଆମ୍ବସରମୁଣ୍ଡା, ମଇମୁରା, ହାଁସଲା, କୃତିବାସପୁର, ନାବାଦୀପପୁର, ରାଜିଙ୍ଗ, ହିଞ୍ଜାଗୋଳା ଆଦି ଗ୍ରାମରେ ବିଏସଏନ୍‌ଏଲ ଟାୱାର ନିର୍ମାଣ ପାଇଁ ଦାବି କରିଛନ୍ତି ।

# ଏମସିଏଲ୍ ସିଏମ୍‌ଡି-ଟ୍ରକ ମାଲିକ ସଙ୍ଘ ଆଲୋଚନା

ଅନୁଗୋଳ,୧୧ ।୧୨(ସମିସ)




ତାଳଚେର ଟ୍ରକ ମାଲିକ ସଙ୍ଘ ପ୍ରତିନିଧି ମଣ୍ଡଳୀ ସମ୍ବଲପୁର ଏମସିଏଲ କାର୍ଯ୍ୟାଳୟରେ ସିଏମଡିଙ୍କ ସହ ତାଳଚେର ଟ୍ରକ ସମସ୍ୟା ଉପରେ ଆଲୋଚନା କରିଛନ୍ତି । ତାଳଚେରର ପ୍ରତ୍ୟେକ ଖଣିରେ ରୋଡ୍‌ସେଲ କୋଇଲା ପରିମାଣ ବୃଦ୍ଧି, ୧୦୦ କିଲୋମିଟର ଭିତରେ ଥିବା ଫ୍ୟାକ୍ଟ୍ରିଗୁଡ଼ିକୁ ୭୦ ପ୍ରତିଶତ ଓ ୧୦୦ କିମିରୁ ଊର୍ଦ୍ଧ୍ୱ ପ୍ଲାଣ୍ଟକୁ ୪୦ ପ୍ରତିଶତ ଟ୍ରକ ଯୋଗେ କୋଇଲା ପରିବହନ କରିବା, ୬୦ କିଲୋମିଟର ଭିତରେ ରେଲୱେ କୋଲ ସାଇଡିଂ ବନ୍ଦ କରାଯିବା ଓ ନୂତନ ସାଇଡିଂ ପାଇଁ ଅନୁମତି ନ ଦେବା, ରେଲ ଅକ୍ସନ ପରିମାଣକୁ କମାଇ ଅଧିକ ପରିମାଣରେ ରୋଡ୍ ସେଲ ଅକ୍ସନ ବଢ଼ାଇବା, ସମସ୍ତ ଖଣିରେ ଲୋଡର ସମସ୍ୟା, ରୋଡ୍ ସେଲରେ ଭଲ କୋଇଲା ଦେବା ଆଦି ବିଷୟରେ ଆଲୋଚନା ହୋଇଥିଲା । ଏ ନେଇ ସିଏମଡି କହିଲେ ଯେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ତାଳଚେର ଟ୍ରକ ସମସ୍ୟା ଉପରେ ପଦକ୍ଷେପ ନେଇ ହିଙ୍ଗୁଳା ମାଇନ୍ସ ପାଇଁ ୫ ଲକ୍ଷ୍ୟ ଟନ କୋଇଲା ଅକ୍ସନ ସମ୍ପର୍ଣ୍ଣ ହୋଇଛି । ଆଗାମୀ ଅଫରରେ ସମସ୍ତ ଖଣିପାଇଁ ପୂର୍ବାପେକ୍ଷା ରୋଡ୍‌ସେଲ ମାଧ୍ୟମରେ ଦୁଇଗୁଣ କୋଇଲା ଅକ୍ସନ ଦିଆଯିବ । ରୋଡ୍‌ସେଲରେ ଭଲ କୋଇଲା ଯୋଗାଇ ଦେବାରେ ଗୁରୁତ୍ୱ ଦେବା, ସମସ୍ତ ଖଣିର ଲୋଡର ସମସ୍ୟା ପାଇଁ ପଦକ୍ଷେପ ନିଆଯାଇଛି ଏବଂ ଆଗକୁ ଅନ୍ୟାନ୍ୟ ସମସ୍ୟା ଉପରେ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ । ଟ୍ରକ ମାଲିକ ସଙ୍ଘ ଉପଦେଷ୍ଟା ରାଜେନ୍ଦ୍ର ସିଂ, ସଭାପତି ଦିଲୀପ ପାଣି, ସାଧାରଣ ସମ୍ପାଦକ ପ୍ରକାଶ ମହାରଣା, କାର୍ଯ୍ୟକାରୀ ସଭାପତି ନିରଞ୍ଜନ ପ୍ରଧାନ, ପୂର୍ବତନ ସାଧାରଣ ସମ୍ପାଦକ ଫିରୋଜ ପ୍ରଧାନ, କୋଷାଧ୍ୟକ୍ଷ ମଦନମୋହନ ମହାପାତ୍ର, ସମୀକ୍ଷକ ସରୋଜ ସାହୁ, ଉପସଭାପତି ଶ୍ରୀଚନ୍ଦନ ପ୍ରଧାନ, ସହ-ସମ୍ପାଦକ ଜିତେନ୍ଦ୍ର ରାଉତ, କର୍ମକର୍ତ୍ତା ଅରୁଣ ପ୍ରଧାନ, ହୃଦୟ ଭୂତିଆ, ଉଗ୍ରସେନ ପ୍ରଧାନ, କାଳୀଚରଣ ସାହୁ, ପ୍ରମୋଦ ସାହୁ, ଅକ୍ଷୟ କୁମାର ମିଶ୍ର, ଏମଡି ସାଗିର, ବାପେନ୍ଦ୍ର ସିଂ, ଗଣେଶ୍ୱର ଭୂତିଆ, ବରୁଣ ବିଶ୍ୱାଳ, ଯୁଗଳ ସାହୁ, ଧୀରେନ ଲେଙ୍କା, ବୁବୁନ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ । ସମସ୍ୟା ସମାଧାନର ସୂତ୍ରଧର କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କୁ ଟ୍ରକ ମାଲିକ ପ୍ରତିନିଧି ମଣ୍ଡଳୀ କୃତଜ୍ଞତା ଜ୍ଞାପନ କରିଛନ୍ତି ।

## ଜରାଜୀର୍ଣ୍ଣ ଅବସ୍ଥାରେ ଯାତ୍ରୀ ବିଶ୍ରାମାଗାର



କିଶୋରନଗର,୧୧ ।୧୨(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଉପଖଣ୍ଡ ଅଖରକଟା ଛକରେ ଥିବା ଯାତ୍ରୀ ବିଶ୍ରାମାଗାର ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି । ଏହି ଯାତ୍ରୀ ବିଶ୍ରାମାଗାର ଦୀର୍ଘ ୨୦ ବର୍ଷ ପୂର୍ବେ ତିଆରି ହୋଇଥିଲା । ପରିତାପର ବିଷୟ ବର୍ଷା ଦିନେ ପାଣି ପଶିଯାଉଛି. ଅଧା ଅତଡ଼ା ଖସିଗଲାଣି. କଲର ଛାଡି ଗଲଣି. ଏ ରାସ୍ତା ଦେଇ ଚାରିଟି ବସ ଯାତାୟତ କରୁଥିବା ବେଳେ. ଜନ ସାଧାରଣ ବିଶ୍ରାମ ନେଇଥାନ୍ତି. କିନ୍ତୁ ବିଶ୍ରାମ ଘର ଏତେ ଅଳିଆ ହୋଇ ପଡିଛି କି ବସିବା ପାଇଁ ଯାତ୍ରୀ ମାନେ ଅମଙ୍ଗ ହୋଇ ଗଛ ତଳେ ଗାଡିକୁ ଅପେକ୍ଷା କରି ବସୁଛନ୍ତି ।

## ମନ୍ଦିର ପୂଜକଙ୍କ ପରଲୋକ



ବଇଣ୍ଡା,୧୧ ।୧୨(ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ହଣ୍ଡପା ଥାନା ହଣ୍ଡପା ମା' ମାହେଶ୍ୱରୀ ମନ୍ଦିର ପୂଜକ ଧୁବେଇ ଦେହୁରିଙ୍କର ଗୁରୁବାର ସକାଳେ ତାଙ୍କ ବାସଭବନରେ ପରଲୋକ ହୋଇଛି । ସେ କିଛିଦିନ ହେବ ଅସୁସ୍ଥ ଥିଲେ । ତାଙ୍କ ପରଲୋକ ଖବର ପ୍ରଚାର ହେବା ପରେ ବହୁ ଲୋକେ ପହଞ୍ଚି ଶେଷଦର୍ଶନ କରିଥିଲେ । ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

## 'ଆଗେଇବା' ପକ୍ଷରୁ ପାଠକ କର୍ମଶାଳା


କଣିହାଁ,୧୧ ।୧୨(ସମିସ): କଣିହାଁ ଆମ ପ୍ରତିଭା ଆମ ପରିଚୟ ଭବନରେ 'ଆଗେଇବା' ଖବରକାଗଜ ପକ୍ଷରୁ ପାଠକ କର୍ମଶାଳା ଅନୁଷ୍ଠିତ ହୋଇଛି । ଆଗେଇବାର ସମ୍ପାଦକ ପ୍ରାକ୍ତନ ସାଂସଦ ମହେଶ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କର୍ମଶାଳାରେ 'ବିକାଶର ପ୍ରୟାସ-ଆମ ପରିଚୟ କଣିହାଁ' ଶୀର୍ଷକ ଆଲୋଚନା ହୋଇଥିଲା । ଏଥିରେ ଅଞ୍ଚଳର ବୁଦ୍ଧିଜୀବୀ, ଶିକ୍ଷାବିତ, ସାମ୍ବାଦିକ ଉପସ୍ଥିତ ରହି ଆଲୋଚନା କରିଥିଲେ । ମୁଖ୍ୟଅତିଥି ଭାବେ ଅନୁଗୋଳ-ଢେଙ୍କାନାଳ ଏୟୁସିସି ବ୍ୟାଙ୍କ ସଭାପତି ସନ୍ତୋଷ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ କଣିହାଁ ବିଇଓ ଡ. ସୁମନ୍ତ ପଟେଲ, କଣିହାଁ କଲେଜର ଅଧ୍ୟାପକ ଧନେଶ୍ୱର ସାହୁ, ଅବସରପ୍ରାପ୍ତ ପ୍ରାଧ୍ୟାପକ ବିଶ୍ୱନାଥ ମିଶ୍ର, ଶିକ୍ଷାବିତ ସୁକାନ୍ତ ପ୍ରଧାନ, ଦାଶରଥି ଜେନା, ଜିଲ୍ଲାପରିଷଦ ସଭ୍ୟ ରଞ୍ଜନ ସାହୁ, କଣିହାଁ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଜୟନ୍ତୀ ପ୍ରଧାନ, ଗଦାଶିଳା ସରପଞ୍ଚ ବୃନ୍ଦାବନ ପ୍ରଧାନ, କଣିହାଁ ପ୍ରେସ କ୍ଲବ ସାଧାରଣ ସମ୍ପାଦକ ରଞ୍ଜନ କୁମାର ମିଶ୍ର ପ୍ରମୁଖ ଯୋଗଦେଇ ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ । କଣିହାଁର ବିକାଶ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ରାଜନୀତିରୁ ଊର୍ଦ୍ଧ୍ୱରେ ରହି ଅଞ୍ଚଳର ବିଭିନ୍ନ ସମସ୍ୟା ଆଗେଇବାରେ ପ୍ରକାଶ ପାଉଛି । ପ୍ରଜା-ପ୍ରଶାସନ-ପ୍ରତିନିଧିଙ୍କୁ କ୍ରିୟାଶୀଳ କଲେ ବିକାଶ ସମ୍ଭବ । ଏଥିପାଇଁ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରାକ୍ତନ ସାଂସଦ ତଥା ସମ୍ପାଦକ ସାହୁ କହିଥିଲେ । ସାମ୍ବାଦିକ ନିର୍ମଳ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଏନ୍‌ଏଚ୍‌ଏଆଇର ମନମୁଖି କାର୍ଯ୍ୟ ବିରୋଧରେ ପ୍ରଜାମେଳି



ବଁଅରପାଳ,୧୧ ।୧୨(ସମିସ): ବଁଅରପାଳ ବ୍ଲକ ନିକଟ ଜାତୀୟ ରାଜପଥ ପାର୍ଶ୍ୱର କ୍ଷତିଗ୍ରସ୍ତ ପ୍ରଜା ନିଜର ଉଚିତ୍ ପ୍ରାପ୍ୟ ପାଇଁ ମେଳି କରିଛନ୍ତି । କ୍ଷତିଗ୍ରସ୍ତ ପ୍ରଜାଙ୍କ କହିବା ମୁତାବକ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି କ୍ରମେ ତାଳଚେର ଗୋଡ଼ିବନ୍ଧରୁ ବଁଅରପାଳ ଛକ ଓ ବଁଅରପାଳ ଛକରୁ ନୂଆହତା ପଞ୍ଚାୟତ ପର୍ଯ୍ୟନ୍ତ ଜାତୀୟ ରାଜପଥର ସମ୍ପ୍ରସାରଣ କାର୍ଯ୍ୟ ହେବ । ଏହି ରାସ୍ତାରେ ବାରମ୍ବାର ଦୁର୍ଘଟଣା ଘଟି ଧନଜୀବନ କ୍ଷୟକ୍ଷତି ହେଉଛି । ତେଣୁ ଏହି କାର୍ଯ୍ୟରେ କ୍ଷତିଗ୍ରସ୍ତ ପ୍ରଜା ପ୍ରତିବନ୍ଧକ ସାଜିବେ ନାହିଁ । କିନ୍ତୁ ଜାତୀୟ ରାଜପଥ ବିଭାଗ ଜାଗା ଅଧିଗ୍ରହଣ ପାଇଁ ବେଆଇନ କାର୍ଯ୍ୟପନ୍ଥା ଗ୍ରହଣ କରୁଛି । ଯାହାଦ୍ୱାରା କ୍ଷତିଗ୍ରସ୍ତ ପ୍ରଜା ନିଜର କ'ଣ କ୍ଷୟକ୍ଷତି ହେଉଛି ତାହାର କୌଣସି ସନ୍ଧାନ ପାଇପାରୁ ନାହାନ୍ତି । ଅନ୍ୟପକ୍ଷରେ ଜାତୀୟ ରାଜପଥ ବିଭାଗ ପକ୍ଷରୁ କେବେ ପ୍ରେସବିଜ୍ଞପ୍ତି ଜାରି ହୋଇନାହିଁ । ଗ୍ରାମରେ ବୈଠକ ବସିନାହିଁ । ଆଇନ ଅନୁଯାୟୀ ଫୋର ୱାନ, ସିକ୍ସ ୱାନ, ଯେଉଁ ନୋଟିସ ଜାରି କରାଯାଏ ତାହା ମଧ୍ୟ କରାଯାଇ ନାହିଁ । ଜାତୀୟ ରାଜପଥ ବିଭାଗ ଅଧିକାରୀମାନେ ଘର ଘର ବୁଲି ନୋଟିସ ଦେଇ ଜୋରଜବରଦସ୍ତ ଦସ୍ତଖତ କରିବା ପାଇଁ ଭୟଭୀତ କରାଉଥିବାରୁ ଗ୍ରାମବାସୀ କ୍ଷୟକ୍ଷତିର କୌଣସି ସୂଚନା ପାଉନାହାନ୍ତି । ଏ ନେଇ କ୍ଷତିଗ୍ରସ୍ତ ପ୍ରଜା ଏକ ବୈଠକ କରି ଜିଲ୍ଲାପାଳଙ୍କୁ ଅଭିଯୋଗ କରିବେ ବୋଲି ସୂଚନା ଦେଇଛନ୍ତି ।

ଜିଲ୍ଲା ସଂସ୍କୃତି ପରିଷଦ, ନବରଙ୍ଗପୁର
ବାର୍ତ୍ତା
ମଣ୍ଡେଇ
ମହୋତ୍ସବ-୨୦୨୫ର ଶୁଭକାମନା



ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ନବରଙ୍ଗପୁର ଜିଲ୍ଲାର କଳା, ସଂସ୍କୃତି, ଐତିହ୍ୟ ଓ ପରମ୍ପରାର ସାଂସ୍କୃତିକ ଉତ୍ସବ "ମଣ୍ଡେଇ ମହୋତ୍ସବ-୨୦୨୫" ଏବଂ "ପଲ୍ଲୀଶ୍ରୀ ମେଳା" ମହା ଉଲ୍ଲାସ ଓ ଉଦ୍ଦୀପନା ମଧ୍ୟରେ ସ୍ଥାନୀୟ ନୂତନ ମଣ୍ଡେଇ ପଡିଆ ହିଲ୍ଲି ଠାରେ ଆସନ୍ତା ଡ଼ିସେମ୍ବର ୧୨ ତାରିଖ ରୁ ୧୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ସମଗ୍ର ଜିଲ୍ଲାର ଭିନ୍ନ ଭିନ୍ନ ଅଞ୍ଚଳର ନୃତ୍ୟ, ସଙ୍ଗୀତ, ବାଦ୍ୟ, ଲୋକଗୀତ ତଥା ସଂସ୍କୃତିକୁ ନିଜସ୍ୱ ଢଙ୍ଗରେ ବଞ୍ଚେଇ ରଖିବା ଏବଂ ଏହାର ପ୍ରଚାର ପ୍ରସାର ଦିଗରେ "ମଣ୍ଡେଇ" ଏକ ବଳିଷ୍ଠ ମଞ୍ଚ ଯାହା କେବଳ ରାଜ୍ୟ କାହିଁକି ସାରା ଭାରତ ବର୍ଷରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ମହୋତ୍ସବର ଅନ୍ୟତମ ଆକର୍ଷଣ "ପଲ୍ଲୀଶ୍ରୀ ମେଳା" ରାଜ୍ୟ ତଥା ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, କାରିଗରଙ୍କ ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେବା ସହ "ମଣ୍ଡେଇ ସ୍ମରଣିକା" ପ୍ରକାଶନ ପାଠକମାନଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିବ ବୋଲି ଆଶା କରୁଛି ।

ଏହି ଅବସରରେ ମୁଁ ନବରଙ୍ଗପୁର ଜିଲ୍ଲାର ସମସ୍ତ ଭାଇଭଉଣୀଙ୍କୁ ମଣ୍ଡେଇ-୨୦୨୫ର ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ ସହ ଏହି ସାଂସ୍କୃତିକ ମହୋତ୍ସବରେ ବହୁ ସଂଖ୍ୟାରେ ଯୋଗଦେଇ ସମସ୍ତ କାର୍ଯ୍ୟକ୍ରମକୁ ଉପଭୋଗ କରିବା ପାଇଁ ସ୍ୱାଗତ କରୁଛି ।


ଡ଼ଃ ମହେଶ୍ୱର ସ୍ୱାଇଁ
ଜିଲ୍ଲାପାଳ ତଥା
ଜିଲ୍ଲା ମାଜିଷ୍ଟ୍ରେଟ
ନବରଙ୍ଗପୁର ଜିଲ୍ଲା


କପିଳେନ୍ଦ୍ର ସାସମଲ୍
ସମ୍ପାଦକ
ନିୟନ୍ତ୍ରିତ ବଜାର କମିଟି
ନବରଙ୍ଗପୁର ଜିଲ୍ଲା


ପ୍ରକାଶ କୁମାର ମିଶ୍ର
ଉପ-ଜିଲ୍ଲାପାଳ ତଥା
ଅଧ୍ୟକ୍ଷ ନିୟନ୍ତ୍ରିତ ବଜାର କମିଟି
ନବରଙ୍ଗପୁର ଜିଲ୍ଲା

# ଜିଲ୍ଲା ତୈଳିକ ବୈଶ୍ୟ ସମାଜର ସମାବେଶ



କେନ୍ଦ୍ରାପଡ଼ା,୧୧।୧୨(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ତୈଳିକ ବୈଶ୍ୟ ସମାଜର ସମାବେଶ ଗୁରୁବାର ସ୍ଥାନୀୟ ଗୌରୀଶଙ୍କର ସଭାଗୃହରେ ଅନୁଷ୍ଠିତ ହୋଇଛି। ଜିଲ୍ଲା ସଭାପତି ସରୋଜ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନିଖିଳ ଉତ୍କଳ ତୈଳିକ ମହାସଂଘ ସଭାପତି ତଥା ପୂର୍ବତନ ବିଧାୟକ ରଘୁନାଥ ସାହୁ ଯୋଗଦେଇ ତୈଳିକ ସଂଘର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିବା ସହ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉପସ୍ଥାପନ କରିଥିଲେ। ବିଶିଷ୍ଟ ଅତିଥି ଭାବରେ ଭୁବନେଶ୍ୱରର ପ୍ରାଧ୍ୟାପକ ଡ. ରାଜନ କୁମାର ସାହୁ ଯୋଗଦେଇ ପୁରୀରେ ଥିବା ରାଜ୍ୟ ତୈଳିକ ସଂଘର କୁବେର ଗୃହ ତଥା ଧର୍ମଶାଳାର ପୁନରୁଦ୍ଧାର କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଏହି ଉପଲକ୍ଷେ ୧୦ ସଦସ୍ୟଙ୍କୁ ନେଇ ଏକ କମିଟି ଗଠନ କରାଯାଇଛି। ସମ୍ପାଦକ ଶ୍ରୀକାନ୍ତ ନାୟକ ଜିଲ୍ଲାର ୯ ବ୍ଲକରେ ତୈଳିକ ସଂଗଠନ କିପରି ସୁଦୃଢ଼ ହେବ ସେ ନେଇ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ପୂର୍ବତନ କେନ୍ଦ୍ରାପଡ଼ା ପୌରାଧ୍ୟକ୍ଷ ବରିଷ୍ଠ ସଭ୍ୟ ଧୀରେନ ସାହୁ, ରାଜନଗର ବ୍ଲକର ସଦସ୍ୟ ଅରୁଣ କୁମାର ସାହୁ, ତ୍ରିଲୋଚନ ସାହୁ, କେନ୍ଦ୍ରାପଡ଼ାର ଭରତ ଚନ୍ଦ୍ର ସାହୁ, କୁଳମଣି ନାୟକ ପ୍ରମୁଖ ଯୋଗଦେଇ ସାମଜକୁ ମଜବୁତ କରିବା ପାଇଁ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରାଙ୍କ ତରଫରୁ ଆଲୋକ କୁମାର ସାହୁ ମହାସଂଘ ସଭାପତି ରଘୁନାଥ ସାହୁଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଆସନ୍ତା ଜାନୁଆରୀ ତୃତୀୟ ରବିବାର ରାଜନଗରରେ ବୈଠକ ହେବା ପଇଁ ସ୍ଥିର କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ହେମନ୍ତ ସାହୁ, ସରୋଜ ସାହୁ, ବିଜୟ ସାହୁ, ନାରାୟଣ ସାହୁ, ଦୀପକ ସାହୁ, ଭରତ ସାହୁ, ଦୀନବନ୍ଧୁ ସାହୁ, ଲକ୍ଷ୍ମୀକାନ୍ତ ନାୟକ, ନିତ୍ୟାନନ୍ଦ ସାହୁଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ମଣ୍ଡଳସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ

# ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ଶକ୍ତିର ବିକାଶ କରୁଛି ବିଜ୍ଞାନ ମେଳା

ଡେରାବିଶ/ପଞ୍ଚୁପାଣ୍ଡବ,୧୧।୧୨(ସମିସ):



ଡେରାବିଶ ମଣ୍ଡଳସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଓ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଗୁରୁବାର କୁରୁଜଙ୍ଗାସ୍ଥିତ ଆଦର୍ଶ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ଡେରାବିଶ ବିଇଓ ନାରାୟଣ ପ୍ରସାଦ ମନ୍ତ୍ରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟାର ଯୋଗଦେଇ ବିଜ୍ଞାନ ପ୍ରଦର୍ଶନୀ ଓ ରଷ୍ଟ୍ରୀୟ ଆବିଷ୍କାର ଅଭିଯାନ କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରଛାତ୍ରୀମାନଙ୍କ ଅନ୍ତର୍ନିହିତ ଶକ୍ତିର ବିକାଶ ଘଟୁଛି ବୋଲି କହିଥିଲେ। ପ୍ରାରମ୍ଭରେ ଜିଲ୍ଲାପାଳ ଆୟର ବିଦ୍ୟାଳୟ ପରିସରର ମୁଖ୍ୟ ଦ୍ୱାରରେ ଏକ ଗଣେଶଙ୍କ ମୂର୍ତ୍ତିକୁ ପୂଜାର୍ଚ୍ଚନା କରି ଉଦ୍‌ଘାଟନ କରିବା ସହିତ ବିଦ୍ୟାଳୟର ଫଟୋ ଗ୍ୟାଲେରୀ ଉନ୍ମୋଚନ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ଡ. ପ୍ରଭାତ କୁମାର ଲେଙ୍କା, ବିଶିଷ୍ଟ ଅତିଥି ଭାବେ ଡେରାବିଶ ବିଡିଓ ନମିତା ବାରିକ, ସମ୍ମାନିତ ଅତିଥିଭାବେ ନୋଡାଲ ପ୍ରଧାନ ଶିକ୍ଷୟିତ୍ରୀ ଡ. କାନନବାଳା ନାୟକ, ଏବିଇଓ ଦେବଦତ୍ତ ଶତପଥୀ ଓ ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ପ୍ରିୟବ୍ରତ ସ୍ୱାଇଁ ଯୋଗଦେଇ ଛାତ୍ରଛାତ୍ରୀ ବିଜ୍ଞାନ ମନସ୍କ ହେବାକୁ ପରାମର୍ଶ ଦେଇଥିଲେ।

ଶିକ୍ଷକ ରାମଚନ୍ଦ୍ର ଆଚାର୍ଯ୍ୟ ବେଦପାଠ କରିଥିବା ବେଳେ ଈଶ୍ୱର ଚନ୍ଦ୍ର ପୃଷ୍ଟି ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ସେକ୍ ନିଆଜୁଦ୍ଦିନ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଅତିଥିମାନେ ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଦ୍ୱାରା ପ୍ରସ୍ତୁତ ୧୮୯ ବିଜ୍ଞାନ ପ୍ରକଳ୍ପ ବୁଲି ଦେଖିଥିଲେ।

ଅପରାହ୍ନରେ ବିଇଓ ମନ୍ତ୍ରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ପ୍ରଭାତି ମଳିକ, ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ଡ. ନିରଞ୍ଜନ ପରିଡ଼ା, ସମ୍ମାନିତ ଅତିଥିଭାବେ କୁରୁଜଙ୍ଗା ସରପଞ୍ଚ ମିନତି ସାମଲ, ସମିତିସଭ୍ୟ କୃଷ୍ଣଚନ୍ଦ୍ର ସାହୁ, ଏବିଇଓ ସଚିକାନ୍ତ ମିଶ୍ର, ଖଗେଶ୍ୱର ନାୟକ, ନୋଡାଲ ସିଆରସିସି ସୁବାସ ଚନ୍ଦ୍ର ପଣ୍ଡା, ସିଆରସିସି ସୁଜାତା ନାୟକ, ଶିକ୍ଷାବିତ୍ ପୀତାବାସ ପଣ୍ଡା, ଚକ୍ରଧର ନାୟକ, ଖଗେଶ୍ୱର ନାଥ, ପ୍ରଶାନ୍ତ କୁମାର ଶତପଥୀ, ବିପିନ ବିହାରୀ ପାତ୍ର ଓ ନିର୍ମଳ ଚନ୍ଦ୍ର ବାରିକ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ବଣ୍ଟନ କରିଥିଲେ। ଏଥିସହିତ ପୂର୍ବାହ୍ନରେ ରାଷ୍ଟ୍ରୀୟ ଅଭିଯାନ ତରଫରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା ହୋଇଥିଲା। ଏଥିରେ କୃତୀ ପ୍ରତିଯୋଗୀଙ୍କୁ ମଧ୍ୟ ଅତିଥି ପୁରସ୍କାର ପ୍ରଦାନ କରିଥିଲେ। ଏହି ପ୍ରଦର୍ଶନୀର ଶ୍ରେଷ୍ଠ ପ୍ରକଳ୍ପଗୁଡ଼ିକ ଜିଲ୍ଲାସ୍ତରୀୟ ପ୍ରଦର୍ଶନୀରେ ପ୍ରଦର୍ଶିତ ହେବ। ସିଆରସିସି ନିର୍ମଳ କୁମାର ଜେନା, ଅୟସକାନ୍ତ ରାଉତ, ପ୍ରମୋଦ କୁମାର ମଲ୍ଲ, ଅକ୍ଷୟ କୁମାର ପୋଥାଳ, ହରେକୃଷ୍ଣ କର, ରମେଶ ଚନ୍ଦ୍ର ପତି, ପ୍ରଶାନ୍ତ ଶତପଥୀ ପ୍ରମୁଖ ସହଯୋଗ କରିଥିଲେ।

# ପୁଣି ମୁଣ୍ଡନେଲା ନିର୍ମାଣାଧୀନ ଜାତୀୟ ରାଜପଥ

**ଶବ ରଖି ଗ୍ରାମବାସୀଙ୍କ ରାସ୍ତାରୋକ**

ଡେରାବିଶ,୧୧।୧୨(ସମିସ): ମରଣଯନ୍ତା ପାଲଟିଛି ନିର୍ମାଣାଧୀନ ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥ। ଏହି ରାସ୍ତାରେ ଦୈନିକ ଦୁର୍ଘଟଣା ଘଟି ଜୀବନ ହାନି ହେଉଥିବା ବେଳେ ଗୁରୁବାର ସନ୍ଧ୍ୟାରେ ଦୁର୍ଘଟଣାରେ ପୁଣି ଜଣେ ବ୍ୟକ୍ତିଙ୍କ ଜୀବନ ଯାଇଛି। ମୃତକ ହେଲେ ଡେରାବିଶ ଥାନା ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ବରାହିଲୋ ଗ୍ରାମର ଅକ୍ଷୟ ମଳିକ (୫୮)। ତେବେ ଏହି ଦୁର୍ଘଟଣା ଘଟାଇଛି ଖୋଦ ରାସ୍ତା ନିର୍ମାଣରେ ବ୍ୟବହୃତ ସିମେଣ୍ଟ ମିକ୍ସଚର ଗାଡ଼ି। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକେ ମୃତଦେହ ରାସ୍ତାରେ ରଖି ରାଜପଥ ଅବରୋଧ କରିଥିବା ଜଣାଯାଇଛି।

ସୂଚନା ଅନୁଯାୟୀ, ଅକ୍ଷୟ ମଳିକ (୫୮) ବରାହିଲୋ ଛକ ନିକଟରେ ରାଜପଥ ପାରି ହେଉଥିବା ବେଳେ ଚଣ୍ଡିଖୋଲ ଅଭିମୁଖେ ଯାଉଥିବା ସିମେଣ୍ଟ ମିକ୍ସଚର ଗାଡ଼ି ତାଙ୍କୁ ଧକ୍କା ଦେଇ ଚଢ଼ିଯାଇଥିଲା। ଘଟଣାସ୍ଥଳରେ ଅକ୍ଷୟଙ୍କ ମୃତ୍ୟୁ ହୋଇଥିଲା। କ୍ଷତିପୂରଣ ଦାବିରେ ଗ୍ରାମବାସୀ ରାଜପଥ ଅବରୋଧ କରିଥିଲେ। ଫଳରେ ଜାତୀୟ ରାଜପଥର ଉଭୟ ପଟରେ ଶହଶହ ଗାଡ଼ି ଅଟକି ରହିଥିଲା। ଡେରାବିଶ ଥାନା ପୁଲିସ୍ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଜବତ କରିଛି। ରାଜପଥ ନିର୍ମାଣ କରୁଥିବା ଠିକା ସଂସ୍ଥାର ମନମାନି ଯୋଗୁଁ ଦୈନିକ ଏପରି ଦୁର୍ଘଟଣା ଘଟି ଶହଶହ ଲୋକଙ୍କ ଜୀବନ ହାନି ଘଟୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

# ଦୁର୍ଘଟଣାରେ ବ୍ୟବସାୟୀଙ୍କ ମୃତ୍ୟୁ

ଡେରାବିଶ,୧୧।୧୨(ସମିସ): କଟକ-ଚାନ୍ଦବାଲି ରାଜ୍ୟ ରାଜପଥର ଖମୋଳ ଛକ ନିକଟରେ ବୁଧବାର ରାତିରେ ଦୁର୍ଘଟଣାଗ୍ରସ୍ତ ଜଣେ ବ୍ୟବସାୟୀଙ୍କ ରାତିରେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ମୃତକ ହେଲେ ରତାଦିଆ ଖଣ୍ଡସାହି ପଞ୍ଚାୟତ ରତାଦିଆ ଗ୍ରାମର ଚତୁର୍ଭୁଜ ବେହେରା (୬୧)। ବୁଧବାର ପୂର୍ବାହ୍ନରେ ଚତୁର୍ଭୁଜ ବାଲିଆରୁ ସାଇକଲ ଯୋଗେ ଘରକୁ ଆସୁଥିବା ବେଳେ ଏକ ଟାଟା ଏସିଇ ଗାଡ଼ି ତାଙ୍କୁ ପଛରୁ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ରତାଦିଆ ସରପଞ୍ଚ ଶିଶିର କୁମାର ସାମଲ, ପୂର୍ବତନ ଖମୋଳ ସମିତିସଭ୍ୟ ଗୌତମ ପରିଡ଼ା ଓ ସମାଜସେବୀ ଯୁଧିଷ୍ଠିର ତ୍ରିପାଠୀ ଚତୁର୍ଭୁଜଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ତାଙ୍କ ମୃତ୍ୟୁ ହୋଇଛି। ଗୁରୁବାର ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଚତୁର୍ଭୁଜ ଚାନ୍ଦୋଳ କଲେଜ ଛକରେ ଏକ ଚା' ବିସ୍କୁଟ ଦୋକାନ କରି ପରିବାର ପ୍ରତିପୋଷଣ କରୁଥିଲେ। ତାଙ୍କ ମୃତ୍ୟୁରେ ଗୁରୁବାର ବଜାରର ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଥିଲା। ଏ ସମ୍ପର୍କରେ ଡେରାବିଶ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ପୁଲିସ୍ ଦୁର୍ଘଟଣା ଘଟାଇଥିବା ଗାଡ଼ି ଜବତ କରି ତଦନ୍ତ ଚଳାଇଛି।



# ଅନ୍ତର୍ଜାତୀୟ ପଶୁ ଅଧିକାର ଦିବସ ପାଳିତ




ରାଜନଗର,୧୧।୧୨(ସମିସ): ସ୍ଥାନୀୟ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ପରିସରରେ ଅନ୍ତର୍ଜାତୀୟ ପଶୁ ଅଧିକାର ଦିବସ ପାଳିତ ହୋଇଛି। ପ୍ରାଣୀ ବିଜ୍ଞାନ ବିଭାଗ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ମେଜର ମନୋରଞ୍ଜନ ମହାନ୍ତି ଉଦଘାଟନ କରିଥିଲେ। ବିଭଗୀୟ ମୁଖ୍ୟ ଅଧ୍ୟାପିକା ଅନୁସୟା ବେହେରା, ଉଦ୍ଭିଦ ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପିକା ରାଜଶ୍ରୀ ସାମନ୍ତ, ଅଧ୍ୟାପକ ଅବିନାଶ ରାଉତ ଯୋଗଦେଇ କହିଲେ, ପଶୁମାନେ ପ୍ରକୃତିର ଅଂଶ ଓ ପରିବେଶ ସନ୍ତୁଳନରେ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି। ପଶୁଙ୍କ ସୁରକ୍ଷା ଆମ ସମସ୍ତଙ୍କ କର୍ତ୍ତବ୍ୟ ହେବା ଉଚିତ ବୋଲି କହିଥିଲେ। ଦୁଇ ବିଭାଗର ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ। ରାଜେଶ କୁମାର ପାତ୍ର ଧନ୍ୟବାଦ ଦେଇଥିଲେ।

# ରାଜକନିକାରେ ହୋଣ୍ଡା ସୋ'ରୁମ୍ ଉଦଘାଟିତ



ରାଜକନିକା,୧୧।୧୨(ସମିସ): ରାଜକନିକା ବ୍ଲକ କଣ୍ଟପଡ଼ା ପଞ୍ଚାୟତ କୋଠସାହି ଛକରେ ବୁଧବାର ହୋଣ୍ଡା ବାଇକ ସୋ'ରୁମ୍ (ଆଶୀର୍ବାଦ ହୋଣ୍ଡା) ଉଦଘାଟିତ ହୋଇଛି। ଅତିଥିଭାବେ ସାଇସୁଦ୍ଧା ହୋଣ୍ଡାର ମାଲିକ ଶୁଭେନ୍ଦୁ ମହାନ୍ତି, ଆଞ୍ଚଳିକ ପରିଚାଳକ ରାଜେଶ ଚୌଧୁରୀ, ଶିବ ପ୍ରତାପ ସିଂ ଓ କ୍ଷେତ୍ର ପରିଚାଳକ ସତ୍ୟଜିତ୍ ଦାସ ପ୍ରମୁଖ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଶିବପ୍ରସାଦ ପତି, ଅଞ୍ଜନ କୁମାର ଜେନା, ଲିଙ୍ଗରାଜ ପଲାଇ ଓ ତାପସ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଆଶୀର୍ବାଦ ହୋଣ୍ଡା ମାଲିକ ତୁଷାରକାନ୍ତ ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


# କେନ୍ଦ୍ରାପଡ଼ାର ଝିଅ ରୁଶିକା ପାଇଲେ ସ୍ୱର୍ଣ୍ଣ ପଦକ

କେନ୍ଦ୍ରାପଡ଼ା,୧୧।୧୨(ସମିସ): କେନ୍ଦ୍ରାପଡ଼ାର ଝିଅ ରୁଶିକା ମହାନ୍ତି ଏମଡିଏସ ପରୀକ୍ଷାରେ ୬୦.୩୩ ପ୍ରତିଶତ ମାର୍କ ରଖି ସ୍ୱର୍ଣ୍ଣ ପଦକ ପ୍ରାପ୍ତ କରିଛନ୍ତି। ରୁଶିକା ହେଉଛନ୍ତି କେନ୍ଦ୍ରାପଡ଼ା ବ୍ଲକ କପାଳେଶ୍ୱର ପଞ୍ଚାୟତ ଗରାପୁର ଗ୍ରାମ ବାସିନ୍ଦା ତଥା ପଟ୍ଟାମୁଣ୍ଡାଇ ଉପନିବନ୍ଧକ ଅଶୋକ କୁମାର ମହାନ୍ତିଙ୍କ ଝିଅ।




ସେ ୨୦୨୫ ଏମଡିଏସ ପରୀକ୍ଷାରେ ଆଇଡିଏସ ସମ ହସ୍ପିଟାଲର ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ଡେଣ୍ଟାଲ ସାଇନ୍ସର କଞ୍ଜରଭେଟିଭ୍ ଡେଣ୍ଟିଷ୍ଟ ଏବଂ ଏଣ୍ଡୋଡଣ୍ଟିକ୍ସ ବିଭାଗରୁ ସର୍ବୋଚ୍ଚ ମାର୍କ ରଖି ପାସ କରିବା ସହ ସ୍ୱର୍ଣ୍ଣ ପଦକ ହାସଲ କରି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ଏ ନେଇ ରୁଶିକାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

# ସାଇ ମନ୍ଦିରରେ ଜଳ ବିଶୋଧକ ଉଦଘାଟିତ



ପାଟକୁରା,୧୧।୧୨(ସମିସ): ପାଟକୁରା ନିର୍ବାଚନମଣ୍ଡଳୀ ଗରଦପୁର ବ୍ଲକ୍ ତେଣ୍ଡାକୁଡ଼ା ପଞ୍ଚାୟତ ବସନ୍ତପୁର ଗ୍ରାମସ୍ଥିତ ଶ୍ରୀ ଶ୍ରୀ ଶିରିଡ଼ି ସାଇ ଚାରିଟେବୁଲ ଟ୍ରଷ୍ଟ ଦ୍ୱାରା ପରିଚାଳିତ ଶିରିଡ଼ି ସାଇ ମନ୍ଦିରରେ ଏକ ଜଳ ବିଶୋଧକ ପ୍ରକଳ୍ପ ଉଦଘାଟିତ ହୋଇଛି। ସ୍ଥାନୀୟ ସରପଞ୍ଚ ମାନସ କୁମାର ରାଉତ ଏହାକୁ ଉଦଘାଟନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା ଟ୍ରଷ୍ଟି ଡ. ରୁଦ୍ର ମହାନ୍ତି, ସମ୍ପାଦକ ସୁନୀଲ ମହାନ୍ତି, ପୂର୍ବତନ ସରପଞ୍ଚ ରବୀନ୍ଦ୍ରନାଥ ମହାପାତ୍ର, ଚଣ୍ଡୀ ମହାନ୍ତି, ରଞ୍ଜିତ ମହାନ୍ତି ଓ ନଳିନୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଆଇନସେବା ସମିତି ପକ୍ଷରୁ ମାନବାଧିକାର ଦିବସ




ପଟ୍ଟାମୁଣ୍ଡାଇ,୧୧।୧୨(ସମିସ): ପଟ୍ଟାମୁଣ୍ଡାଇ ତାଲୁକ ଆଇନସେବା ସମିତି ପକ୍ଷରୁ ବିଶ୍ୱ ମାନବିକ ଅଧିକାର ଦିବସ ପାଳିତ ହୋଇଛି। ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲା ଜଜ୍ ବିଦ୍ୟାଧର ପୃଷ୍ଟିଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଅତିରିକ୍ତ ସିଭିଲ ଜଜ ଡିକେ ବାଲକ୍ରିଷ୍ଣନ, ପଟ୍ଟାମୁଣ୍ଡାଇ କଲେଜ ଅଧ୍ୟକ୍ଷ ପ୍ରଫେସର ଉମାକାନ୍ତ ପାତ୍ର, ପଟ୍ଟମୁଣ୍ଡାଇ ଓକିଲ ସଂଘ ଉପସଭାପତି ସୁରେଶ କୁମାର ନରେନ୍ଦ୍ର ଅତିଥି ଭାବେ ଯୋଗଦେଇ ମାନବିକ ଅଧିକାର ଓ ଏହାର ସୁରକ୍ଷା ପାଇଁ ଆଇନଗତ ଦିଗ ଉପରେ ଆଲୋକପାତ କରିଥିଲେ। ଆଇନଜୀବୀ ବିଜୟ ରାଉତ, ହୃଦାନନ୍ଦ ମହାନ୍ତି, ଭବାନୀଶଙ୍କର ପଣ୍ଡା, ମନୋଜ କୁମାର ନାୟକ, ସତ୍ୟନାରାୟଣ ନାୟକ, ଗୟାଚାନ୍ଦ ପରିଡ଼ା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଆଇନଜୀବୀ ଧୀରେନ୍ଦ୍ରନାଥ ସାହୁ ସ୍ୱାଗତଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଓକିଲ ସଂଘ ସମ୍ପାଦକ ରବୀନ୍ଦ୍ର ଦାଶ ଧନ୍ୟବାଦ ଦେଇଥିଲେ।

# 'ନାରୀ ସଚେତନ ହେଲେ ନିଶା ନିବାରଣ ହୋଇପାରିବ'

ପଟ୍ଟାମୁଣ୍ଡାଇ,୧୧।୧୨(ସମିସ): ନିଶା ଦ୍ୱାରା କବଳିତ ହୋଇ ବ୍ୟକ୍ତି ମଣିଷ ପଣିଆ ହରାଉଥିବା ବେଳେ ଏହା ସମାଜକୁ ବ୍ୟାଧିଗ୍ରସ୍ତ କରିଛି। ନିଶା ଦ୍ୱାରା କବଳିତ ବ୍ୟକ୍ତିର ପରିବାର ଉଜୁଡ଼ି ଯାଉଛି। ତେବେ ନାରୀ ସଚେତନ ହେଲେ ସମାଜ ନିଶାମୁକ୍ତ ହେବା ସହ ନିଶା ନିବାରଣ ହୋଇପାରିବ ବୋଲି ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ପ୍ରକାଶ କରିଛନ୍ତି। ପଟ୍ଟାମୁଣ୍ଡାଇ ଥାନା ନରସିଂହପୁର ପଞ୍ଚାୟତ ନରସିଂହପୁର ଗ୍ରାମ ଦଳିତ ସାହି ଗାଦି ମହାପୁରୁଷ ପ୍ରାଙ୍ଗଣରେ ଅନୁଷ୍ଠିତ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ ଏହା କହିଛନ୍ତି। ସମାଜସେବୀ ତଥା ବରିଷ୍ଠ ସାମ୍ବାଦିକ ଅନିଲ ଚୌଧୁରୀ ପୌରୋହିତ୍ୟରେ ଗ୍ରାମର ମହିଳାମାନଙ୍କ ଦ୍ୱାରା ସ୍ୱତନ୍ତ୍ର ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ସ୍ୱତନ୍ତ୍ର ଅତିଥି ଭାବେ ପଟ୍ଟାମୁଣ୍ଡାଇ ଅତିରିକ୍ତ ତହସିଲଦାର ଦିଲୀପ କୁମାର ନାୟକ ଯୋଗଦେଇ କହିଲେ, ଆଜିର ଯୁବପିଢ଼ି ନିଶା ଦ୍ୱାରା କବଳିତ ହୋଇ ପଥଭ୍ରଷ୍ଟ ହେଉଥିବାରୁ ସାମାଜିକ କ୍ଷେତ୍ରରେ ବିଭିନ୍ନ ସମସ୍ୟା ଦେଖାଦେବା ସହ ଅସାମାଜିକ କାର୍ଯ୍ୟକଳାପ ବଢ଼ିବାରେ ଲାଗିଛି। ଫଳରେ ବ୍ୟକ୍ତିର ନୈତିକ ସ୍ଖଳନ ଘଟି ସାମାଜିକ ବିଶୃଙ୍ଖଳା ସୃଷ୍ଟି ହେଉଛି ବୋଲି କହିଥିଲେ। ଏଥିରେ କବି ତଥା ଚିକିତ୍ସକ ଡା. ମନୋରଞ୍ଜନ ଦାଶ ମୁଖ୍ୟବକ୍ତା ଭାବେ ଯୋଗଦେଇ ପରିବାରର ନିଶାଗ୍ରସ୍ତ ପୁରୁଷଙ୍କୁ ମହିଳାମାନେ ସାବାଡ଼ କରି ଭଲ ବାଟକୁ ଆଣିପାରିବେ ବୋଲି ମତବ୍ୟକ୍ତ କରିଥିଲେ। ଯୁବନେତା ମିଟୁ ମନୋଜ ନାୟକ, ସାମ୍ବାଦିକ ଉପେନ୍ଦ୍ର ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସମାଜସେବୀ ଆଲୋକ କୁମାର ମଲ୍ଲିକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ଆଇନଜୀବୀ ସୁଶାନ୍ତ କୁମାର ସାମଲ ଧନ୍ୟବାଦ ଦେଇଥିଲେ। ରଶ୍ମିତା ମଲିକ, ରୁକ୍ମଣୀ ମଲିକ, ସୁଲୋଚନା ମଲିକ, ଆଇନଜୀବୀ ଅଶ୍ୱିନୀ ଚୌଧୁରୀ, ସବିତା ମଲିକ, ବବିତା ମଲିକ, ନମିତା ମଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



# ପୁରାତନ ଛାତ୍ରଙ୍କ ବୈଠକ



ମାର୍ଶାଘାଇ,୧୧।୧୨(ସମିସ): ମାର୍ଶାଘାଇ ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୭୭ ମାଟ୍ରିକ ବ୍ୟାଚ ଛାତ୍ରଙ୍କ ବୈଠକ ବୁଧବାର ମାର୍ଶାଘାଇ ଯଜ୍ଞ ମଠ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଛି। ଧୂନାକିଶୋର ନାୟକ ଓ ଲକ୍ଷ୍ମୀନାରାୟଣ ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ଅବସରପ୍ରାପ୍ତ ଅଧିକ୍ଷଣ ଯନ୍ତ୍ରୀ ଇଂ ରବୀନ୍ଦ୍ର ବେଉରା, ସୋମନାଥ ବେହେରା, ଅବସରପ୍ରାପ୍ତ ଶିକ୍ଷକ ଅଶୋକ ନାୟକ, ଅଶୋକ ଦଳାଇ, ଧୀରେନ ବେହେରା, ବୈଷ୍ଣବ ସାହୁ, ଦିଲୀପ ନାୟକ, ରାଜେନ୍ଦ୍ର ପ୍ରସାଦ ଦାସ, ବଳରାମ ଦାଶ, ନିମାଇଁ ଶତପଥୀ, ନିରଞ୍ଜନ କାନୁନଗୋ, ପ୍ରମୋଦ କୁମାର ଚୌଧୁରୀ, ବିଜୟ ବସନ୍ତିଆ, କିରଣ କୁମାର ବେଉରା, ଅଧିକାରୀ ପ୍ରଧାନ, ହାଡ଼ିବନ୍ଧୁ ବେହେରା, ପଞ୍ଚାନନ ରାଉତ, ଦୁର୍ଯ୍ୟୋଧନ ରାଉତ, ମୃତ୍ୟୁଞ୍ଜୟ ବେହେରା, ଅରକ୍ଷିତ ଜେନା, ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଦାଶ, ଶିଳ୍ପୀ କ୍ଷୀରୋଦ ବେହେରା, ବିଜୟ ବେହେରା, ଅକ୍ଷୟ ବେହେରାଙ୍କ ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ।

# ନବନିଯୁକ୍ତ ଅଗ୍ନିବୀରଙ୍କୁ ସମ୍ବର୍ଦ୍ଧନା



ରାଜନଗର,୧୧।୧୨(ସମିସ): ରାଜନଗର ବ୍ଲକ କୁରୁଣ୍ଟି ଗ୍ରାମର ନିରଞ୍ଜନ ନାୟକଙ୍କ ପୁଅ ଆର୍ଯ୍ୟନ ନାୟକ ଭାରତୀୟ ସେନାରେ ଅଗ୍ନିବୀର ଭାବେ ନିଯୁକ୍ତି ପାଇଛନ୍ତି। ଏଥିପାଇଁ ରାଜନଗର ସୈନିକ ସଂଘ ସଭାପତି ସୁବେଦାର ମେଜର ଗଗନ ବିହାରୀ ସ୍ୱାଇଁ, ସମ୍ପାଦକ ଅଚ୍ୟୁତାନନ୍ଦ ପ୍ରଧାନ, ଅକ୍ଷୟ କୁମାର ନାୟକ, ରବୀନ୍ଦ୍ର ମହାରଣା, ରଶ୍ମିରଞ୍ଜନ ରାଉତ ପ୍ରମୁଖ ଆର୍ଯ୍ୟନଙ୍କ ବାସଭବନରେ ପହଞ୍ଚି ତାଙ୍କୁ ସମ୍ବର୍ଦ୍ଧିତ କରିବା ସହ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ୨୪ତମ ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

# ଆଳିକୁ ୩-୦ ଗୋଲରେ ହରାଇ ସେମିରେ ବରହମପୁର

ଡେରାବିଶ,୧୧।୧୨(ସମିସ):

ଡେରାବିଶ ବ୍ଲକ ହରିଅଙ୍କ ହାଇସ୍କୁଲ ପଡ଼ିଆରେ ଚାଲିଥିବା ୨୪ତମ ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ଚତୁର୍ଥ କ୍ୱାର୍ଟର ଫାଇନାଲ୍‌ରେ ବୁଧବାର କଟକ ଜିଲ୍ଲା ବରହମପୁର ଓ କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଦଳ ମଧ୍ୟରେ ଖେଳାଯାଇଥିଲା। ଆଳିକୁ ୩-୦ ଗୋଲରେ ହରାଇ ବରହମପୁର ସେମିଫାଇନାଲ୍‌କୁ ଉନ୍ନୀତ ହୋଇଛି। ଉତ୍ତମ ଖେଳ ପ୍ରଦର୍ଶନ କରିଥିବା ବରହମପୁର ଇଲେକ୍ଟ୍ରିକାଲ ପକ୍ଷରୁ ମ୍ୟାନ୍ ଟିମ୍‌ର ଜଣେ ଖେଳାଳଙ୍କୁ ସାଇଶଙ୍କର ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ରେଫରୀ ଭାବେ ଜିତେନ୍ଦ୍ର ବାରିକ, ସୁଶାନ୍ତ ବିଶ୍ୱାଳ ଓ ରିଆଜ କାଦରି ଖେଳ ପରିଚାଳନା କରିଥିଲେ। ଆସୋସିଏସନ୍ ସଭାପତି ନୃସିଂହ ନାୟକ, ସମ୍ପାଦକ ଶ୍ରୀଧର ସ୍ୱାଇଁ, ଉପସଭାପତି ବାବୁଲି ସ୍ୱାଇଁ, କୋଷାଧ୍ୟକ୍ଷ ଗୋଲଖ ସ୍ୱାଇଁ, ସଭ୍ୟ ବିଶ୍ୱରଞ୍ଜନ ସାମଲ, ସୁଶାନ୍ତ ସାହୁ, ରାମଚନ୍ଦ୍ର ସେଠୀ, ଅଭୟ ମଲିକ, ଦିଲୀପ ଦାସ, ଶରତ ବେହେରା, ଆଲେଖ ବେଜ, ଅଭିରାମ ମହାନ୍ତି, ସିଲୁ ସାହୁ ପ୍ରମୁଖ ସହଯୋଗ କରିଥିଲେ।



**WALK-IN INTERVIEW**

| POST | DEPARTMENT | QUALIFICATION |
|---|---|---|
| PRINCIPAL | - | As per AICTE Norms |
| Lecturer | Mechanical/Elect/Comp. Sc. Elect & ETC Engg. | B.Tech / M.Tech in relevant field of Engg. |
| Lecturer | Math, Phy., Chem. English Mech. Engg./Elect. | M.Sc/ PG in relevant subject |
| Lab Demonstrator | Engg.Comp. Sc. Engg./ Elect. & ETC Engg. | Diploma/ITI in relevant Dept |
| Librarian | Library | B.Lib. / M.Lib. |
| Off. Supdt./Off.Asst./ Accountant | Office | Graduate and having experience in relevant field |
| DTP Operator | Office / Exam | Graduate/Graphic design, Odia, Hindi, Eng Typing |
| Marketing Exe. | Admission | 5 yrs. exp. in admn. maktg. |

Interested candidates may send their resume on saividyapeethpuri@gmail.com by 18th Dec. 2025
Date of Interview : 21.12.2025 (Sunday) at 10a.m. to 4p.m.
SAI VIDYAPEETH
At-Phula Alasa, Mula Alasa, Satyabadi, Puri-752014
* No TA/DA provided

ସକାଳ
THE SAKALA

# ସମ୍ପାଦକୀୟ



ଖୁସିର ସୂତ୍ର ବହୁତ ସରଳ, କିନ୍ତୁ ସରଳ ଜୀବନର ସୂତ୍ର ବଡ଼ କଠିନ
-ରବୀନ୍ଦ୍ରନାଥ ଟାଗୋର

## ଇତିହାସ କ୍ଷମା ଦେବନି

ୟୁନେସ୍କୋର ଅସ୍ପର୍ଶମାନ ସାଂସ୍କୃତିକ ଐତିହ୍ୟ(ଇନ୍‌ଟାଞ୍ଜିବଲ୍ କଲ୍‌ଚରାଲ୍ ହେରିଟେଜ୍) ମାନ୍ୟତା ତାଲିକାରେ ସଦ୍ୟସ୍ଥାନିତ ହୋଇଛି ଭାରତର ଆଲୋକର ପର୍ବ ଦୀପାବଳୀ। ସମଗ୍ର ଭାରତବର୍ଷ ପାଇଁ ଏହା ଗୌରବର ବିଷୟ। କିନ୍ତୁ ଏଠାରେ ଆନନ୍ଦ-ବିଷାଦ ବିଜଡ଼ିତ ପ୍ରଶ୍ନଟିଏ ଉଠୁଛି ଯେ ରଥଯାତ୍ରା ଆଉ କେତେଦିନ ଧରି ଏ ମାନ୍ୟତାରୁ ବଞ୍ଚିତ ହୋଇଚାଲିଥିବ ଏବଂ ଓଡ଼ିଶାବାସୀ ଏ ପକ୍ଷପାତିତାକୁ ସହି ଚାଲିଥିବେ?

ଅଧିକାର ମାଗିବାରେ ଆମେ ଆମ ଦୁର୍ବଳତା ପ୍ରଦର୍ଶନ କରିଆସୁଥିବା ବେଳେ ପ୍ରଶ୍ନ ପଚାରିବାର ସାହସ ମଧ୍ୟ ବୋଧହୁଏ ହରେଇ ବସିଛୁ। ତେଣୁ ଆମର ଏହି ଦୁର୍ବଳତା ଓ ଅଜଣା ବାଧ୍ୟବାଧକତାର ସୁଯୋଗ ନେଇ ୟୁନେସ୍କୋର ଉପରୋକ୍ତ ସମ୍ମାନଜନକ ତାଲିକାର ପରବର୍ତ୍ତୀ ସଂସ୍କରଣରେ ସ୍ଥାନ ଦେବା ଲାଗି ରଥଯାତ୍ରାକୁ ପୁଣି ଥରେ ଉପେକ୍ଷା କରି ବିହାରର 'ଛଟ୍ ପୂଜା'କୁ ସୁପାରିସ କରାଯାଇଛି। 'ଛଟ ପୂଜା'କୁ ସୁପାରିସ ପଛର ରାଜନୀତି ବୁଦ୍ଧିଜୀବୀ ଓ ସଂସ୍କୃତିପ୍ରେମୀଙ୍କୁ ଅଛପା ନାହିଁ। କିନ୍ତୁ ଦେଶର ରାଜନୀତିର ନାଭିକେନ୍ଦ୍ର ଶ୍ରୀଜଗନ୍ନାଥ ଏ ପ୍ରସଙ୍ଗରେ ଅପାଂକ୍ତେୟ ହୋଇପଡୁଛନ୍ତି କିଭଳି? ଜାତୀୟସ୍ତରର ରାଜନେତାମାନେ ଓଡ଼ିଶା ଆସିଲେ 'ଜୟ ଜଗନ୍ନାଥ' ଧ୍ୱନିରୁ ଅଭିଭାଷଣ ଆରମ୍ଭ କରିବାରେ ହେଳା କରୁନାହାନ୍ତି। ଅଥଚ ରଥଯାତ୍ରାର ମାନ୍ୟତା ପ୍ରସଙ୍ଗକୁ ପାଶୋରି ପକାଉଛନ୍ତି। ଏହା ଓଡ଼ିଶା ପ୍ରତି ଉଦ୍ଦେଶ୍ୟମୂଳକ ପକ୍ଷପାତିତା ନା ଶ୍ରୀଜଗନ୍ନାଥ ପରମ୍ପରା ପ୍ରତି ହୀନମନ୍ୟତା, ତାହା ବୁଝିବା କଷ୍ଟକର। 'ଛଟ୍ ପୂଜା' ଠାରୁ ରଥଯାତ୍ରା କ'ଣ ଅର୍ବାଚୀନ? ଏବେ ଦଳମତ ନିର୍ବିଶେଷରେ ଏହି ପ୍ରଶ୍ନ ଉଠିବା ଜରୁରୀ। ହୁଏତ ଆଗାମୀ ଦିନରେ 'ଛଟ ପୂଜା'କୁ ଏହି ମର୍ଯ୍ୟାଦାଜନକ ମାନ୍ୟତା ମିଳିବ। ତେଣୁ ଆମେ ଆଉ କେତେଦିନ ଏଭଳି ଅନ୍ୟ ରାଜ୍ୟର ଉତ୍କର୍ଷରେ ଉତ୍‌ଫୁଲ୍ଲିତ ହେଉଥିବା ଏବଂ ପକ୍ଷପାତିତାକୁ ମୁଣ୍ଡପାତି ନିରବରେ ସହି ନେଉଥିବା?

ଓଡ଼ିଶାର ସୌଭାଗ୍ୟ, ଗର୍ବ ଓ ଗୌରବ ଯେ ଭାରତର ରାଷ୍ଟ୍ରମୁଖ୍ୟ ଜଣେ ଓଡ଼ିଆ। ପୁରୀର ସାଂସଦ କେନ୍ଦ୍ର ସରକାରୀ ଦଳରେ ଗୁରୁତ୍ୱପୂର୍ଣ୍ଣ ପଦ ମଣ୍ଡନ କରୁଛନ୍ତି; ବିଧାୟକ ମଧ୍ୟ ରାଜ୍ୟ ଶାସକ ଦଳର। ଉଭୟ କେନ୍ଦ୍ର ଓ ରାଜ୍ୟରେ ଗୋଟିଏ ଦଳର ଶାସନ ଚାଲିଛି। 'ଜାତୀୟ ସ୍ମାରକୀ କର୍ତ୍ତୃପକ୍ଷ'ର ସର୍ବୋଚ୍ଚ ପଦରେ ଜଣେ ଓଡ଼ିଆ ଗତ ତିନିବର୍ଷ ଧରି ଅଧିଷ୍ଠିତ। ଏଭଳି ଅପୂର୍ବ ସଂଯୋଗ ଓ ସୁଯୋଗ କେବେ ଆସି ନଥିଲା କି ଆଉ ଆସିବ ନାହିଁ। ବୋଧହୁଏ ଏହି ବିରଳ ସଂଯୋଗ ଓଡ଼ିଆ ପ୍ରାଣର ଆରାଧ୍ୟ ଦେବତା ଏବଂ ଓଡ଼ିଶାର ସର୍ବୋଚ୍ଚ ଓ ସର୍ବମାନ୍ୟ ନେତା ଶ୍ରୀଜଗନ୍ନାଥଙ୍କ ଇଚ୍ଛାରେ ସୃଷ୍ଟି ହୋଇଛି। ଏହି ସୁଯୋଗର ସଦୁପଯୋଗ କରିବା ଆମର କର୍ତ୍ତବ୍ୟ ଓ ଦାୟିତ୍ୱ। ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା ସାଂସଦମାନେ ଦଳୀୟ ରାଜନୀତିର ବାଧ୍ୟବାଧକତାରୁ ଊର୍ଦ୍ଧ୍ୱକୁ ଉଠି ଦଳମତ ନିର୍ବିଶେଷରେ ଓଡ଼ିଶାର ବୃହତ୍ତର ସ୍ୱାର୍ଥ, ସ୍ୱାଭିମାନ ଓ ସମ୍ମାନ ସମ୍ବଳିତ ଏହି ପ୍ରସଙ୍ଗ କେନ୍ଦ୍ର ସରକାରଙ୍କ ଆଗରେ ଉପସ୍ଥାପନ କରନ୍ତୁ। ଓଡ଼ିଶା ଆଉ କେତେଦିନ ଅବହେଳିତ ହୋଇ ରହିବ - ଏ ଅସ୍ମିତା ବିଜଡ଼ିତ ପ୍ରଶ୍ନ ପଚାରନ୍ତୁ। ସଂସଦର ଶୀତକାଳୀନ ଅଧିବେଶନ ଜାରି ରହିଥିବାରୁ ଏ ପ୍ରଶ୍ନ ସମଗ୍ର ଦେଶରେ ଗୁଞ୍ଜରିତ ହୋଇପାରିବ। ଅନେକ ବିଳମ୍ବ ହେଲାଣି। ଆମେ ଯଦି ଶ୍ରୀଜଗନ୍ନାଥଙ୍କ ଆଶ୍ରିତ ହୋଇ ତାଙ୍କର ଟେକ ରଖିବାରେ ଅବହେଳା କରିବା, ଇତିହାସ କ୍ଷମା ଦେବ ନାହିଁ।

## ସାମାଜିକ ଗଣମାଧ୍ୟମର ନିଷିଦ୍ଧାଞ୍ଚଳ

ବିକଶିତ ରାଷ୍ଟ୍ର ଅଷ୍ଟ୍ରେଲିଆ ବିଶ୍ୱର ପ୍ରଥମ ରାଷ୍ଟ୍ର ଭାବେ ସାମାଜିକ ଗଣମାଧ୍ୟମ କଟକଣାକୁ କାର୍ଯ୍ୟକାରୀ କରି ଏକ ଯୁଗାନ୍ତକାରୀ ପଦକ୍ଷେପ ନେଇଛି। ଏଣିକି ସେଠାରେ ୧୬ ବର୍ଷରୁ କମ୍ ବୟସର କିଶୋରମାନେ ସ୍ୱାଧୀନ ଭାବରେ ସାମାଜିକ ଗଣମାଧ୍ୟମରେ ଆକାଉଣ୍ଟ ଖୋଲିପାରିବେ ନାହିଁ। ସ୍ୱାଭାବିକ ଭାବେ ମାନବ ଅଧିକାର ସଂଗଠନ ଓ ସାମାଜିକ ଗଣମାଧ୍ୟମ ସଂସ୍ଥାଗୁଡ଼ିକ ଅଷ୍ଟ୍ରେଲିଆ ସରକାରଙ୍କ ଏ ସମ୍ପର୍କିତ ଆଇନ୍(ସୋସିଆଲ୍ ମିଡିଆ ମିନିମମ୍ ଏଜ ଆକ୍ଟ)କୁ ସମାଲୋଚନା କରିଥିବା ବେଳେ ଅଭିଭାବକମାନେ ବିପୁଳ ସ୍ୱାଗତ କରିଛନ୍ତି। ୧୬ ବର୍ଷ ବୟସରୁ କମ୍ ବର୍ଗ ଦ୍ୱାରା ଖୋଲାଯାଇଥିବା ଲକ୍ଷଲକ୍ଷ ଆକାଉଣ୍ଟକୁ ଏହି ଆଇନ ବଦଳରେ ରଦ୍ଦ କରିଦିଆଯାଇଛି। କିଶୋରମାନଙ୍କ ମାନସିକତା ଓ ଶାରୀରିକ ଅବସ୍ଥା ଉପରେ ସାମାଜିକ ଗଣମାଧ୍ୟମର କୁପ୍ରଭାବ ବଢ଼ି ଚାଲିଥିବାରୁ ଏହାର ନିରାକରଣ ପାଇଁ ମନସ୍ତତ୍ତ୍ୱବିତ୍ ଓ ସମାଜ ବିଜ୍ଞାନୀମାନେ ଗୁରୁତ୍ୱାରୋପ କରି ଆସୁଥିଲେ। କିନ୍ତୁ ଏଥିସହିତ ବିପୁଳ ରାଜସ୍ୱ ହାନିର ଆଶଙ୍କା ଥିବାରୁ କୌଣସି ରାଷ୍ଟ୍ର ନିର୍ଣ୍ଣାୟକ ନିଷ୍ପତ୍ତି ନେବାକୁ କୁଣ୍ଠା ପ୍ରକାଶ କରୁଥିଲେ। ଅଷ୍ଟ୍ରେଲିଆ ଏ ଦିଗରେ ସାହସିକ ପଦକ୍ଷେପ ନେବା ପରେ ବିଶ୍ୱସ୍ତରରେ ଏହାର ପ୍ରଭାବ ଅନୁଭୂତ ହେବ ବୋଲି ଆଶା କରାଯାଉଛି।

ଭାରତରେ ଯେ ଏ ସମ୍ପର୍କରେ ପୂର୍ବରୁ ବିଚାର ଆଲୋଚନା ହୋଇ ନାହିଁ କିମ୍ବା ପଦକ୍ଷେପ ନିଆଯାଇନାହିଁ, ତା' ନୁହେଁ। କିନ୍ତୁ ଦୃଢ଼ ଇଚ୍ଛାଶକ୍ତି ଅଭାବରୁ ଯୋଜନାର ସଫଳ ରୂପାୟନ ହୋଇପାରିନାହିଁ। ଭାରତ ସରକାର ଡିଜିଟାଲ୍ ପର୍ସନାଲ୍ ଡାଟା ପ୍ରୋଟେକ୍‌ସନ୍ ଆଇନ ୨୦୨୩ ଅଧୀନରେ ଏକ ଚିଠା ଅଧିନିୟମ ଆଗତ କରିଛନ୍ତି, ଯେଉଁଥିରେ ୧୮ ବର୍ଷରୁ କମ୍ ବୟସର ପୁଅଝିଅ ସାମାଜିକ ଗଣମାଧ୍ୟମରେ ଆକାଉଣ୍ଟ ଖୋଲିବା ପାଇଁ ପିତାମାତା ଓ ଅଭିଭାବକଙ୍କ ଅନୁମୋଦନ ନେବା ନିହାତି ଆବଶ୍ୟକ। ଗତ କିଛି ମାସ ତଳେ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟ ବିଦ୍ୟାଳୟମାନଙ୍କରେ ସ୍ମାର୍ଟଫୋନ୍ ବ୍ୟବହାରକୁ ନିଷିଦ୍ଧ କରିଥିଲେ। ୟୁନେସ୍କୋ ମଧ୍ୟ ଏ ପ୍ରସଙ୍ଗରେ ଏକ ସନ୍ତୁଳିତ ମାର୍ଗଦର୍ଶିକା ଜାରି କରିବା ଉପରେ ଅତୀତରେ ଗୁରୁତ୍ୱ ଦେଇଛି।

ବର୍ତ୍ତମାନର ତୀବ୍ର ଜ୍ଞାନ-ପ୍ରତିଯୋଗିତା ପୂର୍ଣ୍ଣ ଛାତ୍ରଜୀବନରେ ଇଣ୍ଟରନେଟ୍, ସାମାଜିକ ଗଣମାଧ୍ୟମ ଓ ସ୍ମାର୍ଟଫୋନର୍ ଅପରିହାର୍ଯ୍ୟ ଆବଶ୍ୟକତାକୁ ଅସ୍ୱୀକାର କରିହେବ ନାହିଁ। କିନ୍ତୁ ଏହାର ଦୁରୁପଯୋଗ ହିଁ ସେମାନଙ୍କୁ ହତାଶା, ଅବସାଦ ଓ ଅପରାଧ ମୁହାଁ କରୁଛି। ଏପରିକି କୋମଳମତି ଛାତ୍ରଛାତ୍ରୀ ଜୀବନ ହାରୁଥିବା ଭଳି ଦୁଃଖଦ ଘଟଣାମାନ ଘଟୁଛି। ଅଷ୍ଟ୍ରେଲିଆରେ ସରକାରୀ ସ୍ତରରେ ହୋଇଥିବା ଏ ସମ୍ପର୍କିତ ସର୍ବେକ୍ଷଣରୁ କିଶୋରାବସ୍ଥାରେ ସାମାଜିକ ଗଣମାଧ୍ୟମର ପ୍ରଭାବ ବିଷୟରେ ଉଦ୍‌ବେଗଜନକ ତଥ୍ୟ ମିଳିବା ପରେ ଉପରୋକ୍ତ ଆଇନ ଅଣାଯାଇଛି। ଆଇନ ପ୍ରଣୟନ ହେଲେ ମଧ୍ୟ ଏହାର ରୂପାୟନରେ ଅନେକ ଦ୍ୱନ୍ଦ୍ୱ ଓ ପ୍ରତିବନ୍ଧକ ରହୁଛି। ଯଦିଓ କିଶୋର/କିଶୋରୀଙ୍କୁ ସମ୍ପୂର୍ଣ୍ଣ ରୂପେ ସାମାଜିକ ଗଣମାଧ୍ୟମରୁ ଦୂରେଇ ରଖିବା ଏକ କଷ୍ଟସାଧ୍ୟ ବ୍ୟାପାର, ଏହା ଅସମ୍ଭବ ମଧ୍ୟ ନୁହେଁ। ଅଭିଭାବକଙ୍କ ଉଦାସୀନତାକୁ ଆଇନ କିଛିମାତ୍ରାରେ ଦୂର କରି ଏବଂ ସେମାନଙ୍କୁ ଜାଗ୍ରତ କରି ଦାୟିତ୍ୱବୋଧ ସମ୍ପର୍କରେ ସଚେତନ କରିପାରିବ।

# ପ୍ରକୃତି ଓ ପରିବେଶ ସଂରକ୍ଷଣରେ ସ୍ଥାନୀୟ ଅଧିବାସୀ

ଡକ୍ଟର ସୁନ୍ଦର ନାରାୟଣ ପାତ୍ର

୧୯୭୨ ମସିହାରେ ସ୍ୱିଡେନର ଷ୍ଟକହୋମରେ ପ୍ରଥମ ଥର ପାଇଁ 'ମାନବୀୟ ପରିବେଶ' ଉପରେ ମିଳିତ ଜାତିସଂଘ ଆନୁକୂଲ୍ୟରେ ଏକ ବିଶ୍ୱସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହା ଥିଲା ଶିଳ୍ପ-ଅର୍ଥନୈତିକ ପ୍ରଗତି ଯୋଗୁଁ ପରିବେଶ ପ୍ରଦୂଷଣ ଜନିତ ବିପର୍ଯ୍ୟୟ ଏବଂ ବିକାଶର ଢାଞ୍ଚାରେ ପରିବର୍ତ୍ତନ ବିଷୟରେ ଚର୍ଚ୍ଚା ପାଇଁ ଏକ ବିଶ୍ୱବ୍ୟାପୀ ସମାବେଶ। ପ୍ରକୃତି ସଂରକ୍ଷଣ ପାଇଁ ଅନ୍ତର୍ଜାତୀୟ ସଂଘ(ଆଇୟୁସିଏନ୍)ର ୧୯୮୦ରେ ବିଶ୍ୱ ସଂରକ୍ଷଣ ରଣନୀତି ଥିଲା ପ୍ରଥମ ରିପୋର୍ଟ, ଯେଉଁଥିରେ 'ସ୍ଥାୟୀ ବିକାଶ' ନାମକ ଏକ ସଂକ୍ଷିପ୍ତ ଅଧ୍ୟାୟ ଅନ୍ତର୍ଭୁକ୍ତ କରାଯାଇଥିଲା। ୧୯୮୩ ମସିହାରେ 'ନିରନ୍ତର ବିକାଶ' ମଡେଲକୁ ଅନୁସରଣ କରିବା ପାଇଁ ମିଳିତ ଜାତିସଂଘ 'ବିଶ୍ୱ ପରିବେଶ ଓ ବିକାଶ ଆୟୋଗ' ସ୍ଥାପନ କରିଥିଲା, ଯାହାକୁ ସାଧାରଣତଃ 'ବ୍ରୁଣ୍ଡଲ୍ୟାଣ୍ଡ କମିଶନ' କୁହାଯାଏ। ନରୱେର ତତ୍କାଳୀନ ମହିଳା ପ୍ରଧାନମନ୍ତ୍ରୀ ଗ୍ରୋ ହାର୍ଲେମ 'ବ୍ରୁଣ୍ଡଲ୍ୟାଣ୍ଡ କମିଶନ'ର ଅଧ୍ୟକ୍ଷା ଭାବରେ ନିଯୋଜିତ ହୋଇଥିଲେ। 'ନିରନ୍ତର ବିକାଶ'ର କମିଶନ୍ ନିର୍ଦ୍ଧାରିତ ସଂଜ୍ଞା ହେଉଛି - 'ଏପରି ଏକ ବିକାଶ, ଯାହା ଭବିଷ୍ୟତ ପିଢ଼ିର ନିଜସ୍ୱ ଆବଶ୍ୟକତା ପୂରଣ କରିବାର କ୍ଷମତା ସହିତ କୌଣସି ଆପତ୍ତି ନକରି ବର୍ତ୍ତମାନର ଆବଶ୍ୟକତା ପୂରଣ କରେ।' ନିରନ୍ତର ବିକାଶର ତିନୋଟି ମୁଖ୍ୟ ସ୍ତମ୍ଭ ମଧ୍ୟରେ ଅର୍ଥନୈତିକ ଅଭିବୃଦ୍ଧି, ପରିବେଶ ସୁରକ୍ଷା ଓ ସାମାଜିକ ସମାନତା ଅନ୍ତର୍ଭୁକ୍ତ।

ବ୍ରୁଣ୍ଡଲ୍ୟାଣ୍ଡ କମିଶନ ୧୯୮୭ ମସିହାରେ 'ଆମର ସାଧାରଣ ଭବିଷ୍ୟତ' ନାମକ ଏକ ରିପୋର୍ଟ ପ୍ରକାଶ କରିଥିଲେ, ଯାହାକୁ 'ବ୍ରୁଣ୍ଡଲ୍ୟାଣ୍ଡ ରିପୋର୍ଟ' ମଧ୍ୟ କୁହାଯାଏ। ରିପୋର୍ଟରେ ସ୍ୱୀକୃତି ଦିଆଯାଇଥିଲା ଯେ ଦାରିଦ୍ର୍ୟ ହ୍ରାସ, ଲିଙ୍ଗ ସମାନତା ଏବଂ ଧନୀ ଓ ଗରିବଙ୍କ ମଧ୍ୟରେ ସମ୍ପତ୍ତି ପୁନଃବଣ୍ଟନ ରୂପରେ ମାନବ ସମ୍ବଳ ବିକାଶ ପରିବେଶ ସଂରକ୍ଷଣ ପାଇଁ ରଣନୀତି ପ୍ରସ୍ତୁତ କରାଯିବା ଉପରେ ଗୁରୁତ୍ୱ ଦିଆଯିବ। 'ବ୍ରୁଣ୍ଡଲ୍ୟାଣ୍ଡ କମିଶନ'ଙ୍କ ରିପୋର୍ଟ ଜୁନ୍ ୧୯୯୨ ରେ ବ୍ରାଜିଲର ରିଓ ଡି ଜେନେରିଓରେ ଅନୁଷ୍ଠିତ 'ପରିବେଶ ଓ ନିରନ୍ତର ବିକାଶ' ଉପରେ ବିଶ୍ୱ ସମ୍ମିଳନୀର ଏକ ପୂର୍ବସୂରୀ ଥିଲା। ଏହି ସମ୍ମିଳନୀରେ ଭବିଷ୍ୟତରେ ପୃଥିବୀରେ ଜୀବନକୁ ଅଧିକ ସ୍ଥାୟୀ କରିବା ପାଇ 'ଖସଡ଼ା-୨୧' ନାମରେ ଜଣାଶୁଣା ଏକ ବ୍ୟାପକ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରାଗଲା।

ଜଳବାୟୁ ପରିବର୍ତ୍ତନ ଉପରେ ମିଳିତ ଜାତିସଂଘ ଫ୍ରେମୱାର୍କ ସମ୍ମିଳନୀ (ୟୁଏନ୍‌ଏଫ୍‌ସିସିସି)ର 'କନଫରେନ୍ସ ଅଫ ପାର୍ଟିସ(କୋପ୍)'ର ୩୦ତମ ସମ୍ମିଳନୀ ସଦ୍ୟ ସମାପ୍ତ ହୋଇଛି, ଯାହା ଗତ ନଭେମ୍ବର ୬ ରୁ ୨୧ ତାରିଖ ପର୍ଯ୍ୟନ୍ତ ବ୍ରାଜିଲର ବେଲେମଠାରେ ଅନୁଷ୍ଠିତ ହୋଇଥିଲା। କୋପ୍୩୦ ଶିଖର ସମ୍ମିଳନୀର ଲକ୍ଷ୍ୟ ଥିଲା ୨୧ତମ ଶତାବ୍ଦୀ ଶେଷ ସୁଦ୍ଧା ପ୍ୟାରିସ ଚୁକ୍ତିନାମାର ତାପମାତ୍ରା ମାନଦଣ୍ଡକୁ ୧.୫ ଡିଗ୍ରୀରେ ସୀମିତ ରଖିବା ପାଇଁ ସ୍ପଷ୍ଟ ପଥ ସ୍ଥାପନ କରିବା। ଏକ ଭଲ ଖବର ହେଉଛି ଯେ ସ୍ଥାନୀୟ ଅଧିବାସୀ ଓ ମହିଳାମାନଙ୍କୁ ସ୍ୱୀକୃତି ପ୍ରଦାନ, ଯାହା ପୂର୍ବରୁ କେବେ ବି ମିଳି ନ ଥିଲା। ଖସଡ଼ା କାର୍ଯ୍ୟକ୍ରମର ଏକ ଅଂଶ ଥିଲା 'ମହିଳା: ଭବିଷ୍ୟତକୁ ମାର୍ଗଦର୍ଶନ କରୁଥିବା ସ୍ୱର' ଅଧିବେଶନ, ମହିଳାମାନେ ଜଳବାୟୁ ସମସ୍ୟା ମୁକାବିଲା କାର୍ଯ୍ୟରେ ଯୋଗଦାନ ଏବଂ ନେତୃତ୍ୱ ନେବାର ଉପାୟଗୁଡ଼ିକୁ ଆଲୋକିତ କରିଥିଲା। ଭାରତବର୍ଷର ଆଭିମୁଖ୍ୟର ଏକ ଅଂଶ ଭାବରେ ଚଳିତ ବର୍ଷ ନଭେମ୍ବର ୩ୟ ସପ୍ତାହରେ ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗରେ ଅନୁଷ୍ଠିତ ଜି୨୦ ଶିଖର ସମ୍ମିଳନୀରେ ଘୋଷଣାପତ୍ରରେ ମହିଳା ଓ ଝିଅମାନଙ୍କ ସଶକ୍ତୀକରଣ ପାଇଁ ଏକ ପ୍ରୟାସ କରାଯାଇଥିଲା।

ଖୁସିର କଥା, 'ପ୍ରକୃତି ସହିତ ଶାନ୍ତି' ବିଷୟବସ୍ତୁ ଉପରେ କଲମ୍ବିଆ (ଦକ୍ଷିଣ ଆମେରିକା)ର କାଲିରେ ୨୦୨୪ ଅକ୍ଟୋବର ୨୧ ରୁ ନଭେମ୍ବର ୧ ପର୍ଯ୍ୟନ୍ତ ଅନୁଷ୍ଠିତ ମିଳିତ ଜାତିସଂଘ ଜୈବ ବିବିଧତା ସମ୍ବନ୍ଧୀୟ ସମ୍ମିଳନୀ(ୟୁଏନ୍‌ସିବିଡି) ର ୧୬ତମ ପକ୍ଷ ସମ୍ମିଳନୀ(କୋପ୍-୧୬) ବିଶ୍ୱ ଜୈବିକ ବିବିଧତା ପ୍ରୟାସରେ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତିକୁ ଚିହ୍ନିତ କରିଥିଲା, ବିଶେଷକରି 'କାଲି ପାଣ୍ଠି' ପ୍ରତିଷ୍ଠା ମାଧ୍ୟମରେ। ଏହା ଏପରି ଏକ ପାଣ୍ଠି, ଯାହା ଆଦିବାସୀ ଓ ସ୍ଥାନୀୟ ସମ୍ପ୍ରଦାୟ, ବିଶେଷକରି ମହିଳା ଓ ଯୁବପିଢ଼ିଙ୍କ ଆତ୍ମ-ଚିହ୍ନିତ ଆବଶ୍ୟକତା ଉପରେ ଧ୍ୟାନ ଦେବ।

୧୧୦୦ ବର୍ଗ କିଲୋମିଟରରୁ ଅଧିକ ପରିବ୍ୟାପ୍ତ ଓଡ଼ିଶାର ଚିଲିକା ଲାଗୁନ୍ ହେଉଛି ଏସୀୟ ଉପମହାଦେଶର ସବୁଠାରୁ ବଡ଼ ଲୁଣାପାଣି ହ୍ରଦ। ଲକ୍ଷ ଲକ୍ଷ ପ୍ରବାସୀ ଏବଂ ନିବାସୀ ପକ୍ଷୀଙ୍କ ପାଇଁ ଏକ ଶୀତକାଳୀନ ଆଶ୍ରୟସ୍ଥଳ ଏବଂ ଏକ ଜୈବ ବିବିଧତା ସ୍ଥାନ ବ୍ୟତୀତ ଏହି ଲାଗୁନ୍ ଦୁଇଲକ୍ଷରୁ ଅଧିକ ମତ୍ସ୍ୟଜୀବୀ ଏବଂ ସେମାନଙ୍କ ପରିବାରଙ୍କ ଜୀବିକା ନିର୍ବାହରେ ସହାୟକ ହୁଏ। ୧୯୯୧ ମସିହାରେ ଓଡ଼ିଶା ସରକାର ସମନ୍ୱିତ ଚିଙ୍ଗୁଡ଼ି ଫାର୍ମ ପ୍ରକଳ୍ପ(ଆଇଏସ୍‌ଏଫ୍‌ପି) ପାଇଁ ଟାଟା ଆଇରନ୍ ଆଣ୍ଡ ଷ୍ଟିଲ୍ କମ୍ପାନୀ ସହିତ ଏକ ଲିଜ୍ ଚୁକ୍ତିନାମା ସ୍ୱାକ୍ଷର କରିଥିଲେ।। ଏହି ପ୍ରକଳ୍ପ ମୁଖ୍ୟତଃ ଅନ୍ତର୍ଜାତୀୟ ବଜାରକୁ ରପ୍ତାନି ପାଇଁ ବାଣିଜ୍ୟିକ ଚିଙ୍ଗୁଡ଼ି ଉତ୍ପାଦନ ପାଇଁ ୩୨, ୦୦୦ ହେକ୍ଟର ଚିଲିକା ଲାଗୁନ୍‌କୁ ଘନିଷ୍ଠ ଜଳକୃଷି ଫାର୍ମରେ ପରିଣତ କରିବାକୁ ଯୋଜନା କରିଥିଲା। ନିଳାମ୍ବୁ ଚିଲିକାର ପ୍ରାକୃତିକ ପରିସଂସ୍ଥା ତଥା ସ୍ଥାନୀୟ ଅର୍ଥନୈତିକ ଆତ୍ମନିର୍ଭରଶୀଳତା ଉପରେ ପ୍ରକଳ୍ପର ବିତରିତ ପ୍ରଭାବ ଆଶଙ୍କାରେ ସ୍ଥାନୀୟ ଅଧିବାସୀ, ମତ୍ସ୍ୟଜୀବୀ ସମ୍ପ୍ରଦାୟ ଓ ମହିଳାମାନେ ତୀବ୍ର ପ୍ରତିରୋଧ କରିଥିଲେ ଏବଂ 'ଚିଲିକା ବଞ୍ଚାଓ ଆନ୍ଦୋଳନ' ମାଧ୍ୟମରେ ଏକ ପ୍ରଭାବଶାଳୀ ପଦକ୍ଷେପ ନେଇଥିଲେ। ଫଳରେ ପ୍ରକଳ୍ପଟି ଶେଷରେ ବନ୍ଦ ହୋଇଯାଇଥିଲା।

ବଲାଙ୍ଗୀର ଜିଲ୍ଲାର ଗନ୍ଧମାର୍ଦ୍ଦନ ପାହାଡ଼ ଏବଂ କଳାହାଣ୍ଡି ଜିଲ୍ଲାର ନିୟମଗିରି ପାହାଡ଼ରେ ବକ୍ସାଇଟ୍‌ର ପ୍ରଚୁରତା, ପ୍ରବଳ ବିରୋଧ ସତ୍ତ୍ୱେ, ବାରମ୍ବାର ଖଣି ନିବେଶକମାନଙ୍କୁ ଆକର୍ଷିତ କରିଛି। ସ୍ଥାନୀୟ ଆଦିବାସୀ ଓ ଅଣ-ଆଦିବାସୀ ସମ୍ପ୍ରଦାୟ ସମେତ ମହିଳା ଓ ପୁରୁଷମାନେ ବଲାଙ୍ଗୀର ଜିଲ୍ଲାରେ 'ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ' ଏବଂ କଳାହାଣ୍ଡି ଜିଲ୍ଲାରେ 'ନିୟମଗିରି ସୁରକ୍ଷା ସମିତି' ଗଠନ କରି ବକ୍ସାଇଟ୍ ଖଣିକୁ ପ୍ରତିରୋଧ କରିଥିଲେ। ଏହି ଆନ୍ଦୋଳନ ମାଧ୍ୟମରେ ଶହ ଶହ ଜାତୀୟ ଔଷଧୀୟ ଉଦ୍ଭିଦ ସମେତ ଜୈବ ବିବିଧତାର ସଂରକ୍ଷଣ କରିବା ପାଇଁ ଐତିହାସିକ ପାହାଡ଼ଗୁଡ଼ିକୁ ବିନାଶକାରୀ ଖଣି କାର୍ଯ୍ୟକଳାପରୁ ସାହସର ସହିତ ନିବୃତ କରାଇ ସୁରକ୍ଷା ପ୍ରଦାନ କରିଥିଲେ। ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳ ଜଙ୍ଗଲରେ 'ଶିମିଳିପାଳ ବନ ଉନ୍ନୟନ ନିଗମ' ପ୍ରତିଷ୍ଠା କରି ରାଜ୍ୟ ସରକାର ଗଛ କାଟିବା ପାଇଁ ଯୋଜନା କରିଥିଲେ। ସ୍ଥାନୀୟ ସମ୍ପ୍ରଦାୟ ଓ ଓଡ଼ିଶା ପରିବେଶ ସମିତି ଦ୍ୱାରା ଏହାର ବିରୋଧ ଓ ପ୍ରତିରୋଧ କରାଯାଇଥିଲା। ଓଡ଼ିଶା ବିଧାନସଭାର ଗୃହ କମିଟି ସୁପାରିସ ଅନୁସାରେ ରାଜ୍ୟ ସରକାର ସାମୟିକ ଗଛ କଟା ବନ୍ଦ ରଖିଲେ ଏବଂ ଶେଷରେ ୧୯୯୪ ମସିହାରେ ସେଠାରେ ଏକ ସଂରକ୍ଷିତ ଜୈବମଣ୍ଡଳ ଘୋଷଣା କରାଯାଇଥିଲା।

୧୯୭୦ ଦଶକରେ ଓଡ଼ିଶାର ନୟାଗଡ଼ ଜିଲ୍ଲାର କେଶରପୁର ନାମକ ଏକ ଛୋଟ ଗାଁରୁ 'ଠେଙ୍ଗାପାଳି' ନାମକ ସ୍ଥାନୀୟ ଜଙ୍ଗଲକୁ ସୁରକ୍ଷା ଦେବାର ଏକ ନୂତନ ଅଭିଯାନ ଆରମ୍ଭ ହୋଇଥିଲା। ଗାଁର ମହିଳାମାନେ ପାଳି କରି ଜଙ୍ଗଲକୁ ଜଗି ରହିଲେ ଏବଂ ୫୦୦ ଏକରରୁ ଅଧିକ ଜଙ୍ଗଲ ଜମିକୁ ସେମାନଙ୍କ ସୁରକ୍ଷା ଅଧୀନରେ ପୁନର୍ଜୀବିତ କରିଥିଲେ। କୋରାପୁଟ ଜିଲ୍ଲାର ପାତ୍ରପୁଟ ଗାଁର ଆଦିବାସୀ ମହିଳା ପଦ୍ମଶ୍ରୀ କମଳା ପୂଜାରୀ ଶହେରୁ ଅଧିକ ସ୍ଥାନୀୟ ଧାନ କିସମ ଏବଂ କିଛି ବିରଳ ହଳଦୀ, କଳାଜିରା ଏବଂ ଅନ୍ୟାନ୍ୟ ଜିନୀୟ ଜାତୀୟ ବିହନ ସଂରକ୍ଷଣ କରିଥିଲେ। ନୟାଗଡ଼ ଜିଲ୍ଲାରେ 'ସମ୍ଭବ'ର ପଦ୍ମଶ୍ରୀ ସାବରମତୀ ସମଭାବରେ ଏକ ଜୈବିକ ଫାର୍ମ ବିକଶିତ କରି ଅନେକ ପ୍ରକାରର ଧାନ କିସମ ସଂରକ୍ଷଣ କରି ରଖିଛନ୍ତି।

ଜଳବାୟୁ ପରିବର୍ତ୍ତନ ଏବଂ ସମୁଦ୍ର ଜଳର ଆଚରଣଗତ ପରିବର୍ତ୍ତନ ଯୋଗୁଁ ସମୁଦ୍ର ସ୍ତର ବୃଦ୍ଧି ଲୁଣାପାଣି ପ୍ରବେଶ କେବଳ ଚାଷଜମି ନୁହେଁ, ବରଂ ଉପକୂଳ ଓଡ଼ିଶାର ସମଗ୍ର ଜୀବିକାକୁ ବିପଦରେ ପକାଇଛି। ଭାରତ ସରକାର, ସବୁଜ ଜଳବାୟୁ ପାଣ୍ଠି ଓ ୟୁଏନ୍‌ଡିପିର ସମର୍ଥନରେ ସମଗ୍ର ଓଡ଼ିଶାରେ ୩୦୦ରୁ ଅଧିକ ସ୍ଥାନୀୟ ମହିଳା ଜଳବାୟୁ ପ୍ରତିରୋଧୀ ସ୍ଥାୟୀ କୃଷି, ପୁନରୁଦ୍ଧାର ଓ ବାତ୍ୟା ବିରୋଧରେ ପ୍ରାକୃତିକ ଢାଲ ଲୁଣା ବା ହେନ୍ତାଳ ଜଙ୍ଗଲକୁ ସୁରକ୍ଷା ଦେବା ପାଇଁ ଆଗକୁ ଆସିଛନ୍ତି। ୧୯୭୬ ମସିହାରେ ଭାରତୀୟ ସମ୍ବିଧାନର ୪୨ତମ ସଂଶୋଧନରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ସମ୍ବିଧାନର ଧାରା ୪୮-ଏ କୁ ସଂଲଗ୍ନ କରିଥିଲେ, ଯେଉଁଥିରେ କୁହାଯାଇଛି ଯେ: 'ପରିବେଶର ସୁରକ୍ଷା, ଉନ୍ନତି ଏବଂ ଦେଶର ଜଙ୍ଗଲ ଓ ବନ୍ୟପ୍ରାଣୀଙ୍କୁ ସୁରକ୍ଷା ଦେବା ପାଇଁ ରାଷ୍ଟ୍ର ପ୍ରୟାସ ଜାରି ରଖିବ।'

ଜଣେ ବୁଝିପାରିବ ଯେ ପ୍ରକୃତି ଓ ପରିବେଶ ସଂରକ୍ଷଣ ସର୍ବଦା ସ୍ଥାନୀୟ ଅଧିବାସୀ, ଆଦିବାସୀ ସମ୍ପ୍ରଦାୟ ଓ ମହିଳାମାନଙ୍କର ଏକ ପ୍ରମୁଖ ଚିନ୍ତାର ବିଷୟ ହୋଇ ରହିଛି। କାରଣ ସେମାନେ ସମାଜରେ ସବୁଠାରୁ ଦୁର୍ବଳ ବର୍ଗର।

(ସଭାପତି, ଓଡ଼ିଶା ପରିବେଶ ସମିତି)
ମୋ: ୯୭୭୭୮୦୦୪୦୮

# ଦେୟମୁକ୍ତ ଉପଦେଶ

ରାକେଶ ପଣ୍ଡା

ଦେୟମୁକ୍ତ ଉପଦେଶ ତଥା ମାଗଣାରେ ପରାମର୍ଶ ଦେବା ଅଧିକାଂଶ ଭାରତୀୟଙ୍କ ସହଜାତ ପ୍ରବୃତ୍ତି। ପାଶ୍ଚାତ୍ୟଦେଶଗୁଡ଼ିକରେ ଏକ ବିଶ୍ୱାସ ଅଛି ଯେ ଭାରତରେ ପ୍ରତ୍ୟେକ ବ୍ୟକ୍ତି ଜଣେ ଜଣେ ବିଶେଷଜ୍ଞ, ଯେଉଁମାନେ କି ମାଗଣାରେ ସ୍ୱତଃ ବିଭିନ୍ନ କ୍ଷେତ୍ରରେ ପରାମର୍ଶ ବାଣ୍ଟିଥା'ନ୍ତି ଏବଂ ଏହି କାର୍ଯ୍ୟକଳାପରୁ ସେମାନଙ୍କର ଏକ ସ୍ୱତନ୍ତ୍ର ଉପଲବ୍ଧି ହୋଇଥାଏ।

ଅବାଞ୍ଛିତ ପରାମର୍ଶ ଦେବା ଯେପରି ଆମର ଏକ ନୈତିକ କର୍ତ୍ତବ୍ୟ ପାଲଟି ଯାଇଛି। ଅନେକ ଥର ମନେହୁଏ ଯେ ଯଦି ଜଣେ ବ୍ୟକ୍ତି ପରାମର୍ଶ ନ ଦିଏ, ତେବେ ସେ ଅନ୍ୟମାନଙ୍କ ନଜର ବା ଧ୍ୟାନରୁ ଦୂରେଇ ରହିଥାଏ। ସାଧାରଣତଃ, ଆମର ଭାବନାରେ ଯେଉଁମାନେ ପରାମର୍ଶ ଦେଇ ପାରିବେ ନାହିଁ ସେମାନଙ୍କୁ ଅଦରକାରୀ ବୋଲି ଧରାଯାଏ। ଏହିପରି ଏକ ଚିନ୍ତାଧାରା ମଧ୍ୟରେ ରହି ଲୋକମାନଙ୍କୁ ପରାମର୍ଶ ଦେବା କାର୍ଯ୍ୟକଳାପ ଧୀରେ ଧୀରେ ଏକ ମାଇଲଖୁଣ୍ଟ ହୋଇଯାଏ। ବିଶେଷକରି କୌଣସି ଏକ ନୂତନ ବୈବାହିକ ସମ୍ପର୍କ ସଂଗଠିତ ସମୟରେ ଅବାଞ୍ଛିତ ପରାମର୍ଶର ଗୁରୁତ୍ୱ ବଢ଼ିଯାଇଥାଏ। ବେଳେବେଳେ ଦୂର ସମ୍ପର୍କୀୟଙ୍କ ଅବାଞ୍ଛିତ ପରାମର୍ଶ ହେତୁ ଏକ ସୁ-ସଂଯୁକ୍ତ ସମ୍ପର୍କ ଭାଙ୍ଗିଯାଏ, ଯାହା କି ସମୟ ସହିତ ବୁଝାପଡ଼େ। ଅନେକ ସମୟରେ ଦେଖାଯାଏ ଯେ, ଚଳଚ୍ଚିତ୍ର ଓ ସିରିଏଲ ଦେଖିବା ସମୟରେ, ବସ୍ କିମ୍ବା ରେଳରେ ଯାତ୍ରା ସମୟରେ, ଚାହା ଓ ପାନ ଦୋକାନ ଆଗରେ ବସି ଗୁଲିଖଟି ଆସରରେ ଏବଂ ବିଭିନ୍ନ ପ୍ରକାରର ଅବସରକାଳୀନ ସମୟ ଅତିବାହିତ ସମୟରେ, ଜଣେ ଅନ୍ୟ ଜଣଙ୍କ ଦରକାରିତାକୁ ନେଇ ଯଥା; ଶାରୀରିକ ଓ ମାନସିକ ସମସ୍ୟା, ଉଚଶିକ୍ଷା ଓ ଚାକିରି ବିଷୟ, ବ୍ୟବସାୟ, ଦାମ୍ପତ୍ୟ ବିବାଦ, ଘରୋଇ ତଥା ସାମାଜିକ କଳହ, ଥାନା, କୋର୍ଟ, କଚେରି ସମସ୍ୟା, ଅଳ୍ପ ଜ୍ଞାନ ଥାଇ ଜ୍ୟୋତିଷ ବିଦ୍ୟାରେ ଭବିଷ୍ୟତ ବାଣୀ, ଦୈନିକ ଆହାର ଗ୍ରହଣ ଓ ପୁଷ୍ଟିସାଧନ ସମ୍ବନ୍ଧୀୟ ବିଷୟ ଆଦି ବିଭିନ୍ନ ଦିଗ ଓ କ୍ଷେତ୍ରରେ ସମାଧାନର ଏକ ତାଲିକା ଓ ସୂତ୍ର ନେଇ ମାଗଣା ଉପଦେଶ ତଥା ପରାମର୍ଶ ବାଣ୍ଟି ଚାଲନ୍ତି।

ବିନା କାରଣରେ ଆମେ ଅନ୍ୟକୁ ଉପଦେଶ ଅବା ପରାମର୍ଶ ଦେଇଥାଉ ଏବଂ ନିଜର ପରାମର୍ଶକୁ ପ୍ରମାଣ କରିବା ପାଇଁ ଆମେ ମଧ୍ୟ ଏପରି ଉଦାହରଣ ଉପସ୍ଥାପନ କରୁ, ଯେପରି ଏହି ବିଷୟରେ ଅନ୍ୟ କୌଣସି ପରାମର୍ଶ କିମ୍ବା ସୂତ୍ର ଅନ୍ୟ କୌଣସି ବ୍ୟକ୍ତିଙ୍କ ନିକଟରେ ଉପଲବ୍ଧ ନାହିଁ। ଏହା ପ୍ରକୃତି ସହିତ ଏକ ସନ୍ତୁଳନ ସୃଷ୍ଟି କରିବା ତଥା ନିଜର ପ୍ରକୃତିକୁ ବାହ୍ୟ ପ୍ରକୃତି ସହିତ ସନ୍ତୁଳନ କରିବା ପରିବର୍ତ୍ତେ ଆମେ ନିଜର ଅହଂ ସହିତ ବାସ କରୁ। ଏହିପରି ଭାବରେ ଆମେ ଅନ୍ୟମାନଙ୍କୁ ଉପଦେଶ ଦେବାରେ ଅଭ୍ୟସ୍ତ ହୋଇଥାଉ। ଆମ ଚାରିପାଖରେ କିଛି ଲୋକ ଅଛନ୍ତି, ଯେଉଁମାନେ ସଂପୂର୍ଣ୍ଣ କଥା ଶୁଣନ୍ତି ନାହିଁ ଏବଂ ଏହା ପୂର୍ବରୁ ପରାମର୍ଶ ଦେବା ଆରମ୍ଭ କରି ଦିଅନ୍ତି। ଏହି କାରଣରୁ ସେମାନଙ୍କର କଥା ଓ ଉପଦେଶ ଅନ୍ୟମାନଙ୍କ ପାଇଁ ଏକ ଥଟ୍ଟାରେ ପରିଣତ ହୋଇଥାଏ। ତାଙ୍କର ଏହି ଅଭ୍ୟାସ ଓ ଆଚରଣ ହେତୁ ତାଙ୍କ ଆଖପାଖରେ ଉପସ୍ଥିତ ଲୋକମାନେ ତାଙ୍କଠାରୁ ଦୂରେଇ ରହିବାକୁ ଲାଗିନ୍ତି। ଯେପରି ଅନୁଭବ ହୁଏ, ଯଦି ବିନା କାରଣରେ ଜଣେ ବ୍ୟକ୍ତି ନିଜର ଜ୍ଞାନ ଓ ଅଭିଜ୍ଞତାକୁ ଉପସ୍ଥାପନ କରନ୍ତି, ତେବେ ଏହା ପ୍ରତିଟି ସମୟରେ ବୃଥା ବୋଲି ପ୍ରମାଣିତ ହୋଇଥାଏ। ଏହାଦ୍ୱାରା ତାଙ୍କଠାରୁ ଧୀରେ ଧୀରେ କେହି କିଛି ଆଶା କରନ୍ତି ନାହିଁ ଏବଂ ଇଚ୍ଛାକୃତ ସମ୍ମାନ ପାଇବାକୁ ସେ କେବେ ହେଲେ ସମର୍ଥ ହୁଅନ୍ତି ନାହିଁ।

ଏହା ସତ୍ୟ ଯେ, ବିନା ପ୍ରଶ୍ନରେ ପରାମର୍ଶ ଦେବାରେ କୌଣସି ପରାମର୍ଶର ମୂଲ୍ୟ ନ ଥାଏ। ଯଦି ଜଣେ ବ୍ୟକ୍ତି ଚାହାନ୍ତି ଲୋକମାନେ ତାଙ୍କୁ ଅନ୍ତରରୁ ସମ୍ମାନ ଦିଅନ୍ତୁ, ତେବେ ସେ ଆଦୌ ଅବାଞ୍ଛିତ ପରାମର୍ଶ ଦେବା ଉଚିତ ନୁହେଁ। କାରଣ ଅନେକ ସମୟରେ ଉକ୍ତ ପରାମର୍ଶ ଜଣେ ବ୍ୟକ୍ତି ତଥା ଶ୍ରୋତାଙ୍କୁ ବ୍ୟଥିତ କରେ ଏବଂ ବିଷୟବସ୍ତୁଟି ଅନ୍ୟ ଏକ ଦିଗକୁ ଚାଲିଯିବାର ସମ୍ଭାବନା ରହିଥାଏ। ଏହାଛଡ଼ା ବର୍ତ୍ତମାନ ସମୟର ସବୁଠୁ ବଡ଼ ସତ୍ୟ ହେଉଛି, ଜଣେ ବ୍ୟକ୍ତି ଅନ୍ୟ ଜଣଙ୍କୁ ନିଜର ଅଭିଜ୍ଞତା ହେଉ ଅବା ଜ୍ଞାନର ସାହାଯ୍ୟରେ ଅନ୍ୟ ଜଣେ ବ୍ୟକ୍ତିକୁ ଯେତେ ପରାମର୍ଶ ବାଣ୍ଟନ୍ତୁ ନା କାହିଁକି, ନିଜ ହିସାବରେ କାର୍ଯ୍ୟଟିକୁ ଯେପରି କରିବା କଥା ସେ ତାହା ହିଁ କରିଥାଏ। ଯେତେବେଳେ ଜଣେ ବ୍ୟକ୍ତି ନିଜର ଦରକାରିତାକୁ ଆଖିଆଗରେ ରଖି ନିଜଆଡୁ ଜଣଙ୍କୁ କିଛି ପଚାରନ୍ତି ସେତେବେଳେ ହିଁ ସେ ନିଜର ଜୀବନ ଅଭିଜ୍ଞତା, ବାସ୍ତବିକ ଅନୁଭବ ଓ କୌଣସି ଏକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଥିବା ବିଶେଷଜ୍ଞାନ ହିସାବରେ ତଥା ଏହାକୁ ଆଧାର କରି ପରାମର୍ଶ ଦେବା ଉଚିତ। ମହାପୁରୁଷମାନେ କହନ୍ତି, ଅନ୍ୟମାନଙ୍କୁ ପରାମର୍ଶ ଦିଅ ନାହିଁ, ନିଜ ଉପରେ ସେହି ପରାମର୍ଶ ବ୍ୟବହାର କର ଏବଂ ଜୀବନକୁ ଉନ୍ନତ କରିବାକୁ ଚେଷ୍ଟା କର। ତେବେ ତୁମେ 'ସ୍ୱତନ୍ତ୍ର' ହୋଇଯିବ।

ଏହି ପରିପ୍ରେକ୍ଷୀରେ, ପ୍ରତ୍ୟକ ବ୍ୟକ୍ତି ଆତ୍ମବିଶ୍ଳେଷଣ କରିବା ପୂର୍ବକ ନିଜେ ନିଜକୁ ଏକ ପ୍ରଶ୍ନ ପଚାରିବା ଉଚିତ ଯେ, 'ମୁଁ ଏହି ଲୋକମାନଙ୍କ ମଧ୍ୟରୁ ଜଣେ କି?' କିଛି କଥାବାର୍ତ୍ତା ନ କରି, ସାମନା ଲୋକଟିର ବିନା ଇଚ୍ଛାରେ ଏବଂ କୌଣସି ଏକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ନିଜର ବିଶେଷଜ୍ଞାନ, ଅଭିଜ୍ଞତା ଓ ବାସ୍ତବିକ ଅନୁଭବ ନ ଥାଇ ତାଙ୍କୁ ପରାମର୍ଶ ଦେବା ମୋ'ର ଏକ ବଦଅଭ୍ୟାସ କି?' ଯଦି ହଁ, ତେବେ ଉକ୍ତ ଗୁଣର ପରିବର୍ତ୍ତନ ଆବଶ୍ୟକ ନିଶ୍ଚୟ। ବର୍ତ୍ତମାନ ସମୟରେ ନିଜେ କିପରି ନିଜର ଆଚରଣ ଉପରେ ନିୟନ୍ତ୍ରଣ ରକ୍ଷା କରି ଉକ୍ତ ଅଭ୍ୟାସକୁ ଉନ୍ନତ କରିପାରିବେ, ସେ ସମ୍ବନ୍ଧରେ ଆତ୍ମଚିନ୍ତନ କରିବା ଜରୁରୀ।

ବଦ୍ଧାଲୋ(କଟକ) ମୋ: ୯୩୩୭୮ ୯୭୬୫୦

# ବୁଢ଼ିଆଣୀ ମନ୍ଦିର

## ବିଚିତ୍ର ବିଶ୍ୱାସ

ଓଜସ୍ୱିନୀ

ଭାରତୀୟମାନେ ପ୍ରକୃତିର ଉପାସକ। ବେଦ-ଉପନିଷଦର ଅନେକ ଶ୍ଳୋକ ମାଧ୍ୟମରେ ପ୍ରକୃତିର ଉପାସନା କରାଯାଇଛି। ଦେବାଦେବୀଙ୍କ ସହିତ ଦାନବ, ଗଛଲତା, ପଶୁପକ୍ଷୀ ମଧ୍ୟ ଭାରତୀୟଙ୍କ ପାଇଁ ପୂଜନୀୟ। ପୁରାଣଶାସ୍ତ୍ର ଅନୁସାରେ କୌଣସି ନା କୌଣସି ପଶୁପକ୍ଷୀ ପ୍ରତ୍ୟେକ ଦେବଦେବୀଙ୍କ ବାହନ ଭାବେ ରହିଛନ୍ତି। ତେଣୁ 'ତୀର୍ଥରାଜ ପ୍ରୟାଗ' ଭଳି 'ସର୍ପତୀର୍ଥ', 'ପକ୍ଷୀତୀର୍ଥ' ମଧ୍ୟ ଅତ୍ୟନ୍ତ ପବିତ୍ର ଓ ପୂଜନୀୟ। ଭାରତର ଅନେକ ସ୍ଥାନରେ କୀଟପତଙ୍ଗଙ୍କୁ ମଧ୍ୟ ପୂଜା କରାଯାଉଛି। କାହିଁ କେଉଁ କାଳରୁ ଆସ୍ଥା ଓ ବିଶ୍ୱାସର ସ୍ଥଳ ପାଲଟିଥିବା ଏହିସବୁ ମନ୍ଦିରରେ ସବୁ ସମୟରେ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଥାଏ। ଭକ୍ତଙ୍କ ପ୍ରଗାଢ଼ ବିଶ୍ୱାସ ଯୋଗୁଁ ଏହିସବୁ ମନ୍ଦିରମାନଙ୍କରେ ଅନେକ ଦୈବୀ ଚମତ୍କାର ମଧ୍ୟ ପରିଲକ୍ଷିତ ହୋଇଥାଏ। ନିମିଷକ ମଧ୍ୟରେ ଦୁରାରୋଗ୍ୟରୁ ମୁକ୍ତି ମିଳିବା ସହିତ ଅନେକ ସାଂସାରିକ ସମସ୍ୟାର ନିବାରଣ ମଧ୍ୟ ହୋଇଥାଏ। ଏଭଳି ଗୋଟିଏ ମନ୍ଦିର ହେଉଛି ବୁଢ଼ିଆଣୀ ମନ୍ଦିର।

ହିନ୍ଦୁ ଧର୍ମବିଶ୍ୱାସ ଅନୁସାରେ ଘରେ ବୁଢ଼ିଆଣୀ ଜାଲ ଲାଗିବା ଶୁଭଙ୍କର ନୁହେଁ। କିନ୍ତୁ ଏହାର ବିପରୀତ ଭାବେ ଭାରତର କେତେକ ଅଞ୍ଚଳରେ ପ୍ରତିଷ୍ଠିତ ବିଚିତ୍ର ବିଶ୍ୱାସର ଧାରାରେ ବୁଢ଼ିଆଣୀମାନଙ୍କୁ ପୂଜା କରାଯାଉଛି। ଏପରିକି ବୁଢ଼ିଆଣୀ ପୂଜା ପାଉଥିବା ସ୍ୱତନ୍ତ୍ର ମନ୍ଦିର ମଧ୍ୟ ଅଛି। ସେସବୁ ମନ୍ଦିର ଭିତରୁ ଗୋଟିଏ ହେଉଛି କେରଳରେ ଥିବା ପଲ୍ଲିୟାରା ଶ୍ରୀଭଗବତୀ ମନ୍ଦିର ବା କୋଣ୍ଡମନ ଚିଲଂଥିୟାମ୍ବଲମ୍ ମନ୍ଦିର। 'ଚିଲଂଥିୟାମ୍ବଲମ'ର ଅର୍ଥ ହେଉଛି ବୁଢ଼ିଆଣୀ ମନ୍ଦିର।

କେରଳର ପଥାନାମାଥିଟା ଜିଲ୍ଲା ଅନ୍ତର୍ଗତ କୋଣ୍ଡମନ ଗାଁରେ ଥିବା ଏହି ମନ୍ଦିରରେ କାହିଁ କେଉଁ କାଳରୁ ବୁଢ଼ିଆଣୀ ବିଷ ଦ୍ୱାରା ହେଉଥିବା ଅନେକ ଚର୍ମରୋଗର ଚିକିତ୍ସା କରାଯାଏ। ଏଥିସହିତ ଅନ୍ୟ ବିଷାକ୍ତ କୀଟ ଦଂଶନ ଦ୍ୱାରା ହେଉଥିବା ରୋଗର ଚିକିତ୍ସା କରାଯାଇଥାଏ। ଅନେକ ଶ୍ରଦ୍ଧାଳୁ ଏଠାରେ ଚିକିତ୍ସିତ ହୋଇ ସମ୍ପୂର୍ଣ୍ଣ ସୁସ୍ଥତା ଲାଭ କରିଛନ୍ତି। ତେଣୁ ଏହି ମନ୍ଦିର ସହିତ ଭକ୍ତଙ୍କ ଆସ୍ଥା ଓ ବିଶ୍ୱାସ ଅତୁଟ ରହିଛି। କୁହାଯାଏ ଯେ ଏହି ମନ୍ଦିରକୁ ଶକ୍ତିଭଦ୍ର ସାମ୍ରାଜ୍ୟର ଅନ୍ତିମ ରାଜାଙ୍କ ଶାସନ ସମୟରେ ନିର୍ମାଣ କରାଯାଇଥିଲା।

ବୁଢ଼ିଆଣୀ ଦେବୀ ମା' ଭଗବତୀଙ୍କ ମନ୍ଦିରର ପ୍ରସାଦ ଏବଂ ଏହି ମନ୍ଦିରରେ ଥିବା ଏକ କୂଅର ଚମତ୍କାରୀ ଜଳ ଦ୍ୱାରା ଚିକିତ୍ସା କରାଯାଏ। ମନ୍ଦିର ସମ୍ପର୍କିତ ସବୁଠାରୁ ଆଶ୍ଚର୍ଯ୍ୟଜନକ ତଥ୍ୟ ହେଉଛି ଏହି କୂଅର ପାଣି ଆୟୁର୍ବେଦ ଔଷଧ ଭଳି ସୁଗନ୍ଧ ପ୍ରଦାନକାରୀ ଏବଂ କାଢ଼ା ପିଇବା ଭଳି ସ୍ୱାଦ ଅନୁଭୂତ ହୋଇଥାଏ। ତେବେ ଏହି ମନ୍ଦିରରେ ବୁଢ଼ିଆଣୀଙ୍କୁ କାହିଁକି ପୂଜା କରାଯାଏ ଏବଂ କୂଅର ପାଣି କିଭଳି ଔଷଧୀୟ ସ୍ୱାଦ ପ୍ରଦାନ କରିଥାଏ, ତାହାକୁ ନେଇ ଏକ ଲୋକକଥା ଅଛି।

ରାଜା ରବୀନ୍ଦ୍ରନ୍ ବିକ୍ରମନ୍ ଜଣେ ସୁଶାସକ ସହିତ ପ୍ରଖ୍ୟାତ ଆୟୁର୍ବେଦ ଚିକିତ୍ସକ ମଧ୍ୟ ଥିଲେ। ତାଙ୍କର ରାଜଭବନ ଓ ରାଜଉଦ୍ୟାନ ଅତି ଦୁର୍ଲଭ ଚେରମୂଳି ଲତା, ଗୁଳ୍ମ ଓ ବୃକ୍ଷରେ ଭରପୂର ଥିଲା। ସେ ମଧ୍ୟ ଅନେକ ବିରଳ ଚିକିତ୍ସା ପଦ୍ଧତିକୁ ଆୟତ୍ତ କରିଥିଲେ। ରାଜା ରବୀନ୍ଦ୍ରନ୍‌ଙ୍କର ୩ଟି କନ୍ୟା ଥିଲେ। କିନ୍ତୁ ସମସ୍ତେ ଅବିବାହିତା ଥିବାରୁ ତାଙ୍କର ଉତ୍ତରାଧିକାରୀ କେହି ନଥିଲେ। ଏହା ସହିତ ତାଙ୍କର ଆୟୁର୍ବେଦ ଚିକିତ୍ସା ପଦ୍ଧତିକୁ ମଧ୍ୟ କେହି ଶିଖିବାକୁ ଓ ଗ୍ରହଣ କରିବାକୁ ମନ ବଳାଇଲେ ନାହିଁ। ତେଣୁ ରାଜା ବିକ୍ରମନ୍ ମୃତ୍ୟୁ ପୂର୍ବରୁ ତାଙ୍କର ସମସ୍ତ ଅମୂଲ୍ୟ ଚେରମୂଳି ଓ ଔଷଧକୁ ମାଟିତଳେ ପୋତି ଦେଲେ। କିଛିଦିନ ପରେ ତାଙ୍କର ଜ୍ୟେଷ୍ଠ ଓ ମଧ୍ୟମା କନ୍ୟା କୌଣସି ଦୁରାରୋଗ୍ୟରେ ପୀଡ଼ିତ ହୋଇ ପରଲୋକଗମନ କଲେ। ଏହା ଦେଖିବା ପରେ କନିଷ୍ଠା କନ୍ୟା ରାଜ ଭବନରେ ଥିବା ଶାହି କକ୍ଷ (ପଲ୍ଲିୟାରା)ରେ ଘୋର ତପସ୍ୟା ଆରମ୍ଭ କଲେ।

ତପସ୍ୟା ସମୟରେ ରାଜକୁମାରୀଙ୍କ ଶରୀରରେ ଗୋଟିଏ ବଡ଼ ବୁଢ଼ିଆଣୀ ସବୁବେଳେ ବସି ରହୁଥିଲା। ଅନେକ ବର୍ଷ ତପସ୍ୟା କରିବା ପରେ ରାଜକୁମାରୀ ସ୍ୱୟଂ ସମାଧି ନେଇଥିଲେ। ସମାଧି ନେବାର ଅନେକ ବର୍ଷ ପରେ ମଧ୍ୟ କେହି ରାଜକୁମାରୀଙ୍କ ଉକ୍ତ କକ୍ଷକୁ ଯିବା ପାଇଁ ସାହସ କରିନଥିଲେ। ଏକଦା ଉକ୍ତ କକ୍ଷର ଦ୍ୱାର ଆପେ ଆପେ ଖୋଲିଗଲା। ଲୋକମାନେ ଦେଖିବାକୁ ପାଇଲେ ଯେ ଯେଉଁ ଅବସ୍ଥାରେ ରାଜକୁମାରୀ ସମାଧି ନେଇଥିଲେ, ଉକ୍ତ ସ୍ଥାନରେ ବୁଢ଼ିଆଣୀ ରୂପରେ ଜଣେ ସୁନ୍ଦରୀ ଦେବୀ ବିରାଜମାନ କରିଛନ୍ତି। ଏହା ସହିତ ରାଜମହଲ ଭିତରେ ଥିବା କୂଅର ଜଳରୁ ଚେରମୂଳିର ସୁଗନ୍ଧ ଆସୁଥିଲା। ସେହି ଦିନଠାରୁ ଲୋକମାନେ ରାଜକୁମାରୀଙ୍କୁ ଭଗବତୀଙ୍କ ସ୍ୱରୂପ ମନେକରି ଶ୍ରୀପଲ୍ଲିୟାରା ଭଗବତୀ ବା ବୁଢ଼ିଆଣୀ ଦେବୀ ଭାବେ ପୂଜାର୍ଚ୍ଚନା କରି ଆସୁଛନ୍ତି।

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ୱାଟ୍‌କୋ ପାଇପ୍ ଫାଟି ୮୦୦ ବସ୍ତା ଧାନ ଜଳମଗ୍ନ

## ଉଜୁଡ଼ିଗଲା ବର୍ଷଯାକର ପରିଶ୍ରମ ● ଚାଷୀ ମୁଣ୍ଡରେ ଚଡ଼କ





ସମ୍ବଲପୁର, ୧୧।୧୨ (ସମିସ): ବର୍ଷତମାମ ଝାଳବୁହା ପରିଶ୍ରମ କରି ଚାଷୀ ସୁନାର ଫସଲ ଫଳାଇଥିଲା। ବହୁ ବାଧାବିଘ୍ନ ଅତିକ୍ରମ କରି ଧାନକୁ ଖଳା ପର୍ଯ୍ୟନ୍ତ ସୁରକ୍ଷିତ ଭାବେ ଆଣିଥିଲା। ୭ ଦିନ ପରେ ମଣ୍ଡିରେ ଧାନ ଦେଇ ସବୁ ଚିନ୍ତାରୁ ମୁକ୍ତ ହୋଇଥା'ନ୍ତା ବୋଲି ଯୋଜନା କରିଥିଲା। କିନ୍ତୁ ତା'ର ସବୁ ଯୋଜନା, ସବୁ ପରିଶ୍ରମକୁ ନିମିଷକରେ ଧୋଇନେଲା ୱାଟ୍‌କୋ। ୱାଟ୍‌କୋର ବେପରୁଆ କାମ ପାଇଁ ପିଏଚ୍‌ଡି ପାଇପ୍ ପାଣି ମାଡ଼ି ଜଣେ ଚାଷୀଙ୍କ ୮୦୦ବସ୍ତା ଧାନ ଜଳମଗ୍ନ ହୋଇଯାଇଛି। ସମ୍ବଲପୁର ମହାନଗର ନିଗମ ଭତରା ଗ୍ରାମର କୁବେର ଭୁକ୍ତାଙ୍କ ଉପରେ ଏପରି ଅଦିନିଆ ବଜ୍ର ପଡ଼ିଛି। କୁବେର ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ମଣ୍ଡିରେ କଟ୍‌ନୀଛଟ୍‌ନୀ ସମସ୍ୟା ଲାଗିରହିଥିବା ବେଳେ ଏବେ ଧାନ ନଷ୍ଟ ହୋଇଯାଇଥିବାରୁ କ'ଣ କରିବେ, କାହାକୁ କହିବେ; କିଛି ବୁଝିପାରୁନାହାନ୍ତି। ସେହିପରି, ଋଣ ଟଙ୍କା କେମିତି ଶୁଝିବେ, ସେଇ ଚିନ୍ତା ତାଙ୍କୁ ଅହରହ ଘାରୁଛି। ସୂଚନାନୁସାରେ, ୱାଟ୍‌କୋ ପକ୍ଷରୁ ପିଏଚ୍‌ଡି ପାଇପ ମରାମତି କାର୍ଯ୍ୟ ଜାରି ରହିଛି। ମରାମତି କାର୍ଯ୍ୟ ପାଇଁ ୱାଟ୍‌କୋ ଶିବଶକ୍ତି ଠିକାସଂସ୍ଥାକୁ ଦାୟିତ୍ୱ ଦେଇଛି। ଭତରା ମେଡିକାଲରୋଡ୍ ପାଖରେ କୁବେରଙ୍କ ଖଳା ରହିଛି। ଖଳାରୁ କିଛି ଦୂରରେ ଠିକାସଂସ୍ଥା ଗୋଟାଏ ସ୍ଥାନରେ ପ୍ରାୟ ମାସେ ହେଲାଣି ମରାମତି କାର୍ଯ୍ୟ ଜାରି ରଖିଛି। ଉକ୍ତ ପଏଣ୍ଟରେ ୩ଥର ଚାବି ପରିବର୍ତ୍ତନ କରାଗଲାଣି। କୁବେର ମଧ୍ୟ ପିଏଚ୍‌ଡି ବିଭାଗରେ କାମ କରୁଥିଲେ। ତେଣୁ ଠିକା ସଂସ୍ଥା ମରାମତି କାମ ଠିକ ଭାବେ କରୁନଥିବା ମଧ୍ୟ କହିଥିଲେ। ପାଖରେ ଖଳା ରହିଛି, ପାଇପ ଫାଟିଲେ ଧାନ ନଷ୍ଟ ହେବ ବୋଲି ପୂର୍ବରୁ ଠିକାସଂସ୍ଥାକୁ ଜଣାଇଥିଲେ। କିନ୍ତୁ ବୁଧବାର ବିଳମ୍ବିତ ରାତିରେ ପାଇପ ଫାଟି ସକାଳ ପର୍ଯ୍ୟନ୍ତ ପାଣି ବୋହିବାରୁ କୁବେରଙ୍କ ଶୁଖିଲା ଧାନ ଓଦା ହୋଇ ପୂରା ନଷ୍ଟ ହୋଇଯାଇଛି।

### ଧାନ ଉଠାଇବ ତ ମିଲର୍?

ସୂଚନାଯୋଗ୍ୟ, ଋଣ କରି କୁବେର ଏଥର (ନିଜର ୪ ଏକର ଓ ଅନ୍ୟର ୪ ଏକର) ମୋଟ ୮ ଏକର ଜମିରେ ଚାଷ କରିଥିଲେ। ୬ଦିନ ହୋଇଛି ଧାନ କାଟି ନିଜ ଖଳାକୁ ଆଣି ଶୁଖାଇଛନ୍ତି। ଧାନ ଓଦା ଥିଲେ ମିଲରମାନେ କାଟିବେ, ତେଣୁ ଶୁଖିଲା ଧାନ ବିକିବା ପାଇଁ ଖଳାରେ ରଖିଥିଲେ। ତିନିଶହ ବସ୍ତାରେ ଥିବା ବେଳେ ଅନ୍ୟ ସମସ୍ତ ଧାନ ଶୁଖାଯାଇଥିଲା। ଟୋକନ୍ ମଧ୍ୟ ଆସି ସାରିଛି। ଆସନ୍ତା ୧୯ ତାରିଖରେ ମାନେଶ୍ୱର ମାର୍କେଟ୍ ୟାର୍ଡରେ ଧାନ ଦେବାର ରହିଥିଲା। କିନ୍ତୁ ଏବେ ଧାନ ଜଳମଗ୍ନ ହୋଇ ରହିଛି। କେତେ ବସ୍ତା ଧାନ ପାଣି ସୁଅରେ ଭାସି ମଧ୍ୟ ଯାଇଛି। ଏହି ଧାନ ଶୁଖିବା ପାଇଁ ଏବେ ୧୫ ଦିନରୁ ଅଧିକ ସମୟ ଲାଗିବ। ସେପଟେ ବସ୍ତାରେ ରଖା ଯାଇଥିବା ଧାନ ମଧ୍ୟ ସମ୍ପୂର୍ଣ୍ଣ ଓଦା ହୋଇଯାଇଛି। ତେଣୁ, ସେହି ଧାନକୁ ନେଇ କ'ଣ କରିବେ ବୋଲି କୁବେର ଚିନ୍ତାରେ ପଡ଼ି ଯାଇଛନ୍ତି। ୱାଟ୍‌କୋର ଭୁଲ୍ ଯୋଗୁଁ କୁବେର ଲକ୍ଷାଧିକ ଟଙ୍କାର କ୍ଷତି ସହିବେ।

ପରିବାରରେ କୁବେରଙ୍କୁ ମିଶାଇ ୪ ଜଣ ସଦସ୍ୟ। ଧାନ ଚାଷ କରି ପରିବାର ଭରଣପୋଷଣ କରିଥା'ନ୍ତି। ଏବେ ବର୍ଷଯାକର ସମ୍ପତ୍ତି ଠିକାସଂସ୍ଥା ପାଇଁ ଉଜୁଡ଼ିଗଲା। ସେପଟେ ପାଣି ପାଇପ ମରାମତି କରୁଥିବା ଠିକାସଂସ୍ଥା ନିଜ ମୁଣ୍ଡରୁ ଦୋଷ ଖସାଇବାକୁ ଚେଷ୍ଟା କରୁଛି। ସଂସ୍ଥାର ସୁପରଭାଇଜର୍ ପ୍ରଶାନ୍ତ ଡେଙ୍ଗ ସବୁ ୱାଟ୍‌କୋର ଦୋଷ ବୋଲି କହି ଖସିଯିବାକୁ ଉଦ୍ୟମ କରିଛନ୍ତି। ୱାଟକୋ ଅଧିକାରୀଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

■ ଜବରଦଖଲ ପାଇଁ ରାସ୍ତା ପ୍ରଶସ୍ତିକରଣ ବାଧାପ୍ରାପ୍ତ ପ୍ରସଂଗ

# ତୁରନ୍ତ ଉଚ୍ଛେଦ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ,୧୧।୧୨(ସମିସ): ବାଲେଶ୍ୱର ଜିଲ୍ଲା ତାମୁଳିଆ ଛକର କୁରୁଡାରୁ ଫକୀରମୋହନ ଗୋଲେଇ ଛକ ପର୍ଯ୍ୟନ୍ତ ଓଟି ରୋଡ୍ ଏବଂ ଜାତୀୟ ରାଜପଥକୁ ସଂଯୋଗ କରୁଥିବା ଫ୍ଲାଏଓଭ୍ ବ୍ରିଜ୍ ନିକଟ ରାସ୍ତା ସମ୍ପ୍ରସାରଣ କାମ ଜବରଦଖଲ ଜନିତ ସମସ୍ୟାରୁ ଅଟକିଥିବା ପ୍ରସଙ୍ଗରେ ରୁଜୁ ଜନସ୍ୱାର୍ଥ ମାମଲାର ଶୁଣାଣି କରି ତ୍ୱରିତ ଉଚ୍ଛେଦ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ସୂର୍ଯ୍ୟକାନ୍ତ ସାହୁଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ୍.ଏସ୍.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏହି ପ୍ରସଙ୍ଗରେ ଜଣିକିଆ ବିଚାରପତି ପ୍ରଦାନ କରିଥିବା ଆଦେଶ କାର୍ଯ୍ୟକାରୀ କରିବା ସହ ଗଠିତ କମିଟି ସରକାରଙ୍କ ଯୋଜନା ଅନୁଯାୟୀ ଆବଶ୍ୟକ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ହାଇକୋର୍ଟ କହିବା ସହ ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ମାମଲାରୁ ପ୍ରକାଶ ଯେ ଉପରୋକ୍ତ ସ୍ଥାନରେ ପ୍ରବଳ ଟ୍ରାଫିକ ଭିଡ ହେତୁ, ସରକାର ରାସ୍ତା ପ୍ରଶସ୍ତୀକରଣ ଏବଂ ଡ୍ରେନେଜ୍ ନିର୍ମାଣ ପାଇଁ ପାଣ୍ଠି ମଞ୍ଜୁର କରିଛନ୍ତି। ଯଦିଓ ରାସ୍ତାର କିଛି ଅଂଶ ସମ୍ପୂର୍ଣ୍ଣ ହୋଇଛି, ସରକାରୀ ଜମି ଉପରେ ଜବରଦଖଲ ଯୋଗୁଁ, କାର୍ଯ୍ୟ ସମାପ୍ତ ହୋଇପାରିନାହିଁ। ଜଣିକିଆ ବିଚାରପତିଙ୍କ ଆଦେଶ କ୍ରମେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଥିଲେ ସୁଦ୍ଧା କିଛି ସୁଫଳ ନ ମିଳିବାରୁ ଆବେଦନକାରୀ ଦୁଇଜଣିଆ ଖଣ୍ଡପୀଠରେ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ।

■ ମଦ ଦୋକାନୀଙ୍କଠାରୁ ମାସିକିଆ ଲାଞ୍ଚ ଆଦାୟ ଘଟଣା

# ପ୍ରାକ୍ତନ ଇନ୍ସପେକ୍ଟରଙ୍କ ଆବେଦନ ହାଇକୋର୍ଟରେ ଖାରଜ

କଟକ,୧୧।୧୨(ସମିସ): ଜନୈକ ମଦ ଦୋକାନୀଙ୍କ ଠାରୁ ମାସିକିଆ ଚାନ୍ଦା ଆକାରରେ ୫୦ହଜାର ଟଙ୍କା ଲାଞ୍ଚ ଗ୍ରହଣ ଅଭିଯୋଗରେ ହୋଇଥିବା ମାମଲାରେ ଅଭିଯୁକ୍ତ ପ୍ରାକ୍ତନ ବାଲେଶ୍ୱର ଜିଲ୍ଲା ଚାନ୍ଦିପୁର ଥାନା ଆଇଆଇସି ଗଣେଶ୍ୱର ପ୍ରଧାନଙ୍କ ଅଡୁଆ ବଢିଛି। ଏହି ମାମଲାରୁ ମୁକ୍ତ ପାଇଁ କରିଥିବା ଆବେଦନକୁ ନିମ୍ନ ଅଦାଲତଙ୍କ ଖାରଜ ନିର୍ଦ୍ଦେଶ ବିରୋଧରେ ରୁଜୁ ଆବେଦନକୁ ହାଇକୋର୍ଟ ମଧ୍ୟ ଖାରଜ କରିଦେଇଛନ୍ତି। ଗଣେଶ୍ୱର ପ୍ରଧାନଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ଚିତ୍ତରଂଜନ ଦାଶ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ତଦନ୍ତ ସମୟରେ ରେକର୍ଡ ହୋଇଥିବା ଏତଲା ଏବଂ ସାକ୍ଷୀଙ୍କ ବୟାନକୁ ଅନୁଧ୍ୟାନ କରିବା ପରେ ଏହା ସ୍ପଷ୍ଟ ହୋଇଥିଲା ଯେ ଆବେଦନକାରୀ ହିଁ ଅଭିଯୋଗକାରୀଙ୍କୁ ତାଙ୍କ ମଦ ଦୋକାନ ଚଳାଇବା ପାଇଁ ପ୍ରତି ମାସରେ ପଚାଶ ହଜାର ଟଙ୍କା ଏଏସଆଇଙ୍କ ହାତରେ ଦେବାକୁ କହିଥିଲେ। ମାମଲାରୁ ପ୍ରକାଶ ଯେ ଗତ ୨୦୨୩ ଜୁଲାଇରେ ସମ୍ପୃକ୍ତ ଅଭିଯୋଗକାରୀ ମଦ ଦୋକାନୀଙ୍କଠାରୁ ୫୦ ହଜାର ଟଙ୍କା ଲାଞ୍ଚ ସେହି ସମୟରେ ଚାନ୍ଦିପୁର ଥାନାରେ ଏଏସଆଇ ଥିବା ପ୍ରଦୀପ କୁମାର ମହାନ୍ତି ଗ୍ରହଣ କରିଥିଲେ। ଭିଜିଲାନ୍ସ ପକ୍ଷରୁ ଉଭୟ ଆଇଆଇସି ଓ ଏଏସଆଇଙ୍କ ବିରୋଧରେ ମାମଲା ହୋଇଥିଲା। ତେବେ ଏହି ମାମଲାରେ ସମ୍ପୃକ୍ତି ନଥିବା ଦର୍ଶାଇ ଆବେଦନାକରୀ ବାଲେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତରେ ଡିସଚାର୍ଜ ଆବେଦନ କରିଥିଲେ ହେଁ ତାହା ଖାରଜ ହେବାରୁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସଞ୍ଜ ନଇଁଲେ...

ପାରଦ ଖସିବା ସହ ଥଣ୍ଡାର ରାଜୁତି ଆରମ୍ଭ ହୋଇଯାଉଛି। ଯେତେ ରାତି ବଢୁଛି ସେତେ ଥଣ୍ଡାର ପ୍ରକୋପ ବଢିବା ସହ ଜାଡ଼ରେ ସାରା ରାଜ୍ୟ ଏବେ ଥରୁଛି। ଅନ୍ୟପଟେ ଗୁରୁବାର ଆଇଏମ୍‌ଡି ପକ୍ଷରୁ କୁହାଯାଇଛି ଯେ ଆସନ୍ତା ୨ ସପ୍ତାହ ପର୍ଯ୍ୟନ୍ତ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବ ନାହିଁ। ତେଣୁ ଓଡ଼ିଶାରେ ଦୁଇ ସପ୍ତାହ ପର୍ଯ୍ୟନ୍ତ ଶୀତ ଲହରୀ ସ୍ଥିତି ଜାରି ରହିବାର ସମ୍ଭାବନା ରହିଛି। ଗତ ବର୍ଷ ରାଜ୍ୟରେ ଗୋଟିଏ ଦିନ ବି ଶୀତ ଲହରୀ (କୋଲ୍ଡ ୱେଭ୍) ସ୍ଥିତି ସୃଷ୍ଟି ହୋଇ ନ ଥିବା ବେଳେ ଚଳିତ ବର୍ଷ ଏବେ ସୁଦ୍ଧା ୯ ଦିନ ଶତ ଲହରୀ ସ୍ଥିତି ସୃଷ୍ଟି ହୋଇସାରିଛି। ଚଳିତ ବର୍ଷ ଡିସେମ୍ବର ମାସରେ ୬ ଦିନ 'କୋଲ୍ଡ ୱେଭ୍' ସ୍ଥିତି ସୃଷ୍ଟି ହୋଇଥିବା ବେଳେ ନଭେମ୍ବରରେ ମଧ୍ୟରେ ୩ ଦିନ କୋଲ୍ଡ ୱେଭ୍ ହୋଇଛି। ଆଗାମୀ ୨ ସପ୍ତାହ ଶୀତ ଲହରୀ ସ୍ଥିତି ପାଇଁ ପାଗ ଅନୁକୂଳ ରହିଥିବାରୁ ଏହି ସଂଖ୍ୟାରେ ଆହୁରି ବୃଦ୍ଧି ନେଇ ଆକଳନ କରାଯାଉଛି। ପୂରା ଶୀତ ଋତୁରେ ଅର୍ଥାତ ଅକ୍ଟୋବର ଶେଷରୁ ଜାନୁଆରୀ ଶେଷ ମଧ୍ୟରେ ୫-୬ ଦିନ କୋଲ୍ଡ ୱେଭ୍ ସ୍ଥିତି ସୃଷ୍ଟି ହୋଇଥାଏ। ହେଲେ ଚଳିତ ବର୍ଷ ଡିସେମ୍ବର ପ୍ରଥମ ସପ୍ତାହରୁ ଏହି ସଂଖ୍ୟା ୯ ରେ ପହଞ୍ଚି ସାରିଥିବାରୁ ସାରା ରାଜ୍ୟରେ ଲୋକେ ଶୀତରେ କଲବଲ ହେଉଛନ୍ତି। ଅନ୍ୟପଟେ ଶୀତ ଆକଳନକୁ ନେଇ ଏଥର ଡବ୍ଲୁଏମ୍‌ଓ ଓ ଆଇଏମ୍‌ଡି ଫେଲ୍ ମାରିଛନ୍ତି। ସାଧାରଣତଃ ଲା-ନିନା ବର୍ଷରେ ଶୀତ ଅଧିକ ହେବାର ସମ୍ଭାବନା ଥିବାରୁ ଏବର୍ଷ ଶୀତ ଅଧିକ ପରିବର୍ତ୍ତେ କମ୍ ରହିବ ବୋଲି ଏହି ଦୁଇ ସଂସ୍ଥା ଆକଳନ କରିଥିଲେ। ଦେଶରେ ଉତ୍ତର ଭାରତରେ ସାଧାରଣତଃ ଶୀତ ଅଧିକ ରହେ। ସେଠାରୁ ରାଜ୍ୟକୁ ଆସୁଥିବା ଶୁଷ୍କ ଓ ଥଣ୍ଡା ବାୟୁ ଦ୍ୱାରା ରାଜ୍ୟରେ ଶୀତ ବଢ଼େ। ମାତ୍ର ଆଇଏମ୍‌ଡି ଆକଳନ ଅନୁଯାୟୀ ଉତ୍ତର ଭାରତରେ ଚଳିତ ବର୍ଷ ଅପେକ୍ଷାକୃତ ଶୀତ କମ୍ ରହିଛି। ହେଲେ ସେଠାରୁ ଆସୁଥିବା ସ୍ୱାଭାବିକ ବାୟୁ ଦ୍ୱାର ଓଡ଼ିଶା, ଛତିଶଗଡ଼ ଓ ମଧ୍ୟପ୍ରଦେଶ ଆଦି ରାଜ୍ୟରେ ଶୀତ ଅଧିକ ରହୁଛି। ଏହାକୁ ନେଇ ଆଇଏମ୍‌ଡି ସମେତ ଅନ୍ୟ ପାଣିପାଗ ବିଜ୍ଞାନୀମାନେ ମଧ୍ୟ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ତେବେ ରାଜ୍ୟରେ ୧୩-୧୭ ମଧ୍ୟରେ ଅଧିକାଂଶ ଅଞ୍ଚଳରେ କୁହୁଡ଼ି ପାଇଁ ପାଗ ଅନୁକୂଳ ରହୁଛି। ଏହି ସମୟରେ ପୂର୍ବ ଦିଗରୁ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ଆସିବା ଦ୍ୱାରା କୁହୁଡ଼ି ବଢ଼ିବା ନେଇ ଆକଳନ କରାଯାଉଛି।

### ଦାରିଙ୍ଗବାଡ଼ିରେ...

ଦାରିଙ୍ଗବାଡ଼ିର ସର୍ବନିମ୍ନ ତାପମାତ୍ରା ୭ ଡିଗ୍ରୀ ରହିଛି। ଦିନ ୧୦ଟା ଭିତରେ ଓ ରାତି ୮ଟା ପରେ ଘରୁ ବାହାରିବା ମୁସ୍କିଲ ହୋଇପଡୁଛି। ଦିନତମାମ ଲୋକେ ଗରମ ପୋଷାକ ପରିଧାନ କରିବା ସହିତ ଖରାରେ ରହୁଥିବା ବେଳେ ସୂର୍ଯ୍ୟ ଅସ୍ତ ହେଉହେଉ ମାଡ଼ି ଆସୁଛି ଜାଡ଼। ଲୋକେ ଶୀତରୁ ରକ୍ଷା ପାଇବାକୁ ନିଆଁ ଜାଳି ବସି ରହୁଥିବା ଦେଖିବାକୁ ମିଳୁଛି। ହାଡ଼ଭଙ୍ଗା ଶୀତରେ ଶ୍ରମିକ, ଚାଷୀ, ଖୋଲା ଆକାଶ ତଳେ ବସି ବିକ୍ରି କରୁଥିବା ଛୋଟ ଚାଷୀଙ୍କ ପାଇଁ ବ୍ୟବସାୟ କରିବା କଷ୍ଟକର ହୋଇପଡୁଛି। ସେହିପରି ଜି.ଉଦୟଗିରିରେ ସପ୍ତାହେ ହେଲା ହାଡ଼ଭଙ୍ଗା ଜାଡ଼ କଲବଲ କରୁଛି। ପାରଦ ୫ ଡିଗ୍ରୀ ଏବଂ ଏହାଠୁ ତଳେ ରହୁଥିବା ବେଳେ ଗୁରୁବାର ଏଠାରେ ତାପମାତ୍ରା ୪ ଡିଗ୍ରୀ ରେକର୍ଡ ହୋଇଛି। ସହର ଅପେକ୍ଷା ଗ୍ରାମାଞ୍ଚଳ, କଳିଙ୍ଗା, ଲିଙ୍ଗାଗଡ, କତିଙ୍ଗିଆ, ମାଲିକପଡ଼ି, ତାଲାରିମହା ଆଦି ଅଞ୍ଚରେ ଅଧିକ ଶୀତ ଅନୁଭୂତ ହେଉଛି।

ସେହିପରି ମୟୂରଭଞ୍ଜ ଜିଲ୍ଲା ଶିମିଳିପାଳରେ ପାରଦ ପୁଣିଥରେ ୩ ଡିଗ୍ରୀକୁ ଖସିଛି। ଗୁରୁବାର ସକାଳ ୬ଟାରେ ଅଭୟାରଣ୍ୟର ଉତ୍ତର ବନଖଣ୍ଡର ଉପର ବାରହାକାମୁଡ଼ା (ୟୁବିକେ) ରେଞ୍ଜରେ ୩ ଡିଗ୍ରୀ, ଚହଲା ରେଞ୍ଜରେ ୫ଡିଗ୍ରୀ, ରାମତୀର୍ଥରେ ୧୨ଡିଗ୍ରୀ, ଗୁଡୁଗୁଡିଆରେ ୭ଡିଗ୍ରୀ, କିଆଝରୀରେ ୧୩ଡିଗ୍ରୀ ଓ ସାତକୋଶିଆରେ ୧୨ଡିଗ୍ରୀ ରେକର୍ଡ କରାଯାଇଛି। ଉତ୍ତରା ପବନ ପ୍ରବାହିତ ହେଉଥିବାରୁ ଦିନକୁ ଦିନ ଜିଲ୍ଲାରେ ଥଣ୍ଡାର ପ୍ରଭାବ ବଢ଼ି ଚାଲିଛି। ଜିଲ୍ଲାର ୨୬ଟି ବ୍ଲକ୍ ମଧ୍ୟରୁ ଅଧିକାଂଶ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରି ପାଖାପାଖି ରହୁଛି। ସକାଳୁ ଅନେକ ସମୟ ପର୍ଯ୍ୟନ୍ତ କୁହୁଡ଼ି ମଧ୍ୟ ପରିଲକ୍ଷିତ ହେଉଛି। ଆଗକୁ ତାପମାତ୍ରା ଆହୁରି ନିମ୍ନଗାମୀ ହେବା ସହ ଆହୁରି ଥଣ୍ଡା ଅନୁଭୂତ ହେବାର ସମ୍ଭାବନା ରହିଛି ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଯାଇଛି। ଶୀତ ଯୋଗୁଁ ସନ୍ଧ୍ୟା ସମୟରେ ରାସ୍ତାଘାଟ ଜନଶୂନ୍ୟ ହୋଇଯାଉଛି। ଶୀତରୁ ବର୍ତ୍ତିବା ପାଇଁ ସ୍ଥାନେ ସ୍ଥାନେ ଲୋକେ ନିଆଁ ଜାଳି ଘଣ୍ଟା ଘଣ୍ଟା ବସି ରହୁଥିବାର ଦେଖିବାକୁ ମିଳିଛି। ରାଇରଙ୍ଗପୁର ଉପଖଣ୍ଡରେ ମଧ୍ୟ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ରେକର୍ଡ କରାଯାଇଛି। ଏଥିଯୋଗୁଁ ଜନଜୀବନକୁ ଅସ୍ତବ୍ୟସ୍ତ ହୋଇପଡ଼ିଛି। ରାଇରଙ୍ଗପୁର ସମେତ ଯଶିପୁର, ଠାକୁରମୁଣ୍ଡା, କରଞ୍ଜିଆ, ରରୁଆଁ ଓ ଶୁକ୍ରୁଳି ଆଦି ଅଞ୍ଚଳରେ ମଧ୍ୟ ତାପମାତ୍ରା ନିମ୍ନଗାମୀ ହୋଇ ୧୦ ଡିଗ୍ରୀ ଓ ତଳକୁ ଖସିଛି। ଶୀତ ପ୍ରକୋପରେ ବାମନଘାଟି ଓ ପାଞ୍ଚପିଢ଼ ଉପଖଣ୍ଡ ମଧ୍ୟ ଥରୁଛି।

### ଓଡ଼ିଶାର ୩୫...

ଆଜି ନବରଙ୍ଗପୁର ଜିଲ୍ଲାର ୩୫ ଜଣଙ୍କୁ ନାଗରିକତା ପ୍ରମାଣପତ୍ର ପ୍ରଦାନ କରିଛନ୍ତି। ନାଗରିକତା ପ୍ରମାଣପତ୍ର ପ୍ରଦାନ ମାଧ୍ୟମରେ ଭାରତ ବର୍ଷର ସଦା ପରମ୍ପରାଗତ କରୁଣା, ମାନବତା ଓ ଆଶ୍ରୟଦାନର ମୂଲ୍ୟବୋଧ ପୁଣି ଥରେ ଉଜ୍ଜିବୀତ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ନୂଆକରି ନାଗରିକତା ପାଇଥିବା ନବରଙ୍ଗପୁର ଜିଲ୍ଲାର ବାସିନ୍ଦାଙ୍କୁ ଆଶ୍ୱାସନା ଦେଇ କହିଥିଲେ ଯେ, ଆପଣମାନଙ୍କୁ ନାଗରିକତା ପ୍ରମାଣପତ୍ର ମିଳିଲା । ଭାରତର ନାଗରିକ ଭାବେ ସମସ୍ତ ସୁବିଧା ସୁଯୋଗ ପାଇବେ, ଭୂମିହୀନଙ୍କୁ ଭୂମି ପ୍ରଦାନ କରାଯିବ ଏବଂ ଆବଶ୍ୟକସ୍ଥଳେ ଜାତି ପ୍ରମାଣପତ୍ର ମଧ୍ୟ ଯୋଗାଇ ଦିଆଯିବ। ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ ଯେ ଦେଶ ସ୍ୱାଧୀନତା ପରେ ନିଜ ଭିଟାମାଟିରେ ଶରଣାର୍ଥୀ ହୋଇ ରହିବା ଅତ୍ୟନ୍ତ କଷ୍ଟଦାୟକ । ଆଜି ଏହି ନାଗରିକତା ପ୍ରମାଣପତ୍ର ପ୍ରଦାନ ମାଧ୍ୟମରେ ଏଥିରୁ ସେମାନଙ୍କୁ ମୁକ୍ତି ମିଳିଛି ବୋଲି ସେ କହିଛନ୍ତି ।

### ୫ଟି ରାଜ୍ୟରେ...

କମିସନ ଗୋଟିଏ ସପ୍ତାହ ବୃଦ୍ଧି କରିଥିଲେ। ସେତେବେଳେ କମିସନ କହିଥିଲେ ଯେ, ଚୂଡାନ୍ତ ମତଦାତା ସୂଚୀ ୨୦୨୬ ଫେବୃଆରୀ ୧୪ରେ ପ୍ରକାଶିତ ହେବ । ଭୋଟର ହଟାଇବା କିମ୍ବା ସାମିଲ କରିବା ପାଇଁ ଗଣନା ଅବଧି କିମ୍ବା ଭୋଟର ଯାଞ୍ଚ ଏବେ ଡିସେମ୍ବର ୧୧ ପର୍ଯ୍ୟନ୍ତ ଚାଲିବ । ପୂର୍ବରୁ ଏହା ଡିସେମ୍ବର ୪ ପର୍ଯ୍ୟନ୍ତ ସ୍ଥିର କରାଯାଇଥିଲା । ଚିଠାତାଲିକା ପ୍ରଥମେ ଡିସେମ୍ବର ୨ରେ ପ୍ରକାଶିତ ହେବାର ଥିଲା। କିନ୍ତୁ ଏବେ ଡିସେମ୍ବର ୧୬ରେ ପ୍ରକାଶିତ ହେବ । ଇତିମଧ୍ୟରେ କମିସନ କହିଛନ୍ତି ।।ଯେ ମୃତ୍ୟୁ ଯୋଗୁଁ ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ଭୋଟରଙ୍କ ସୂଚୀ ରାଜନୈତିକ ଦଳଗୁଡିକୁ ଦିଆଯିବ ।

### ଇଣ୍ଟରନେଟ୍ କଟକଣା...

ଦେଇଛନ୍ତି। ବୈଠକରେ ଦୁଇ ପକ୍ଷ, ଜିଲ୍ଲା ଆଦିବାସୀ ସମାଜ ଓ ଜିଲ୍ଲା ବଙ୍ଗାଳୀ ସମାଜ ଉପସ୍ଥିତ ରହି ନିଜନିଜର ଦାବି ଉପସ୍ଥାପନ କରିବା ସହ ଉପ-ମୁଖ୍ୟମନ୍ତ୍ରୀଙ୍କ ସହ ସବିଶେଷ ଆଲୋଚନା କରିଥିଲେ। ବୈଠକରେ ଉପ-ମୁଖ୍ୟମନ୍ତ୍ରୀ ସେମାନଙ୍କୁ ପ୍ରତିଶ୍ରୁତି ଦେଇ କହିଥିଲେ ଯେ ରାଜ୍ୟ ସରକାରଙ୍କ ନିକଟରେ ଏ ସଂପର୍କିତ ଏକ ରିପୋର୍ଟ ଉପସ୍ଥାପନ କରାଯିବ। ପରବର୍ତ୍ତୀ ସମୟରେ ଏହା ଉପରେ ମୁଖ୍ୟମନ୍ତ୍ରୀ ପଦକ୍ଷେପ ନେବେ। ସେହିପରି ଜିଲ୍ଲାରେ ଆଇନଶୃଙ୍ଖଳା ପରିସ୍ଥିତି ଉପରେ କଡ଼ାକଡ଼ି ନଜର ରଖିବାକୁ ଉପ-ମୁଖ୍ୟମନ୍ତ୍ରୀ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଏମ୍‌ଭି-୨୬ ଗ୍ରାମରେ ପରିସ୍ଥିତି ସ୍ୱାଭାବିକ ହେଉଥିବା ବେଳେ ଭୟରେ ଘର ଛାଡ଼ିଥିବା ଲୋକେ ଏବେ ଫେରୁଛନ୍ତି। ପ୍ରତ୍ୟେକ ଘରର କ୍ଷତି ହୋଇଥିବା ସମସ୍ତ ସମ୍ପତ୍ତିକୁ ଅତି ଗୁରୁତର ସହ ଆକଳନ କରୁଛି ଜିଲ୍ଲା ପ୍ରଶାସନ। ଜିଲ୍ଲା ପ୍ରଶାସନ ପକ୍ଷରୁ ଏମ୍‌ଭି-୨୬ ଗ୍ରାମର ଗ୍ରାମବାସୀଙ୍କୁ କିଚେନ୍ ସେଟ୍, ଆବଶ୍ୟକ ପୋଷାକ, ମଗ୍, ବାଲ୍ଟି ଓ କମ୍ବଳ ଇତ୍ୟାଦି ଜରୁରୀ ସାମଗ୍ରୀ ଯୋଗାଇ ଦେବା ନିମନ୍ତେ ଓଡ଼ିଶା ରେଡକ୍ରସ୍ ରାଜ୍ୟ ଶାଖାକୁ ଅବଗତ କରାଯାଇଛି। ଏମ୍‌ଭି ୨୬ଗ୍ରାମର ସମୁଦାୟ ୨୩୪ଟି ଦୋକାନ ଓ ଗୃହ ନିମନ୍ତେ ପ୍ରାୟ ୫ କୋଟି ମୂଲ୍ୟର କ୍ଷତିପୂରଣ ପ୍ରଦାନ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଆକଳନ କରାଯାଇଛି। ଆଜିର ଏହି ସମୀକ୍ଷା ବୈଠକରେ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ, ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ସଂଗ୍ରାମ କେଶରୀ ମହାପାତ୍ର, ଏଡିଜି ସଞ୍ଜୀବ ପଣ୍ଡା, ଡିଆଇଜି କନୱର୍ ବିଶାଲ ସିଂ, ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଓ ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ ଏଚ୍ ପ୍ରମୁଖ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଜଣେ ମହିଳାଙ୍କ ମୁଣ୍ଡବିହୀନ ଶବ ଉଦ୍ଧାରକୁ ନେଇ ରାଖେଲଗୁଡ଼ା ଓ ଏମ୍‌ଭି-୨୬ ଗ୍ରାମ ମଧ୍ୟରେ ସଂଘର୍ଷ ଘଟିଥିଲା।

### ତଥ୍ୟ ଅନୁଧ୍ୟାନ କରିବ...

ଅଞ୍ଚଳ ଗସ୍ତ କରିବା ସହ ବର୍ତ୍ତମାନର ସ୍ଥିତି ଅନୁଧ୍ୟାନ କରିବେ। ଏହାପରେ ଏକ ପୂର୍ଣ୍ଣାଙ୍ଗ ରିପୋର୍ଟ ଦଳର ସଭାପତିଙ୍କୁ ପ୍ରଦାନ କରିବେ। ସୂଚନାଯୋଗ୍ୟ ଯେ ଏହି ହିଂସାକାଣ୍ଡ ଘଟଣାରେ ଏଯାବତ୍ ୫୦ଟି ଘର ଜଳିଥିବା ବେଳେ ୧୬୦ଟି ଘର କ୍ଷତିଗ୍ରସ୍ତ ହୋଇଛି। ସେହିପରି ଶତାଧିକ ଲୋକେ ନିଜ ଘରଦ୍ୱାର ଛାଡ଼ି ନିକଟସ୍ଥ ଗ୍ରାମରେ ଆଶ୍ରୟ ନେଇଛନ୍ତି।

### ରାଜଧାନୀରେ ବେଧଡ଼କ...

ପିସ୍ତଲ, ୬ଗୁଳି ଜବତ କରାଯାଇଛି। ଏମାନେ ବିହାରର ମୁଙ୍ଗେରରୁ ବନ୍ଧୁକ ଆଣି ଓଡ଼ିଶାରେ ବ୍ୟବସାୟ କରନ୍ତି। ଗିରଫ ଅଭିଯୁକ୍ତମାନେ ସପ୍ଲାୟର୍ସ ବୋଲି ଜଣାପଡ଼ିଛି। ବନ୍ଧୁକ କାରବାରରେ ନାବାଳକଙ୍କ ବ୍ୟବହାର ଏବେ ପୁଲିସର ଚିନ୍ତା ବଢାଇ ଦେଇଛନ୍ତି।

### ମୋକିମ୍ ଝଡ଼...

ସେହିପରି ଖଡ୍‌ଗେଙ୍କ ବୟସକୁ ନେଇ ପ୍ରଶ୍ନ କରିବା ଓ ରାହୁଲଙ୍କୁ ଦେଖା ନ କରିପାରିବା ପ୍ରସଙ୍ଗକୁ ମଧ୍ୟ ସେ ପସନ୍ଦ କରିନାହାନ୍ତି। ରାହୁଲ ଗାନ୍ଧୀ ସାରା ଦେଶ କଥା ବୁଝୁଛନ୍ତି, ମୁଁ ତାଙ୍କୁ ଲେଖିଥିବା ଚିଠିର ଉତ୍ତର ପାଇଛି। ତେଣୁ ଏହାକୁ ଏକ ଇସ୍ୟୁ କରିବା ବେକାର କଥା ବୋଲି ଜୟଦେବ କହିଛନ୍ତି।

ବରିଷ୍ଠ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ କହିଛନ୍ତି ଯେ ମୋକିମ ଏପରି କାର୍ଯ୍ୟ କରି ନିଜ ଝିଅ କ୍ୟାରିୟରକୁ ନଷ୍ଟ କରୁଛନ୍ତି। ସେ ତାଙ୍କର ବେପାର କରନ୍ତୁ କି ନୂଆ ଦଳ କରିବାର ଥିଲେ କରନ୍ତୁ। ଯଦି ଚିଠି ଲେଖିଲେ, ତାହା ପଦାକୁ ଆସିଲା କାହିଁକି ? ମୋକିମ ଯାହା କହିବା କଥା ହାଇକମାଣ୍ଡଙ୍କୁ କୁହନ୍ତୁ। ମତେ ବି ଦଳ ଧୋକା ଦେଇଥିଲା, ମାତ୍ର ମୁଁ କଂଗ୍ରେସର କ୍ଷତି କରିନାହିଁ। ଉଭୟ ନେତା ଆଉ ବ୍ୟକ୍ତିଗତ ଲଢେଇ କରନ୍ତୁ ନାହିଁ, କଂଗ୍ରେସର କ୍ଷତି କରନ୍ତୁ ନାହିଁ ବୋଲି ସେ କହିଛନ୍ତି। ତେବେ ଏହି ବିବାଦ ସହ ପିସିସି କୋଷାଧ୍ୟକ୍ଷ ସିଦ୍ଧାର୍ଥ ସ୍ୱରୂପ ଦାସ ବିଧାୟକ ରମେଶ ଜେନାଙ୍କ ବିରୋଧରେ ଥାନାରେ ଏତଲା ଦେଇଥିବାରୁ ତାହା ମଧ୍ୟ ଅନ୍ୟ ଏକ ଦିଗକୁ ଇଙ୍ଗିତ କରିଛି। ଅନେକ ଯୁବ ନେତା ଭକ୍ତଙ୍କ ସମୟରେ ଅସନ୍ତୋଷ ରହିଥିବା ସହ ଯେଉଁମାନେ ନିଲମ୍ବିତ ହୋଇଥିଲେ ସେମାନେ ମଧ୍ୟ ଏବେ ମୁହଁ ଖୋଲିବା ଆରମ୍ଭ କରିଛନ୍ତି। ପିସିସି ସଭାପତି ଭକ୍ତ ଦାସଙ୍କ କାର୍ଯ୍ୟଶୈଳୀ ଉପରେ ଦଳର ଗୋଟିଏ ଗୋଷ୍ଠୀ ଅସନ୍ତୋଷ ପ୍ରକାଶ କରି ପ୍ରଶ୍ନ ଉଠାଉଛନ୍ତି। ତେବେ ମୋକିମ ଚିଠି ଦେବା ତରିକାକୁ ବିରୋଧ କରାଯାଇଛି। ହାଇକମାଣ୍ଡ କିପରି ମୋକିମ ଓ ଭକ୍ତଙ୍କ କଳିର ସମାଧାନ କରୁଛନ୍ତି, ତା ଉପରେ କଂଗ୍ରେସ ନେତାଙ୍କ ନଜର ରହିଛି।


CAD-2661

ଜିଲ୍ଲା ପରିଷଦ, କନ୍ଧମାଳ
ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ
ଓଡିଶା ସରକାର

ZILLA PARISHAD, KANDHAMAL
Panchayati Raj & Drinking Water Department
Government of Odisha

Tender Call Notice No. 561/Date 10.12.2025

TENDER CALL NOTICE

For and on behalf of Govt. of Odisha the undersigned invites sealed tenders in duplicate super scribing the tender notice number and date from reputed potential suppliers, tent houses and electrical decorators to take up the tent and allied work of Kandhamal Mahotsav and Pallishree Mela-2026 to be held at Kandhamal Stadium, Phulbani for the period from 7th to 11th Jan, 2026.

The detailed Tender Call Notice and Tender Document can be seen and downloaded from www.kandhamal.odisha.gov.in.

The authority reserves the right to reject any or all the bids without assigning any reason thereof.

OIPR-19273/11/0005/2526

CDO-cum-EO,
Zilla Parishad, Kandhamal



**AFFIDAVIT**

By virtue of an affidavit sworn before Executive Magistrate, Rayagada, No. 1128 dated 11.12.2025, I, Sangyabati Sahu, aged about 21 years, D/o - Kshiradri Sahu, permanent resident of Tikira, PO - Seriguma, PS/Block - Kalyansinghpur, Dist - Rayagada, 765017, Odisha, declare that I have changed my name from N. Sagyan Bati to Sangyabati Sahu. Henceforth, I shall be known as **Sangyabati Sahu** for all purposes.

**AFFIDAVIT**

I, Devasmita Das, aged about 37 years, W/o- Bijoya Kumar Mohanty, resident of At/po- Barapada, Ps- Alakund, Dist- Jajpur, Odisha, Pin- 755004, do hereby declare by this affidavit No. 2501, dtd- 11/12/2025, that now onwards I shall be known as **DEBASMITA MOHANTY** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Nandapur, no. 108, dated. 10.12.2025, I Bhanu Pangi, D/o - Lachhana Hantal, W/o - Ramesh Pangi, currently residing at Vill - Tading, PO - Chatwa, PS - Padwa, Dist - Koraput, declare that BHANU HANTAL and BHANU PANGI is one and same person. Henceforth I shall be known as **BHANU PANGI** for all purposes.

**AFFIDAVIT**

By virtue of an affidavit sworn before the Notary Public, Borigumma, Dist - Koraput, affidavit no. 2202, dated 09.12.2025 I, Najarita Tara, W/o – Suresh Tara, Residences of – Hardaput, PO – Hardaput, PS – Borigumma, Dist - Koraput, Odisha, Pin – 764055 state that my Son Rihan Tara and Akhil Tara is one and same person. Henceforth, he shall be known as **Rihan Tara** for all purposes.

Sd/- Najarita Tara

**AFFIDAVIT**

By virtue of an affidavit sworn before the Notary Public, Sonepur, I, Narasing Prasad Dash, Vill.: Bijepur, P.O.: Hikudi, P.S.: Birmaharajpur, District– Subarnapur, Odisha, do hereby declare that my correct and actual name is "Narasing Prasad Dash" but it wrongly mentioned as Nrusingha Prasad Dash in my Aadhar card & Narsingha Prasad Dash in my sons Aadhar card. That "Narasing Prasad Dash", "Nrusingha Prasad Dash" & "Narsingha Prasad Dash" is one and the same person i.e. myself.

**AFFIDAVIT**

By virtue of an affidavit sworn before Executive Magistrate, Komna dated 08.12.2025 I, Prema Rana, Address – At/Po- Bhela, P.S-Komna, Dist. Nuapada, Odisha, PIN – 766106 declare that I have changed my name from Michha Rana to Prema Rana. Henceforth, I shall be known as Prema Rana for all purpose.

Sd/- Prema Rana

**AFFIDAVIT**

By virtue of an affidavit sworn before Executive Magistrate kanas, No-4458, dated 10/12/2025 I, Sri Sanjay Kumar Jena, resident of At- Nabada, Po- Khandahata, Block- Kanas, Ps- Gadisagoda, Dist- Puri, Odisha, Pin- 752017 declare that I have changed the name of my daughter from **Kritimaye Jena to Samrudhi Jena.** Henceforth, she shall be known as **Samrudhi Jena** for all purposes.

**Sanjay Kumar Jena**

**ନାମ ପରିବର୍ତ୍ତନ**

ମୁଁ ସେକ୍ ବେଲାଲ **(SK Belal)** ବୟସ ୩୫ବର୍ଷ, ପିତା- ଏସକେ ଇଜାର, ଗ୍ରାମ/ପୋ-ଗୋଲାଡ଼ିଆ, ଥାନା-ଚାନ୍ଦବାଲି, ଜିଲ୍ଲା-ଭଦ୍ରକ, ଏହିକି ମୋର ଆଧାର କାର୍ଡ଼ରେ ମୋର ନାମ ସେକ ବେଲାଲ (ଏସକେ ବେଲାଲ) ଉଲ୍ଲେଖ ଥାଇ ଏଲ୍ଆଇସି ପଲିସି ବଣ୍ଡ ନଂ-୫୮୭୩୭୬୫୯୧ ରେ ମୋର ନାମ ଏସକେ ବେଲାଲ ପରିବର୍ତ୍ତେ ଏସକେ ଗୁଲଜାର ବୋଲି ଉଲ୍ଲେଖ ଅଛି । ଏଗ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ କନିକାଙ୍କ ନିକଟରେ ଏଫିଡେଭିଟ୍ ନଂ- ୬୬୦୯, ତା- ୦୧/୧୨/୨୦୨୫ ବଳରେ ମୁଁ ଏବେ ମୋର ସମସ୍ତ ଦରକାରୀ କାଗଜପତ୍ରରେ ସେକ୍ ବେଲାଲ (ଏସକେ ବେଲାଲ), ପିତା- ଏସକେ ଇଜାର, ନାମରେ ପରିଚିତ ହେବି ।

**AFFIDAVIT**

By virtue of an affidavit before the Notary Public, Titilagarh, on dated: 09/12/2025. I, **Sanjukta Sahu** (applicant name), W/o- Subodh Sahu, permanent resident of AT- Hatpadapara, Titilagarh, PO/PS- Titilagarh, Dist- Balangir, (Odisha), PIN- 767033 now residing at the same place declare that I have changed my minor daughter's name from **Shidi Sahu** (old name) to **Shiddhi Rani Sahu** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she shall be known as **Shiddhi Rani Sahu** (new name) for all future purposes.

**Sanjukta Sahu**

**AFFIDAVIT**

By virtue of an affidavit sworn before Notary Public, Bhubaneswar, dated- 09/12/2025, I, **Satujoda Venkataramana Patnaik,** Address: Flat No. C-2/308A, Nadiabada Street, Po/Ps: Jeypore, Dist: Koraput, Odisha, Pin: 764001 declare that I have changed my name from **S V R Patnaik** to **Satujoda Venkataramana Patnaik.** Henceforth, I shall be known as **Satujoda Venkataramana Patnaik** for all purposes.

Satujoda Venkataramana Patnaik



**Tender Notice**

GSSS invites quotations from reputed and experienced service providers for Pond Desilting and Toilet Construction work . Interested firms are requested to submit their Expression of Interest (EOI) to receive the detailed BOQ /RFQ by emailing procurement@igsss.net within 5 days. For more information, **please contact 9711387171 / 8984983103**



ADMISSION NOTICE-2025-26

**Manjari Devi College**

Affiliated to Utkal University, OUHS, PCI, OSBP & DMLT/RTEB

Campus:
262, Puranpadhan, Balakati, Bhubaneswar

Mob. 7019799641, 7978608747
9853801459
Email: mdscnbbsr@gmail.com

- **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
- **D. Pharm** Rs. 48,000/- P.A. Eligibility: +2 Sc. (PCB/M)
- **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
- **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M)
- **M.P.H.** Rs. 42,000/- P.A. Eligibility: Any Graguate

ALL COURSE FEES ARE EXCLUDING HOSTEL



TPWODL

TP WESTERN ODISHA DISTRIBUTION LIMITED
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017

NOTICE INVITING TENDER

**Tender Notice No. TPWODL/IA/O/SITC/2500001107**

TP Western Odisha Distribution Limited, invites tender quotations (in 2part bidding) from eligible vendors for the following package :

**Rate Contract for Electrification of households through solar PV standalone system with AMC for 5 years.**

Interested bidders are to submit Tender Participation Fee and Authorization Letter through email on or before **19th Dec. 2025, 15:00Hrs.**, after which the link from e-Tender system shall be shared with them.

For detailed tender documents of the above-mentioned tender, please visit Tender section of **www.tpwesternodisha.com.** All details for participating in tender is given in the tender document.

All future correspondence regarding the tender, bid submission, date extension etc. will take place with the participating bidders only through E-Tender system.

Sd/- **Head- Contracts & Procurement**



CAD-2655

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
ଆକାଶ ଶୋଭା ବିଲ୍ଡିଂ,
ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧

ପତ୍ର ସଂଖ୍ୟା 23889 /ଭୁ.ଉ.କ.,ଭୁବନେଶ୍ୱର ତା 04.12.2025 ରିଖ
CPDCP-283/94

**ସୂଚନା**

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଡିଷ୍ଟ୍ରିକ୍ଟ ସେଣ୍ଟର ସେଲ୍ଫ ଫାଇନାନସିଂ କମର୍ସିଆଲ କମ୍ପ୍ଲେକ୍ସ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ଅନ୍ତର୍ଗତ ପ୍ଲଟ୍ ନଂ-84 କୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୧୭୬୧/ଏ.ଏଲ୍ ତା-୨୨.୦୨.୨୦୦୬ ରିଖ ଅନୁଯାୟୀ ତୃତୀୟପକ୍ଷ ଅନ୍ତରଣ ଆଧାରରେ (୧) ଶ୍ରୀମତୀ ଅନୀମା ଜେନା, ସ୍ୱାମୀ-ନନ୍ଦ କିଶୋର ଜେନା ଓ (୨) ସମ୍ବିତ ସ୍ୱରୁପ ଜେନା, ପିତା- ନନ୍ଦ କିଶୋର ଜେନା, ଗ୍ରାମ-ବାଗରୁଖି, ପୋଷ୍ଟ-ବୈଟିପୁର, ଥାନା-ଜଳେଶ୍ୱର, ଜିଲ୍ଲା-ବାଲେଶ୍ୱର ଙ୍କ ନାମରେ ଆବଣ୍ଟନ ପରିବର୍ତ୍ତନ କରାଯାଇଅଛି ।

ଆବଣ୍ଟନଗ୍ରାହୀ ସମ୍ବିତ ସ୍ୱରୁପ ଜେନା ଙ୍କର ଗତ ତା-୧୪.୧୦.୨୦୧୪ ରିଖରେ ମୃତ୍ୟୁ ବରଣ କରିଅଛନ୍ତି । (**Death certificate Registration No. 11/2014-15** dated 28.10.2014.

**Legal heir certificate Misc.Case No. e-LHC/530 of 2019 dated 30.10.2019** ଅନୁଯାୟୀ ସମ୍ବିତ ସ୍ୱରୁପ ଜେନାଙ୍କର ଉତ୍ତରାଧିକାରୀ (୧) ନନ୍ଦ କିଶୋର ଜେନା (ପିତା) ଓ ଅନୀମା ଜେନା (ମା) ଅଟନ୍ତି ।

ବର୍ତ୍ତମାନ (୧) ନନ୍ଦ କିଶୋର ଜେନା ଓ ଅନୀମା ଜେନା ସେମାନଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଏଣୁ ଉକ୍ତ ପ୍ଲଟ୍‌ର ମାଲିକାନାସତ୍ୱ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ କରିବାପାଇଁ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ସୂଚନା ପ୍ରକାଶନର ପନ୍ଦର(୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଦାବି ବା ଆପତ୍ତି ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ସତ୍ୱ ନନ୍ଦ କିଶୋର ଜେନା ଓ ଅନୀମା ଜେନାଙ୍କ ନାମରେ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ ଆଇନ୍ ଅନୁଯାୟୀ ସଂପାଦନ କରାଯିବ ।

ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

OIPR-13033/11/0415/2526

**ଅନାବାଦୀ ପୋଖରୀରୁ ମାଛ ଧରିବାରୁ ପାଇପ୍ ଫାଟିଛି**

# ଭୂତମୁଣ୍ଡାଇ ଓ ଜଗତି ଗାଁକୁ ପାଣିଯୋଗାଣ ବନ୍ଦ

**ପାରାଦୀପ, ୧୧।୧୨(ସମିସ):** ବାରମ୍ବାର ପିଇବା ପାଣି ନ ଆସିବା ଓ ବେଆଇନ ଭାବେ ଅନାବାଦୀ ଗଣ୍ଡ ପଞ୍ଚାୟତ ପୋଖରୀରୁ ମାଛ ଧରିବା ନେଇ ଭୂତମୁଣ୍ଡାଇ ଓ ଜଗତି ଗ୍ରାମର ଗ୍ରାମବାସୀ କୁଜଙ୍ଗ ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ତିନିବର୍ଷରୁ ଅଧିକ ହେବ ଭୂତମୁଣ୍ଡାଇ ଓ ଜଗତି ଗ୍ରାମର ପାଣି ଯୋଗାଣ ବାରମ୍ବାର ବନ୍ଦ ହେଉଛି। ଦୁଇ ଦିନ ହେବ କେନାଲରେ ପାଣି ଆସିବା ସତ୍ତ୍ୱେ ପାଣି ସପ୍ଲାଇ ହେଉନାହିଁ। ଗାଁ ଲୋକେ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ପଚାରିଲେ ଉତ୍ତର ମିଳୁଛି, ଅନାବାଦୀ ଗଣ୍ଡରୁ ମାଛ ଧରି ପାଣି ପାଇପ ଫଟାଇ ଦେଇଛନ୍ତି। ଅନାବାଦୀ ଗଣ୍ଡ ତିନି ବର୍ଷରୁ ଉର୍ଦ୍ଧ୍ୱ ହେବ ନିଲାମ ହୋଇ ନାହିଁ। କିନ୍ତୁ ବିନା ରସିଦରେ ଏଠାରୁ କିଭଳି କାହା କଥାରେ ଗତ ୫ ଦିନ ତଳେ କ୍ୱିଣ୍ଟାଲ କ୍ୱିଣ୍ଟାଲ ମାଛ ଧରାଯାଇ ଲକ୍ଷାଧିକ ଟଙ୍କାରେ ବିକ୍ରି କରାଯାଇଛି। ତେବେ ପଞ୍ଚାୟତ ସମ୍ପତ୍ତି ଅର୍ଥକୁ ବେଆଇନ ଭାବେ ହଡପ କରାଯାଇ ଆତ୍ମସାତ କରାଯାଉଥିବା ଅଭିଯୋଗ ହୋଇଛି। ପାଖକୁ ଲାଗି ସପ୍ଲାଇ ରିଜର୍ଭର ପୋଖରୀ ସଫା ନ ହୋଇ ଆବର୍ଜନା ଓ ଅପରିଷ୍କାର ହୋଇ ପଡ଼ିରହିଛି। କିନ୍ତୁ ଅନାବାଦୀ ଗଣ୍ଡକୁ ବିନା ନିଲାମରେ ବେଆଇନ ଭାବେ ମାଛଚାଷ କରାଯାଇ ବିନା ରସିଦରେ କିଭଳି ବିକ୍ରି ହେଉଛି ବୋଲି ପ୍ରଶ୍ନ କରିଛନ୍ତି ଦୁଇ ଗ୍ରାମବାସୀ। ସପ୍ଲାଇ ପାଣି କେନାଲ ରାସ୍ତା ପାର୍ଶ୍ୱ ପମ୍ପ ହାଉସରୁ ରିଜର୍ଭର ପୋଖରୀକୁ ପାଣି ଆସି ମୁଖ୍ୟ ପମ୍ପ ହାଉସ ସଲଗ୍ନ ପୋଖରୀରେ ସଞ୍ଚିତ ରୁହେ। ଏହି ପାଣି ଭୂତମୁଣ୍ଡାଇ ଓ ଜଗତି ଗ୍ରାମକୁ ସପ୍ଲାଇ କରାଯା। କିନ୍ତୁ ୧୦ ଦିନରୁ ଅଧିକ ଦିନ ହେବ ଏଠାରୁ ପାଣି ଯୋଗାଣ ବନ୍ଦ ରହିଛି। ପାଖାପାଖି ୧୦ ଦିନ ହେବ ଖରାପ ହୋଇଥିବା କେନାଲ ପାର୍ଶ୍ୱ ପମ୍ପ ହାଉସର ପ୍ୟାନେଲ ବୋର୍ଡ କାମ ଗତକାଲି ହେଲାପରେ ମଧ୍ୟ ସପ୍ଲାଇ ପାଣି ଦୁଇ ଗ୍ରାମକୁ ଆସି ପାରୁନାହିଁ କାହିଁକି ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ତେବେ ମାଛ ଧରି ପାଇପ ଫଟାଇ ଦେବା ଯୋଗୁଁ ବାରମ୍ବାର ସପ୍ଲାଇ ପାଣି ବନ୍ଦ ରହୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ଘଟଣାର ଉଚିତ ତଦନ୍ତ କରି ସପ୍ଲାଇ ପାଣି ପାଇଁ ଚାହିଁ ବସିଥିବା ଦୁଇ ଗ୍ରାମବାସୀଙ୍କୁ ପାଣି ଯୋଗାଇ ଦେବାକୁ ବ୍ଲକ ଉନ୍ନୟନ ଅଧିକାରୀଙ୍କୁ ଅନୁରୋଧ କରିଛନ୍ତି।

**ବିଡିଓଙ୍କ ନିକଟରେ ଅଭିଯୋଗ କଲେ ଦୁଇ ଗ୍ରାମବାସୀ**

## କବିତା ସଙ୍କଳନ 'ଆରମ୍ଭ' ଉନ୍ମୋଚିତ



**ତିର୍ତ୍ତୋଲ, ୧୧।୧୨(ସମିସ):** ତିର୍ତ୍ତୋଲ ନେହେରୁ କଲୋନୀ ପ୍ରାଣକୃଷ୍ଣ ନିବାସ ପରିସରରେ ପ୍ରାଧ୍ୟାପିକା ଡ. ବିଷ୍ଣୁପ୍ରିୟା ଦାସଙ୍କ କବିତା ସଙ୍କଳନ 'ଆରମ୍ଭ' ଉନ୍ମୋଚିତ ହୋଇଛି। ଝଙ୍କଡ଼ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଉନ୍ମୋଚନ ଉତ୍ସବରେ ସଭାପତି ମହେନ୍ଦ୍ର ଆଚାର୍ଯ୍ୟ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ବିଶିଷ୍ଟ ସାହିତ୍ୟକ ବୈଷ୍ଣବ ଚରଣ ସାମଲ ଯୋଗଦେଇ ଯାହା ଆମ ସହିତ ଅଛି ତାହା ହିଁ ସାହିତ୍ୟ ବୋଲି କହିଥିଲେ। ମୁଖ୍ୟବକ୍ତା ଲେଖିକା ପ୍ରତିଭା ମହାରଥୀ ଆରମ୍ଭ କବିତା ସଙ୍କଳନରେ ଡ. ଦାସ ମଣିଷ ଜୀବନରେ ଘଟୁଥିବା ସମସ୍ତ ବିଷୟକୁ ନିଖୁଣ ଭାବେ ସ୍ଥାନିତ କରିଥିବାରୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ସଂସଦର ସମ୍ପାଦକ ଗୋଲକ ପଲାଇ, ପ୍ରାଧ୍ୟାପକ ନାରାୟଣ ଦାଶ, ଅଧ୍ୟାପକ ଉମାକାନ୍ତ ନାୟକ, ପାଲା ଗାୟକ ରଜନୀକାନ୍ତ ପୃଷ୍ଟି, ସାହିତ୍ୟିକ ସୁରେନ୍ଦ୍ର ତ୍ରିପାଠୀ, ପଣ୍ଡିତ ନାଗୁ ଚରଣ ଦେବତା, କୈଳାସ ପ୍ରଧାନ, ବାଲିଘର ସମ୍ପାଦକ କୈଳାସ ସ୍ୱାଇଁ, ହେମନ୍ତ ନାୟକ ଯୋଗ ଦେଇଥିଲେ। ଲେଖିକା ଡ. ଦାସ କବିତା ସଙ୍କଳନ ସମ୍ପର୍କରେ ସୂଚନା ଦେଇଥିଲେ। ପଣ୍ଡିତ ବାସବ ନନ୍ଦ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କବୟିତ୍ରୀ ସବିତା ନାୟକ, ପ୍ରତିଭା ମିଶ୍ର ଓ ଦିଗମ୍ବର ରାଉତଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ଆସରରେ ଅଶୋକ ଲେଙ୍କା, ଶିକ୍ଷାବିତ୍ ଅକ୍ଷୟ ଦାସ, ଝୁଲରାମ ଦାସ, ପରମାନନ୍ଦ ମିଶ୍ର, ଅଧ୍ୟାପକ ଅଶୋକ ସ୍ୱାଇଁ, ଆଇନଜୀବୀ ପ୍ରଶାନ୍ତ ଦାସ, ଆଶିଷ ପରିଜା, ପାୟଲ ମଣ୍ଡଳ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଗୌରାଙ୍ଗ ଚରଣ ଦାସ ଧନ୍ୟବାଦ ଦେଇଥିଲେ।

## ଜିଲ୍ଲାର ନୂତନ ପ୍ରଶାସନିକ ଅଧିକାରୀଙ୍କୁ ସମ୍ବର୍ଦ୍ଧନା

**ଜଗତସିଂହପୁର, ୧୧।୧୨(ସମିସ):** ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଓଡ଼ିଶା ପ୍ରଶାସନିକ ସେବା-୨୦୨୩ ପରୀକ୍ଷାରେ ଜଗତସିଂହପୁର ଜିଲ୍ଲାରୁ ଉତ୍ତୀର୍ଣ୍ଣ ନୂତନ ପ୍ରଶାସନିକ ଅଧିକାରୀଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ଜେ. ସୋନାଲ ଯୋଗଦେଇ ନୂତନ



ଅଧିକାରୀଙ୍କ ସହ ପରିଚିତ ହେବା ପରେ ତାଙ୍କ ପ୍ରଶାସନିକ କର୍ମକ୍ଷେତ୍ରରେ ସମ୍ମୁଖୀନ ହୋଇଥିବା କିଛି ସମସ୍ୟା ବିଷୟରେ ସୂଚନା ଦେଇଥିଲେ। ସଭାରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ ନୂତନ ଅଧିକାରୀଙ୍କୁ ସଚ୍ଚୋଟତାର ସହ ଲୋକଙ୍କ ସେବା କରିବା ପାଇଁ ଉପଦେଶ ଦେବା ସହ ସେମାନଙ୍କୁ ସେମାନଙ୍କ କର୍ମକ୍ଷେତ୍ରରେ ଉନ୍ନତି କରିବା ଦିଗରେ ପ୍ରୋତ୍ସାହନ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତ କହିଥିଲେ, ଶିକ୍ଷା ହେଉଛି ଏକ ନିରନ୍ତର ପ୍ରକ୍ରିୟା ଓ ଆମେ ପ୍ରତ୍ୟେକ ଦିନ ପ୍ରତ୍ୟେକ କ୍ଷେତ୍ରରେ ଶିଖିବା ଓ ତାକୁ କାର୍ଯ୍ୟକାରୀ କରିବା। ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ନିଜ ପ୍ରଶାସନିକ ସେବାର ଯାତ୍ରା ଓ କିଛି ଅଭିଜ୍ଞତା ବିଷୟରେ କହିଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି ସଭା ପରିଚାଳନା କରିଥିଲେ। ଜିଲ୍ଲାପାଳ ଓ ଉଚ୍ଚ ପଦାଧିକାରୀ ନୂତନ ପ୍ରଶାସନିକ ଅଧିକାରୀଙ୍କୁ ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଡେପୁଟି କଲେକ୍ଟର ଭରତ ପରିଡ଼ା, ଅନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ଇଫ୍‌କୋ ୟୁନିଟ୍‌କୁ ଶ୍ରେଷ୍ଠ ଉତ୍ପାଦନକାରୀ ପୁରସ୍କାର

**ପାରାଦୀପ, ୧୧।୧୨(ସମିସ):** ପାରାଦୀପ ୟୁନିଟ୍‌କୁ ସର୍ବଶ୍ରେଷ୍ଠ ଉତ୍ପାଦନକାରୀ ସଂସ୍ଥା ଭାବେ ପୁରସ୍କୃତ କରାଯାଇଛି। ଫର୍ଟିଲାଇଜର ବିଭାଗ ସଚିବ ରଜତ କୁମାର ମିଶ୍ରଙ୍କଠାରୁ ଇଫକୋର ୟୁନିଟ୍ ହେଡ୍ ପି.କେ. ମହାପାତ୍ର ଏହି ମର୍ଯ୍ୟାଦାଜନକ ପୁରସ୍କାର ଗ୍ରହଣ କରିଛନ୍ତି। ଫର୍ଟିଲାଇଜର ଆସୋସିଏସନ୍ ଅଫ ଇଣ୍ଡିଆ (ଏଫଏଆଇ) ପକ୍ଷରୁ ଅନୁଷ୍ଠିତ ସ୍ୱତନ୍ତ୍ର ସମାରୋହରେ ଏଫଏଆଇର



ମହାନିର୍ଦ୍ଦେଶକ ଡ. ସୁରେଶ ଚୌଧୁରୀ, ଅଧ୍ୟକ୍ଷ ଏସ. ଶଙ୍କର ସୁବ୍ରମନିଆନ୍, ଯୁଗ୍ମ ଅଧ୍ୟକ୍ଷ ଶିବପ୍ରସାଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଇଫକୋ ଭାରତୀୟ ସାର ଉତ୍ପାଦନ କ୍ଷେତ୍ରରେ ଏହାର ଶ୍ରେଷ୍ଠତା ପ୍ରମାଣିତ କରିସାରିଛି। ଦେଶର କୃଷି ଓ କୃଷକଙ୍କ ଉନ୍ନତି ପାଇଁ ଇଫ୍‌କୋ କର୍ତ୍ତୃପକ୍ଷ ସଦା ତତ୍ପର। ଇଫ୍‌କୋର ସାର ଉତ୍ପାଦନ ସହିତ ଇଫ୍‌କୋ ନାନୋ ଫର୍ଟିଲାଇଜର ଉତ୍ପାଦନ କରି କୃଷକଙ୍କ ପାଇଁ ବିଶେଷ ଉପଯୋଗୀ ହୋଇପାରିଛି। ଏହାଦ୍ୱାରା କୃଷକମାନେ ଅଳ୍ପ ଖର୍ଚ୍ଚରେ ଅଧିକ ଉତ୍ପାଦନ କରିପାରୁଛନ୍ତି। ମାଟି ଓ ପରିବେଶରେ ପ୍ରଦୂଷଣର ମାତ୍ରା କମିବା ସହିତ ଇଫ୍‌କୋ ଏକ ମାଇଲଖୁଣ୍ଟ ହୋଇପାରିଛି।

**ଶୀତଳଭଣ୍ଡାରରେ କର୍ମଚାରୀ ବଦଳି ତାଲିକା**

# ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ମାନୁନି ଜିଲ୍ଲା ପ୍ରଶାସନ

**ଜଗତସିଂହପୁର, ୧୧।୧୨(ସମିସ)**

ପ୍ରଶାସନିକ କାର୍ଯ୍ୟକ୍ଷେତ୍ରରେ ସ୍ୱଚ୍ଛତା ଆଣିବା ପାଇଁ ସରକାରୀ ସ୍ତରରେ ଅଧିକାରୀ ଓ କର୍ମଚାରୀଙ୍କ ପାଇଁ ବଦଳି ନୀତି ପ୍ରଚଳନ କରାଯାଇଛି। ବିଶେଷକରି ଜିଲ୍ଲାପାଳ କାର୍ଯ୍ୟାଳୟ, ଉପଜିଲ୍ଲାପାଳ କାର୍ଯ୍ୟାଳୟ, ବ୍ଲକ ଓ ତହସିଲ କାର୍ଯ୍ୟାଳୟରେ ନିଯୁକ୍ତି ପାଇଥିବା ସେକ୍ସନ ଅଫିସର, ବରିଷ୍ଠ ରାଜସ୍ୱ ସହାୟକ, କନିଷ୍ଠ ରାଜସ୍ୱ ସହାୟକ, ରାଜସ୍ୱ ନିରୀକ୍ଷକ, ରାଜସ୍ୱ ପର୍ଯ୍ୟବେକ୍ଷକ, ସହକାରୀ ରାଜସ୍ୱ ନିରୀକ୍ଷକ ଓ ଅମିନଙ୍କ କ୍ଷେତ୍ରରେ ଏହି ବଦଳି ନିୟମ କାର୍ଯ୍ୟକାରୀ ହେବା କଥା। ଏସବୁ ସରକାରୀ ଦପ୍ତରରେ ଯେଉଁ କର୍ମଚାରୀ ଗୋଟିଏ ସିଟ୍‌ରେ ୩ ବର୍ଷରୁ ଅଧିକ ସମୟ ଧରି କାର୍ଯ୍ୟ କରୁଛନ୍ତି ସେମାନଙ୍କୁ ଅନ୍ୟତ୍ର ବଦଳି କରିବା ପାଇଁ ନିୟମ କରାଯାଇଛି। ତେବେ ଜିଲ୍ଲା ସ୍ତରରେ ଏହି ନିୟମକୁ ଫୁ କରି ମନମୁଖୀ ଭାବେ କାର୍ଯ୍ୟ ଚାଲିଥିବା ରାଜ୍ୟ ସରକାରଙ୍କ ନଜରକୁ ଆସିବା ପରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଗତ ସେପ୍ଟେମ୍ବର ୧୮ ତାରିଖ ଚିଠି ସଂଖ୍ୟା ୩୫୩୮୪ରେ ସମସ୍ତ ଜିଲ୍ଲାର ଜିଲ୍ଲାପାଳଙ୍କୁ ଉପରୋକ୍ତ ବଦଳି ନିୟମ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଚିଠି ମିଳିବାର ୧୫ ଦିନ ମଧ୍ୟରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛ, ସମ୍ପୃକ୍ତ ବିଭାଗକୁ ଅବଗତ କରିବାକୁ ମଧ୍ୟ ଚିଠିରେ ଉଲ୍ଲେଖ କରାଯାଇଥିଲା। ଅର୍ଥାତ୍ ଅକ୍ଟୋବର ୩ ତାରିଖ ସୁଦ୍ଧା ଉକ୍ତ ନିର୍ଦ୍ଦେଶନାମା କାର୍ଯ୍ୟକାରୀ ହେବା କଥା। ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ କୌଣସି ଉତ୍ତର ନ ପହଞ୍ଚିବାରୁ ପୁନର୍ବାର ଗତ ନଭେମ୍ବର ୧ ତାରିଖ ଚିଠି ସଂଖ୍ୟା ୪୧୨୦୩ରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ନଭେମ୍ବର ୭ ତାରିଖ ମଧ୍ୟରେ ବଦଳି ନୀତି କାର୍ଯ୍ୟକାରୀ କରି ବିଭାଗକୁ ଜଣାଇବା ପାଇଁ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଯେଉଁ କର୍ମଚାରୀ ନିର୍ବାଚନ ସଂକ୍ରାନ୍ତୀୟ କାମ ତଥା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ କାର୍ଯ୍ୟରେ ଅଛନ୍ତି ସେମାନଙ୍କୁ ବଦଳି ପ୍ରକ୍ରିୟାରୁ ବାଦ ଦିଆଯିବ ବୋଲି ଉକ୍ତ ଚିଠିରେ ଉଲ୍ଲେଖ ରହିଥିଲା। ତେବେ ଇତିମଧ୍ୟରେ ଏକ ମାସରୁ ଅଧିକ ସମୟ ବିତିଥିଲେ ମଧ୍ୟ ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ବଦଳି ତାଲିକା କାହିଁକି ପ୍ରକାଶ କରାଯାଉନାହିଁ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଜିଲ୍ଲାର କେତେକ କର୍ମଚାରୀ ଗୋଟିଏ ସ୍ଥାନରେ ୫ ବର୍ଷରୁ ୧୦ ବର୍ଷ ପର୍ଯ୍ୟନ୍ତ କାମ କରି ଆସୁଥିବାବେଳେ ଅନ୍ୟ କିଛି କର୍ମଚାରୀ ୧୦ ବର୍ଷରୁ ଉର୍ଦ୍ଧ୍ୱ କାଳ ଧରି ଗୋଟିଏ ସ୍ଥାନରେ କାମ କରୁଛନ୍ତି। କାହିଁକି ସେମାନଙ୍କୁ ବଦଳି କରାଯାଉନାହିଁ ତାହା ଜିଲ୍ଲା ପ୍ରଶାସନର ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୂର୍ବରୁ ମଧ୍ୟ ଜିଲ୍ଲା ମହୋତ୍ସବ ସମୀକ୍ଷା ବୈଠକ ସମ୍ପର୍କିତ ଜଗତସିଂହପୁର ବିଧାୟକଙ୍କ ଚିଠିକୁ ଜିଲ୍ଲା ପ୍ରଶାସନ ଅଣଦେଖା କରିଥିବା ନଜିର ରହିଛି। ଅନେକ ସମୟରେ ନିର୍ବାଚିତ ଜନପ୍ରତିନିଧିଙ୍କ ନିର୍ଦ୍ଦେଶ ବା ପରାମର୍ଶକୁ ଜଗତସିଂହପୁର ଜିଲ୍ଲା ପ୍ରଶାସନ ବେଖାତିର କରୁଥିବାରୁ ଜିଲ୍ଲାରେ ବାବୁରାଜ ଚାଲିଛି କି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। କିଛିଦିନ ପୂର୍ବେ ପ୍ରଶାସନିକ ସ୍ତରରେ ବଦଳି ତାଲିକା ପ୍ରସ୍ତୁତ ହୋଇଥିଲେ ମଧ୍ୟ କେଉଁ ଅଦୃଶ୍ୟ କାରଣରୁ ତାହା କାର୍ଯ୍ୟକାରୀ କରାଗଲା ନାହିଁ, ତାହା ଏବେ ଆଲୋଚନାର ପ୍ରସଙ୍ଗ ପାଲଟିଛି। ଏ ସମ୍ପର୍କରେ ଜିଲ୍ଲାପାଳ ଜେ. ସୋନାଲଙ୍କୁ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ରିସିଭ କରିନଥିଲେ। ଫଳରେ ତାଙ୍କର ପ୍ରତିକ୍ରିୟା ମିଳିବା ସମ୍ଭବ ହୋଇନାହିଁ। ପୂର୍ବ ସରକାର ସମୟରେ ବାବୁରାଜ ଚାଲିଛି ବୋଲି ବାରମ୍ବାର ଅଭିଯୋଗ ଉଠାଇ ଆସିଥିବା ବିରୋଧୀ ଦଳ ନେତାମାନେ ଏବେ ସରକାରରେ ଥିଲେ ମଧ୍ୟ ଏହି ପ୍ରସଙ୍ଗରେ ଚୁପ୍ କାହିଁକି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

**ଜଗତସିଂହପୁରରେ ଚାଲିଛି କି ବାବୁରାଜ**

## ପୁସ୍ତକ ମେଳା ପାଇଁ କଲେଜ ଅଧ୍ୟକ୍ଷ, ଅଧ୍ୟକ୍ଷାଙ୍କ ବୈଠକ

ଜଗତସିଂହପୁର, ୧୧।୧୨(ସମିସ): ଆସନ୍ତା ଜାନୁଆରୀ ୧୫ରୁ ୨୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ୨୭ତମ ଜଗତସିଂହପୁର ପୁସ୍ତକ ମେଳା ପାଇଁ ଉପଜିଲ୍ଲାପାଳ ପ୍ରଶାନ୍ତ ତରାଇଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳ କାର୍ଯ୍ୟାଳୟସ୍ଥ ସଦଭାବନା ସଭାଗୃହରେ ଜିଲ୍ଲାର ବିଭିନ୍ନ କଲେଜ ଅଧ୍ୟକ୍ଷ, ଅଧ୍ୟକ୍ଷା, ଜିଲ୍ଲା ଶିକ୍ଷା ଅଧିକାରୀ, ବ୍ଲକ ଶିକ୍ଷା ଅଧିକାରୀଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସମ୍ବିତ ରାଉତ, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଜ୍ୟୋତିଶଙ୍କର ରାୟ ଯୋଗଦେଇ ପୁସ୍ତକମେଳାରୁ ଅଧିକରୁ ଅଧିକ ପୁସ୍ତକ କ୍ରୟ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ସେହିପରି ଛାତ୍ରଛାତ୍ରୀଙ୍କୁ ପୁସ୍ତକ ମେଳାରେ ସାମିଲ କରି ପୁସ୍ତକ ମେଳାକୁ ସଫଳ କରିବାକୁ ସମସ୍ତ କଲେଜ ଅଧ୍ୟକ୍ଷ, ଅଧ୍ୟକ୍ଷା ଓ ଜିଲ୍ଲା ଶିକ୍ଷାଧିକାରୀ, ବ୍ଲକ ଶିକ୍ଷାଧିକାରୀଙ୍କୁ ପରାମର୍ଶ ଦିଆଯାଇଥିଲା। ବୈଠକରେ ଜଗତସିଂହପୁର ସାଂସ୍କୃତିକ ପରିଷଦର ଉପଦେଷ୍ଟା ପ୍ରଦୀପ ଶତପଥୀ ଯୋଗଦେଇ ସମସ୍ତ ଅଧ୍ୟକ୍ଷଙ୍କୁ ପ୍ରଥମେ ପୁସ୍ତକମେଳାର ସଦସ୍ୟ ହେବା ସହ ଏହି ପୁସ୍ତକ ଆନ୍ଦୋଳନରେ ନିଜକୁ ସାମିଲ କରିବାକୁ ଆହ୍ୱାନ ଦେଇଥିଲେ। ଜଗତସିଂହପୁର ସାଂସ୍କୃତିକ ପରିଷଦର କାର୍ଯ୍ୟକାରୀ ଅଧ୍ୟକ୍ଷ ବିପ୍ଳବ ଚୌଧୁରୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ଉପାଧ୍ୟକ୍ଷ ବିଜୟ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକ ପରିଚାଳନା ସହଯୋଗ କରିଥିଲେ ପରିଷଦର ସମ୍ପାଦକ ସାରଦା ଦାସ, ଉପାଧ୍ୟକ୍ଷ ଗଣେଶ୍ୱର ମାଣିଆ।

**ବାରତିରାକୁ ରାଜସ୍ୱ ଗ୍ରାମ ଦାବି**

# ସୀମାକୁ ନେଇ ବାରତିରା ଓ ମଜୁରାଇ ମଧ୍ୟରେ ବିବାଦ



**ରଘୁନାଥପୁର, ୧୧।୧୨(ସମିସ):** ରଘୁନାଥପୁର ତହସିଲ ଅନ୍ତର୍ଗତ ରେଢୁଆ ପଞ୍ଚାୟତର ବାରତିରା ପଡ଼ା ଗ୍ରାମକୁ ରାଜସ୍ୱ ଗ୍ରାମରେ ପରିଣତ କରିବା ଦାବି ଘଟଣାରେ ସୀମାକୁ ନେଇ ନିକଟସ୍ଥ ମଜୁରାଇ ପଡ଼ା ଗ୍ରାମବାସୀଙ୍କ ସହ ବିବାଦ ସୃଷ୍ଟି ହୋଇଛି। ବାରତିରାକୁ ରାଜସ୍ୱ ଗ୍ରାମ କରିବାକୁ ୨୦୨୨ରେ ଗ୍ରାମବାସୀ ତହସିଲଦାର ଓ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ। ତହସିଲଦାର ରାଜଲକ୍ଷ୍ମୀ ନାୟକ ସମ୍ପୃକ୍ତ ଗ୍ରାମକୁ ଯାଇ ସରଜମିନ ତଦାରଖ କରିବା ସହ ସ୍ଥାନୀୟ ଗ୍ରାମବାସୀଙ୍କ ସହିତ ଆଲୋଚନା କରି ଅସ୍ଥାୟୀ ଭାବେ ଏକ ନକ୍ସା ପ୍ରସ୍ତୁତ କରିଥିଲେ। ଏହାକୁ ମଜୁରାଇ ଗ୍ରାମବାସୀ ବିରୋଧ କରିବା ସହ ଏହାକୁ ପରିବର୍ତ୍ତନ କରିବା ପାଇଁ ଦାବି କରି ଲିଖିତ ଭାବେ ଜଣାଇଥିଲେ। ଗୁରୁବାର ତହସିଲଦାର ଉଭୟ ଗ୍ରାମର କିଛି ଲୋକଙ୍କୁ ଡାକି ସେମାନଙ୍କୁ ପକ୍ଷ ରଖିବା ପାଇଁ କହିଥିଲେ। ରେଢୁଆ ସରପଞ୍ଚ କିଶୋର ବେହେରାଙ୍କ ଉପସ୍ଥିତିରେ ରବୀନ୍ଦ୍ର ବେହେରା, ଅଲେଖ ବାରିକ, ସରୋଜ ନାୟକ, ବଳରାମ ନାୟକ, କୃତ୍ତିବାସ ସ୍ୱାଇଁ ଓ ମହିଳାଙ୍କ ପକ୍ଷରୁ ପ୍ରଭାବତୀ ସ୍ୱାଇଁ ମତ ରଖିଥିଲେ। ସୀମା ଚିହ୍ନଟକୁ ନେଇ ପରସ୍ପର ମଧ୍ୟରେ ମତାନ୍ତର ସୃଷ୍ଟି ହୋଇ ବଚସା ଯାଏଁ କଥା ଯାଇଥିଲା। ଫଳରେ କୌଣସି ନିର୍ଯ୍ୟାସ ବାହାରି ପାରି ନ ଥିଲା। ମଜୁରାଇ ଗ୍ରାମର ସତ୍ୟଭାମା ମହାନ୍ତି, ସାବିତ୍ରୀ ସ୍ୱାଇଁ, ସରୋଜିନୀ ଲେଙ୍କା, ସନ୍ତୋଷ ପ୍ରଧାନ, ଦୀପ୍ତିରଞ୍ଜନ ଦାସ, କୃତ୍ତିବାସ ଜେନାଙ୍କ ସହ ଅନ୍ୟମାନେ ତହସିଲ ସମ୍ମୁଖରେ ବସି ରହି ପ୍ରତିବାଦ କରିଥିଲେ। ଶେଷରେ ତହସିଲଦାର ଉଭୟଙ୍କୁ ବୁଝାସୁଝା କରି ସେଠାରୁ ବିଦା କରିଥିଲେ। ତେବେ ଉଭୟ ଗ୍ରାମର ମୁରବୀ ସେମାନଙ୍କ ପକ୍ଷ ରଖିଥିବା ଓ ଏ ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବ ବୋଲି ତହସିଲଦାର ପ୍ରକାଶ କରିଛନ୍ତି।

## ଜଗତସିଂହପୁରରୁ ଅପହୃତା ନାବାଳିକା ମୁର୍ସିଦାବାଦରୁ ଉଦ୍ଧାର

**ଜଗତସିଂହପୁର, ୧୧।୧୨(ସମିସ):** ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ଏକ ମହିଳା କଲେଜରେ +୨ ଶ୍ରେଣୀରେ ପଢୁଥିବା ନାବାଳିକା ଛାତ୍ରୀକୁ ଅପହରଣ କରାଯାଇଥିବା ନେଇ ଗତ ୨ ତାରିଖରେ ଅଭିଯୋଗ ହୋଇଥିଲା। ଅଭିଯୋଗ ପାଇବା ପରେ ସଦର ଥାନା ପୁଲିସ ଉକ୍ତ ନାବାଳିକାଙ୍କୁ ପଶ୍ଚିମବଙ୍ଗର ମୁର୍ସିଦାବାଦର ସୋହେଲ ଶେଖ୍ ନାମକ ଜଣେ ସଂଖ୍ୟାଲଘୁ ସମ୍ପ୍ରଦାୟର ଯୁବକଙ୍କ ଘରୁ ଉଦ୍ଧାର କରିଛି। ତେବେ ପ୍ରେମ ଜାଲରେ ଫସାଇ ଉକ୍ତ ନାବାଳିକାଙ୍କୁ ବିବାହ ପାଇଁ ଯୋଜନା କରିଥିବା ସୋହେଲ ଫେରାର ହୋଇଯାଇଥିବାବେଳେ ତାଙ୍କ ପିତା ଓକିଲ ସେଖ୍‌କୁ ପୁଲିସ ଗିରଫ କରିଛି।

ସୂଚନା ମୁତାବକ, ନାବାଳିକା ଜଣକ ନବମ ଶ୍ରେଣୀରେ ପଢୁଥିବାବେଳେ ଅଭିଯୁକ୍ତ ସୋହେଲ ତାଙ୍କ ଗ୍ରାମରେ ପାଇପଲାଇନ ଶ୍ରମିକ ଭାବେ କାମ କରୁଥିଲା। ନାବାଳିକାକୁ ପ୍ରେମ ଜାଲରେ ଫସାଇ ଥିଲା ସୋହେଲ। ପରେ ମୁର୍ସିଦାବାଦ ପଳାଇଥିଲା ସୋହେଲ ଓ ସେଠାରେ ରହି ନାବାଳିକାକୁ ନେବାକୁ ଯୋଜନା କରିଥିଲା। ଉଭୟ ସୋହେଲ ଓ ତାଙ୍କ ପିତାଙ୍କ ଯୋଜନା ଅନୁସାରେ ଗତ ୨ ତାରିଖରେ ନାବାଳିକା ଜଣକ ଟ୍ରେନ୍ ଯୋଗେ ହାୱଡା ପର୍ଯ୍ୟନ୍ତ ଯାଇଥିଲେ। ସେଠାରୁ ସୋହେଲ ଓ ତାଙ୍କ ପିତା ନାବାଳିକାଙ୍କୁ ତାଙ୍କ ଘରକୁ ନେଇଯାଇଥିଲେ। ନାବାଳିକା ତାଙ୍କ ପୁଅକୁ ବିବାହ କରିବ ବୋଲି ରାଜି ଥିବା କହି ସମସ୍ତ କାଗଜପତ୍ର ପଠାଇବାକୁ ନାବାଳିକାଙ୍କ ପିତାଙ୍କୁ ଫୋନ ଯୋଗେ ଜଣାଇଥିଲେ। ନାବାଳିକା ବିବାହ ବେଆଇନ ବୋଲି କହିବାରୁ ତାଙ୍କୁ ହତ୍ୟା ଧମକ ଦେଇଥିଲେ ଓକିଲ ସେଖ୍। ମାମଲାକୁ ଗୁରୁତର ସହିତ ନେଇ ପୁଲିସର ଏକ ଟିମ୍ ମୁର୍ସିଦାବାଦରେ ପହଞ୍ଚିଥିଲା। ପୁଲିସକୁ ଦେଖି ସୋହେଲ କୌଶଳକ୍ରମେ ଫେରାର ହୋଇଯାଇଥିବାବେଳେ ତା'ର ପିତା ଓକିଲ ସେଖ୍‌କୁ ପୁଲିସ ଗିରଫ କରିବାକୁ ସଫଳ ହୋଇଥିଲା। ଯଥାଶୀଘ୍ର ମୁଖ୍ୟ ଅଭିଯୁକ୍ତ ସୋହେଲକୁ ଗିରଫ କରାଯିବ ବୋଲି ଏସପି ଅଙ୍କିତ ବର୍ମା ସୂଚନା ଦେଇଛନ୍ତି।

# ୪୨ତମ ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ



**କୁଜଙ୍ଗ, ୧୧।୧୦(ସମିସ):** ୪୨ତମ ଓଷ୍ଟା ଶିଶୁ-ଉତ୍ସବ କୁଜଙ୍ଗ ବ୍ଲକ ଓଷ୍ଟା ପକ୍ଷରୁ ତାଳପଡ଼ା ପଞ୍ଚାୟତ ଖୁଣ୍ଟଳସ୍ଥ ଆଖଣ୍ଡଳମଣି ବିଦ୍ୟାପୀଠରେ ଉତ୍ସାହର ସହ ଅନୁଷ୍ଠିତ ହୋଇଯାଇଛି। ଏହି ଶିଶୁ ଉତ୍ସବରେ ରାଜ୍ୟ ସରକାରଙ୍କ ପରିଚାଳିତ ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଓ ଅଣଅନୁଦାନପ୍ରାପ୍ତ ଓଡ଼ିଆ ମାଧ୍ୟମ ଉଚ୍ଚବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀ ବକ୍ତୃତା, ଚିତ୍ରାଙ୍କନ, ଏକକ ନୃତ୍ୟ, କବିତା, ଗଳ୍ପ ଲିଖନ, ପ୍ରବନ୍ଧ ଆଦି ବିଭାଗରେ ଭାଗ ନେଇଥିଲେ। ପ୍ରତ୍ୟେକ ବିଭାଗର ୨ ଜଣ ପ୍ରତିଯୋଗୀ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ ହୋଇ ପୁରସ୍କୃତ ହୋଇଛନ୍ତି। ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ସୁରେଶ ଦଳାଇଙ୍କ ଅଧ୍ୟକ୍ଷତା ଓ ଓଷ୍ଟାର ବ୍ଲକ ସମ୍ପାଦକ ବିନୋଦ ମୁଦୁଲିଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ରୂପେ କୁଜଙ୍ଗ ଜୋନ-୨ର ଜିଲ୍ଲା ପରିଷଦ ସଭ୍ୟ ରବିନାରାୟଣ ସାହୁ ଯୋଗ ଦେଇ ପିଲାମାନେ ଆଜିକାଲି ପାଠ ଓ କ୍ୟାରିୟର ଚାପରେ ରହି ନିଜ ସୃଜନଶୀଳତା ହରାଉଥିବାବେଳେ ଓଷ୍ଟା ପକ୍ଷରୁ ଆୟୋଜିତ ଏହି ପ୍ରତିଭା ଉନ୍ମେଷ କାର୍ଯ୍ୟକ୍ରମ ଅତୀବ ପ୍ରଶଂସନୀୟ। ଏ ଅବସରରେ ବିଦ୍ୟାଳୟର ଉନ୍ନତୀ ସହ ଏକ ନୂତନ ବିଗ୍ରହ ପ୍ରତିଷ୍ଠା ପାଇଁ ସହଯୋଗର ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟବକ୍ତା ରୂପେ ପ୍ରାକ୍ତନ ରାଜ୍ୟ ସମ୍ପାଦକ ବସନ୍ତ ଦାସ, ସମ୍ମାନିତ ଅତିଥି ଜିଲ୍ଲା ସମ୍ପାଦକ ନାରାୟଣ ବାରିକ, ଜିଲ୍ଲା କାର୍ଯ୍ୟକାରିଣୀ ସଭ୍ୟ ଅନୀଲ ଜେନା, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ସୁବାସ ଦାସ, ସିଆରସିସି ଗୋବିନ୍ଦ ମିଶ୍ର, ଶିକ୍ଷକ ନେତା ଅନାଦି ଖଟୁଆ, ହିନ୍ଦୀ ଶିକ୍ଷକ ସଂଘ ନେତା ପ୍ରଦୀପ ସ୍ୱାଇଁ, ତୁଷାର ଲେଙ୍କା, ରାଜେନ୍ଦ୍ର ବାରିକ, ସଞ୍ଜୟ ମହାପାତ୍ର, ସରୋଜିନୀ କୁଆଁର, ଦୀପକ ସାମନ୍ତରାୟ ପ୍ରମୁଖ ଯୋଗ ଦେଇ ପିଲାଙ୍କୁ କଳା ସଂସ୍କୃତି ଓ ସାହିତ୍ୟ ପ୍ରତି ଆକୃଷ୍ଟ ହେବା ସହ ଜୀବନରେ ଶାନ୍ତ ହୋଇ ପାଠ ପଢ଼ିବାକୁ ପରାମର୍ଶ ଦେଇଥିଲେ। ପ୍ରଶାନ୍ତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରାଧ୍ୟାପକଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର




**କୁଜଙ୍ଗ, ୧୧।୧୨(ସମିସ):** ଜଗତସିଂହପୁର ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳାରେ କୁଜଙ୍ଗ ସମଗୋଳସ୍ଥ ବିଜୟ ଚାନ୍ଦ ସଂସ୍କୃତ ମହାବିଦ୍ୟାଳୟର ପ୍ରାଧ୍ୟାପକ ଡଃ ହେମନ୍ତ ମୁଦୁଲିଙ୍କୁ ରାଜ୍ୟ ଜଙ୍ଗଲ, ପରିବେଶ, ଜଳବାୟୁ ବିଭାଗ ପକ୍ଷରୁ ପ୍ରକୃତି ବନ୍ଧୁ ପୁରସ୍କାର ପ୍ରଦାନ କରାଯାଇଛି। ଜିଲ୍ଲା ଶିକ୍ଷାଧିକାରୀ କେଶବ ମେହେରଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଜିଲ୍ଲାପାଳ ଜେ. ସୋନାଲ, ପ୍ରଭାତ ଦାସ, ଅତିରିକ୍ତ ଶିକ୍ଷା ଅଧିକାରୀ ରାଜ୍ୟଶ୍ରୀ ସାହୁ କୁଜଙ୍ଗ ବିଇଓଙ୍କ ଉପସ୍ଥିତି ଶ୍ରୀ ମୁଦୁଲି ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଅଧ୍ୟାପନା ତାଙ୍କର ବୃତ୍ତି ହୋଇଥିଲେ ବି ପ୍ରକୃତିର ସୁରକ୍ଷା ସହିତ ବୃକ୍ଷରୋପଣ, ରକ୍ତଦାନ ଶିବିର, ବିଭିନ୍ନ ସଚେତନ ବାର୍ତ୍ତା ରଖିବା ତାଙ୍କର ପ୍ରବୃତ୍ତି। ସେ ବିଭିନ୍ନ ଗଠନମୂଳକ କାର୍ଯ୍ୟ କରି ବିଭିନ୍ନ ସଂସ୍ଥା ପକ୍ଷରୁ ସମ୍ମାନିତ ହୋଇଛନ୍ତି।

**୬୯ତମ ରାଜ୍ୟସ୍ତରୀୟ ବିଦ୍ୟାଳୟସମୂହ କ୍ରିକେଟ୍ ପ୍ରତିଯୋଗିତା ଉଦ୍‌ଯାପିତ**

# ବାଳକ ବିଭାଗରେ ଗଜପତି ଓ ବାଳିକାରେ ଭୁବନେଶ୍ୱର ଚାମ୍ପିଅନ୍

**ଜଗତସିଂହପୁର, ୧୧।୧୨(ସମିସ):** ଜଗତସିଂହପୁର ସହରର ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମରେ ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ କ୍ରୀଡ଼ା ସଂଗଠନ ଓ ଜିଲ୍ଲା ବିଦ୍ୟାଳୟ ସମୂହ କ୍ରୀଡ଼ା ସଂଗଠନ ପକ୍ଷରୁ ରାଜ୍ୟସ୍ତରୀୟ ୧୭ ବର୍ଷରୁ କମ କ୍ରିକେଟ ପ୍ରତିଯୋଗିତା ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଛି। ଆଜି ବାଳକ ବିଭାଗ ଫାଇନାଲ୍ ମ୍ୟାଚ୍‌ରେ ଗଜପତି ଜିଲ୍ଲା ଯାଜପୁରକୁ ହରାଇ ଚାମ୍ପିଅନ ହୋଇଥିବାବେଳେ ବାଳିକା ବିଭାଗରେ କଟକକୁ ହରାଇ ଭୁବନେଶ୍ୱର ଚାମ୍ପିଅନ ହୋଇଛି। ବାଳକ ବିଭାଗରେ ଦୁଇଟି ସେମିଫାଇନାଲରେ ମାଲକାନଗିରିକୁ ହରାଇ ଯାଜପୁର ଓ ନବରଙ୍ଗପୁରକୁ ହରାଇ ଗଜପତି ଫାଇନାଲକୁ ଉନ୍ନୀତ ହୋଇଥିଲେ।




ଅପରାହ୍ନରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ଶିକ୍ଷାଧିକାରୀ କେଶବ ମେହେର, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ରାଜ୍ୟଶ୍ରୀ ସାହୁ, ଡ ସୁଶାନ୍ତ ମହାନ୍ତି, ମାଧ୍ୟମିକ ଶିକ୍ଷା, ଭୁବନେଶ୍ୱରର ପ୍ରାକ୍ତନ ଯୁଗ୍ମ ନିର୍ଦ୍ଦେଶକ ସପନ ଜେନା, ଶାରୀରିକ ଶିକ୍ଷା ଅଧିକାରୀ ଜୟନ୍ତ ରାୟ, ଜିଲ୍ଲା କ୍ରିକେଟ ସଂଗଠନ ସମ୍ପାଦକ ଅନୀଲ ବିଶ୍ୱାଳ, ବିଜ୍ଞାନ ପରିଦର୍ଶକ ଜୀବନ ସାହୁ, ଜିଲ୍ଲା କ୍ରୀଡ଼ା ଅଧିକାରୀ ବିଶ୍ୱବିଜୟିନୀ ପଟ୍ଟନାୟକ, ମଣ୍ଡଳ ଶିକ୍ଷାଧିକାରୀ ମିହିର ପାଲ, ମଧୁସ୍ମିତା ପତି, ମନୋଜ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିଅନ ଓ ରନସଅପ ଦଳ କ୍ରୀଡ଼ାବିତଙ୍କ ସୁଦୀର୍ଘ ଭବିଷ୍ୟତ କାମନା କରିଥିଲେ। ଶାରୀରିକ ଶିକ୍ଷାର ସହକାରୀ ନିର୍ଦ୍ଦେଶକ ଜ୍ୟୋତି ପ୍ରସାଦ ପରିଡ଼ା ଅନୁଷ୍ଠିତ ପ୍ରତିଯୋଗିତାର ଆଭିମୁଖ୍ୟ ପ୍ରଦାନ କରିଥିଲେ। ବିଜ୍ଞାନ ଶିକ୍ଷକ ଅମୂଲ୍ୟ ମିଶ୍ର ଓ ଶିକ୍ଷୟିତ୍ରୀ ମନୀଷା ମିଶ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲାବେଳେ ଉପସ୍ଥିତ ଥିବା ଜିଲ୍ଲାର କ୍ରୀଡ଼ାବିତମାନେ ସୁନ୍ଦର ଢଙ୍ଗରେ ଜମ୍ବଲ ମାର୍ଚ୍ଚପାଷ୍ଟରେ ପ୍ରତିନିଧିତ୍ୱ କରିଥିଲେ। ବାଳକ ବିଭାଗରେ ଗଜପତି ଜିଲ୍ଲାକୁ ଚାମ୍ପିଅନ କପ, ଯାଜପୁର ଜିଲ୍ଲାକୁ ରନର୍ସ କପ, ବାଳିକା ବିଭାଗରେ ଭୁବନେଶ୍ୱରକୁ ଚାମ୍ପିଅନ କପ ଓ କଟକ ଜିଲ୍ଲାକୁ ରନର୍ସ କପ ପ୍ରଦାନ କରାଯାଇଥିଲା। ଅଭୟ ମହାନ୍ତି, , ଧର୍ମେନ୍ଦ୍ର ଦାସ, ଅଜୟ ଭୋଇ, ବିନୀତ ଖୁଣ୍ଟିଆ, ରଞ୍ଜନ ମିଶ୍ର, ରଶ୍ମୀକାନ୍ତ ଦାସ, ସୂଚୀସ୍ମିତା ସ୍ୱାଇଁ, ତ୍ରିଲୋଚନ ସାହୁ, ଚନ୍ଦନ ବେହେରା, ଜ୍ଞାନରଞ୍ଜନ ବିଶ୍ୱାଳ, ବିକ୍ରମ ମହାପାତ. ଅବଦୁଲ ହମିଦ, ମିଳନ ଓଝା, ଭୁବନାନନ୍ଦ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ଜୟପୁର ବାଲିଘାଟରେ ପ୍ରଶାସନର ଚଢ଼ାଉ**

## ୨୨ ହାଇୱା ସହ ୨ଟି ମେସିନ ଜବତ

**ଜଗତସିଂହପୁର, ୧୧।୧୨(ସମିସ):** ଜଗତସିଂହପୁର ଜିଲ୍ଲାର ରଘୁନାଥପୁର ତହସିଲ ଅନ୍ତର୍ଗତ ଜୟପୁର ବାଲିଘାଟ ଉପରେ ଆଜି ସନ୍ଧ୍ୟାରେ ପ୍ରଶାସନ ପକ୍ଷରୁ ଚଢ଼ଉ କରାଯାଇଛି। ଉପଜିଲ୍ଲାପାଳ ପ୍ରଶାନ୍ତ ତରାଇଙ୍କ ଉପସ୍ଥିତିରେ ପୁଲିସ ଟିମ ଚଢ଼ଉ କରି ୨୨ଟି ହାଇୱା ଓ ୨ଟି ବାଲିଉଠା ମେସିନ ଜବତ କରିଥିବାବେଳେ ୩ ଜଣ ଡ୍ରାଇଭରଙ୍କୁ ଅଟକ ରଖିଛନ୍ତି। ଅନ୍ୟ ୧୯ ଜଣ ଡ୍ରାଇଭର ଖସି ପଳାଇବାରେ ସଫଳ ହୋଇଛନ୍ତି। ଘାଟରୁ ବାଲି ଚୋରାଚାଲାଣ ହେଉଥିବା ସମ୍ପର୍କରେ ପୂର୍ବରୁ ଅଭିଯୋଗ ମିଳିଥିଲା। ଉକ୍ତ ବାଲିଘାଟରେ ପୁଲିସ ମୁତୟନ କରାଯାଇଛି।

## ଦୁର୍ଘଟଣାରେ ୩ ଆହତ

**କୁଜଙ୍ଗ, ୧୧।୧୨(ସମିସ):** ଆଜି ଏକ ଦୁର୍ଘଟଣାରେ କୁଜଙ୍ଗ ଅଞ୍ଚଳର ୩ ଜଣ ଆହତ ହୋଇଥିବାବେଳେ ୨ଜଣ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। କୁଜଙ୍ଗ-ତ୍ରିଲୋଚନପୁର ରାସ୍ତାରେ ଏହି ଦୁର୍ଘଟଣା ଘଟିଛି। ଦୁଇ ବାଇକ୍ ବିପରୀତ ଦିଗରୁ ଆସୁଥିବାବେଳେ ମୁହାଁମୁହିଁ ଧକ୍କା ହୋଇଥିଲା। ଜଳଧରପୁରରର ଅମର ମହାପାତ୍ରଙ୍କ ଗୋଡ ଭାଙ୍ଗିଯାଇଥିବାବେଳେ ଗୋପିଆକୁଦର ଆଦିତ୍ୟ ସାମଲ ଓ ତାଙ୍କ ସହ ଥିବା ଅନ୍ୟଜଣେ ଆହତ ହୋଇଥିଲେ। ୩ ଜଣଙ୍କୁ କଟକ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

## ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ

କାମାକ୍ଷାନଗର, ୧୧।୧୨(ସମିସ): କାମାକ୍ଷାନଗର ଥାନା କଳ୍ପନା କ୍ଲବଠାରୁ ଜନ୍ତାରିବୋଲ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତାରେ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତୁ ହୋଇଛି। ମୃତକ ହେଲେ ଜନ୍ତାରିବୋଲର ରୋହିତ ପ୍ରଧାନ। ବୁଧବାର ରାତିରେ ରୋହିତ କାମାକ୍ଷାନଗରରୁ ବାଇକ୍ ଯୋଗେ ଗାଁକୁ ଫେରୁଥିବା ବେଳେ ଶ୍ମଶାନ ନିକଟରେ କୌଣସି ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ତାଙ୍କ ମୃତ୍ୟୁ ହୋଇଛି। ସୂଚନାଯୋଗ୍ୟ, ରୋହିତଙ୍କ ବାପା ଓ ମା'ଙ୍କର ପୂର୍ବରୁ ମୃତ୍ୟୁ ହୋଇଥିବା ବେଳେ ପରିବାରରେ ତାଙ୍କ ପତ୍ନୀ ଓ ଦେଢ଼ବର୍ଷର ଝିଅ ଅଛନ୍ତି। ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ଗ୍ରାମବାସୀ ଅନୁରୋଧ କରିଛନ୍ତି।

## ଜଙ୍ଗଲ ଜମିରୁ ମାଟି, ମୋରମ ଚୋରାଚାଲାଣ

କଙ୍କଡ଼ାହାଡ଼, ୧୧।୧୨(ସମିସ): ଢେଙ୍କାନାଳ ଜିଲ୍ଲାର କଙ୍କଡ଼ାହାଡ଼ ତହସିଲ ଅଞ୍ଚଳରୁ ବିଭିନ୍ନ ସମୟରେ ଦିନ ଦୁଇପ୍ରହରରେ ବେଧଡ଼କ ଭାବେ ମାଟି, ମୋରମ ଏବଂ ବାଲି ଚୋରାଚାଲାଣ ହେଉଛି। ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଗ୍ରାମ୍ୟ ଉନ୍ନୟନ ବିଭାଗ



ପକ୍ଷରୁ ହେଉଥିବା କଙ୍କଡ଼ାହାଡ଼ ବ୍ଲକ ପଙ୍ଗା।ତିରା।ଠା।ରୁ ଗୁଡ଼ିସାହି ଦେଇ କରଡ଼ାଖମଣ ପର୍ଯ୍ୟନ୍ତ ରାସ୍ତା କାର୍ଯ୍ୟରେ ଏହି ବାଲି ବ୍ୟବହାର କରାଯାଉଥିବା ଅଭିଯୋଗ ହେଉଛି। ଯେଉଁ ଜାଗାରୁ ମାଟି, ମୋରମ ଉଠାଯାଇ ରାସ୍ତାରେ ପକାଯାଉଛି ତାହା ଜଙ୍ଗଲ ଦୁଇ କିସମର। ବନ ବିଭାଗ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ମାଫିଆମାନେ ବେଧଡ଼କ ଭାବେ ମାଟି, ମୋରମ ଉଠାଇ ନେଉଛନ୍ତି। ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ଦୁଇଦିନିଆ ବିଜ୍ଞାନ ପ୍ରଦର୍ଶନୀ ଉଦ୍‌ଘାଟିତ




ଢେଙ୍କାନାଳ, ୧୧।୧୨(ସମିସ): ସଦର ବ୍ଲକ ବାରଦାସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଦୁଇଦିନିଆ ବିଜ୍ଞାନ ପ୍ରଦର୍ଶନୀ ଉଦଘାଟିତ ହୋଇଛି। ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ତଥା ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜ୍ଞାନ ବିକାଶର ମୂଳମନ୍ତ୍ର ବୋଲି କହିଥିଲେ। ଢେଙ୍କାନାଳରେ ଏକ ପ୍ଲାନେଟୋରିୟମ ଓ ଭୁବନେଶ୍ୱରରେ ସାଇନ୍ସ ସିଟି ପ୍ରତିଷ୍ଠା କରାଯିବ ବୋଲି ସେ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ ଯୋଗଦେଇ ବିଜ୍ଞାନର ବିକାଶ ଫଳରେ ପୃଥିବୀରେ କିଭଳି ପରିବର୍ତ୍ତନ ଘଟୁଛି ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଲକ୍ଷ୍ମୀଧର ମହନ୍ତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ପରେଶ ଚନ୍ଦ୍ର ପାତ୍ର, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବ୍ରହ୍ମୋତ୍ରୀ ବିଶ୍ୱାଳ ଏବଂ ସୌମ୍ୟଶ୍ରୀ ପଣ୍ଡାଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଏଥିରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ୧୬୦ ପ୍ରକଳ୍ପ ପ୍ରଦର୍ଶନ କରିଛନ୍ତି।

## ବିଶିଷ୍ଟ ସାହିତ୍ୟିକାଙ୍କ ପରଲୋକ



ଢେଙ୍କାନାଳ/କାମାକ୍ଷାନଗର, ୧୧।୧୨(ସମିସ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଅନନ୍ତପୁରର ବିଶିଷ୍ଟ ସାହିତ୍ୟିକା ଅନସୂୟା ନନ୍ଦ (୮୪)ଙ୍କର ଗୁରୁବାର ସକାଳ ସାଢ଼େ ୬ଟାରେ ପରଲୋକ ହୋଇଛି। ସେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପାର୍ବତୀ ମହାପାତ୍ରଙ୍କ ଝିଆରୀ, କାବ୍ୟତୀର୍ଥ ମୁରଲୀଧର ମହାପାତ୍ରଙ୍କ ଝିଅ, ବରିଷ୍ଠ ଶିକ୍ଷାବିତ ସ୍ୱର୍ଗତ ବିଦ୍ୟାଧର ନନ୍ଦଙ୍କ ପତ୍ନୀ ତଥା କାମାକ୍ଷାନଗରର ବରିଷ୍ଠ ସାମ୍ବାଦିକ ଅକ୍ଷୟ କୁମାର ନନ୍ଦଙ୍କ ମାଆ ଅଟନ୍ତି। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ଓକିଲ ସଂଘ ସଭାପତି ରଞ୍ଜନ କୁମାର ରାଉତ, କଳ୍ପନା କ୍ଲବ ଉପସଭାପତି ଅଯୋଧ୍ୟା ଶତପଥୀ, ସମ୍ପାଦକ ଶ୍ରୁତିପଦ ନନ୍ଦ, ସାମ୍ବାଦିକ ସଙ୍ଘ ସଭାପତି ହିମାଂଶୁ ଶେଖର ମହାପାତ୍ର, ସମ୍ପାଦକ ହୃଦୟ ବଲ୍ଲଭ ମିଶ୍ର, ଦଧିବାମନଜୀଉ ମନ୍ଦିର ପରିଚାଳନା କମିଟି ସଭାପତି ଦୁଷ୍ମନ୍ତ କୁମାର ନନ୍ଦ, ଇଂ ହିମାଦ୍ରୀ ଦାସ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ପୁଅ ଅଶୋକ କୁମାର ନନ୍ଦ, ଅରୁଣ କୁମାର ନନ୍ଦ ଓ ଅକ୍ଷୟ କୁମାର ନନ୍ଦ, ଝିଅ ପୁଷ୍ପାଞ୍ଜଳି ନନ୍ଦ, ଗୀତାଞ୍ଜଳି ନନ୍ଦ ଓ ଜ୍ୱାଇଁ ମେଜର ପ୍ରଭାତ କୁମାର ଦାଶଙ୍କ ସହ ପୁତ୍ରବଧୂମାନେ ଉପସ୍ଥିତ ଥିଲେ। ଅନନ୍ତପୁରସ୍ଥିତ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

### ୨୪ ଘଣ୍ଟା ବିତିଲା; ଜିଦ୍‌ରେ ଅଟଳ ରିଲାଏନ୍ସ କର୍ତ୍ତୃପକ୍ଷ

# ଶୀତକାକରରେ ପ୍ରଜାସଙ୍ଘର ଆମରଣ ଅନଶନ ଜାରି

ଢେଙ୍କାନାଳ, ୧୧।୧୨(ସମିସ)



ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ଝାରଗାଡ଼ିଆ ଗ୍ରାମସ୍ଥିତ ରିଲାଏନ୍ସ ବାଇଓ ଏନର୍ଜି ତଥା ପୂର୍ବର ପଲିଷ୍ଟର କାରଖାନା କର୍ତ୍ତୃପକ୍ଷଙ୍କ ଜିଦଖୋର ମନୋଭାବ ଯୋଗୁଁ କାରଖାନାକୁ ଜମିଦେଇ ନ୍ୟାୟ ପାଇଁ ଦୀର୍ଘ ୪୦ବର୍ଷ ଧରି ଆନ୍ଦୋଳନ ଚଳାଇଛନ୍ତି ଅଞ୍ଚଳବାସୀ। ହକ ପାଇଁ ପ୍ରଜାସଙ୍ଘ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୨୪ ଘଣ୍ଟାରୁ ଊର୍ଦ୍ଧ୍ୱ ହେଲା ଶୀତକାକରରେ ଧାରଣାରେ ବସିଥିବା ବେଳେ ପ୍ରଶାସନ ନିଦାବିଷ୍ଣୁ ସାଜିଛି।

କାରଖାନାକୁ ଜମି ଦେଇ କ୍ଷତିପୂରଣ ଏବଂ ଚାକିରି ଖଣ୍ଡେ ପାଇଁ ୪୦ବର୍ଷ ସଂଗ୍ରାମ କରିବା ପରେ ମଧ୍ୟ ନ୍ୟାୟ ମିଳିଲା ନାହିଁ। ବାରମ୍ବାର ଆନ୍ଦୋଳନ ପରେ ବିଫଳ ହୋଇ ଗତକାଲିଠାରୁ ପ୍ରଜାସଙ୍ଘ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶୀତକାକରରେ ପଡ଼ିରହିଛନ୍ତି। କାରଖାନା କର୍ତ୍ତୃପକ୍ଷଙ୍କ ଜିଦ ଯୋଗୁଁ ଜମି ଦେଇ ପ୍ରଜାମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରଶାସନ ତରଫରୁ ସଦର ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ବୁଝାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଛନ୍ତି।

୧୯୮୪ ମସିହାରେ ଓଡ଼ାପଡ଼ା ବ୍ଲକ ବଉଳପୁର ଝାରଗାଡ଼ିଆଠାରେ ଓଡ଼ିଶା ସିନ୍ଥେଟିକ୍ସ ନାମରେ ଏକ ପଲିଫାଇବର କାରଖାନା ଗଢ଼ିଉଠିଥିଲା। ପ୍ରାୟ ୩ଶହ ଏକର ଜମିରେ ଏହି କାରଖାନା କାର୍ଯ୍ୟକରୁଥିବା ବେଳେ ସ୍ଥାନୀୟ ଲୋକଙ୍କ ଜମି ନେଇ କାରଖାନା ନିର୍ମାଣ ହୋଇଥିଲା। ସେ ସମୟରେ ଡିସିମିଲକୁ ମାତ୍ର ୪୦ ଟଙ୍କାରେ ଲୋକେ ଜମି ଦେଇଥିଲେ। ଏହା ପ୍ରତିବଦଳରେ କ୍ଷତିଗ୍ରସ୍ତଙ୍କୁ ନିଯୁକ୍ତି ଦେବାକୁ କାରଖାନା କର୍ତ୍ତୃପକ୍ଷ କହିଥିଲେ ମଧ୍ୟ ଦେଇ ନ ଥିଲେ। ପଲିଷ୍ଟର କାରଖାନା ଜମିହରା ପ୍ରଜାସଙ୍ଘ ପ୍ରଶାସନକୁ ନ୍ୟାୟ ପାଇଁ ବାରମ୍ବାର ଗୁହାରି କରିଥିଲେ ମଧ୍ୟ ସମାଧାନ ହୋଇପାରିନାହିଁ। ଫଳରେ ଜାନୁଆରୀରେ

### ପ୍ରଶାସନ ନିରବଦ୍ରଷ୍ଟା

ପ୍ରଜାସଙ୍ଘ ଆମରଣ ଅନଶନ କରିଥିଲେ। ପୁଲିସ-ପ୍ରଶାସନ-କମ୍ପାନୀ କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ପ୍ରଜାସଂଘର ୪ଦଫା ଦାବି ପୂରଣ ପାଇଁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ସୁଫଳ ନ ମିଳିବାରୁ ପୁଣି ଫେବୃଆରୀ ୨୮ରେ ଅଭିଯୋଗ କରାଯିବା ସହିତ ମେ ୨୩ରେ ଆନ୍ଦୋଳନ ଚେତାବନୀ ଦିଆଯାଇଥିଲା। ଏହାର ସମାଧାନ ପାଇଁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜୁନ ୩ରେ ବୈଠକ ପାଇଁ ନିଷ୍ପତ୍ତି ହୋଇଥିବା ବେଳେ ତାହା ସ୍ଥଗିତ ରହିବା ସହ ପୁନଶ୍ଚ ଉପଜିଲ୍ଲାପାଳଙ୍କ ପତ୍ର ଅନୁସାରେ ଜୁଲାଇ ୨ରେ ବୈଠକ ନିଷ୍ପତ୍ତି ହୋଇଥିଲା। ତେବେ ତାହା ମଧ୍ୟ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ସ୍ଥଗିତ ରହିଥିଲା। ଫଳରେ ପ୍ରଜାସଙ୍ଘ ଜୁଲାଇ ୧୧ରେ ଧାରଣା ଦେଇଥିଲା। ପରେ ୧୫ ତାରିଖରେ ଉପଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆଲୋଚନା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ବୈଠକରେ କମ୍ପାନୀ ନିଯୁକ୍ତି ଦେବାକୁ ରାଜି ହୋଇଥିଲା। କିନ୍ତୁ ତାହା ମଧ୍ୟ କାର୍ଯ୍ୟକାରୀ ହୋଇ ନ ଥିଲା। ଫଳରେ ସେପ୍ଟେମ୍ବର ୪ରେ ପ୍ରଜାସଙ୍ଘ କାରଖାନା ସମ୍ମୁଖରେ ଧାରଣା ଦେବାକୁ ନିଷ୍ପତ୍ତି ନେଇଥିବା ବେଳେ ଏହାକୁ ଅବୈଧ କହି ନିଯୁକ୍ତି ଦେବାକୁ ମନା କରିଦେଇଥିଲେ। ଧାରଣାସ୍ଥଳରେ ବିଏନଏସର ଧାରା ୧୬୩ ଲଗାଇ ଧାରଣା ପାଇଁ ଅନୁମତି ଦେଇ ନ ଥିଲେ। ପ୍ରଜାସଙ୍ଘର କୌଣସି ଦାବି ନ ଶୁଣିବାରୁ ଉଦ୍ଦେଶ୍ୟମୂଳକ ଭାବରେ ନିରାଶ ଏବଂ ନିର୍ଯାତିତ କରାଯାଉଥିବା ଅଭିଯୋଗ କରିଛନ୍ତି। ଏ ନେଇ ନଭେମ୍ବର ୧୦ରେ ଅନୁଷ୍ଠିତ ବୈଠକରେ ଡିସେମ୍ବର ୧୦ରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହି କ୍ରମରେ ବୁଧବାରଠାରୁ ଆମରଣ ଅନଶନ ଆରମ୍ଭ ହୋଇଛି। ପ୍ରଜାସଙ୍ଘ ସଭାପତି ଅରୁଣ କୁମାର ସାହୁଙ୍କ ସହ ସଦାଶିବପୁର ସରପଞ୍ଚ ଧରିତ୍ରୀ ମଲ୍ଲିକ, ସମ୍ପାଦକ ଆଶୁତୋଷ ରାଉତ ପ୍ରମୁଖ ଏହାର ନେତୃତ୍ୱ ନେଉଛନ୍ତି।

### ପେଟ୍ରୋଲ ପମ୍ପ ପାଇଁ ମାଟି ଚୋରି

## ତଦନ୍ତ ନିର୍ଦ୍ଦେଶ ଦେଲେ ଉପଜିଲ୍ଲାପାଳ

ପରଜଙ୍ଗ, ୧୧।୧୨(ସମିସ): ପରଜଙ୍ଗ ଦେଇ ଯାଇଥିବା ରେଙ୍ଗାଳି ବାମ ପାର୍ଶ୍ୱ କେନାଲର ବଡ଼ଝରା ଗାଁ ନିକଟରୁ ଶହ ଶହ ଟ୍ରିପ ମାଟି ଚୋରି ହୋଇଥିବା ଦେଖିବାକୁ ମିଳିଛି।୫୩ ନଂ ଜାତୀୟ ରାଜପଥ



ର ବଡଝରା ଗାଁ ନିକଟରେ ଏକ ପେଟ୍ରୋଲ ପମ୍ପ ନିର୍ମାଣ ପାଇଁ ମାଟି ଚାଲାଣ ହୋଇଥିବା ଜଣାପଡ଼ିଛି। ରେଙ୍ଗାଳି ବାମ ପାର୍ଶ୍ୱ କେନାଲରୁ ବେଆଇନ ଭାବେ ହାଇୱା ଗାଡ଼ି ରେ ଶହ ଶହ ଟ୍ରିପ ମାଟିକୁ ଦିବାଲୋକରେ ଚୋରି କରି ନେଇଛନ୍ତି ସମ୍ପୃକ୍ତ ବ୍ୟକ୍ତି। ଢେଙ୍କାନାଳ ମାଇନିଙ୍ଗ ଅଫିସ ଚିଠି ସଂଖ୍ୟା -୨୫୩୩ ଅନୁଯାୟୀ ବଡଝରା ଗାଁର ଜନୈକ ବ୍ୟକ୍ତିଙ୍କ ଖାତା ନଂ -୨୭ ୯ ଅନୁଯାୟୀ ଦୁଇଟି ପ୍ଲଟ ଯଥାକ୍ରମେ ୫୬୯୧ ଏବଂ ୫୬୯୨ ରୁ ୩ଶହ କ୍ୟୁବିକ୍ ମିଟର ମାଟି ଉଠେଇବାର ଏକ ଅନୁମତି ପତ୍ର ରହିଛି। ଯେଉଁ ଚିଠିକୁ ଧରି ସମ୍ପୃକ୍ତ ବ୍ୟକ୍ତି ରେଙ୍ଗାଳି ବାମ ପାର୍ଶ୍ୱ କେନାଲ ହୁଡ଼ାରୁ ଶହ ଶହ ଟ୍ରିପ ମାଟି ନିର୍ଦ୍ୱନ୍ଦ୍ୱରେ ଚୋରା ଚାଲାଣ କରୁଥିବା ଦେଖିବାକୁ ମିଳିଛି। ଏପରିକି ପେଟ୍ରୋଲ ପମ୍ପ ନିର୍ମାଣ ପାଇଁ ନିୟୋଜିତ ଠିକାସଂସ୍ଥାର ମ୍ୟାନେଜର ଆମ କ୍ୟାମେରାକୁ ଦେଖି ମେସିନ ଏବଂ ହାଇୱା ଟ୍ରକ ଗୁଡିକୁ ନେଇ ଫେରାର ମାରିଥିଲେ। ଏବଂ ପୁନଶ୍ଚ ରାତିରେ ଚୋରା ଚାଲାଣ କରୁଥିବା ଦେଖିବାକୁ ମିଳିଥିଲା। ଯାହାକୁ ନେଇ ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀଙ୍କ ସହ କାମାକ୍ଷାନଗର ଉପଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲୁ। ତୁରନ୍ତ ଏହାର ଏକ ତଦନ୍ତ କରାଯାଇ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଉପଜିଲ୍ଲାପାଳ ପ୍ରକାଶ କରିଛନ୍ତି।

## ରାସ୍ତାରେ ଓଲଟିଲା ଲୁହାପଥର ବୋଝେଇ ଟ୍ରକ




ପରଜଙ୍ଗ, ୧୧।୧୨(ସମିସ): ୧୪୯ ନମ୍ବର ଜାତୀୟ ରାଜପଥର ପରଜଙ୍ଗ ଥାନା ଦଦରାଘାଟି ଫାଣ୍ଡି କୁଲେଇ ଗ୍ରାମ ବଅଁରପାଳ ଛକ ନିକଟରେ ଗୁରୁବାର ଭାରସାମ୍ୟ ହରାଇ ଏକ ଲୁହାପଥର ବୋଝେଇ ଟ୍ରକ ରାସ୍ତାରେ ଓଲଟି ପଡ଼ିଥିଲା। କେନ୍ଦୁଝର ଅଞ୍ଚଳରୁ ଲୁହାପଥର ବୋଝେଇ କରି ଅନୁଗୋଳ ଅଭିମୁଖେ ଯାଉଥିବା ଏହି ଟ୍ରକ ଓଲଟି ପଡ଼ିବାରୁ ଗାଡ଼ି ଭିତରେ ଚାଳକ ଚାପି ହୋଇ ରହିଯାଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ପୁଲିସ ତାଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଛି।

## ଜଳାଶୟକୁ ପୋତି ବିକ୍ରି ଯୋଜନା

ହିନ୍ଦୋଳ, ୧୧।୧୨(ସମିସ): ହିନ୍ଦୋଳ ଉପଖଣ୍ଡ ରାସୋଳ ଥାନା ଅନ୍ତର୍ଗତ ରସୋଳ ଗ୍ରାମର ଏକ ଜଳାଶୟ କୁ କିଛି କୁଚକ୍ରୀ ବ୍ୟକ୍ତି ବିକ୍ରି କରିବାପାଇଁ ମସୁଧା ଚଳେଇ ଥିବା ବେଳେ ଏ ନେଇ ଅଞ୍ଚଳ ବାସୀଙ୍କ ଦ୍ୱାରା ଦୃଢ଼ ବିରୋଧ ହୋଇଥିବା ଦେଖିବାକୁ ମିଳିଛି। ରାସୋଳ ଗ୍ରାମର ରାଜବାଟୀ ଜାଗାରେ ପ୍ଲଟ ନଂ ୩୭୨୯ ଜାଗାଟି ଜଳାଶୟ ରହିଥିବା ବେଳେ ଏହି ଜଳାଶୟ ଟି ଗ୍ରାମର ଜନସାଧାରଣ ନିତ୍ୟ

### ଗ୍ରାମବାସୀଙ୍କ ବିରୋଧ

ବ୍ୟବହାର କାର୍ଯ୍ୟରେ ଲାଗୁଛି। ଦୈନିକ ଗ୍ରାମର ଶହ ଶହ ଲୋକ ସେହି ଜଳାଶୟ ଉପରେ ନିର୍ଭର କରୁଥିବା ବେଳେ କିପରି ହିନ୍ଦୋଳ ତହସିଲ ପକ୍ଷରୁ ଏହାକୁ କିସମ ପରିବର୍ତନ କରାଯାଇ ଜଳାଶୟ କୁ ବିକ୍ରି କରିବାପାଇଁ ଅନୁମତି ଦିଆଯାଉଛି। ଏହାର ଉଚ୍ଚ ସ୍ତରୀୟ ତଦନ୍ତ କରିବା ପାଇଁ ଗ୍ରାମ ବାସୀ ଅଡ଼ି ବସିଛନ୍ତି। ଜଳାଶୟ ଟିକୁ କିସମ ପରିବର୍ତ୍ତନ କରି ଏବେ ବିକ୍ରି କରିଦେବାକୁ ଜନୈକ ବ୍ୟକ୍ତି ଯୋଜନା ଚଳାଇ ଥିବା ବେଳେ ଜଳାଶୟ ନିକଟରେ ୨ ଟି କୂଅକୁ ପୋତା ସରିଲାଣି ଏବେ ପୋଖରୀ ପୋତି ବା ପାଇଁ ମେସିନ ଆସିଥିବା ବେଳେ ଏହାକୁ ଗ୍ରାମବାସୀମାନେ ଦୃଢ଼ ବିରୋଧ କରିବା ସହିତ ଏ ସମ୍ପର୍କ ରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଲୋକସଭା ସାଂସଦ ରୁଦ୍ର ନାରାୟଣ ପାଣି ରାଜସ୍ୱ କମିଶନର ଭୁବନେଶ୍ୱର, ଉତ୍ତରାଞ୍ଚଳ ଆରଡିସି ଓ ହିନ୍ଦୋଳ ଉପଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। କେଉଁ ତହସିଲ ଅଧିକାରୀ ଏହି ଜଳାଶୟକୁ କିସମ ପରିବର୍ତ୍ତନ କଲେ



ଓ କିପରି ଏବେ ଏହି ଜଳାଶୟକୁ ପୋତିବାକୁ କିଏ ଅନୁମତି ଦେଇଛି ତାହାର ତଦନ୍ତ କରିବା ପାଇଁ ଗ୍ରାମବାସୀ ଦାବି କରିଥିବା ବେଳେ ଏହାର ସମାଧାନ କରା ନ ଗଲେ ଗ୍ରାମବାସୀ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି କହିଛନ୍ତି।

## ଆନ୍ତର୍ଜାତିକ ପର୍ବତ ଦିବସ ପାଳିତ



ଢେଙ୍କାନାଳ, ୧୧।୧୨(ସମିସ): ଢେଙ୍କାନାଳ ଜିଲ୍ଲା ବୁଦ୍ଧିଜୀବୀ ସଂଗଠନ ତରଫରୁ ଆନ୍ତର୍ଜାତିକ ପର୍ବତ ଦିବସ ସ୍ଥାନୀୟ ବୋରାପଦା ନିକଟ ପର୍ବତ ପାଦଦେଶରେ ପାଳିତ ହୋଇଛି। ସଂଗଠନର ସଦସ୍ୟମାନେ ପର୍ବତକୁ ଧୂପ, ଦୀପ ନୈବେଦ୍ୟ ଅର୍ପଣ କରି ପୂଜାର୍ଚ୍ଚନା କରିଥିଲେ। ପର୍ବତଗୁଡ଼ିକର ସୁରକ୍ଷା ନିମନ୍ତେ କାମନା କରିଥିଲେ। ୨୦୦୩ରୁ ଏହି ଦିବସ ପାଳନ ହୋଇଆସୁଛି। ପର୍ବତ ସମୂହ ପ୍ରକୃତିର ଅନବଦ୍ୟ ସୃଷ୍ଟି ଯାହାର ଉପସ୍ଥିତି ପୃଥିବୀ ପୃଷ୍ଠରେ ବାସ କରୁଥିବା ଜୀବଜଗତର ତିଷ୍ଠି ରହିବା ନିମନ୍ତେ ଅନେକ ଆବଶ୍ୟକତା ପୂରଣ କରୁଛି। ପର୍ବତ ଯୋଗୁଁ ମେଘମାଳାରୁ ବର୍ଷା ହେବା ସମ୍ଭବ ହୋଇପାରୁଛି ବୋଲି ଏହି ଅବସରରେ ମତ ପ୍ରକାଶ ପାଇଥିଲା। ବନ ବିଭାଗ ପର୍ବତଗୁଡ଼ିକର ମ୍ୟାପିଂ କରି ଯେପରି ତାହାର ପାଦଦେଶକୁ କାଟି ବାସଗୃହ ନିର୍ମାଣ କରା ନ ଯିବ ସେଥିପାଇଁ କର୍ମଚାରୀଙ୍କୁ ସଜାଗ ରହିବାକୁ ନିର୍ଦ୍ଦେଶ ଦେବାକୁ ଦାବି କରିଥିଲେ। କାର୍ଯ୍ୟକ୍ରମରେ ସଂଗଠନର ଉପସଭାପତି ରୁଦ୍ରପ୍ରକାଶ ଶରଣ, ଇଂ ସରୋଜ ସତପଥୀ, ସଭ୍ୟ ଗୀତା ସାମଲ, ଅଜେନ୍ଦ୍ର ସାମଲ, ଉତ୍ଫୁଲ୍ଲାର ରାଷ୍ଟ୍ରୀୟ ଉପସଭାପତି ମନୋରଞ୍ଜନ ପଟ୍ଟନାୟକ, ରାଜ୍ୟ ଉପସଭାପତି କବି ବାହାଦୁର ପାଟ୍ଟଶାଣୀ, ଆଇନଜୀବୀ ଦ୍ୱିତୀକୃଷ୍ଣ ବରାଳ, ସାଇ ମନ୍ଦିରର ସାଧାରଣ ସମ୍ପାଦକ ରଞ୍ଜନ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି କ୍ରମରେ ବନ ବିଭାଗକୁ ଏକ ଦାବିପତ୍ର ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଛି।

# ଗ୍ରାମବାସୀଙ୍କ ହଟ୍ଟଗୋଳରେ ଜମି ସୀମା ନିର୍ଦ୍ଧାରଣ

କଙ୍କଡ଼ାହାଡ଼, ୧୧।୧୨(ସମିସ)

କଙ୍କଡ଼ାହାଡ଼ ତହସିଲ ଅନ୍ତର୍ଗତ ବିରିବୋଲେଇ ଗ୍ରାମର ଏକ ବିବାଦୀୟ ଜମିର ସୀମା ନିର୍ଦ୍ଧାରଣକୁ ଗ୍ରାମବାସୀ ବିରୋଧ କରିଥିଲେ। ଗ୍ରାମବାସୀଙ୍କ ହଟ୍ଟଗୋଳ ହୋହାଲ୍ଲାରେ ପ୍ରଶାସନ ଉପସ୍ଥିତରେ ଜମି ସୀମା ନିର୍ଦ୍ଧାରଣ ହୋଇଛି। ସୂଚନା ଅନୁଯାୟୀ ବିରିବୋଲେଇ ଗ୍ରାମର ପ୍ଲଟ ନମ୍ବର-୨୩୧/୩୦୪୧, ଖାତା ନଂ୨୪୭/୧୨୮ ର ୩ ଏକର ୮୫ ଡିସିମିଲ ଜମିକୁ ନେଇ ବିବାଦ ଦେଖାଦେଇଛି। ଗତରେଇ ଗ୍ରାମର ଅକ୍ଷୟ କୁମାର ସିଂହ ଏହି ଜମିକୁ ଉକ୍ତ ଗ୍ରାମର ଟଙ୍କଧର ଲେଙ୍କାଙ୍କଠାରୁ କ୍ରୟ କରି ୨୦୨୨-୨୩ରେ ରେକର୍ଡ ପାଇଥିଲେ। ଗ୍ରାମବାସୀଙ୍କ ବିରୋଧ କାରଣରୁ ଏହି ଜମି ଦଖଲକୁ ନେଇ ନ ପାରି ସିଂହ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ। ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ କଙ୍କଡ଼ାହାଡ଼ ତହସିଲ ପକ୍ଷରୁ ଗୁରୁବାର ଜମି ସୀମା ନିର୍ଦ୍ଧାରଣ ନିମନ୍ତେ ପ୍ରକ୍ରିୟା ହୋଇଥିଲା। ତହସିଲଦାର ସୌଦାମିନୀ ନାୟକ, ବିଡିଓ ଯଶୋବନ୍ତ ଦେହୁରୀ, ଅତିରିକ୍ତ ତହସିଲଦାର ସୁଜିତ କୁମାର ଭୋଇ, କାମାକ୍ଷାନଗର ଏସ୍‌ଡିପିଓ ରଜନୀକାନ୍ତ ସାମଲ, ମହାବିରୋଡ ଥାନା ଅଧିକାରୀ କାଶୀନାଥ ହାଁସଦା, କଙ୍କଡ଼ାହାଡ଼ ଥାନା ଅଧିକାରିଣୀ କଳ୍ପନା ବେହେରା, ପରଜଙ୍ଗ ଥାନା ଅଧିକାରୀ ଧୀରେନ ବେହେରା ପ୍ରମୁଖ



ପୁଲିସ ଫୋର୍ସ ସହ ପହଞ୍ଚି ଜମି ସୀମା ନିର୍ଦ୍ଧାରଣ ପ୍ରକ୍ରିୟା ଆରମ୍ଭ କରିଥିଲେ। ତେବେ ଗ୍ରାମର ଶହ ଶହ ପୁରୁଷ ଓ ମହିଳା ଆସି ଏହାକୁ ଜୋରଦାର ବିରୋଧ କରିଥିଲେ। ବିରିବୋଲେଇ ସରପଞ୍ଚ ସୁମିତ୍ରା ପ୍ରଧାନ, ସମିତି ସଭ୍ୟା ପିଙ୍କି ପ୍ରଧାନ, ଗ୍ରାମ ସମ୍ପାଦକ ଉଦୟନାଥ ସାହୁଙ୍କ ସମେତ ଗ୍ରାମବାସୀ ହୋହାଲ୍ଲା କରିବା ସହ ଜମି ମପେଇ ଦେବୁ ନାହିଁ ବୋଲି ଜିଦରେ ଅଟଳ ରହିଥିଲେ। ତେବେ ପ୍ରଶାସନ ଓ ପୁଲିସ ବୁଝାସୁଝା କରିବା ପରେ ଗ୍ରାମବାସୀଙ୍କ ଉପସ୍ଥିତରେ ଜମି ସୀମା ନିର୍ଦ୍ଧାରଣ ହୋଇଥିଲା।

ଅନ୍ୟପଟେ ଗ୍ରାମବାସୀଙ୍କ ପକ୍ଷରୁ ୩ ଦଫା ଦାବିପତ୍ର ତହସିଲଦାରଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ ଗ୍ରାମବାସୀଙ୍କ ପକ୍ଷରୁ ଉକ୍ତ ଜମି ପାଇଥିବା ବ୍ୟକ୍ତିଙ୍କ ବିରୋଧରେ ଅଦାଲତରେ ମାମଲା ରୁଜୁ ହୋଇଛି। ଏହି ମାମଲାର ନ ହେବା ପର୍ଯ୍ୟନ୍ତ ଉକ୍ତ ଜମିରେ ଉଭୟ ବାଦୀ ଓ ପ୍ରତିବାଦୀ କୌଣସି ଦଖଲ କିମ୍ବା ନିର୍ମାଣ କରିପାରିବେ ନାହିଁ। କୋର୍ଟଙ୍କ ରାୟ ଆସିଲା ପରେ ଆଇନ ଅନୁସାରେ ପରବର୍ତ୍ତୀ ପଦକ୍ଷେପ ନେବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ବିରିବିଲେଇ ଗ୍ରାମ ସମ୍ପାଦକ ଉଦୟନାଥ ସାହୁ କହିଛନ୍ତି ୧୯୯୧ରୁ ଏଠାରେ ଶନିବାର ସାପ୍ତାହିକ ହାଟ ବସି ଆସୁଛି। ଗ୍ରାମ ଦଖଲରେ ରହିଥିବା ଏହି ଜମିକୁ ଠକିକତା କରି ଜଣେ ବ୍ୟକ୍ତି ଅନ୍ୟ ଜଣଙ୍କ ନାମରେ ପଟ୍ଟା କରି ବିକ୍ରି କରିଛନ୍ତି। ଏ ନେଇ ଗ୍ରାମବାସୀ ଉଚ୍ଚ ନ୍ୟାୟାଳୟରେ ମାମଲା ରୁଜୁ କରିଥିବା ସେ କହିଛନ୍ତି। ବିରିବୋଲେଇ ସରପଞ୍ଚ ସୁମିତା ପ୍ରଧାନ କହିଛନ୍ତି, ଆଜକୁ ଦୀର୍ଘ ୩୪ ବର୍ଷ ହେଲା ଏଠି ହାଟ

### ତହସିଲଦାରଙ୍କୁ ୩ ଦଫା ଦାବିପତ୍ର ପ୍ରଦାନ

ବସୁଛି। ପ୍ରତି ବର୍ଷ ହାଟ ନିଲାମ ଦିଆଯାଉଛି। ଚଳିତ ବର୍ଷ ୮ ହଜାର ଟଙ୍କାରେ ନିଲାମ ଦିଆଯାଇଛି। ପ୍ରାୟ ୨୦ ଲକ୍ଷ ଟଙ୍କା ସରକାରୀ ଅନୁଦାନରେ ଏଠାରେ ପିଣ୍ଡି, ବୋରୱେଲ ସହ ଅନ୍ୟାନ୍ୟ ଉନ୍ନୟନ କାର୍ଯ୍ୟ ହୋଇଛି। ଏହି ଜମି କ୍ରୟ କରିଥିବା ସିଂହ କହିଛନ୍ତି, ଜିମି କିଣିବାର ଦୀର୍ଘ ବର୍ଷ ପରେ ସୀମା ନିର୍ଦ୍ଧାରଣ ହେଉ ନ ଥିବାରୁ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲି। ତହସିଲଦାର ସୌଦାମିନୀ ନାୟକ କହିଛନ୍ତି, ଗ୍ରାମବାସୀଙ୍କୁ ବୁଝାସୁଝା ପରେ ଜମିର ସୀମା ନିର୍ଦ୍ଧାରଣ କରାଯାଇଛି। ଗ୍ରାମବାସୀଙ୍କ ପକ୍ଷରୁ ୩ ଦଫା ଦାବିପତ୍ର ଦିଆଯାଇଥିବା ନାୟକ କହିଛନ୍ତି।

## ଆଇଆଇଏମସି ଛାତ୍ରଛାତ୍ରୀଙ୍କ ଆଇପିଏଲ କାରଖାନା ପରିଦର୍ଶନ



ଢେଙ୍କାନାଳ, ୧୧।୧୨(ସମିସ): ସ୍ଥାନୀୟ ଭାରତୀୟ ଜନସଞ୍ଚାର ସଂସ୍ଥାନ (ଆଇଆଇଏମସି)ର ସାମ୍ବାଦିକତା ଓ କର୍ପୋରେଟ କମ୍ୟୁନିକେସନ ଆଣ୍ଡ ବ୍ରାଣ୍ଡ ମ୍ୟାନେଜମେଣ୍ଟର ୨୮ ଛାତ୍ରଛାତ୍ରୀ ଆସିଷ୍ଟାଣ୍ଟ ପ୍ରଫେସର ଡ. ବିରଞ୍ଚି ନାରାୟଣ ସେଠଙ୍କ ନେତୃତ୍ୱରେ ଇଣ୍ଡିଆନ ପଟାସ ଲିମିଟେଡ (ଆଇପିଏଲ) କାରଖାନା ପରିଦର୍ଶନ କରିଛନ୍ତି। ଆଖୁଚାଷ, ଚିନି କାରଖାନା, କୃଷକଙ୍କ ପ୍ରତିଦାନ ସମ୍ପର୍କରେ ସରକାରୀ ନିୟମ ଓ ଆଇପିଏଲ କମ୍ପାନୀ ସମ୍ପର୍କରେ କାରଖାନାର ମୁଖ୍ୟ ତଥା ସାଧାରଣ ପରିଚାଳକ ବିକାଶ କୁମାର ଚୌଧୁରୀ, ବରିଷ୍ଠ ଅଧିକାରୀ ରାଜେନ୍ଦ୍ର ନାରାୟଣ ପଣ୍ଡା ଓ ଭବାନୀ ରଥଙ୍କଠାରୁ ବୁଝିଥିଲେ। ସୋୟା ଗୋଲଡ ଉତ୍ପାଦନ ବିଷୟରେ ମଧ୍ୟ ପିଲାମାନଙ୍କୁ ଅବଗତ କରାଯାଇଥିଲା। ଛାତ୍ରଛାତ୍ରୀମାନେ ଚିନି କାରଖାନା, ଆଖୁରସ ଓ ଆଖୁପେଡ଼ା ଦେଖିବା ସହ ଅଧିକାରୀଙ୍କୁ ବିଭିନ୍ନ ବିଷୟରେ ପଚାରି ବୁଝିଥିଲେ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୯.୫୦ ● ପାଉଣ୍ଡ ୧୨୦.୨୪
- ୟୁରୋ ୧୦୫.୧୬ ● ୟେନ୍ ୦.୫୭

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)


- ସୁନା: ୧,୧୯,୩୫୦ (ଭୁବନେଶ୍ୱର)
- ରୁପା : ୨,୦୮,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୮୪,୮୧୮.୦୦
- ନିଫ୍ଟି ୨୫,୮୯୮.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



## ଟ୍ରମ୍ପଙ୍କୁ ଖୁସି କରିବାକୁ ପ୍ରୟାସ

# ଭାରତ ଉପରେ ମେକ୍ସିକୋ ଲଗାଇବ ୫୦% ଶୁଳ୍କ

ନୂଆଦିଲ୍ଲୀ,୧୧।୧୨(ଏଜେନ୍ସି): ଆମେରିକା ପରେ ମେକ୍ସିକୋ ଭାରତ ଉପରେ ଉଚ୍ଚ ଶୁଳ୍କ ଲଗାଇବାକୁ ଯାଉଛି। ମେକ୍ସିକୋ ସଂସଦ ବୁଧବାର ଭାରତ ସମେତ ୫ଟି ଏସୀୟ ଦେଶ ଉପରେ ୫୦% ପର୍ଯ୍ୟନ୍ତ ଶୁଳ୍କ ଘୋଷଣା କରିଛି। ମେକ୍ସିକୋ ଚୀନ ଏବଂ ଅନ୍ୟାନ୍ୟ ଦେଶରୁ ଆମଦାନି ହେଉଥିବା ୧୪୦୦ ରୁ ଅଧିକ ଉତ୍ପାଦ ଉପରେ ଶୁଳ୍କ ବୃଦ୍ଧି କରିବ। ମଞ୍ଜୁର କରିଛି। ମେକ୍ସିକୋର ଏହି ଦେଶଗୁଡ଼ିକ ସହିତ ମୁକ୍ତ ବାଣିଜ୍ୟ ଚୁକ୍ତି ନାହିଁ। ରାଷ୍ଟ୍ରପତି କ୍ଲାଉଡିଆ ସେନବାଉମଙ୍କ ଶାସକ ମୋରେନା ଦଳ ଘରୋଇ ଉତ୍ପାଦନ ବୃଦ୍ଧି ପାଇଁ ଶୁଳ୍କ ବୃଦ୍ଧିକୁ ଆବଶ୍ୟକ ବୋଲି କହିଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଖୁସି କରିବାକୁ ମେକ୍ସିକୋ ଏପରି ପଦକ୍ଷେପ ନେଇଥିବାକୁହାଯାଉଛି। ଏହି ନୂଆ ଶୁଳ୍କ ୨୦୨୬ରୁ ଲାଗୁ ହେବ।




### ୨୦୨୬ରୁ ଲାଗୁ ହେବ ନୂଆ ଶୁଳ୍କ

### ୧୪୦୦ରୁ ଅଧିକ ଭାରତୀୟ ସାମଗ୍ରୀ ଉପରେ ଲାଗିବ ଟାରିଫ୍

### କମିବ ଭାରତରୁ କାର, ଅଟୋ ଯନ୍ତ୍ରାଂଶ, ପୋଷାକ, ଷ୍ଟିଲ୍, ଜୋତା ରପ୍ତାନୀ

ମେକ୍ସିକୋ ଭାରତ ବ୍ୟତୀତ ଚୀନ୍, ଭାରତ, ଦକ୍ଷିଣ କୋରିଆ, ଥାଇଲାଣ୍ଡ ଏବଂ ଇଣ୍ଡୋନେସିଆ ଉପରେ ଅତ୍ୟଧିକ ଟାରିଫ ଲଗାଇବ। ମେକ୍ସିକୋ ଏହି ଦେଶଗୁଡ଼ିକରୁ ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ଆମଦାନୀ କରୁଛି। ୨୦୨୪ରେ ଏହି ଦେଶଗୁଡ଼ିକରୁ ମେକ୍ସିକୋ ୨୫୩.୭ ବିଲିୟନ ଡଲାର ମୂଲ୍ୟର ସାମଗ୍ରୀ ଆମଦାନୀ କରିଥିଲା। ଅତି ଅଧିକ ଆମଦାନୀ ଯୋଗୁଁ ମେକ୍ସିକୋକୁ ପ୍ରାୟ ୨୨୩ ବିଲିୟନ ଡଲାର କ୍ଷତି ହୋଇଥିଲା। ନୂତନ ଟାରିଫ ନୀତି ଲାଗୁ ହେବା ପରେ କାର, ଅଟୋ ଯନ୍ତ୍ରାଂଶ , ପୋଷାକ ଏବଂ କପଡ଼ା, ପ୍ଲାଷ୍ଟିକ୍ ଉତ୍ପାଦ, ଷ୍ଟିଲ୍ ଏବଂ ଜୋତା ସମେତ ପ୍ରାୟ ୧୪୦୦ ସାମଗ୍ରୀ ମହଙ୍ଗା ହେବ। ଅଧିକାଂଶ ଦେଶ ଉପରେ ୩୫ ପ୍ରତିଶତ ପର୍ଯ୍ୟନ୍ତ ଶୁଳ୍କ ଲାଗୁ ହେବ ଏବଂ ଅନ୍ୟ ଦେଶ ଉପରେ ୫୦ ପ୍ରତିଶତ ପର୍ଯ୍ୟନ୍ତ ଶୁଳ୍କ ଲାଗୁ କରିବ ମେକ୍ସିକୋ।

୨୦୨୬ରେ ୟୁସିଏମ୍‌ସିଏ (ଆମେରିକା-ମେକ୍ସିକୋ-କାନାଡା ବାଣିଜ୍ୟ ଚୁକ୍ତିନାମା)ର ସମୀକ୍ଷା ପୂର୍ବରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ସନ୍ତୁଷ୍ଟ କରିବା ପାଇଁ ମେକ୍ସିକୋ ଏଭଳି ପଦକ୍ଷେପ ନେଇଛି। ଚୀନ୍ ସରକାର, ପ୍ରମୁଖ ମେକ୍ସିକୋ ବ୍ୟବସାୟିକ ସଂଗଠନ ଏବଂ ବିରୋଧୀ ଦଳଗୁଡ଼ିକ ଏହି ଶୁଳ୍କକୁ ଏକ ଭୁଲ ପଦକ୍ଷେପ ବୋଲି କହୁଛନ୍ତି। ସେମାନେ କହିଛନ୍ତି ଯେ, ଏହି ଶୁଳ୍କ ମୂଳତଃ ସାଧାରଣ ଗ୍ରାହକଙ୍କ ଉପରେ ଏକ ଅତିରିକ୍ତ ଟିକସ, ଯାହା ଦୈନନ୍ଦିନ ସାମଗ୍ରୀକୁ ମହଙ୍ଗା କରିବ ଏବଂ ମୁଦ୍ରାସ୍ଫୀତିକୁ ଆହୁରି ବଢ଼ାଇବ। ଏହି ବିଲ୍‌କୁ ବିରୋଧ ପରେ ପ୍ରାୟ ଦୁଇ-ତୃତୀୟାଂଶ ସାମଗ୍ରୀ ଉପରେ ଶୁଳ୍କ ହ୍ରାସ କରାଯାଇଥିଲା। ବିଲ୍‌ଟି ସିନେଟରେ ୭୬ ରୁ ୫ ଭୋଟରେ ଗୃହୀତ ହୋଇଥିଲା, ୩୫ ଜଣ ଭୋଟ୍ ଦେବାରୁ ବିରତ ରହିଥିଲେ। ରାଷ୍ଟ୍ରପତି କ୍ଲାଉଡିଆ ସେନବାଉମ୍‌ଙ୍କ ସ୍ୱାକ୍ଷର ପରେ ଏହି ବିଲ୍ ଆଇନରେ ପରିଣତ ହେବ।

## ଓଡିଶାରେ ଖୋଲିବ ସିଏଜି କାର୍ଯ୍ୟାଳୟର ପୂର୍ବାଞ୍ଚଳ ଶାଖା

ଭୁବନେଶ୍ୱର,୧୧।୧୨(ସମିସ): ଆସନ୍ତାବର୍ଷ ଏପ୍ରିଲ ୧୫ରୁ ଭାରତର ନିୟନ୍ତ୍ରକ ତଥା ମହାଲେଖା ପରୀକ୍ଷକ (ସିଏଜି)ର ପୂର୍ବାଞ୍ଚଳ ଶାଖା ଭୁବନେଶ୍ୱରରେ ଖୋଲିବ। ଏ ନେଇ ସିଏଜି ଅନୁମୋଦନ ପ୍ରଦାନ କରିଛନ୍ତି। ସିଏଜିଙ୍କର ଏହି ପଦକ୍ଷେପ ପୂର୍ବ ଭାରତରେ ତଦାରଖ ବିକେନ୍ଦ୍ରୀକରଣ ଏବଂ ଅଡିଟ ପ୍ରଶାସନକୁ ସୁଦୃଢ଼ କରିବା ଦିଗରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ। ସରକାରୀ ସୂଚନା ଅନୁଯାୟୀ, ନୂତନ କାର୍ଯ୍ୟାଳୟ ୨୦୨୬ ଏପ୍ରିଲ ୧୫ରୁ କାର୍ଯ୍ୟ ଆରମ୍ଭ କରିବ।

ପୂର୍ବାଞ୍ଚଳ ମୁଖ୍ୟାଳୟ ଜଣେ ଉପନିୟନ୍ତ୍ରକ ଏବଂ ଅଡିଟର ଜେନେରାଲ (ଡେପୁଟି ସିଏଜି)/ଅତିରିକ୍ତ ଉପନିୟନ୍ତ୍ରକ ଏବଂ ଅଡିଟର ଜେନେରାଲ (ଅତିରିକ୍ତ ଡେପୁଟି ସିଏଜି) (ପୂର୍ବାଞ୍ଚଳ) ଅଧୀନରେ ଏହା କାର୍ଯ୍ୟ କରିବ। ବର୍ତ୍ତମାନ ଦିଲ୍ଲୀ ସିଏଜି ମୁଖ୍ୟାଳୟରେ ହେଉଥିବା ପୂର୍ବାଞ୍ଚଳ ଶାଖାର ସମସ୍ତ କାର୍ଯ୍ୟ ଭୁବନେଶ୍ୱର ପୂର୍ବାଞ୍ଚଳ ଶାଖାରେ ସମ୍ପାଦିତ ହେବ। ନୂତନ ମୁଖ୍ୟାଳୟ ବିହାର, ଝାଡ଼ଖଣ୍ଡ, ଓଡ଼ିଶା ଏବଂ ପଶ୍ଚିମବଙ୍ଗର ଅଡିଟ କାର୍ଯ୍ୟାଳୟଗୁଡ଼ିକୁ ତଦାରଖ କରିବ, ଯାହା ୪ଟି ରାଜ୍ୟରେ ଅଡିଟ କାର୍ଯ୍ୟକଳାପର ଅଧିକ ସମନ୍ୱୟ ଏବଂ ଉତ୍ତମ ତଦାରଖ କରିବାକୁ ସକ୍ଷମ କରିବ। ଏହି ପଦକ୍ଷେପକୁ ଦାୟିତ୍ୱ ବୃଦ୍ଧି ଏବଂ ସାର୍ବଜନୀନ ଆର୍ଥିକ ପରିଚାଳନାର ଗୁଣବତ୍ତା ଉନ୍ନତ କରିବା ଦିଗରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ଭାବରେ ଦେଖାଯାଉଛି। ଓଡିଶା ଏଜି କାର୍ଯ୍ୟ ସମ୍ପାଦନ କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରି ଉଚ୍ଚ ପ୍ରଶଂସିତ ହେବା ସହ ବିଭିନ୍ନ ବିଭାଗରେ ପ୍ରଥମ ହେବାରେ ସୌଭାଗ୍ୟ ଲାଭ କରିଛି।

## ଏକ୍ସକନ ୨୦୨୫ରେ ଭାରୀ ଯାନ୍ତ୍ରିକ ଉପକରଣ ପ୍ରଦର୍ଶିତ

ବାଙ୍ଗାଲୋର,୧୧।୧୨ : ବାଙ୍ଗାଲୋରଠାରେ ଏସିଆର ସର୍ବବୃହତ ନିର୍ମାଣ ଉପକରଣ ଇଭେଣ୍ଟ, ଏକ୍ସକନ ୨୦୨୫ ଆୟୋଜିତ ହୋଇଯାଇଛି। ଏହି ପ୍ରଦର୍ଶନୀରେ ଭଲଭୋ, ଟାଟା ହିଟାଚି ଏବଂ ଜେସିବି ଭଳି ପ୍ରମୁଖ କମ୍ପାନୀଗୁଡ଼ିକ ନିଜ ନିଜର ଯନ୍ତ୍ରପାତି ଏବଂ ଉପକରଣ ପ୍ରଦର୍ଶିତ କରିଛନ୍ତି। ଏହି ଅବସରରେ ଭଲଭୋ କନଷ୍ଟ୍ରକ୍ସନ ଇକ୍ୟୁପମେଂଟ ଇଣ୍ଡିଆ ଏହାର ଅଲ-ନ୍ୟୁ ଇସି୨୧୫ର ଶୁଭାରମ୍ଭ କରିଥିବାବେଳେ, ଭଲଭୋ ସିଇ ନୂତନ ଏସଡି୧୧୦ କମ୍ପାକ୍ଟର, ଏଲ୧୨୦ ଇଲେକ୍ଟ୍ରିକ୍ ହ୍ୱିଲ ଲୋଡର ସହିତ ଭାରତରେ ପ୍ରଥମ କରି ଇସି୬୫୦ ର ପ୍ରାକ-ଶୁଭାରମ୍ଭ କରିଛି। ଟାଟା ହିଟାଚି ପକ୍ଷରୁ ଆନୁଷ୍ଠାନିକ ଭାବରେ ଟାଟା ହିଟାଚି ପାଭିଲିୟନର ଉଦଘାଟନ କରାଯାଇଛି। ଟାଟା ହିଟାଚି ମଧ୍ୟ ଏକ୍ସକନ ୨୦୨୫ ରେ ବିଭିନ୍ନ ଧରଣର ମେସିନ୍ ଏବଂ ଆଟାଚମେଣ୍ଟର ଶୁଭାରମ୍ଭ କରିଛି। ସେହିଭଳି ଜେସିବି ଇଣ୍ଡିଆ ମଧ୍ୟ ଏକ୍ସକନ ୨୦୨୫ରେ ଏହାର ସର୍ବବୃହତ ୫୨ଟନ୍ ଓଜନର ଏକ୍ସକାଭେଟର ଉନ୍ମୋଚନ କରିଛି। ଏକ୍ସକନ ୨୦୨୫ରେ ଜେସିବି ଇଣ୍ଡିଆ ୧୦ରୁ ଅଧିକ ନୂତନ ଉତ୍ପାଦ ଶୁଭାରମ୍ଭ କରିଛି ଯାହା କମ୍ପାନୀର ସବୁଠାରୁ ବଡ ପ୍ରଦର୍ଶନୀ ମଧ୍ୟରୁ ଗୋଟିଏ।

## ଟାଟା ଷ୍ଟିଲ୍ ଲୟଡସ୍ ମେଟାଲ୍ସ ଆଣ୍ଡ ଏନର୍ଜି ଏମଓୟୁ

ଭୁବନେଶ୍ୱର, ୧୧।୧୨(ସମିସ): ଲୟଡସ୍ ମେଟାଲ୍ସ ଆଣ୍ଡ ଏନର୍ଜି ଲିମିଟେଡ ତାହାର ଏମଡି ବି.ପ୍ରଭାକରନଙ୍କ ନେତୃତ୍ୱରେ ଟାଟା ଷ୍ଟିଲ ଲିମିଟେଡ ପକ୍ଷରୁ ଏହାର ସିଇଓ ଏବଂ ଏମଡି ଟିଭି ନରେନ୍ଦ୍ରନଙ୍କ ସହିତ କଞ୍ଚାମାଲଖଣି ଖନନ, ଲଜିଷ୍ଟିକ୍ସ, ପେଲେଟ ଏବଂ ଇସ୍ପାତ ଉତ୍ପାଦନ ଆଦି କ୍ଷେତ୍ରରେ ରଣକୌଶଳାତ୍ମକ ସହଭାଗିତା ଅନୁଧ୍ୟାନ କରିବାକୁ ଏକ ଅଣ ବାଧ୍ୟତା ମୂଳକ ବୁଝାମଣାପତ୍ରରେ ସ୍ୱାକ୍ଷର କରିଛି। ଏହି ପ୍ରସ୍ତାବିତ ସହଭାଗିତା ଲୟଡସ୍ ମେଟାଲ୍ସ ଓ ଟାଟାଷ୍ଟିଲ ମଧ୍ୟରେ ବ୍ୟବସାୟ ପରିଚାଳନା କ୍ଷେତ୍ରରେ ସ୍ୱାଭାବିକ ସମ୍ପର୍କକୁ ଉପଯୋଗ କରିବା ଲକ୍ଷ୍ୟ ରଖିଛି। ଏହି ଏମଓୟୁ ଉଭୟ କମ୍ପାନୀ ନିମନ୍ତେ ପାରସ୍ପରିକ ସ୍ୱାର୍ଥ ସମ୍ବଳିତ ଅନ୍ୟାନ୍ୟ ବିଷୟଗୁଡିକ ମଧ୍ୟରେ ନୂତନ ଇସ୍ପାତ ଉତ୍ପାଦନ ପ୍ରକଳ୍ପ ସମୂହ, ଲୁହାପଥର ଖଣିଖନନ, ସ୍ଲରି ପାଇପଲାଇନ ଭିତିଭୂମି, ଭାରତର ଲୁହାପଥର ସମୃଦ୍ଧ ରାଜ୍ୟଗୁଡିକରେ ପେଲେଟ ପ୍ରସ୍ତୁତି, ପ୍ରତ୍ୟକ୍ଷ ଭାବରେ ଲୁହାପଥର ଉତ୍ପାଦନ ଏବଂମୂଲ୍ୟଯୁକ୍ତ ଲୋ କାର୍ବନ ଲୌହ ଓ ଇସ୍ପାତସାମଗ୍ରୀ ଗୁଡିକର ରପ୍ତାନି କ୍ଷେତ୍ରରେ ସମ୍ଭାବ୍ୟ ସହଯୋଗ ସମ୍ପର୍କରେ ମୂଲ୍ୟାୟନ କରିବାକୁ ଏକ ବିଧିବ୍ୟବସ୍ଥା ନିର୍ଦ୍ଧାରଣକରିଛି।

## ଷ୍ଟ୍ରେକ୍ସର "ମେନ ଫାଷ୍ଟ ଷ୍ଟ୍ରେକ୍ସ ସୁପର ଫାଷ୍ଟ" ଅଭିଯାନକୁ ବୁମରାହଙ୍କ ପ୍ରତ୍ୟାବର୍ତ୍ତନ

ମୁମ୍ବଇ,୧୧।୧୨ : ଷ୍ଟ୍ରେକ୍ସ, ହାଇଜିନିକ୍ ରିସର୍ଚ୍ଚ ଇଂଷ୍ଟିଚ୍ୟୁଟ (ଏଚଆରଇ)ରୁ ଆସିଥିବା ଭାରତର ଏକ ଅଗ୍ରଣୀ କେଶରଙ୍ଗକାରୀ ତଥା ଯତ୍ନକାରୀ ବ୍ରାଣ୍ଡ ଅତି ଗର୍ବର ସହିତ ଯଶପ୍ରୀତ ବୁମରାହଙ୍କ ନୁ୍ୟକ୍ତି ଘୋଷଣା କରୁଛି, ଭାରତର ପ୍ରିମିୟର ଦ୍ରୁତଶୀଳ ବୋଲର, ଏହାର ଉତ୍ପାଦନ ଆମ୍ବାସାଡ଼ର ଭାବରେ ରହିଥିବା ଏହାର ଚକିତକାରୀ ଆବସ୍ଥାରକ ଷ୍ଟ୍ରେକ୍ସ ସାମ୍ପୁ ହେୟାର କଲର ନିମନ୍ତେ।ଏହି ସହଭାଗୀତା ଅନାବରଣ ହୋଇଛି ଏକ ଗତିଶୀଳ ଅଭିଯାନ "ମେନ ଫାଷ୍ଟ, ଷ୍ଟ୍ରେକ୍ସ ସୁପରଫାଷ୍ଟ"ଜରିଆରେ ଯାହାକି ଆତ୍ମବିଶ୍ୱାସ, ଗତିଏବଂତ୍ରୁଟିଶୂନ୍ୟଶୈଳୀକୁ ପାଳନ କରୁଛି। ଯଶପ୍ରୀତ ବୁମରାହ -ନିଜର ଗତିଶୀଳ, ଉଚ୍ଚ ଶ୍ରେଣୀର ଦକ୍ଷତା ଏବଂ ସ୍ଥିରତା ପାଇଁ ଜଣାଶୁଣା – ଷ୍ଟ୍ରେକ୍ସ ସାମ୍ପୁ ହେୟାର କଲରର ଦର୍ପଣ ଭାବରେ ଏହାର ମୂଳ ପ୍ରତିଜ୍ଞା ସହିତ ରହି ଗତିଶୀଳ ଏବଂ ମାନକ ଦକ୍ଷତାର ପ୍ରତିପାଦନ କରିବେ। ନିଜର ଶୃଙ୍ଖଳା ଗତବ୍ୟକ୍ତିତ୍ୱ ତଥା ସାର୍ବଜନ ବିଦିତ ଏହି ସାମଗ୍ରୀର ଆଦର୍ଶଗତ ସ୍ୱର ଭାବରେ ପ୍ରତିଷ୍ଠା କରିବା ସହିତ ଏହାର ପ୍ରଭାବଶାଳୀ ଉଚ୍ଚ ଗୁଣବତା ଫଳାଫଳକୁ ବଜାୟ ରଖିବ।

## ହୀରାକୁଦ ଏବଂ ସାତକୋଶିଆ ଅଞ୍ଚଳର ବିକାଶ

# ଏ ଯାଏ ମିଳିଛି ୧୩୨ କୋଟି

ଭୁବନେଶ୍ୱର,୧୧।୧୨(ଏଜେନ୍ସି): ବିଭିନ୍ନ କେନ୍ଦ୍ର ପ୍ରାୟୋଜିତ ଯୋଜନା ଜରିଆରେ କେନ୍ଦ୍ର ସରକାର ଓଡ଼ିଶା ସରକାରଙ୍କୁ ପର୍ଯ୍ୟଟନ ସ୍ଥଳୀର ବିକାଶ ପାଇଁ ଅନୁଦାନ ଯୋଗାଇ ଦେଇଛନ୍ତି। ଏହି ଅନୁକ୍ରମରେ ଓଡ଼ିଶାର ହୀରାକୁଦ ଏବଂ ସାତକୋଶିଆ ଅଞ୍ଚଳର ବିକାଶ ପାଇଁ କେନ୍ଦ୍ର ସରକାର ବର୍ତ୍ତମାନ ସୁଦ୍ଧା ପ୍ରାୟ ୧୩୨ କୋଟି ଟଙ୍କା ପ୍ରଦାନ କରିଛନ୍ତି। ରାଜ୍ୟସଭାରେ ଏକ ଅଣତାରକା ପ୍ରଶ୍ନର ଉତ୍ତରରେ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ ଏହା କହିଛନ୍ତି।

ଉତ୍ତରରେ ଶ୍ରୀ ଶେଖାୱତ କହିଛନ୍ତି, ୨୦୨୪-୨୫ ଆର୍ଥିକବର୍ଷରେ ବିଭିନ୍ନ କେନ୍ଦ୍ରୀୟ ଯୋଜନାରେ ପର୍ଯ୍ୟଟନ ମନ୍ତ୍ରଣାଳୟ ଓଡ଼ିଶାର ହୀରାକୁଦ ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ୯ ୯ କୋଟି ୯୦ ଲକ୍ଷ ଟଙ୍କା ଏବଂ ସାତକୋଶିଆର ବିକାଶ ଲାଗି ୯ ୯ କୋଟି ୯ ୯ ଲକ୍ଷ ଟଙ୍କା ମଞ୍ଜୁର କରିଛି। ଏଥିମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୧୩୧.୯୨ କୋଟି ଟଙ୍କା ଜାରି କରାଯାଇଛି। କେନ୍ଦ୍ର ମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ଯେ, , ପର୍ଯ୍ୟଟନ ସ୍ଥଳୀର ବିକାଶ ଦାୟିତ୍ୱ ସମ୍ପୃକ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶର ହୋଇଥିଲେ ମଧ୍ୟ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟ ସ୍ୱଦେଶ ଦର୍ଶନ, ତୀର୍ଥସ୍ଥଳୀ ପୁନରୁଦ୍ଧାର ଏବଂ ଆଧ୍ୟାତ୍ମିକ ଐତିହ୍ୟ ବିକାଶ ଅଭିଯାନ (ପ୍ରସାଦ), ପର୍ଯ୍ୟଟନ ଭିତ୍ତିଭୂମି ବିକାଶ ପାଇଁ କେନ୍ଦ୍ରୀୟ ସହାୟତା (ଏସିଏଟିଆଇଡି) ଆଦି ଯୋଜନା ଓ କାର୍ଯ୍ୟକ୍ରମ ଜରିଆରେ ପ୍ରାଥମିକତା ଭିତ୍ତିରେ ପାଣ୍ଠି ଯୋଗାଇ ଦେଇଥା'ନ୍ତି ବୋଲି କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ କହିଛନ୍ତି। ଏହାବ୍ୟତୀତ ପର୍ଯ୍ୟଟନ ସଂକ୍ରାନ୍ତ ପ୍ରକଳ୍ପର ବିକାଶ ପାଇଁ ରାଜ୍ୟମାନଙ୍କୁ କେନ୍ଦ୍ର ସରକାର ଆର୍ଥିକ ସହାୟତା ଯୋଗାଇ ଦେଇଥାନ୍ତି। କେବଳ ସେତିକି ନୁହେଁ ମନ୍ତ୍ରଣାଳୟ ପକ୍ଷରୁ ସମ୍ପୃକ୍ତ ରାଜ୍ୟ ଏବଂ କେନ୍ଦ୍ର ଶାସିତ ପ୍ରଦେଶର ପର୍ଯ୍ୟଟନ ପ୍ରକଳ୍ପର କାର୍ଯ୍ୟକାରିତା ନିରନ୍ତର ଭାବେ ସମୀକ୍ଷା କରାଯାଇଥାଏ।

**କେନ୍ଦ୍ରୀୟ ଯୋଜନାରେ ମଞ୍ଜୁର ହୋଇଥିଲା ୧୯ ୯ କୋଟି**

# ସୁଧ ହାର କମାଇଲା ଫେଡେରାଲ ରିଜର୍ଭ

ମୁମ୍ବଇ,୧୧।୧୨(ଏଜେନ୍ସି): ଆମେରିକୀୟ ଫେଡେରାଲ୍ ରିଜର୍ଭ କ୍ରମାଗତ ଭାବେ ତୃତୀୟ ଥର ପାଇଁ ସୁଧ ହାର ହ୍ରାସ କରିଛି। ଯାହା ଫଳରେ ୨୦୨୫ରେ କେନ୍ଦ୍ରୀୟ ବ୍ୟାଙ୍କ ଦ୍ୱାରା ମୋଟ ସୁଧ ହାରରେ ୭୫ ବେସିସ୍ ପଏଣ୍ଟ ହ୍ରାସ ହୋଇଛି। ଦୁର୍ବଳ ଶ୍ରମ ବଜାର ଏବଂ ସଟ୍ ଡାଉନ୍ ଯୋଗୁଁ ଆର୍ଥିକ ତଥ୍ୟର ଅଭାବ ଏହି ନିଷ୍ପତ୍ତିର ପ୍ରମୁଖ କାରଣ। ଏହାପରେ ୨୦୨୬ରେ ଭାରତ ଏହାର ରେପୋ ହାର ୫% ସ୍ଥିର ରଖିପାରେ।

ଆମେରିକୀୟ ଫେଡେରାଲ୍ ରିଜର୍ଭ ବର୍ଷ ଶେଷରେ କ୍ରମାଗତ ତୃତୀୟ ଥର ସୁଧ ହାର ହ୍ରାସ ଘୋଷଣା କରିଛି। ଫେଡ୍ ଫେଡେରାଲ୍ ପାଣ୍ଠି ହାରକୁ ୩.୫୦% ରୁ ୩.୭୫% ପର୍ଯ୍ୟନ୍ତ ହ୍ରାସ କରିଛି। ୨୦୨୫ରେ ମୋଟ ୭୫ ବେସିସ୍ ପଏଣ୍ଟ ହ୍ରାସ କରାଯାଇଛି। ଏହି ପଦକ୍ଷେପ ଏପରି ସମୟରେ ଆସିଛି ଯେତେବେଳେ ଆମେରିକାର ଶ୍ରମ ବଜାର ସୂଚକାଙ୍କ ଦୁର୍ବଳ ରହିଛି ଏବଂ ସରକାରୀ ବନ୍ଦ ଯୋଗୁଁ ନୂତନ ଅର୍ଥନୈତିକ ସୂଚନା ପ୍ରବାହ ବାଧାପ୍ରାପ୍ତ ହୋଇଛି। ବ୍ୟାଙ୍କ ଅଫ୍ ବରୋଦାର ଅର୍ଥନୀତିଜ୍ଞ ଦୀପାନ୍ୱିତା ମଜୁମଦାର କହିଛନ୍ତି ଯେ ବର୍ତ୍ତମାନର ବିଶ୍ୱ ଧାରା ଏବଂ ଘରୋଇ ପରିସ୍ଥିତିକୁ ଦୃଷ୍ଟିରେ ରଖି, ୨୦୨୬ କ୍ୟାଲେଣ୍ଡର ବର୍ଷରେ ଭାରତର ରେପୋ ହାର ୫% ସ୍ଥିର ରହିବାର ସମ୍ଭାବନା ରହିଛି।




**୩.୫୦%-୩.୭୫% ରହିବ ପାଣ୍ଠି ହାର**

**ଭାରତରେ ବଢ଼ିବ ବିଦେଶୀ ନିବେଶ**

ତେବେ ଫେଡ୍‌ର ଏହି ନୀତି ବିଶ୍ୱ ଆର୍ଥିକ ପରିସ୍ଥିତି ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇବ ଏବଂ ଉଦୀୟମାନ ଅର୍ଥନୀତିଗୁଡ଼ିକୁ ସେମାନଙ୍କର ମୁଦ୍ରା ନିଷ୍ପତ୍ତିରେ ସମ୍ବନ୍ଧିତ ପରିବର୍ତ୍ତନକୁ ଧ୍ୟାନ ଦେବାକୁ ପଡିବ। ଶ୍ରୀ ମଜୁମଦାର କହିଛନ୍ତି ଯେ ଭାରତ ଏବଂ ଆମେରିକା ମଧ୍ୟରେ ନୀତି ହାର ପାର୍ଥକ୍ୟ ମୁଖ୍ୟତଃ ନିୟନ୍ତ୍ରିତ ରହିଛି। ଏହା ଆମେରିକା ତୁଳନାରେ ଆରବିଆଇ ସୁଧ ହାରକୁ ଅଧିକ ଦ୍ରୁତ ଗତିରେ ହ୍ରାସ କରିବା ଯୋଗୁଁ ହୋଇଛି। ସୁଧ ଲାଭ ପାର୍ଥକ୍ୟ ମଧ୍ୟ ନୀତି ହାର ପାର୍ଥକ୍ୟ ପରି ସମାନ ଧାରା ଅନୁସରଣ କରିଛି। ଏହା ପ୍ରାରମ୍ଭିକ ମାସଗୁଡ଼ିକରେ ବିଦେଶୀ ନିବେଶ (ଏଫ୍‌ପିଆଇ) ପ୍ରବାହକୁ ସମର୍ଥନ କରିଥିଲା।

ସେ ଆହୁରି ମଧ୍ୟ କହିଛନ୍ତି ଯେ ଭାରତୀୟ ମୁଦ୍ରା 'ଟଙ୍କା'ରେ ଅସ୍ଥିରତା ସାମ୍ପ୍ରତିକ ସମୟରେ ନିବେଶ ପ୍ରବାହକୁ ପ୍ରଭାବିତ କରିଛି। ଆଗକୁ ଯାଇ, ଆମେ ଆଶା କରୁଛୁ ଯେ ଭାରତ ଏବଂ ଆମେରିକା ମଧ୍ୟରେ ନୀତି ହାର ପାର୍ଥକ୍ୟ ବର୍ତ୍ତମାନ ସ୍ତରରେ ରହିବ। ସୂଚନାଯୋଗ୍ୟ ଯେ, ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଗତ ସପ୍ତାହରେ ରେପୋ ହାର ୫.୫୦%ରୁ ୫.୨୫%କୁ ହ୍ରାସ କରିଛି। ନଗଦ ସଂରକ୍ଷଣ ଅନୁପାତ (ସିଆର୍‌ଆର୍) ୩% ରେ ଅପରିବର୍ତ୍ତିତ ରହିଛି ଏବଂ ସ୍ଥାୟୀ ସୁବିଧା ହାର ୫.୨%% ରୁ ୫% କୁ ହ୍ରାସ କରାଯାଇଛି।

# କାନାରା ବ୍ୟାଙ୍କ-ରେଳବାଇ ଏମ୍‌ଓୟୁ

ଭୁବନେଶ୍ୱର,୧୧।୧୨(ସମିସ) : ଇସିଓଆର୍ କର୍ମଚାରୀମାନଙ୍କୁ କାନାରା ପ୍ରିମିୟମ୍ ପେ ରୋଲ୍ ପ୍ୟାକେଜ୍ ପ୍ରଦାନ କରିବା ପାଇଁ କାନାରା ବ୍ୟାଙ୍କ ଓ ପୂର୍ବତଟ ରେଳବାଇ ଖୋର୍ଦ୍ଧା ରୋଡ୍ ଡିଭିଜନ୍ ମଧ୍ୟରେ ଏକ ଚୁକ୍ତିପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଯାଇଛି। ବ୍ୟାଙ୍କର ଭୁବନେଶ୍ୱର ସର୍କଲର ସର୍କଲ ମୁଖ୍ୟ ସୁମନ ଚକ୍ରବର୍ତ୍ତୀ ବ୍ୟାଙ୍କର ଗୁରୁତ୍ୱପୂର୍ଣ୍ଣ ଅଭିବୃଦ୍ଧି ଓ ପ୍ରଗତି ଉପରେ ଆଲୋକପାତ କରି ଚୁକ୍ତିପତ୍ର ସ୍ୱାକ୍ଷର କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ସମସ୍ତ କ୍ଷେତ୍ରୀୟ ମୁଖ୍ୟ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ପୂର୍ବତଟ ରେଳବାଇ ଖୋର୍ଦ୍ଧା ରୋଡ୍ ଡିଭିଜନ୍‌ର ବରିଷ୍ଠ ଅଧିକାରୀଗଣ ଏଥିରେ ଉପସ୍ଥିତ ଥିଲେ। ପ୍ରିମିୟମ୍

ପେ ରୋଲ୍ ପ୍ୟାକେଜ୍‌ର ବୈଶିଷ୍ଟ୍ୟଗୁଡିକ ଉପରେ ଆଲୋକପାତ କରାଯାଇ କାର୍ଯ୍ୟକ୍ରମ ଉପସ୍ଥାପନ କରାଯାଇଥିଲା। ପି.କେ ବେହେରା, ଏଡିଆର୍‌ଏମ୍ (ଓପି), ଶୁଭ୍ରଜ୍ୟୋତି ମଣ୍ଡଳ, ଏଡିଆର୍‌ଏମ୍ (ଇନ୍‌ଫ୍ରା) ଏବଂ ଇସିଓଆର୍‌ର ଅଧିକାରୀମାନଙ୍କ ଉପସ୍ଥିତିରେ ଭୁବନେଶ୍ୱର




ସର୍କଲର ସର୍କଲ ମୁଖ୍ୟ ସୁମନଚକ୍ରବର୍ତ୍ତୀଙ୍କ ଦ୍ୱାରା ଏହି ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଥିଲା। ଏହି ଚୁକ୍ତିପତ୍ର ପୂର୍ବତଟ ରେଳବାଇର କର୍ମଚାରୀମାନଙ୍କ ପାଇଁ ଉନ୍ନତ ଓ ସୁଗମ ବ୍ୟାଙ୍କିଙ୍ଗ୍ ସମାଧାନ ଆଣିବା ଦିଗରେ ସକ୍ଷମ ହୋଇପାରିବ।

## ଭାରତରେ ୩୫ ବିଲିୟନ୍ ଡଲାର ନିବେଶ କରିବ ଆମାଜନ୍

ନୂଆଦିଲ୍ଲୀ,୧୧।୧୨(ଏଜେନ୍ସି): ଆମାଜନର 'ସମ୍ଭବ ସମ୍ମିଳନୀ'ର ଷଷ୍ଠ ସଂସ୍କରଣରେ ପ୍ରକାଶିତ କୀଷ୍ଟୋନ୍ ଷ୍ଟ୍ରାଟେଜିର ଏକ ଅର୍ଥନୈତିକ ପ୍ରଭାବ ରିପୋର୍ଟ ଅନୁଯାୟୀ, ୨୦୧୦ ପରଠାରୁ ଭାରତରେ ଆମାଜନର ୪୦ ବିଲିୟନ ଡଲାରର କ୍ରମାଗତ ନିବେଶ କରିଛି। ଏହି ନିବେଶ ଆମାଜନକୁ ଭାରତରେ ସର୍ବବୃହତ ବିଦେଶୀ ନିବେଶକ, ଇ-କମର୍ସ ରପ୍ତାନିର ସର୍ବବୃହତ ପ୍ରମୋଟର ଏବଂ ଦେଶର ଶ୍ରେଷ୍ଠ ନିଯୁକ୍ତି ସୃଷ୍ଟିକାରୀଙ୍କ ମଧ୍ୟରୁ ଗୋଟିଏ ଭାବରେ ପ୍ରତିଷ୍ଠିତ କରିଛି। ଆମାଜନ ୧୨ ନିୟୁତରୁ ଅଧିକ ଛୋଟ ବ୍ୟବସାୟକୁ ଡିଜିଟାଇଜ କରିଛି ଏବଂ ମୋଟ ୨୦ ବିଲିୟନ ଡଲାରର ଇ-କମର୍ସ ରପ୍ତାନିକୁ ସକ୍ଷମ କରିଛି।

## ଦୃଷ୍ଟିବାଧିତ ମହିଳା ବିଶ୍ୱକପ୍ ବିଜେତା ସମ୍ମାନିତ

ଭୁବନେଶ୍ୱର,୧୧।୧୨(ସମିସ): ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ ତଥା ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡଃ ତିରୁପତି ପାଣିଗ୍ରାହୀ ଦୃଷ୍ଟିବାଧିତ ମହିଳା ବିଶ୍ୱକପ୍ ବିଜେତାର ଚାରି ଜଣ ପ୍ରତିଯୋଗୀ ଫୁଲ ସୋରେନ୍, ବାସନ୍ତୀ ହଂସଦା, ଯମୁନା ରାଣୀ ଟୁଡୁ, ପାର୍ବତୀ ମାରାଣ୍ଡି ଏବଂ ଓଡିଶା ଦୃଷ୍ଟିବାଧିତ କ୍ରିକେଟ ଦଳର ସଭାପତି ଏମ୍‌ଡି ଜାଫର ଇକ୍‌ବଲ୍‌ଙ୍କୁ ୨୦,୦୦୦ ଟଙ୍କା ଲେଖାଏଁ ଅର୍ଥରାଶି ପୁରସ୍କାର ପ୍ରଦାନ କରି ସମ୍ମାନିତ କରିଛନ୍ତି। ସେମାନେ କ୍ରୀଡାରୁ ଅବସର ନେବା ପରେ ହାଇଟେକ୍‌ରେ କର୍ମଯୋଗାଣର ବ୍ୟବସ୍ଥା ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲର ପ୍ରିନ୍ସିପାଲ




ପ୍ରଫେସର୍ ଡ. ଦେବାନନ୍ଦ ମହାପାତ୍ର, ଭାଇସ୍-ପ୍ରିନ୍ସିପାଲ ପ୍ରଫେସର୍ ଡ. ଲିସା ଷଡଙ୍ଗୀ, ଡିନ୍ ଓ ନିର୍ଦ୍ଦେଶକ ଏକାଡେମୀ ପ୍ରଫେସର୍ ଡ. ରାଧାମାଧବ ତ୍ରିପାଠୀ, ପ୍ରଫେସର୍ ଡ. ସୁନୀଲ ଅଗ୍ରୱାଲ, ପ୍ରଫେସର ଡ. ଶ୍ରୀକାନ୍ତ ତିୱାରୀ ଉପସ୍ଥିତ ଥିଲେ।

## ଇପିଏଫ୍ ପେନ୍‌ସନଭୋଗୀଙ୍କ ଆଞ୍ଚଳିକ ବୈଠକ

# ମାସିକ ଇପିଏଫ୍ ସର୍ବନିମ୍ନ ପେନ୍‌ସନ୍ ୯ ହଜାର ଦାବି

ଭୁବନେଶ୍ୱର,୧୧।୧୨(ସମିସ): ମାସିକ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି (ଇପିଏଫ୍) ସର୍ବନିମ୍ନ ପେନ୍‌ସନ୍ ୯ ହଜାର ଟଙ୍କା ହେବ। ଅଧିକ ବେତନ ପାଉଥିବା ସମସ୍ତ କର୍ମଚାରୀମାନଙ୍କୁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆଦେଶମୁତାବକ ବର୍ଦ୍ଧିତ ପେନ୍‌ସନ୍ ସହ ମହଙ୍ଗାଭତ୍ତା ଦେବାକୁ ଅଲ ଓଡିଶା ଇପିଏଫ୍ ପେନସନର୍ସ ଆସୋସିଏସନ୍ ଦାବି କରିଛି।

ଅଲ ଓଡିଶା ଇପିଏଫ୍ ପେନସନର୍ସ ଆସୋସିଏସନର ଖୋର୍ଦ୍ଧା, ନୟାଗଡ ଓ ପୁରୀ ଜିଲ୍ଲା କମିଟିର ନେତୃବୃନ୍ଦଙ୍କୁ ନେଇ ଏକ ଆଞ୍ଚଳିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ଜିଲ୍ଲା କମିଟି ସଭାପତି ପ୍ରଫୁଲ୍ଲ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ




ରାଜ୍ୟ କମିଟିର କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ଏଥିରେ ଆଗାମୀ ଆନ୍ଦୋଳନ ପାଇଁ ଜିଲ୍ଲା ସଂଗଠନ ମାନଙ୍କୁ ସୁଦୃଢ଼ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଛି। ରାଜ୍ୟ କମିଟି ସଭାପତି ଙ୍କ ବିଜୟ କୁମାର ଜେନା,ସର୍ବଭାରତୀୟ ଉପସଭାପତି ତଥା ରାଜ୍ୟ ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମା, ଉପଦେଷ୍ଟା ନଟବର ଆଚାର୍ଯ୍ୟ, ସରୋଜ କାନ୍ତ ମଲ୍ଲିକ ପ୍ରମୁଖ ଦାବି ପୂରଣପାଇଁ ଆଗାମୀ ଆନ୍ଦୋଳନ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ବିଭିନ୍ନ ଜିଲ୍ଲା କମିଟି ପକ୍ଷରୁ ପ୍ରଶାନ୍ତ କୁମାର ରାଉତ,ନୀଳକଣ୍ଠ ସାହୁ,ଗଗନ ବିହାରୀ ପାଇକରାୟ, ବିଜୟ କୁମାର ପଟ୍ଟନାୟକ, ଆନନ୍ଦ ଜେନା, ରାମଚନ୍ଦ୍ର ମିଶ୍ର, କଳ୍ପନା ଦାଶ, ମନ୍ଦାକିନୀ ଆଚାର୍ଯ୍ୟ, ଗୀତାଞ୍ଜଳି ପାତ୍ର, ଉର୍ବଶୀ ମିଶ୍ର, ବସନ୍ତ କୁମାର ପରିଡା, ପ୍ରଭାକର ପରିଡା, ନବକିଶୋର ରଣା, ଲୋକନାଥ ସାମନ୍ତରାୟ ପ୍ରମୁଖ ଆଲୋଚନାରେ ଭାଗ ନେଇ କେନ୍ଦ୍ର ସରକାରଙ୍କର ଇପିଏଫ ପେନସନଭୋଗୀ ବରିଷ୍ଠ ନାଗରିକଙ୍କ ପ୍ରତି ଅବିଚାର ସମ୍ପର୍କରେ ଉଦବେଗ ପ୍ରକାଶ କରିଥିଲେ। ଖୋର୍ଦ୍ଧା ଜିଲ୍ଲା ସମ୍ପାଦକ ପ୍ରକାଶ କୁମାର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ୧୩ରେ ଟିପିସିଓଡିଏଲ୍‌ର ଲୋକ ଅଦାଲତ

ଭୁବନେଶ୍ୱର, ୧୧।୧୨(ସମିସ): ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ) ପକ୍ଷରୁ ଆସନ୍ତା ୧୩ରେ ଚତୁର୍ଥ ଜାତୀୟ ଲୋକ ଅଦାଲତ ଓ ସମାଧାନ ଶିବିର ଆୟୋଜିତ ହେବ। ଅନଧିକୃତ ବିଦ୍ୟୁତ ବ୍ୟବହାର ଏବଂ ବିଦ୍ୟୁତ ଚୋରି ସମ୍ବନ୍ଧୀୟ ମାମଲାଗୁଡ଼ିକର ଦ୍ରୁତ ସମାଧାନ ପାଇଁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଜାତୀୟ ଆଇନ ସେବା ପ୍ରାଧିକରଣ (ନାଲସା)ର ଡାଈ୍ଆ ଅନୁଯାୟୀ ଏହି ଶିବିର ଆୟୋଜିତ ହେଉଛି। ଏହି ଲୋକ ଅଦାଲତ ସକାଳ ୯ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ସମସ୍ତ ଟିପିସିଓଡିଏଲ୍ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ। ଏଠାରେ ନିୟୋଜିତ ସ୍ୱତନ୍ତ୍ର ଟିମ୍ ଉପଭୋକ୍ତାମାନଙ୍କୁ ସେମାନଙ୍କର ବକେୟା ଏନଫୋର୍ସମେଣ୍ଟ ମାମଲାଗୁଡ଼ିକର ସମାଧାନ ଏବଂ ବିଦ୍ୟୁତ ବ୍ୟବହାରକୁ ନିୟମିତ କରିବାରେ ସହାୟତା ପ୍ରଦାନ କରିବେ। ଏଥିପାଇଁ ଯୋଗ୍ୟତା, ଆବଶ୍ୟକ କାଗଜପତ୍ର ଏବଂ ଜିଲ୍ଲାୱାରୀ ବ୍ୟବସ୍ଥା ସମ୍ପର୍କିତ ସୂଚନା କମ୍ପାନୀର ସମସ୍ତ ଡିଭିଜନ, ସବ୍-ଡିଭିଜନ ଏବଂ ସେକ୍ସନ କାର୍ଯ୍ୟାଳୟରେ ଉପଲବ୍ଧ ରହିଛି।

TPCODL
ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍
(ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)

## ଆଜିର ରାଶିଫଳ

**ମେଷ:** ସେୟାର ମାର୍କେଟରେ ଲାଭ ହେବ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁନି। ବ୍ୟବସାୟିକ ଯାତ୍ରା ଶୁଭଫଳ ପ୍ରଦାନ କରିବ। ଭାଗ୍ୟ ଆପଣଙ୍କ ସାଥ୍ ଦେବ। ଜୀବନସାଥୀଙ୍କ ବ୍ୟବହାରରେ ଖୁସି ହେବେ।

**ବୃଷ:** ସାମାଜିକ ପ୍ରତିଷ୍ଠାରେ ବୃଦ୍ଧି ହେବ। ପୁରୁଣା ରୋଗ ଦେଖାଦେଇପାରେ। ପାରିବାରିକ ସମସ୍ୟାକୁ ନେଇ ଚିନ୍ତିତ ହୋଇପାରନ୍ତି। ସଫଳତା ପାଇଁ ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ।

**ମିଥୁନ:** ରାଜନୀତିରେ ସଫଳତା ମିଳିବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ବିବେକ ଅନୁଯାୟୀ କାମ କରନ୍ତୁ। ଧାର୍ମିକ କାର୍ଯ୍ୟରେ ମନ ଦେବେ। କୋର୍ଟ କଚେରୀ ମାମଲାର ଶୁଣାଣି ହେବ।

**କର୍କଟ:** ଧନଲାଭ ହେବ। ଜମି କିଣିବା ଯୋଗ ଅଛି। ନିଜ ଲୋକ ଶତ୍ରୁ ସାଜିପାରନ୍ତି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ।

**ସିଂହ:** ବନ୍ଧୁ ମିଳନ ଯୋଗ ଅଛି। ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଉପୁଜିପାରେ। ଘରେ ପୂଜାପାଠ ଆୟୋଜନ କରିବେ। ପ୍ରେମ ସମ୍ବନ୍ଧରେ ତିକ୍ତତା ଦେଖା ଦେବ। କାର୍ଯ୍ୟକ୍ଷେତ୍ରରେ ସମସ୍ୟା ଦୂର ହେବ।

**କନ୍ୟା:** କାର୍ଯ୍ୟକ୍ଷେତ୍ରରେ ସମ୍ମାନିତ ହୋଇପାରନ୍ତି। ସେୟାର ମାର୍କେଟରେ ନିବେଶ ଲାଭଦାୟକ ରହିବ। ଛାତ୍ରଛାତ୍ରୀଙ୍କୁ ପରିଶ୍ରମର ଉଚିତ ଫଳ ମିଳିବ। ଜମି କିମ୍ବା ଯାନବାହନ କ୍ରୟ କରିପାରନ୍ତି।

**ତୁଳା:** ବନ୍ଧୁଙ୍କ ସହିତ ଦୂରସ୍ଥାନକୁ ବୁଲିବାକୁ ଯାଇପାରନ୍ତି। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ କାର୍ଯ୍ୟ ଆରମ୍ଭ କରିପାରନ୍ତି। ବୁଝିବିଚାରି ନିଷ୍ପତ୍ତି ନିଅନ୍ତୁ। ଦାମ୍ପତ୍ୟ ଜୀବନରେ ମତଭେଦ ସୃଷ୍ଟି ହେବ।

**ବିଛା:** ଅଜଣା ଲୋକଙ୍କ ଉପରେ ବିଶ୍ୱାସ କରନ୍ତୁନି। ଆୟ ବ୍ୟୟ ସମାନ ରହିବ। ବରିଷ୍ଠ ଅଧିକାରୀ କାମ ପାଇଁ ପ୍ରଶଂସା କରିବେ। ଗରିବ ଲୋକଙ୍କୁ ସାହାଯ୍ୟ କରିବେ। ମୂଲ୍ୟବାନ ସାମଗ୍ରୀକୁ ସାଇତି ରଖନ୍ତୁ।

**ଧନୁ:** ରାଜନେତାଙ୍କ ପାଇଁ ଦିନଟି ଭଲ। ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ। ଆଣ୍ଠୁଗଣ୍ଠି ସମସ୍ୟା ଦେଖାଦେଇପାରେ। ବ୍ୟବସାୟରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ପରିବାର ସଦସ୍ୟଙ୍କୁ ସମୟ ଦେବେ।

**ମକର:** ବ୍ୟବସାୟିକ ଯାତ୍ରା ସଫଳ ରହିବ। ଭାଗ୍ୟ ଆପଣଙ୍କ ସାଥ୍ ଦେବ। ପରିବାର ସହିତ ହସଖୁସିର ସମୟ ବିତାଇବେ। ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଅଟକିଥିବା କାର୍ଯ୍ୟ ପୂରା ହେବ।

**କୁମ୍ଭ:** ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ। ମାନ ସମ୍ମାନ ବୃଦ୍ଧି ପାଇବ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ବିରୋଧୀଙ୍କଠାରୁ ଦୂରେଇ ରହିବେ।

**ମୀନ:** ବ୍ୟବସାୟ ଠିକ୍ ଚାଲିବ। ଶାରୀରିକ କଷ୍ଟ ପାଇପାରନ୍ତି। ମନ ପ୍ରସନ୍ନ ରହିବ। କଥାବାର୍ତ୍ତାରେ ସଂଯମତା ରଖନ୍ତୁ। ଅଜଣା ଲୋକଙ୍କୁ ଆଦୌ ଭରସା କରନ୍ତୁନି। ଯୋଜନା ମୁତାବକ କାମ କରିବେ।

## ଆଜିର ଇତିହାସ

- ୧୮୦୦-ୱାଶିଂଟନ୍ ଡିସି ଆମେରିକାର ରାଜଧାନୀ ହେଲା।
- ୧୯୧୧- ଭାରତର ରାଜଧାନୀ କଲିକତା ବଦଳରେ ଦିଲ୍ଲୀ ହେବ ବୋଲି ଘୋଷଣା କରାଗଲା।
- ୧୯୨୩- ଇଟାଲୀରେ ନଦୀ ବନ୍ଧ ଧସିଯିବାରୁ ୬୦୦ ଲୋକଙ୍କ ପ୍ରାଣହାନି।
- ୧୯୬୩-କେନିଆ ସ୍ୱାଧୀନ ହେଲା।
- ୧୯୯୦- ଟି.ଏନ୍ ଶେଷାନ୍ ଭାରତର ମୁଖ୍ୟ ନିର୍ବାଚନ କମିଶନର ହେଲେ।



## ଆସିବ 'ଥ୍ରୀ-ଇଡିଅଟସ୍'ର ସିକ୍ୱେଲ

ବଲିଉଡ୍‌ର ମିଷ୍ଟର ପରଫେକ୍ଟନିଷ୍ଟ ଅମିର୍ ଖାନ୍‌ଙ୍କ ବହୁ ଚର୍ଚ୍ଚିତ ଫିଲ୍ମ 'ଥ୍ରୀ- ଇଡିଅଟସ୍' ଆଜିବି ସିନେପ୍ରେମୀଙ୍କ ମଧ୍ୟରେ ବେଶ୍ ଲୋକପ୍ରିୟ। ଇତିମଧ୍ୟରେ ଏହି ଫିଲ୍ମକୁ ନେଇ ଖବର ଆସିଛି। ୧୫ ବର୍ଷ ପରେ ଏହି ଫିଲ୍ମର ସିକ୍ୱେଲ ଆସିବ। ଏହାର ସିକ୍ୱେଲରେ ମୂଳ କଳାକାରମାନେ( ଅମିର୍ ଖାନ୍, କରିନା କପୁର, ସରମନ ଯୋଶି, ଆର୍. ମାଧବନ୍) ନଜର ଆସିବେ। ରାଜ୍ କୁମାର ହିରାନୀ ଏହାର ନିର୍ଦ୍ଦେଶନା ଦେବେ। ସେହିଭଳି ଅମିର୍ ଖାନ୍, ରାଜ କୁମାର ହିରାନୀ, ବିଦୂ ବିନୋଦ ଚୋପ୍ରା ମିଳିତ ଭାବେ ଏହାର ପ୍ରଯୋଜନା ଦାୟିତ୍ୱରେ ରହିବେ। ଏହାର ସୁଟିଂ ଆସନ୍ତାବର୍ଷ ମେ-ଜୁନ୍‌ରେ ଆରମ୍ଭ ହୋଇପାରେ। ଏହାର କାହାଣୀ ଲେଖା ସରିଛି। ମୂଳ ଫିଲ୍ମ ଯେଉଁଠି ଶେଷ ହୋଇଥିଲା ସେଇଠୁ ହିଁ ଏହାର ସିକ୍ୱେଲ ଆରମ୍ଭ ହେବ। ଏଠାରେ ପ୍ରକାଶ ଥାଉ କି ୨୦୦୯ ମସିହାରେ 'ଥ୍ରୀ-ଇଡିଅଟସ୍' ଫିଲ୍ମ ଆସିଥିଲା। ଏହା ଭାରତୀୟ ସିନେମା ଇତିହାସର ଏକ କଲ୍‌ଟ କ୍ଲାସିକ୍ ଫିଲ୍ମ ଭାବେ ଜଣାଯାଏ। ଏହି ଫିଲ୍ମ ପରେ ଭାରତୀୟ ଶିକ୍ଷା ପଦ୍ଧତିକୁ ନେଇ ତର୍କ ବିତର୍କ ଆରମ୍ଭ ହୋଇଥିଲା।

## ଏମିତି ଜଣେ ପୁଅ...



ଚୀନ୍‌ର ପୂର୍ବ ଆନହୁଇ ଅଞ୍ଚଳର ହୁଆଇନାନର ଜଣେ ଦ୍ୱିତୀୟ ଶ୍ରେଣୀ ଛାତ୍ର ନିଜ ରୋଗିଣା ମା'ର ଚିକିତ୍ସା ଲାଗି ଯାହା କରିଛି ତାହା ଏବେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ସେ ନିଜର ସହପାଠୀଙ୍କୁ ବ୍ୟବହୃତ ପ୍ଲାଷ୍ଟିକ୍ ବୋତଲ ଦାନ କରିବାକୁ ନିବେଦନ କରିଛି। ଯାହାକୁ ସେ ବିକ୍ରି କରି ପରିବାରର ଆର୍ଥିକ ସ୍ଥିତିରେ ସୁଧାର ଆଣିବ ବୋଲି ଆଶା ରଖିଛି। ତେବେ ବ୍ୟବହୃତ ପ୍ଲାଷ୍ଟିକ୍ ବୋତଲଗୁଡ଼ିକ ଦାନ କରିବା ଲାଗି ସେ କଳାପଟାରେ ସହପାଠୀଙ୍କ ଉଦ୍ଦେଶ୍ୟରେ ଏକ ବାର୍ତ୍ତା ମଧ୍ୟ ଲେଖିଛି। ତୃତୀୟ ଶ୍ରେଣୀର ସହପାଠୀଙ୍କୁ ବ୍ୟବହୃତ ବୋତଲଗୁଡ଼ିକୁ ଗୋଟିଏ ସ୍ଥାନରେ ରଖିବା ପାଇଁ ପିଲାଟି କଳାପଟାରେ ଲେଖିଛି। ଏହାସହ ଏଭଳି କରିବା ପଛର କଥା ମଧ୍ୟ ସେ ଉଲ୍ଲେଖ କରିଛି। ଏହି ବୋତଲଗୁଡ଼ିକ ବିକ୍ରି କରି ସେ ରୋଗୀଣା ମାଆଙ୍କ ଚିକିତ୍ସା ଖର୍ଚ୍ଚ ଉଠାଇବା ସହ ବାପାଙ୍କ ଋଣ ପରିଶୋଧ କରିବ ବୋଲି ସ୍ପଷ୍ଟ କରିଛି। ପିଲାଟି କହିଛି ତା'ର ବାପା ଜଣେ ଚାଷୀ ଏବଂ ତାଙ୍କ ଉପରେ ୧୪ ହଜାର ଡଲାରର ଋଣ ଅଛି। ଏହାସହ ପିଲାଟି ତା'ର ପରିବାର ତରଫରୁ ପିଲାମାନଙ୍କୁ ସ୍କୁଲ ପରୀକ୍ଷାରେ ଭଲ କରିବା ପାଇଁ ଶୁଭେଚ୍ଛା ଜଣାଇଛି। ସେହିପରି ସ୍କୁଲ ପକ୍ଷରୁ ପିଲାଟିର ପରିବାରରେ ଆର୍ଥିକ ସମସ୍ୟା ରହିଛି ବୋଲି ସ୍ପଷ୍ଟ କରାଯାଇଛି। ଅନ୍ୟପଟେ ବୋତଲଗୁଡ଼ିକ ସଂଗ୍ରହ କରିବା ପାଇଁ ଶ୍ରେଣୀଗୃହରେ ବାକ୍ସ ଏବଂ ବାଲ୍‌ଟି ରଖାଯାଇଛି। ସ୍କୁଲର କହିବା କଥା, ପିଲାଟିର ମାଆ ଅନ୍ୟ ଏକ ସହରରେ ଗୋଟିଏ କପଡ଼ା କାରଖାନାରେ କାମ କରୁଥିଲେ। ହେଲେ ଅସୁସ୍ଥତା ଯୋଗୁଁ ତାଙ୍କୁ ଚାକିରି ଛାଡ଼ି ଗାଁକୁ ଫେରିବାକୁ ପଡ଼ିଲା। ସେବେଠାରୁ ସେ ଚିକିତ୍ସାଧୀନ ଅବସ୍ଥାରେ ଅଛନ୍ତି। ସେହିପରି ଖରାପ ଫସଲ ହେତୁ ତାଙ୍କ ବାପା ଋଣଗ୍ରସ୍ତ ହୋଇପଡ଼ିଲେ। ଫଳରେ ତାଙ୍କ ପରିବାରର ଆର୍ଥିକ ସ୍ଥିତି ବିଗିଡ଼ି ଗଲା। ଅନ୍ୟପଟେ ପ୍ଲାଷ୍ଟିକ୍ ବୋତଲ ଛଡ଼ା ଅନ୍ୟ କୌଣସି ପ୍ରକାରର ଦାନ ସେ ଗ୍ରହଣ କରିବ ନାହିଁ ବୋଲି ପିଲାଟି ମଧ୍ୟ ସ୍ପଷ୍ଟ କରିଛି। ସାମାଜିକ ଗଣମାଧ୍ୟମରେ ଏକଥା ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି। ତା'ସହ ପିଲାଟିର କାମକୁ ଲୋକେ ଖୁବ୍ ପ୍ରଶଂସା କରିଛନ୍ତି। ସେହିଭଳି ପିଲାଟିକୁ ସାହାଯ୍ୟ କରିବା ନିମନ୍ତେ ସ୍କୁଲ ପକ୍ଷରୁ ବୋତଲ ସଂଗ୍ରହ ପାଇଁ ଯେମିତି ବ୍ୟବସ୍ଥା କରାଯାଇଛି ତାକୁ ଲୋକେ ମଧ୍ୟ ପ୍ରଶଂସା କରିଛନ୍ତି।



ତୁର୍କମେନିସ୍ତାନର ରାଜଧାନୀ ଅଶଗାବତ ଧଳା ମାର୍ବଲ ପଥର ସହର ଭାବେ ପରିଚିତ। ଏଠାକାର କୋଠା, ସରକାରୀ କାର୍ଯ୍ୟାଳୟ, ଫୁଟ୍‌ପାଥ ଏବଂ ସର୍ବସାଧାରଣ ସ୍ଥାନମାନଙ୍କରେ ଧଳା ମାର୍ବଲ ବ୍ୟବହାର କରାଯାଇଛି। ଯେତେବେଳେ ସୂର୍ଯ୍ୟକିରଣ ଏହି ମାର୍ବଲଗୁଡ଼ିକ ଉପରେ ପଡ଼େ, ପୂରା ସହର ଚମକି ଉଠେ। ସେହିପରି ଦିନ ହେଉ ଅବା ରାତି ଏହାର ଧଳା ଚମକ କେବେ ବି କମି ନ ଥାଏ। ଏହି ନିଆରା ଡିଜାଇନ୍ ହିଁ ଏହାକୁ ବିଶ୍ୱର ସବୁଠୁ ଅଲଗା ଏବଂ ଚମକଦାର ସହର ଭାବେ ଲୋକପ୍ରିୟ କରାଇଛି। ଏହି ସହରରେ ୨୦୧୮ ମସିହାରୁ କେବଳ ଧଳା ଗାଡ଼ି ଚାଲୁଛି। ସେତେବେଳର ରାଷ୍ଟ୍ରପତି ଗୁରବାଙ୍ଗୁଲି ବର୍ଦିମୁହାମେଦୋଭ ରାସ୍ତାରେ କେବଳ ଧଳା କିମ୍ବା ହାଲ୍‌କା ରଙ୍ଗର କାର୍ ଚାଲିବ ବୋଲି ନିୟମ ଲାଗୁ କରିଥିଲେ। କୁହାଯାଏ, ତାଙ୍କର ଧଳା ରଙ୍ଗ ପ୍ରତି ଦୁର୍ବଳତା ଥିଲା। ତେଣୁ ତାଙ୍କର ବ୍ୟକ୍ତିଗତ ପସନ୍ଦ ସରକାରୀ ନିୟମରେ ବଦଳିଗଲା। ଯଦି କିଏ କଳା କିମ୍ବା ଅନ୍ୟ କୌଣସି ରଙ୍ଗିନ କାର୍ ଆଣନ୍ତି, ପୋଲିସ୍ ତାହାକୁ ଜବତ କରିବା ସହ ବେଶ୍ ମୋଟା ଅଙ୍କର ଜରିମାନା ଦେବାକୁ ହୋଇଥାଏ। ଏଠାରେ, ଧଳା ରଙ୍ଗ କେବଳ କାର୍‌ରେ ନୁହେଁ ବରଂ ସରକାରୀ କୋଠା, ପାର୍କ, ମଲ୍ ଏବଂ ସାର୍ବଜନୀନ କଳାରେ ମଧ୍ୟ ପ୍ରାଥମିକତା ପ୍ରଦାନ କରାଯାଏ। ଏହାବାଦ୍ ଏଠାରେ ଏତେ ବେଶି ଧଳା ମାର୍ବଲର ଅଟ୍ଟାଳିକା ଅଛି ଯେ, ଏହା ଗିନିଜ୍ ବିଶ୍ୱ ରେକର୍ଡରେ ବି ସ୍ଥାନ ପାଇଛି। ୨୦୦୦ ମସିହା ପରେ ଏଠାରେ ୫୫୦ରୁ ଅଧିକ ମାର୍ବଲ ଅଟ୍ଟାଳିକା ତିଆରି କରାଗଲା। ଏଠାରେ ରାସ୍ତା ଉପରେ ଚାଲିଲେ ଏମିତି ଲାଗେ ଯେ, ଯେମିତି ପୂରା ସହର କୌଣସି ଧଳା ଥିମ୍ ଉପରେ ନିର୍ମିତ। ଏହି ସହରର ଯୁଆଡ଼େ ଦେଖିବ, କେବଳ ଧଳା ହିଁ ଧଳା। ତେଣୁ ପର୍ଯ୍ୟଟକମାନେ ଏହି ସହର କେବଳ ବୁଲିବାକୁ ଆସନ୍ତି ନାହିଁ, ବରଂ ଏଠାକାର ବାସ୍ତୁକଳା ଏବଂ ନିଆରା ନିୟମ ବାବଦରେ ଜାଣିବାକୁ ଆସନ୍ତି। ଅନ୍ୟପଟେ ତୁର୍କମେନିସ୍ତାନର ଏହି ସହର ପ୍ରମାଣ କରିଛି ଯେ, ବେଳେବେଳେ ନିୟମ ମଧ୍ୟ କୌଣସି ସ୍ଥାନର ପରିଚୟ ପାଲଟିଥାଏ।

## ସଞ୍ଜୀବନୀ

## ଥାଇରଏଡ୍ ଔଷଧ ନେବାକୁ ଭୁଲୁଛନ୍ତି କି



**ଥାଇରଏଡ୍ ଗ୍ରନ୍ଥି ଏକ ଅନ୍ତସ୍ରାବୀ ଗ୍ରନ୍ଥି। ଏଥିରୁ ଥାଇରଏଡ୍ ହର୍‌ମୋନ୍ କ୍ଷରଣ ହୁଏ। ଏହି ହର୍‌ମୋନ୍ ନିର୍ଦ୍ଦିଷ୍ଟ ସ୍ତରରେ ନ ରହିଲେ ଓଜନ ବୃଦ୍ଧି, ଦୁର୍ବଳତା ଆଦି ଲକ୍ଷଣ ଦେଖାଯାଏ। ଚିକିତ୍ସାରେ ବିଳମ୍ବ ହେଲେ ହାଇପରଥାଇରଏଡ୍‌ଜିମ୍, ହାଇପୋଥାଇରଏଡ୍‌ଜିମ୍ ଭଳି ରୋଗ ସୃଷ୍ଟି ହୁଏ। ସେଥିପାଇଁ ଡାକ୍ତରଙ୍କ ପରାମର୍ଶରେ ଔଷଧ ଖାଇବାକୁ ହୁଏ। ହେଲେ ଅଧିକାଂଶ ଔଷଧ ସେବନରେ ଅବହେଳା କରିଥାନ୍ତି। ଏପରି କରୁଥିଲେ ସାବଧାନ।**

ଥାଇରଏଡ୍ ଔଷଧ ଦିନେ ନଖାଇ ପରଦିନ ଖାଇବାରେ ଏତେ ସମସ୍ୟା ହୁଏନି। ହେଲେ ୨ରୁ ୩ଦିନ କିମ୍ବା ୧୦ ଦିନ ଧରି ଥାଇରଏଡ୍ ଔଷଧ ଲିଭୋଥାଇରକ୍ସିନ ( ଥାଇରଏଡ୍ ହର୍‌ମୋନ୍) ନ ଖାଇଲେ ହାଇପୋଥାଇରଏଡ୍‌ଜିମ୍ ଲକ୍ଷଣ ଦେଖାଯାଏ। ଥକ୍କାପଣ, ଥଣ୍ଡା ଲାଗିବା, କୋଷ୍ଠକାଠିନ୍ୟ, ଅବସାଦ, ଅନିଦ୍ରା, ଓଜନ ବୃଦ୍ଧି, ଶରୀର ଦରଜ, ଋତୁସ୍ରାବରେ ସମସ୍ୟା ଆଦି ହୋଇପାରେ। ଫଳରେ ପୁନର୍ବାର ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ରୋଗୀଙ୍କୁ ଔଷଧ ସେବନ କରିବାକୁ ହୁଏ। ସକାଳେ ଥାଇରଏଡ୍ ଔଷଧ ଖାଇବା ଭୁଲୁଥିଲେ, ସମାନ ଦିନ ଔଷଧ ଖାଇବା ଆବଶ୍ୟକ। ଥାଇରଏଡ୍ ଔଷଧ ସେବନର ଘଣ୍ଟାଏ ପର୍ଯ୍ୟନ୍ତ କିଛି ଖାଇବା ଅନୁଚିତ।

## ରୋଗପ୍ରତିରୋଧକ ଶକ୍ତି ବଢ଼ାଇବ ରାମଫଳ

**ଋତୁଅନୁଯାୟୀ ମିଳୁଥିବା ଫଳରେ ଅନେକ ପୋଷକତତ୍ତ୍ୱ ମିଳିଥାଏ। ଏମିତି ଏକ ଫଳ ହେଉଛି ରାମଫଳ। ଏହି ଫଳ ଶୀତଋତୁରେ ଶରୀରକୁ ଉଷୁମ ରଖିବାରେ ସାହାଯ୍ୟ କରେ।**

ରୋଗପ୍ରତିରୋଧକଶକ୍ତି ବୃଦ୍ଧି ପାଇଁ ଏହି ଫଳ ଖାଇବା ହିତକର। ଏଥିରେ ଥିବା ଭିଟାମିନ୍ -ସି' ରୋଗ ଦୂର କରେ। ନିୟମିତ ରାମଫଳ ଖାଇବା ଦ୍ୱାରା ପେଟ ସଫା ହୋଇଥାଏ। କୋଷ୍ଠକାଠିନ୍ୟ ସମସ୍ୟା ଦୂର ହୁଏ।

**ହୃତ୍‌ପିଣ୍ଡ ପାଇଁ ଭଲ:** ଏହି ଫଳ ରକ୍ତଚାପକୁ ନିୟନ୍ତ୍ରଣ କରି ହୃତ୍‌ପିଣ୍ଡକୁ ସୁସ୍ଥ ରଖେ। ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟଗୁଣ କୋଲେଷ୍ଟ୍ରଲକୁ କମ୍ କରିବାରେ ମଧ୍ୟ ସାହାଯ୍ୟ କରେ। ରାମଫଳ ପ୍ରାକୃତିକ ମଏଶ୍ଚରାଇଜର ପରି କାମ କରେ।



**ଅସ୍ଥିକୁ ଶକ୍ତ କରେ:** ଥକ୍କାପଣ ଦୂର କରିବାରେ ରାମଫଳ ପ୍ରଭାବୀ। ଏଥିରେ ଥିବା କ୍ୟାଲସିୟମ ଏବଂ ଫସ୍‌ଫରସ୍ ଅସ୍ଥି ଏବଂ ଦାନ୍ତକୁ ଶକ୍ତ କରେ। ମଧୁମେହ ରୋଗୀ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ରାମଫଳ ସେବନ କରିବା ଉଚିତ।



## ମଧୁମେହଜନିତ ଚକ୍ଷୁରୋଗ

**ଭାରତକୁ ବିଶ୍ୱର ମଧୁମେହ ରାଜଧାନୀ କୁହାଯାଏ। ମଧୁମେହ ଏବେ ପ୍ରମୁଖ ସାର୍ବଜନୀନ ସ୍ୱାସ୍ଥ୍ୟ ଚିନ୍ତାର ବିଷୟ ହୋଇଛି। ମଧୁମେହ କେବଳ ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗକୁ ପ୍ରଭାବିତ କରି ନ ଥାଏ, ବରଂ ଏହା ମଧୁମେହ-ସମ୍ବନ୍ଧୀୟ ଚକ୍ଷୁ ଜଟିଳତା ବିଶେଷକରି ଡାଇବେଟିକ୍ ରେଟିନୋପାଥି ରୋଗର ବିପଦକୁ ମଧ୍ୟ ଯଥେଷ୍ଟ ବୃଦ୍ଧି କରେ।**



ଡାକ୍ତର ଉମେଶ ଚନ୍ଦ୍ର ବେହେରା

ଦୀର୍ଘଦିନ ଧରି ମଧୁମେହ ରହିବା ଯୋଗୁଁ କ୍ଷତିଗ୍ରସ୍ତ ରକ୍ତବାହୀ ନଳୀଗୁଡ଼ିକରୁ ଲିକେଜ୍, ଫୁଲା କିମ୍ବା ରକ୍ତସ୍ରାବ କାରଣରୁ ଏହି ରୋଗ ହୁଏ। ଏହା ରେଟିନାକୁ ଆଲୋକ ଅନୁଭବ କରିବା ଏବଂ ମସ୍ତିଷ୍କକୁ ପ୍ରତିଛବି ପଠାଇବାର କ୍ଷମତାରେ ବାଧା ଦେଇ ଦୃଷ୍ଟିଶକ୍ତି ଜନିତ ସମସ୍ୟା ସୃଷ୍ଟି କରେ। ଠିକ୍ ସମୟରେ ରୋଗ ନିର୍ଣ୍ଣୟ ଏବଂ ଚିକିତ୍ସା କରା ନ ଗଲେ ଏହି ଅବସ୍ଥା ଚିରଦିନ ପାଇଁ ଦୃଷ୍ଟିଶକ୍ତି ହରାଇବାର ବିପଦ ସୃଷ୍ଟି କରିପାରେ। ପ୍ରାରମ୍ଭିକ ଟାଇପ୍ ୧ ମଧୁମେହ ରୋଗ ଥିବା ପ୍ରାୟ ୧୩% ରୋଗୀ ଏବଂ ୧୦-୧୫ ବର୍ଷ ଧରି ଏହି ରୋଗରେ ପୀଡ଼ିତ ୯୦% ରୋଗୀଙ୍କ ମଧ୍ୟରେ ଡାଏବେଟିକ୍ ରେଟିନୋପାଥି ରୋଗ ଦେଖାଯାଏ। ଡାଏବେଟିକ୍ ରେଟିନୋପାଥି ନୀରବରେ ବଢ଼ିଥାଏ। ରୋଗ ଅତି ଗୁରୁତର ନ ହେବା ଯାଏ ଏହାର କୌଣସି ଲକ୍ଷଣ ଦେଖାଯାଏ ନାହିଁ। ବିଳମ୍ବରେ ରୋଗର ମୂଲ୍ୟାଙ୍କନ ଫଳରେ ଦୃଷ୍ଟିଶକ୍ତି ହ୍ରାସ ପାଇପାରେ। ଦୃଷ୍ଟିଶକ୍ତି ହରାଇବା ଆଶଙ୍କାକୁ ହ୍ରାସ କରିବା ପାଇଁ ପ୍ରାରମ୍ଭିକ ଚିକିତ୍ସା କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଟାଇପ୍ -୧ ମଧୁମେହ ରୋଗୀଙ୍କୁ ମଧୁମେହ ନିର୍ଣ୍ଣୟ ହେବାର ୫ବର୍ଷ ପରେ ବିସ୍ତୃତ ଚକ୍ଷୁ ପରୀକ୍ଷା କରିବା ଉଚିତ। ଟାଇପ୍ -୨ ମଧୁମେହ ରୋଗୀଙ୍କୁ ରୋଗ ନିର୍ଣ୍ଣୟ ହେବାର ତୁରନ୍ତ ବିସ୍ତୃତ ଚକ୍ଷୁ ପରୀକ୍ଷା କରାଯିବା ଉଚିତ। ଟାଇପ୍ ୧ ଏବଂ ଟାଇପ୍ ୨ ମଧୁମେହ ରୋଗୀଙ୍କ ପାଇଁ ପ୍ରତି ବର୍ଷ ଚକ୍ଷୁ ପରୀକ୍ଷା କରାଯିବା ଉଚିତ। ଗର୍ଭଧାରଣ ପୂର୍ବରୁ ଏବଂ ଗର୍ଭଧାରଣର ପ୍ରଥମ ତିନିମାସରେ ବିସ୍ତୃତ ଚକ୍ଷୁ ପରୀକ୍ଷା କରିବାକୁ ପରାମର୍ଶ ଦିଆଯାଏ।

ଏହି ରୋଗ ଆରମ୍ଭରୁ ଲକ୍ଷଣ ଦେଖା ଯାଇ ନ ପାରେ। ଅବସ୍ଥା ବଢ଼ିବା ସହିତ ରୋଗୀଙ୍କଠାରେ କଳା ଦାଗ କିମ୍ବା କିଛି ଭାସିବା ପରି ଦେଖାଯିବା, ଝାପ୍ସା ଦିଶିବା, ଦୃଷ୍ଟିଶକ୍ତିରେ ସ୍ଥିରତା ନ ରହିବା, କୌଣସି ବସ୍ତୁ ଗାଢ଼ ଦେଖାଯିବା, ଦୃଷ୍ଟିଶକ୍ତି ହାନୀ ଆଦି ଲକ୍ଷଣ ଦେଖାଯାଏ।

**କିପରି କରିବେ ନିୟନ୍ତ୍ରଣ:** ଏହି ରୋଗ ନିୟନ୍ତ୍ରଣ କରିବାକୁ ରକ୍ତ ଶର୍କରାସ୍ତର ନିୟନ୍ତ୍ରଣ କରିବା, ରକ୍ତଚାପ ଏବଂ ରକ୍ତ କୋଲେଷ୍ଟେରଲ୍ ସ୍ତର ନିୟନ୍ତ୍ରଣ କରିବା, ଧୂମପାନ ଓ ତମାଖୁ ବର୍ଜନ କରିବା, ନିୟମିତ ବ୍ୟାୟାମ ଏବଂ ଓଜନ ପରିଚାଳନାକୁ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି।

**ଚିକିତ୍ସା ବିକଳ୍ପ:** ରୋଗର ଚିକିତ୍ସା ବିକଳ୍ପରେ ଇଂଟ୍ରାଭିଟ୍ରିଆଲ୍ ଇଞ୍ଜେକ୍ସନ୍, ଲେଜର୍ ଫଟୋକୋଗୁଲେସନ୍, ଅସ୍ତ୍ରୋପଚାର କରାଯାଇଥାଏ। ଏହି ଅବସ୍ଥା ଅଗ୍ରଗତି କରିଥିବା ପର୍ଯ୍ୟାୟରେ ନିର୍ଣ୍ଣୟ କରାଗଲେ ମଧ୍ୟ ରୋଗୀ ଯଥାଶୀଘ୍ର ଚକ୍ଷୁରୋଗ ବିଶେଷଜ୍ଞଙ୍କ ସହ ପରାମର୍ଶ କରିବା ଉଚିତ।





## ନୋରୋ ଭୂତାଣୁ

**ଶୀତଦିନେ ଭୂତାଣୁଜନିତ ପ୍ରଦାହ ଅଧିକ ଦେଖାଯାଏ। ଏବେ ଚିନ୍ତା ବଢ଼ାଉଛି ନୋରୋ ଭୂତାଣୁ। ଏହାକୁ 'ୱିଣ୍ଟର ଭୋମିଟିଂ' କୁହାଯାଏ। ଆମେରିକାରେ ଏହି ଭୂତାଣୁ ଏବେ ନିଜର କାୟା ବିସ୍ତାର କରିଛି।**

ଏହା କ୍ୟାଲିସିଭିରିଡେ ପରିବାରର ଏକ ଆର୍‌ଏନ୍‌ଏ ଭୂତାଣୁ। ଏହି ଭୂତାଣୁ ପ୍ରଦୂଷିତ ପାଣି, ଦୂଷିତ ଖାଦ୍ୟ, ସଂକ୍ରମିତ ବ୍ୟକ୍ତିଙ୍କ ଜରିଆରେ ସଂକ୍ରମିତ କରିଥାଏ। ସଂକ୍ରମଣର ୧୨ରୁ ୪୮ ଘଣ୍ଟା ପରେ ଲକ୍ଷଣ ଦେଖାଯାଇଥାଏ। ଅଚାନକ ବାନ୍ତି, ଝାଡ଼ା, ପେଟ ଯନ୍ତ୍ରଣା, ଜ୍ୱର, ଦୁର୍ବଳ, ଆଦି ସୃଷ୍ଟି କରାଇଥାଏ। କଞ୍ଚା ସାମୁଦ୍ରିକ ଖାଦ୍ୟ ତଥା ଓଏଷ୍ଟର ଖାଇବା ଦ୍ୱାରା ଏହି ରୋଗର ଆଶଙ୍କା ବଢ଼ିଯାଇପାରେ। ଏଥିପ୍ରତି ସତର୍କ ରହିବା ଜରୁରି। ଏହି ରୋଗ ପାଇଁ କୌଣସି ନିର୍ଦ୍ଦିଷ୍ଟ ଚିକିତ୍ସା ନାହିଁ। ଲକ୍ଷଣ ଓ ରୋଗର ତୀବ୍ରତା ଆଧାରରେ ଉପଚାର କରାଯାଇଥାଏ। ଜଳୀୟ ଅଂଶ ବଜାୟ ରଖିବାକୁ ଓଆର୍‌ଏସ୍ ପିଇବା ଜରୁରି। ଗମ୍ଭୀର ମାମଲାରେ ତୁରନ୍ତ ହସ୍‌ପିଟାଲ ଯିବା ଆବଶ୍ୟକ। ଡାକ୍ତର ରୋଗୀଙ୍କୁ ଘରେ ରହିବା ଲାଗି ପରାମର୍ଶ ଦେଇଥାନ୍ତି। ସାବୁନରେ ହାତ ଧୋଇବା, ପରିବେଶ ସଫା ରଖିବା, ସଂକ୍ରମିତ ବ୍ୟକ୍ତିଙ୍କଠାରୁ ଦୂରତା ବଜାୟ ରଖିବା ତଥା ଜନଗହଳିସ୍ଥାନକୁ ମାସ୍କ ପିନ୍ଧି ଯିବା ଆବଶ୍ୟକ।

## ମୁଲାନପୁରରେ ଡି କକ୍ ଶତକରୁ ବଞ୍ଚିତ

# ଦ୍ୱିତୀୟ ଟି-୨୦ରେ ଜିତିଲା ଦକ୍ଷିଣ ଆଫ୍ରିକା

ମୁଲାନପୁର,୧୧।୧୨(ଏଜେନ୍ସି)

ବାମହାତୀ ଓପନର କ୍ୱିଣ୍ଟନ ଡି କକ୍ଙ୍କ ବିସ୍ଫୋରକ ଅର୍ଦ୍ଧଶତକ ଓ ବୋଲରଙ୍କ ଶୃଙ୍ଖଳିତ ପ୍ରଦର୍ଶନ ବଳରେ ଏଠାରେ ଗୁରୁବାର ଅନୁଷ୍ଠିତ ଦ୍ୱିତୀୟ ଟି-୨୦ ମୁକାବିଲାରେ ଦକ୍ଷିଣ ଆଫ୍ରିକା ୫୧ ରନ୍‌ରେ ଭାରତକୁ ପରାସ୍ତ କରିଛି। ଏହା ଫଳରେ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ୧-୧ରେ ସମାନ ସ୍ତରକୁ ଆସିଯାଇଛି। କଟକରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ଭାରତ ୧୦୧ ରନ୍‌ରେ ବିଜୟୀ ହୋଇଥିଲା। ହିମାଚଳ ପ୍ରଦେଶର ଧର୍ମଶାଳାଠାରେ ଆସନ୍ତା ୧୪ ତାରିଖ ରବିବାର ସିରିଜ୍‌ର ତୃତୀୟ ମୁକାବିଲା ଅନୁଷ୍ଠିତ ହେବ। ଏହି ମ୍ୟାଚ୍‌ରେ ମାତ୍ର ୪୬ ବଲ୍‌ରୁ ୫ ଚୌକା ଓ ୭ ଛକା ସହ ୯୦ ରନ୍ କରିଥିବା ଭ୍ରମଣକାରୀ ଦଳର ୱିକେଟକିପର ଡି କକ୍‌ଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

ଏଠାରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ୪ ୱିକେଟ ହରାଇ ୨୧୩ ରନ୍‌ର ବିଶାଳ ସ୍କୋର କରିଥିଲା। ଜବାବରେ ଭାରତ ୧୯.୧ ଓଭରରେ ୧୬୨ ରନ୍ କରିଥିଲା। ଘରୋଇ ବ୍ୟାଟରମାନେ ଏହି ମ୍ୟାଚ୍‌ରେ ସମ୍ପୂର୍ଣ୍ଣ ବିଫଳ ହୋଇଥିଲେ। କେବଳ ତିଲକ ବର୍ମା କିଛିଟା ଲଢୁଆ ବ୍ୟାଟିଂ କରିଥିଲେ ମଧ୍ୟ ଶେଷ ବ୍ୟାଟରଭାବେ ୩୪ ବଲ୍‌ରୁ ୨ ଚୌକା ଓ ୫ ଛକା ସହ ସର୍ବାଧିକ ୬୨ ରନ୍‌ରେ ଆଉଟ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିତେଶ ଶର୍ମା ୨୭, ଅକ୍ଷର ପଟେଲ ୨୧, ହାର୍ଦ୍ଦିକ ପାଣ୍ଡ୍ୟା ୨୦ ଓ ଅଭିଷେକ ଶର୍ମା ୧୭ ରନ୍ କରି ଦୁଇ ଅଙ୍କରେ ପହଞ୍ଚିଥିଲେ। ତାରକା ଖେଳାଳିଙ୍କ ମଧ୍ୟରେ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ୫, ଉପଅଧିନାୟକ ଶୁବମନ ଗିଲ୍ ୦ ରନ୍ କରିଥିଲେ। ଦକ୍ଷିଣ ଆଫ୍ରିକୀୟ ବୋଲରଙ୍କଠାରୁ ଉଚ୍ଚକୋଟୀର ବୋଲିଂ ପ୍ରଦର୍ଶନ ଦେଖିବାକୁ ମିଳିଥିଲା। ଭାରତୀୟ ବୋଲର ୧୬ଟି ୱାଇଡ୍ ସହ ଅତିରିକ୍ତରୁ ୨୨ ରନ୍ ଦେଇଥିଲେ। ଭ୍ରମଣକାରୀ ଦଳ ମାତ୍ର ଅତିରିକ୍ତରୁ ୫ ରନ୍ ଦେଇଥିଲେ। ସଫଳ ବୋଲର ଭାବେ ପେସର ଓଟ୍ଟନେଲ ବାର୍ଟମ୍ୟାନ୍ ସର୍ବାଧିକ ୪ଟି ୱିକେଟ ପାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲୁଙ୍ଗ୍ ଏନ୍‌ଗିଡି, ମାର୍କୋ ଜାନ୍‌ସେନ୍ ଓ ଲୁଥୋ ସିପମଲା ୨ଜଣ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ। ପ୍ରଥମେ ବ୍ୟାଟିଂ କରି ଦକ୍ଷିଣ ଆଫ୍ରିକା ଦ୍ରୁତ ରନ୍ ସଂଗ୍ରହ କରିଥିଲା। ୩୮ ରନ୍‌ରେ ଦଳ ପ୍ରଥମ ୱିକେଟ ହରାଇବା ପରେ ଡି କକ୍ ଓ ମାରକ୍ରମ ଦ୍ୱିତୀୟ ୱିକେଟରେ




କ୍ୱିଣ୍ଟନ ଡିକକ୍
ରନ୍- ୯୦
ବଲ୍- ୪୬
ଚୌକା- ୫
ଛକା- ୭

୪୭ ବଲ୍‌ରୁ ୮୩ ରନ୍ ଉଠାଇ ଦଳକୁ ମଜଭୁତ ସ୍ଥିତିରେ ପହଞ୍ଚାଇଥିଲେ। ଅଳ୍ପ ରନ୍ ବ୍ୟବଧାନରେ ଡି କକ୍ ଓ ବ୍ରେଭିସ୍ ଆଉଟ ହୋଇଯାଇଥିଲେ। ଡି କକ୍ ୪୬ ବଲ୍‌ରୁ ୯୦ ରନ୍ କରି ଶତକରୁ ବଞ୍ଚିତ ହୋଇଥିଲେ। କିନ୍ତୁ ୫ମ ୱିକେଟରେ ଡୋନୋଭାନ ଫେରେରା ଓ ଡେଭିଡ୍ ମିଲର ୨୩ ବଲ୍‌ରୁ ୫୩ ରନ୍ ଉଠାଇ ଦଳକୁ ଏକ ଦୃଢ଼ ସ୍ଥିତିରେ ପହଞ୍ଚାଇଥିଲେ। ଫେରେରା ୧୬ ବଲ୍‌ରୁ ୧ ଚୌକା ଓ ୩ ଛକା ସହ ୩୦ ଏବଂ ମିଲର ୧୨ବଲ୍‌ରୁ ୨ ଚୌକା ଓ ୧ ଛକା ସହ ୨୦ ରନ୍‌ରେ ଅପରାଜିତ ରହିଥିଲେ। ଭାରତ ପକ୍ଷରୁ ବରୁଣ ଚକ୍ରବର୍ତ୍ତୀ ତାଙ୍କ ୪ ଓଭର ବୋଲିଂ ସ୍ପେଲ୍‌ରେ ସବୁଠାରୁ କମ୍ ୨୯ ରନ୍ ଦେଇ ସବୁଠାରୁ ଅଧିକ ୨ଟି ୱିକେଟ ପାଇଛନ୍ତି। ଦୁଇ ଫାଷ୍ଟ ବୋଲର ଅର୍ଶଦୀପ ସିଂହ ଓ ଯଶପ୍ରୀତ୍ ବୁମ୍‌ରା ୪ ଓଭର ଲେଖାଏଁ ବୋଲିଂ କରି ଯଥାକ୍ରମେ ୫୪ ଓ ୪୫ ରନ୍ ଦେଇ ବ୍ୟୟବହୁଳ ସାବ୍ୟସ୍ତ ହୋଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

**ଦକ୍ଷିଣ ଆଫ୍ରିକା: ୨୧୩/୪, ୨୦ ଓଭର** (ଡି କକ୍- ୯୦, ମାରକ୍ରମ- ୨୯, ଫେରେରା- ୩୦*, ମିଲର- ୨୦*, ବରୁଣ- ୨/୨୯)।

**ଭାରତ: ୧୬୨/୧୦, ୧୯.୧ ଓଭର** (ତିଲକ- ୬୨, ଗିଲ୍- ୦, ସୂର୍ଯ୍ୟକୁମାର- ୫, ପାଣ୍ଡ୍ୟା- ୨୦, ବାର୍ଟମାନ- ୪/୨୪)।



## ଯୁବରାଜ, ହରମନପ୍ରୀତ୍ ସମ୍ମାନିତ

ନ୍ୟୁ ଚଣ୍ଡିଗଡ଼ର ମୁଲାନପୁରରେ ଆଜି ଭାରତ ଓ ଦକ୍ଷିଣ ଆଫ୍ରିକା ମୁକାବିଲା ସହ ପ୍ରଥମଥର ଏକ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ ଏଠାରେ ଖେଳାଯାଇଛି। ଏହି ଅବସରରେ ସ୍ଥାନୀୟ ହିରୋ ଯୁବରାଜ ସିଂହ ଓ ହରମନପ୍ରୀତ୍ କୌରଙ୍କୁ ସମ୍ମାନିତ କରାଯିବା ସହ ସେମାନଙ୍କ ନାମରେ ଷ୍ଟାଡିୟମ୍‌ର ଷ୍ଟାଣ୍ଡ ନାମିତ କରାଯାଇଛି। ୨୦୧୧ରେ ଭାରତ ଦିନିକିଆ ବିଶ୍ୱକପ୍ ଚାମ୍ପିଅନ ହୋଇଥିଲାବେଳେ ଯୁବରାଜ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ନିକଟରେ ହରମନପ୍ରୀତ୍‌ଙ୍କ ନେତୃତ୍ୱରେ ଭାରତ ମହିଳା ଦିନିକିଆ ବିଶ୍ୱକପ୍ ଚାମ୍ପିଅନ ହୋଇଥିଲା। ଯୁବରାଜ ଭାରତୀୟ ଖେଳାଳିଙ୍କୁ ପରାମର୍ଶ ଦେବା ଓ ଉତ୍ସାହିତ କରୁଥିବାର ଦେଖାଯାଇଥିଲା।

## ଅର୍ଶଦୀପ ସିଂହ: ଗୋଟିଏ ଓଭରରେ ୧୩ ବଲ, ୭ ୱାଇଡ୍

ଭାରତର ଟପ୍ ଫାଷ୍ଟ ବୋଲର ଅର୍ଶଦୀପ ସିଂହ ଏଠାରେ ଅନୁଷ୍ଠିତ ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଟି-୨୦ରେ ଏକ ନକରାତ୍ମକ ବିଶ୍ୱରେକର୍ଡ ସହ ସମକକ୍ଷ ହୋଇଛନ୍ତି। ଦକ୍ଷିଣ ଆଫ୍ରିକା ଇନିଂସରେ ୧୧ତମ ଓଭର ବୋଲିଂ କରିଥିବା ଅର୍ଶଦୀପ ୭ଟି ୱାଇଡ୍ ବଲ ପକାଇବା ଫଳରେ ଓଭରରେ ମୋଟ ୧୩ଟି ବଲ ବୋଲିଂ କରିବାକୁ ପଡ଼ିଥିଲା। ଏହି ଓଭରରେ ସେ ୧୮ ରନ୍ ଦେଇଥିଲେ। ଏହା ଫଳରେ ସେ ଆଫଗାନିସ୍ତାନର ନବୀନ-ଉଲ-ହକ୍‌ଙ୍କ ସହ ସମକକ୍ଷ ହୋଇଛନ୍ତି। ୨୦୨୪ ହରାରେରେ ଅନୁଷ୍ଠିତ ଜିମ୍ବାୱେ ବିପକ୍ଷ ମ୍ୟାଚର ଗୋଟିଏ ଓଭରରେ ନବୀନ ୧୩ଟି ବଲ୍ ପକାଇଥିଲେ। ଏମାନଙ୍କ ପଛକୁ ଦକ୍ଷିଣ ଆଫ୍ରିକାର ଫାଷ୍ଟ ବୋଲର ସିସାନ୍ଦା ମାଗଲା ୨୦୨୧ ଜୋହାନ୍ସବର୍ଗରେ ଅନୁଷ୍ଠିତ ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରେ ୧୨ଟି ବଲ ପକାଇ ତୃତୀୟ ସ୍ଥାନରେ ରହିଛନ୍ତି। ଅର୍ଶଦୀପ ପରେ ୧୯ତମ ଓଭର ବୋଲିଂ କରିବାକୁ ଆସି ଆଉ ୨ଟି ୱାଇଡ୍ ସହ ୧୬ ରନ୍ ଦେଇଥିଲେ। ଏହି ମ୍ୟାଚ୍‌ରେ ସେ ୪ ଓଭର ବୋଲିଂ କରି ୫୪ ରନ୍ ଖର୍ଚ୍ଚ କରିଥିଲାବେଳେ ୯ଟି ୱାଇଡ୍ ବଲ ପକାଇଥିଲେ। ଏହା ମଧ୍ୟରେ ପ୍ରତିପକ୍ଷ ବ୍ୟାଟର ତାଙ୍କୁ ୫ଟି ଛକା ମାରିଥିଲେ। ଟି-୨୦ କ୍ୟାରିୟରରେ ସେ ସର୍ବାଧିକ ୬୨ ରନ୍ ବ୍ୟୟ କରିଛନ୍ତି। ୨୦୨୨ ଗୁଆହାଟୀରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଏହି ରନ୍ ବ୍ୟୟ କରିଥିଲେ।

● ଆଇସିସି ଟି-୨୦ ବିଶ୍ୱକପ୍

## ସର୍ବନିମ୍ନ ଟିକଟ୍‌ର ମୂଲ୍ୟ ୧୦୦ ଟଙ୍କା

ନୂଆଦିଲ୍ଲୀ, ୧୧।୧୨ (ଏଜେନ୍ସି): ଆଇସିସି ଟି-୨୦ ବିଶ୍ୱକପ୍‌ର ୧୦ମ ସଂସ୍କରଣ ଫେବୃଆରୀ ୭ରୁ ଭାରତ ଓ ଶ୍ରୀଲଙ୍କାରେ ମିଳିତ ଭାବେ ଆୟୋଜିତ ହେବ। ଏହି ମେଗା ଇଭେଣ୍ଟ ଲାଗି ବିଶ୍ୱ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସି ପକ୍ଷରୁ ଗୁରୁବାର ସନ୍ଧ୍ୟାରୁ ବିଧିବଦ୍ଧ ଭାବେ ଟିକଟ୍ ବିକ୍ରି ଅନଲାଇନ ମାଧ୍ୟମରେ ଆରମ୍ଭ ହୋଇଛି। ଭାରତରେ ଖେଳାଯିବାକୁ ଥିବା ବିଶ୍ୱକପ୍‌ର ମ୍ୟାଚ୍ ଲାଗି ସର୍ବନିମ୍ନ ଟିକଟ୍ ମୂଲ୍ୟ ୧.୧୧ ଡଲାର ରଖାଯାଇଛି। ଯାହାକି ଭାରତୀୟ ମୁଦ୍ରାରେ ୧୦୦ ଟଙ୍କା ହେବ। ସେହିଭଳି ଶ୍ରୀଲଙ୍କାରେ ଆୟୋଜିତ ହେବାକୁ ଥିବା ବିଶ୍ୱକପ୍ ମ୍ୟାଚର ସର୍ବନିମ୍ନ ଟିକଟ୍ ମୂଲ୍ୟ ୩.୨୬ ଡଲାର (ଭାରତୀୟ ମୁଦ୍ରାରେ ୨୯୪ ଟଙ୍କା) ରହିଛି। ଅପରପକ୍ଷରେ ଫେବୃଆରୀ ୧୫ରେ ଟୁର୍ଣ୍ଣାମେଣ୍ଟର ସବୁଠୁ ହାଇଭୋଲଟେଜ ମ୍ୟାଚ୍ ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯିବ। ଶ୍ରୀଲଙ୍କାରେ ଆୟୋଜିତ ହେବାକୁ ଥିବା ଏହି ମ୍ୟାଚର ସର୍ବନିମ୍ନ ଟିକଟ୍ ମୂଲ୍ୟ ୪୩୮ ଟଙ୍କା ରଖାଯାଇଛି। 'ବିଶ୍ୱକପ୍‌କୁ ଯେଉଁ ଭଳି ଅଧିକରୁ ଅଧିକ ଲୋକ ଷ୍ଟାଡିୟମରେ ଉପସ୍ଥିତ ରହି ଉପଭୋଗ କରନ୍ତୁ ସେଥିଲାଗି ଟିକଟ୍‌ର ମୂଲ୍ୟକୁ ଯଥା ସମ୍ଭବ କମ୍ ରଖାଯିବାକୁ ଚେଷ୍ଟା କରାଯାଇଛି' ବୋଲି ଆଇସିସି ପକ୍ଷରୁ କୁହାଯାଇଛି। ବିଶ୍ୱକପ୍‌ର ୱେବସାଇଟ୍ (*https://tickets.cricketworldcup.com/.*)ରୁ ପ୍ରଶଂସକମାନେ ଟିକଟ୍ କ୍ରୟ କରିପାରିବେ।

## ମେସିଙ୍କ ସହ ଫଟୋ ଉଠାଇଲେ ୧୦ ଲକ୍ଷ

ହାଇଦରାବାଦ୍, ୧୧।୧୨ (ଏଜେନ୍ସି): ଫୁଟ୍‌ବଲ ଆଇକନ୍ ଲିଓନେଲ ମେସି ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ଶନିବାର ହାଇଦରାବାଦରେ ପହଞ୍ଚିବେ। ଯେଉଁଥିରେ ଏକ ହାଇପ୍ରୋଫାଇଲ ସାକ୍ଷାତ୍ ଓ ଅଭିବାଦନ ଏବଂ ଉପ୍ପଲ ଷ୍ଟାଡିୟମରେ ସାଢ଼େ ୩ ଘଣ୍ଟାର ଏକ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ରହିଛି। ଆର୍ଜେଣ୍ଟିନା ତାରକା ମେସିଙ୍କ ଏହି ଭାରତ ଗସ୍ତରେ ପ୍ରଶଂସକମାନେ ତାଙ୍କ ସହ ଫଟୋ ଉଠାଇବାର ଏକ ଦୁର୍ଲଭ ସୁଯୋଗ ପାଇବେ। ତେବେ ଫଟୋ ଉଠାଇବା ଲାଗି ଜଣେ ବ୍ୟକ୍ତିଙ୍କୁ ଜିଏସ୍‌ଟି ସହ ୯.୯୫ ଲକ୍ଷ ଟଙ୍କା ଦେବାକୁ ପଡ଼ିବ। ଏଥିଲାଗି କେବଳ ୧୦୦ଟି ସ୍ଲଟ ରହିଛି। ଫାଲାକନମ ପ୍ୟାଲେସରେ ଏହି ପ୍ରିମିୟମ ଫଟୋ ଉଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଡିଷ୍ଟ୍ରିକ୍ଟ ଆପ୍ ଜରିଆରେ ଟିକଟ୍ ବିକ୍ରି ହେଉଛି। ମେସିଙ୍କ ଏହି ଭାରତ ଗସ୍ତର ନାମ 'ଗୋଟ୍ ଟୁର୍' ରଖାଯାଇଛି। ଶନିବାର ଅପରାହ୍ଣ ୪ଟାରେ ମେସି ହାଇଦରାବାଦ୍‌ରେ ପହଞ୍ଚିବେ। ତାଙ୍କ ସହ ସାଥୀ ଆର୍ଜେଣ୍ଟିନା ଖେଳାଳି ରୋଡ୍ରିଗୋ ଡି ପଲ୍ ଓ ଉରୁଗୁଏର ତାରକା ଷ୍ଟ୍ରାଇକର ଲୁଇସ୍ ସୁଆରେଜ ମଧ୍ୟ ଏହି ଗସ୍ତରେ ଆସିବେ। ଉପ୍ପଲ ଷ୍ଟାଡିୟମରେ ୨୦ ମିନିଟ୍ ଅବଧି ବିଶିଷ୍ଟ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳାଯିବ। ଯେଉଁଥିରେ ଆରଆର୍- ୯ ଦଳ ସହ ଅପର୍ଣ୍ଣା ମେସି ଅଲ୍ ଷ୍ଟାର୍ସ ମଧ୍ୟରେ ମ୍ୟାଚ ଖେଳାଯିବ। ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ ଶେଷ ୫ ମିନିଟ୍ ଖେଳିବେ ବୋଲି ଜଣାପଡ଼ିଛି। ସେହିଭଳି ବଲିଉଡ୍ ସୁପରଷ୍ଟାର୍ ଶାହରୁଖ ଖାନ ମଧ୍ୟ ମେସିଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି।

## ଜାତୀୟ ତୀରନ୍ଦାଜୀରେ ଭାଗନେବ ଓଡ଼ିଶା



କଟକ,୧୧।୧୨(ସମିସ): ୩୨ତମ ଏନଟିପିସି ଜାତୀୟ ତୀରନ୍ଦାଜୀ ପ୍ରତିଯୋଗିତା ନିମନ୍ତେ ଘୋଷିତ ଓଡ଼ିଶା ଦଳ ହାଇଦ୍ରାବାଦ ଅଭିମୁଖେ ଯାତ୍ରା କରିଛି। ଦଳରେ ୨୨ଜଣ ଖେଳାଳି ଏବଂ ୬ଜଣ ପ୍ରଶିକ୍ଷକ ରହିଛନ୍ତି। ଇଣ୍ଡିଆନ ରାଉଣ୍ଡ ବାଳକ ବିଭାଗରେ ବାହାଦୂର ମାରାଣ୍ଡି, ତ୍ରିନାଥ ମୁଣ୍ଡା, ରବି ମୁଦୁଲି, ଅଜୟ କୁମାର ମାରାଣ୍ଡି, ବାଳିକା ବିଭାଗରେ ରିଷମା ମଲ୍ଲିକ, ଅଞ୍ଜଳୀ ସସ୍ମିତା ମାର୍କେ ସ୍ଥାନ ପାଇଛନ୍ତି। ରିକର୍ଭ ରାଉଣ୍ଡ ବାଳକ ବିଭାଗରେ ଅର୍ଜୁନ ଖରା, ଭାଗବତ ବଳିଆରସିଂହ, ସୋମନାଥ ହେମ୍ବ୍ରମ, କୃଷ୍ଣ ମୁଣ୍ଡା, ବାଳିକା ବିଭାଗରେ ମନସ୍ୱରୀ ହାଁସଦାକ, ସୁନୀତା ନାଏକ, ସାବିତ୍ରୀ ପାତ୍ର, କମ୍ପାଉଣ୍ଡ ବାଳକ ବିଭାଗରେ ସାଗର ରାଇତା, କେଶବ ବାନାରା, ସଞ୍ଜୟ ହୋ, ରଶ୍ମୀରଞ୍ଜନ ସେଠୀ, ବାଳିକା ବିଭାଗରେ ସ୍ୱପ୍ନାରାଣୀ ବେହେରା, ସୀତା ହେମ୍ବ୍ରମ, ନାମସୀ ମୁଣ୍ଡା, ପ୍ରୀତି ଓରାମ ରାଜ୍ୟ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ପ୍ରଶିକ୍ଷକ ରାଜେଶ ହାଁସଦା, ଆର୍ଯ୍ୟନ ସ, ଟିକିଲି ମହାକୁଳ, ଶାହେଲା ଶାହିନ, ଭଗତରାମ ନାୟକ, ମଞ୍ଜୁଳା ଆପୋଟ ଦଳ ସହ ଯାତ୍ରା କରିଛନ୍ତି। ଓଡ଼ିଶା ତୀରନ୍ଦାଜୀ ସଂଘ ପକ୍ଷରୁ ରାଜ୍ୟ ଦଳକୁ ଶୁଭେଚ୍ଛା ଜଣାଯାଇଛି।

## ପରାଜୟ ଦ୍ୱାରରେ ଓଡ଼ିଶା

ବଲାଙ୍ଗିର/କଟକ,୧୧।୧୨(ସମିସ): ବଲାଙ୍ଗିର ଗାନ୍ଧି ଷ୍ଟାଡିୟମରେ ଚାଲିଥିବା କୁଚ ବିହାର ଟ୍ରଫିର କର୍ଣ୍ଣାଟକ ବିପକ୍ଷ ମ୍ୟାଚ୍‌ରେ ଓଡ଼ିଶା ପରାଜୟ ଦ୍ୱାରରେ ପହଞ୍ଚିଛି। ଉଭୟ ପାଳିରେ ଘରୋଇ ଦଳ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। କର୍ଣ୍ଣାଟକ ଠାରୁ ପରାସ୍ତ ହେଲେ ଓଡ଼ିଶାର ଏହା କ୍ରମାଗତ ୪ର୍ଥ ପରାଜୟ ହେବ। ପ୍ରଥମ ତିନୋଟି ମ୍ୟାଚ୍‌ରୁ ଦଳ ତିନୋଟି ଯାକ ପରାସ୍ତ ହୋଇ ଏଲିଟ ଗ୍ରୁପ-ସି ଟେବଲର ୬ଷ୍ଠ ସ୍ଥାନରେ ରହିଛି। ବଲାଙ୍ଗିରରେ ଚାଲିଥିବା ୪ର୍ଥ ଲିଗ୍ ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୧୭୦ରନରେ ଅଲଆଉଟ ହୋଇଥିଲା। ଜବାବରେ ଭ୍ରମଣକାରୀ କର୍ଣ୍ଣାଟକ ୯ ୱିକେଟ ବିନିମୟରେ ୪୬୯ ରନ କରି ଆଜି ପାଳି ଘୋଷଣା କରିଥିଲା। ୨୯୯ ରନ ପଛୁଆ ରହି ଦ୍ୱିତୀୟ ପାଳି ଆରମ୍ଭ କରିଥିବା ଓଡ଼ିଶା ଗୁରୁବାର ମ୍ୟାଚ୍‌ର ୩ୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ୭ ୱିକେଟ ହରାଇ ୨୧୧ରନ ସଂଗ୍ରହ କରିଛି। ଏବେବି ଦଳ ୮୮ ରନରେ ପଛୁଆ ରହିଛି। ଓଡ଼ିଶା ତରଫରୁ ସ୍ୱାଗତ ମିଶ୍ର ସର୍ବାଧିକ ୫୦ରନ କରିଛନ୍ତି। ଶୁକ୍ରବାର ଅନ୍ତିମ ଦିବସରେ ମ୍ୟାଚ୍ ଡ୍ର ରଖିବା ଓଡ଼ିଶା ପାଇଁ କଷ୍ଟକର।

● ଜାତୀୟ ଦୃଷ୍ଟିବାଧିତ ଫୁଟବଲ

## ଆଶିଷ, ପଦ୍ମିନୀଙ୍କୁ ଓଡ଼ିଶା ଦଳର ନେତୃତ୍ୱ

ଭୁବନେଶ୍ୱର, ୧୧।୧୨ (ସମିସ): ଉତ୍ତରାଖଣ୍ଡର ଡେରାଡୁନଠାରେ ଚଳିତ ମାସ ୧୩ରୁ ୧୮ ତାରିଖ ପର୍ଯ୍ୟନ୍ତ ଜାତୀୟସ୍ତରୀୟ ଦୃଷ୍ଟିବାଧିତ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଏଥିରେ ଓଡ଼ିଶାର ଉଭୟ ପୁରୁଷ ଓ ମହିଳା ଦଳ ଅଂଶଗ୍ରହଣ କରିବେ। ଆଶିଷ ସାହୁ ଓ ପଦ୍ମିନୀ ଟୁଡୁଙ୍କୁ ଯଥାକ୍ରମେ ଓଡ଼ିଶା ପୁରୁଷ ଓ ମହିଳା ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ପୁରୁଷ ଦଳରେ ଆଶିଷଙ୍କ ସହ ଆଲୋକଦୀପ୍, ଦୀପକ ସିଂ, ସିନ୍ତୁ ଦାସ, କାହ୍ନୁ ସିଂ, ପଙ୍କଜ ମଙ୍ଗଳ,




ଶେଖର ପ୍ରଧାନ, ଆକାଶ ପଡ଼ିଆମୀ, ଜଗା ପଡ଼ିଆମୀ, ଶରତ ସିଂ ଓ ସାଇ ଶିବ ସ୍ଥାନ ପାଇଛନ୍ତି। ସେହିଭଳି ପଦ୍ମିନୀଙ୍କ ନେତୃତ୍ୱରେ ଘୋଷିତ ମହିଳା ଦଳରେ ସୁମିତ୍ରା ସିଂ, ସରସ୍ୱତୀ ମୁର୍ମୁ, ପ୍ରିୟଙ୍କା ଦାସ, ପ୍ରିୟଙ୍କା ସ୍ୱାଇଁ ଓ ପୁଷ୍ପାଞ୍ଜଳି ଭୋଇ ରହିଛନ୍ତି। ଏହି ଜାତୀୟ ଦୃଷ୍ଟିବାଧିତ ଫୁଟବଲ ଟୁର୍ଣ୍ଣାମେଣ୍ଟ ଲାଗି ଜଟଣୀସ୍ଥିତ ଆଇଆଇସି କ୍ୟାମ୍ପସରେ ଓଡ଼ିଶା ଦଳର ଚୟନ ଶିବିର ଅନୁଷ୍ଠିତ ହୋଇଥିଲା। ଆଇଆଇସିର ସୁପରିଟେଣ୍ଡେଣ୍ଟ ତ୍ରିନାଥ ପାଢ଼ୀ, ବୁଲ୍ସଆଇର ଅଧ୍ୟକ୍ଷ ତ୍ରିଲୋଚନ ବେଉରା ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

## କିଟ୍ ଓ କିସ୍‌ରେ ଭଲିବଲ୍ ମହୋତ୍ସବ ଆରମ୍ଭ

ଭୁବନେଶ୍ୱର, ୧୧।୧୨ (ସମିସ): କିଟ୍ ଓ କିସ୍‌ରେ ଆରମ୍ଭ ହୋଇଛି ଭଲିବଲ୍ ମହୋତ୍ସବ। ଅନ୍ତର୍ଜାତୀୟ ଭଲିବଲ୍ ମହାସଂଘ (ଫିବା) ଏବଂ କିଟ୍ ଓ କିସ୍‌ର ମିଳିତ ସହଯୋଗରେ ଆୟୋଜିତ ହେଉଥିବା 'ଫିବା ଭଲିବଲ୍ ଫେଷ୍ଟିଭାଲ ୱିକ୍' ଶନିବାର ଉଦ୍‌ଯାପିତ ହେବ। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ମହିଳା ସଶକ୍ତିକରଣ ଏବଂ ତୃଣମୂଳସ୍ତରରେ ଭଲିବଲ୍ ବିକାଶକୁ ପ୍ରୋତ୍ସାହିତ କରିବା।

କିଟ୍ ଓ କିସ୍‌ର କନ୍ୟା କିରଣ ପଦକ୍ଷେପର ଏକ ଅଂଶଭାଗରେ ଓଡ଼ିଶା ସମେତ ବିଶ୍ୱର ବିଭିନ୍ନ ସ୍ଥାନରୁ ଆସିଥିବା ମହିଳା ଭଲିବଲ୍ ପ୍ରଶିକ୍ଷକଙ୍କ ପାଇଁ ଏକ କର୍ମଶାଳା ମଧ୍ୟ ଆୟୋଜିତ ହେବ। ଯେଉଁଥିରେ ଓଡ଼ିଶାରୁ ୫୦୦ଜଣ ଅଂଶଗ୍ରହଣ କରିବେ। ସେହିଭଳି ଭାରତର ଅନ୍ୟ ରାଜ୍ୟ ଓ ବିଶ୍ୱର ବିଭିନ୍ନ ସ୍ଥାନରୁ




ଆହୁରି ୨୦୦ଜଣ ଏହି କର୍ମଶାଳାରେ ଯୋଗଦେବେ ବୋଲି ଜଣାପଡ଼ିଛି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅନ୍ତର୍ଜାତୀୟ ଭଲିବଲ୍ ପ୍ରଶିକ୍ଷକ ଜନ୍ କେସେଲ ଓ ଜାନା କୁଲାନ ପ୍ରଶିକ୍ଷଣ ପ୍ରଦାନ କରିବେ। ଏହି କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ଏଫଆଇଭିବି ଓ ଭଲିବଲ୍ ୱାର୍ଲ୍ଡ ଫେଡେରେସନର ବରିଷ୍ଠ ପ୍ରତିନିଧିମାନେ ଓଡ଼ିଶାରେ ଆସି ପହଞ୍ଚିଛନ୍ତି। ଏହି ଅବସରରେ ଏଫ୍‌ଆଇଭିବି ସଭାପତି ଫାବିଓ ଆଜେଭେଦୋ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତଙ୍କ ମହିଳା ସଶକ୍ତିକରଣ କାର୍ଯ୍ୟକୁ ପ୍ରଶଂସା କରିଛନ୍ତି।

## ସେମିରେ ଫାଓ, ସମ୍ବଲପୁର ଏକାଡେମୀ







ଭୁବନେଶ୍ୱର,୧୧।୧୨(ସମିସ): କଟକର ଫାଓ ଏକାଦଶ ଓ ସମ୍ବଲପୁର ଫୁଟବଲ ଏକାଡେମୀ ପ୍ରଥମ ଦୁଇ ଦଳ ଭାବେ ଚଳିତବର୍ଷର ସତ୍ୟବ୍ରତ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଆଜି ଖେଳାଯାଇଥିବା ପ୍ରଥମ କ୍ୱାର୍ଟର ଫାଇନାଲରେ ଫାଓ ଏକାଦଶ ୨-୦ ଗୋଲରେ କଟକର ଇଣ୍ଡିପେଣ୍ଡେଣ୍ଟ କ୍ଲବ୍‌କୁ ଏବଂ ଦ୍ୱିତୀୟ ମ୍ୟାଚ୍‌ରେ ସମ୍ବଲପୁର ଫୁଟବଲ ଏକାଡେମୀ ୪-୦ ଗୋଲରେ ଭୁବନେଶ୍ୱରର କିଶୋର କ୍ଲବ୍‌କୁ ପରାସ୍ତ କରିଥିଲା। ପ୍ରଥମ ମ୍ୟାଚ୍‌ରେ ବିଜୟୀ ଫାଓ ଏକାଦଶ ପକ୍ଷରୁ ଅରବିନ୍ଦ ଲାକ୍ରା ଓ ହରିଶଙ୍କର ନାୟକ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିବା ହରିଶଙ୍କର ନାୟକଙ୍କୁ ଅତିଥି ପ୍ରଦ୍ୟୁମ୍ନ ପାଢ଼ୀ ପୁରସ୍କାର ପ୍ରଦାନ କରିଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ବିଜୟୀ ସମ୍ବଲପୁର ଫୁଟବଲ ଏକାଡେମୀ ପକ୍ଷରୁ ମହମ୍ମଦ୍ ନିଆଲ ୨ଟି, ହରି ଦାସ ଓ ସାମସନ ଗୋଟିଏ ଲେଖାଏଁ ୱିକେଟ ପାଇଥିଲେ। ନିଆଲଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ଓଡ଼ିଶା ଅଲିମ୍ପିକ୍ ସଂଘ ସଭାପତି ସମୀର ମହାନ୍ତି ପ୍ରଦାନ କରିଥିଲେ।

### ସତ୍ୟବ୍ରତ ସ୍ମାରକୀ ଫୁଟବଲ

କ୍ଲବ୍-୭୩ ଆନୁକୂଲ୍ୟରେ ଭୁବନେଶ୍ୱର ଫୁଟବଲ ଏକାଡେମୀରେ ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟକୁ ରାଜ୍ୟ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଲିମ୍ପିକ୍ ସଂଘ ସଭାପତି ସମୀର ମହାନ୍ତି, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, କ୍ଲବ-୭୩ ସଭାପତି ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତାକାଲି ସନ୍‌ରାଇଜ ବନାମ ଝାରସୁଗୁଡା ଓ ୟୁନିଟ୍-୬ ବନାମ ମଙ୍ଗଳା କ୍ଲବ୍ ମଧ୍ୟରେ ମ୍ୟାଚ୍ ଖେଳାଯିବ।

ଓଡ଼ିଶା ମାଷ୍ଟର୍ସ ୨୦୨୫

## କ୍ୱାର୍ଟର ଫାଇନାଲରେ ଉନ୍ନତି, ଥରୁନ୍

କଟକ,୧୧।୧୨(ସମିସ): ସ୍ଥାନୀୟ ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଚାଲିଥିବା ଅନ୍ତର୍ଜାତୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଓଡ଼ିଶା ମାଷ୍ଟର୍ସ-୨୦୨୫ରେ ଗୁରୁବାର ପ୍ରିକ୍ୱାର୍ଟର ଫାଇନାଲ ରାଉଣ୍ଡର ସମସ୍ତ ମ୍ୟାଚ୍ ଖେଳାଯାଇଛି। ମହିଳା ସିଙ୍ଗଲ୍ସ ବିଭାଗରେ ଟପସିଡ ଭାରତୀୟ ଖେଳାଳି ଉନ୍ନତି ହୁଡା ୨୧-୭,୨୧-୧୪ ଗେମରେ ଥାଇଲାଣ୍ଡ ଖେଳାଳି ତୀଦାପ୍ରନ କ୍ଲୀବାଇସୁନଙ୍କୁ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ମହିଳା କ୍ୱାର୍ଟରରେ ସ୍ଥାନ ସୁରକ୍ଷିତ କରିଥିବା ଅନ୍ୟ ଖେଳାଳିମାନେ ହେଲେ ତୃତୀୟ ସିଡ ତନଭି ଶର୍ମା, ପଞ୍ଚମ ସିଡ ଅନୁପମା ଉପାଧ୍ୟାୟ ଓ ଷଷ୍ଠ ସିଡ ଅନମୋଲ ଖର୍ବ। ପୁରୁଷ ବିଭାଗ ସିଙ୍ଗଲ୍ସରେ ଟପ ସିଡ ଥରୁନ ମାନେପଲ୍ଲୀ ୨୧-୧୬,୧୨-୨୧ ଓ ୨୧-୧୧ରେ ଅନ୍ୟତମ ଭାରତୀୟ ପ୍ରତିଯୋଗୀ ଗୋବିନ୍ଦ କ୍ରୀଷ୍ଣାଙ୍କୁ ହରାଇ କ୍ୱାର୍ଟରରେ ସ୍ଥାନ ପକ୍କା କରିଛନ୍ତି। ସେହିପରି ଗତ ସଂସ୍କରଣ ଚାମ୍ପିଅନ ତଥା ଅଷ୍ଟମ ସିଡ ସତୀଶ କୁମାର, ଦ୍ୱିତୀୟ ସିଡ କିରଣ ଜର୍ଜ ଏବଂ ସପ୍ତମ ସିଡ ଶଙ୍କର ସୁବ୍ରମଣ୍ୟମ ରାଉଣ୍ଡ-୮କୁ ଉନ୍ନୀତ ହୋଇଛନ୍ତି। ମହିଳା ଡବଲ୍ସ ବିଭାଗରେ ଅନୁଷ୍ଠିତ ପ୍ରିକ୍ୱାର୍ଟର ରାଉଣ୍ଡରେ ବୁଲଗେରିଆ ଯୋଡି ଗେବ୍ରିଏଲା ଷ୍ଟୋଭା ଓ ଷ୍ଟେଫକ୍ଷନୀ ଷ୍ଟୋଭା, ଭାରତର ଅଶ୍ୱିନୀ ଭଟ୍ଟ ଓ ଶିଖା ଗୌତମ ଯୋଡ଼ି, ଷଷ୍ଠ ସିଡ କବିପ୍ରିୟା ସେଲବମ ଓ ସିମରନ ସିଂଘି, ଇଣ୍ଡୋନେସିଆ ଯୋଡି ଶିତି ସରହ ଆଜହାର ଏବଂ ଦିତ୍ୟା ରାମଧାନୀ ଯୋଡ଼ି ବିଜୟୀ ହୋଇଛନ୍ତି।

ଆଜି ପ୍ରତିଯୋଗିତାର ୩ୟ ଦିନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ବିଧାୟକ ପ୍ରକାଶ ସେଠୀ, କ୍ରୀଡା ନିର୍ଦ୍ଦେଶକ ଡଃ ବିଜୟ ଯେଦୁଲ୍ଲା, ଜିଲ୍ଲାପାଳ ଦତ୍ତାତ୍ରୟ ଭାଉ ସାହେବ ସିନ୍ଦେ, କଟକ ମହାନଗର ନିଗମର କମିଶନର କିରଣ ଦୀପ କୌର ସହୋତା ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS